# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୩/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, March 23/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 117 | ମୂଲ୍ୟ ₹୭/-





**ସଲ୍ମାନଙ୍କ ସହ ଏକାଠି ନଜର ଆସିବେ**

ସଲ୍ମାନଙ୍କ ଆଗାମୀ ଫିଲ୍ମ 'ଟାଇଗର-୩'ରେ ବଲିଉଡ୍ ଅଭିନେତା ଶାହରୁଖ୍ ଖାନ୍ଙ୍କୁ ଦେଖିବାକୁ ମିଳିବ। **୧୨**

**୧୪** **ସରବଜୋତ୍‌ଙ୍କୁ ସ୍ୱର୍ଣ୍ଣ**

ଭୋପାଳରେ ଚାଲିଥିବା ଆଇଏସଏସ୍ଏଫ୍ ଶୁଟିଂ ବିଶ୍ୱକପରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଭାରତର ସରବଜୋତ୍ ସିଂ।






ମହାରାଷ୍ଟ୍ରର ନବବର୍ଷ ଆରମ୍ଭରେ ବୁଧବାର ମୁମ୍ବାଇରେ ଆୟୋଜିତ ଗୁଡ଼ି ପଡ଼ୱା ଉତ୍ସବରେ ମହିଳାମାନେ ପାରମ୍ପରିକ ପୋଷାକରେ ଶୋଭାଯାତ୍ରାରେ ବାହାରିଛନ୍ତି।

# ଶୁଖିଲା ପଡ଼ିଛି ମହାନଦୀ

**ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ମହାନଦୀ ଶୁଖିଗଲାଣି। ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ଅନେକ ବ୍ୟାରେଜ୍ ନିର୍ମାଣ କରିଥିବା ଯୋଗୁ ଓଡ଼ିଶାରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅଣମୌସୁମୀ ସମୟରେ ଓଡ଼ିଶାରେ ମହାନଦୀ ଶୁଷ୍କ ହୋଇପଡୁଥିବାବେଳେ ମୌସୁମୀ ସମୟରେ ବନ୍ୟା ସ୍ଥିତି ସୃଷ୍ଟି ହେଉଛି। ଏହାକୁ ନେଇ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ଦେଖାଦେଇଥିବା ବିବାଦ ୫ ବର୍ଷ ପରେ ମଧ୍ୟ ତୁଟିପାରିଲା ନାହିଁ। ଏପରିକି ଆନ୍ତଃରାଜ୍ୟ ଜଳ ବିବାଦର ସମାଧାନ ପାଇଁ ଗଠିତ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ମଧ୍ୟ କୌଣସି ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚିପାରି ନାହିଁ। ଏଭଳିସ୍ଥଳେ କେନ୍ଦ୍ର ସରକାର ମଙ୍ଗଳବାର ଟ୍ରିବ୍ୟୁନାଲର ଅବଧି ୨୦୨୪ ଡିସେମ୍ବର ଯାଏ ବୃଦ୍ଧି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିଜେଡି ବୁଧବାର ବିଧାନସଭାରେ ହୋହଲ୍ଲା କରି ଭାଜପା ଓ କଂଗ୍ରେସକୁ ଘେରିଛି।**

## ବିଧାନସଭାରେ ଶାସକ ଦଳର ହୋହଲ୍ଲା

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ବୁଧବାର ବିଧାନସଭାର ଶୂନ୍ୟକାଳରେ ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ର ମହାନଦୀ ପ୍ରସଙ୍ଗ ଉଠାଇ କେନ୍ଦ୍ର ଓ ଛତିଶଗଡ଼ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଆଜି ବିଶ୍ୱ ଜଳ ଦିବସ। ୧୫ ଜିଲାରେ ପ୍ରବାହିତ ହେଉଥିବା ମହାନଦୀ ଆଜି ଶୁଖିଲା ପଡ଼ିଛି। ମହାନଦୀ ଟ୍ରିବ୍ୟୁନାଲର ୩୭ ବୈଠକ ସରିଲାଣି। ଫଳ କିଛି ନାହିଁ। ଜଳ ପ୍ରବାହ ବନ୍ଦହୋଇ ଗଲାଣି। ମହାନଦୀ ଅବସ୍ଥା ଅତ୍ୟନ୍ତ ସଙ୍ଗିନ। ଛତିଶଗଡ଼ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ସେତେବେଳେ ରମଣ ସିଂଙ୍କ ନେତୃତ୍ୱ ସରକାର କିଛି କରି ନ ଥିଲେ ଏବଂ କେନ୍ଦ୍ରର ଭାଜପା ସରକାର ନୀରବଦ୍ରଷ୍ଟା ସାଜିଥିଲେ। ଛତିଶଗଡ଼ରେ ଏବେ ସରକାର ବଦଳିଥିଲେ ବି ସମାନ ଅବସ୍ଥା ରହିଛି। ଏହା ଉପରେ

- **କେନ୍ଦ୍ର, ଛତିଶଗଡ଼ ସରକାରଙ୍କୁ କଡ଼ା ସମାଲୋଚନା**
- **ଜଳ ସମ୍ପଦ ମନ୍ତ୍ରୀଙ୍କୁ ଗୃହରେ ବିବୃତି ଦେବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ**
- **ଆଲୋଚନା ପାଇଁ ଆମେ ପ୍ରସ୍ତୁତ: ଜୟନାରାୟଣ**

ଜଳସମ୍ପଦ ମନ୍ତ୍ରୀ ଗୃହରେ ଏକ ବିବୃତି ଦିଅନ୍ତୁ। ବାଚସ୍ପତି ଏ ନେଇ ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟମାନେ ରୁଲିଂ ଦେବାକୁ ଦାବି କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କିଛି ସମୟ ପାଇଁ ଗୃହରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା।

ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଥିଲେ, ଗୃହରେ ଗଣ୍ଡଗୋଳ ନ କରି ଏହାକୁ ଏକ ସ୍ୱତନ୍ତ୍ର ଫୋରମରେ ଅଣାଯାଉ। ଆମେ ବି ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ। ନଦୀ ପାଣି ସମୁଦ୍ରକୁ ବୋହିଯାଉଛି। ତାକୁ ସରକାର ଅଟକାଇ ପାରୁନାହାନ୍ତି। ପାଣି ଅଟକାଇ ପାରିଲେ ଓଡ଼ିଶାର ବିକାଶ ହୋଇପାରନ୍ତା। ଏନେଇ ଗୃହରେ ଆଲୋଚନା ହେଉ ବୋଲି ସେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହଟ୍ଟଗୋଳକୁ ଦେଖି ବାଚସ୍ପତି ଜଳସମ୍ପଦ ମନ୍ତ୍ରୀଙ୍କୁ ମହାନଦୀ ଉପରେ ଗୃହରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ଫେବୃୟାରୀରୁ ମହାନଦୀ ଓ ଏହାର ପ୍ରମୁଖ ଶାଖାନଦୀଗୁଡ଼ିକ ମଧ୍ୟ ଶୁଖିଲା ପଡ଼ିଲାଣି। ଛତିଶଗଡ଼ ଗୋଟିଏ ପରେ ଗୋଟିଏ ପ୍ରକଳ୍ପ କରି ମହାନଦୀର ପାଣିକୁ ଅଟକାଇ ଦେଇଛି, ଯାହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ☞ପୃଷ୍ଠା-୪

# ଚାଷୀଙ୍କ ହାତରୁ ଜମି ଖସୁଛି

## ସୁକ୍‌ତେଲ ଡ୍ୟାମ୍ ନିର୍ମାଣ ଶେଷ ପୂର୍ବରୁ ଜମି ଡିଲ୍

ବଲାଙ୍ଗୀର ଅଫିସ, ୨୨।୩

ଲୋୟର ସୁକ୍‌ତେଲ ଡ୍ୟାମ୍‌ର ସ୍ପିଲୱେ ଏବଂ ମାଟିବନ୍ଧ କାମ ଚାଲିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଗୁରବେଡାଠାରୁ ସୁକ୍‌ତେଲ ନଦୀ ଅବବାହିକା ତଳପଟେ ଲୋଇସିଂହା, ବଲାଙ୍ଗୀର, ପୁଇଁତଲା ଏବଂ ସୁବର୍ଣ୍ଣପୁର ଜିଲାର ତରଭା ତହସିଲର ପ୍ରାୟ ୪୦ ହଜାର ହେକ୍ଟର ଜମିକୁ ପାଣି ମାଡ଼ିବ ବୋଲି ଆକଳନ କରାଯାଇଛି। ତେବେ ଡ୍ୟାମ୍ ନିର୍ମାଣ କାମ ସରିବା ଆଗରୁ ପ୍ରକଳ୍ପ ସେଚାଞ୍ଚଳରେ ଜମି କାରବାର ବହୁଗୁଣରେ ବଢ଼ିଯାଇଛି। ଗରିବ ଚାଷୀଙ୍କ ହାତରୁ ଧନୀ ବ୍ୟବସାୟୀ ଓ ଜମି ଦଲାଲଙ୍କ ହାତକୁ ଜମି ଚାଲିଯାଉଛି। ବିଶେଷକରି ବଲାଙ୍ଗୀର ସହର ଆଖପାଖ ଅଞ୍ଚଳରେ ଶତାଧିକ ଏକର ଚାଷ ଜମିକୁ ଧନୀ ଲୋକମାନେ ବିଭିନ୍ନ ବାହାନାରେ କରାୟତ୍ତ କରୁଛନ୍ତି। ଏପରି କି ଗରିବ ଅନୁସୂଚିତ ବର୍ଗର ଚାଷଜମିକୁ ସେହି ବର୍ଗର ଲୋକଙ୍କ ଜରିଆରେ କିଣାହେବା ପରେ ଏହାକୁ ସରକାରୀସ୍ତରରେ ଉଚ୍ଚବର୍ଗଙ୍କୁ ହସ୍ତାନ୍ତରିତ କରାଯାଉଛି। ଏଥିରେ ଏକ ବଡଧରଣର ରାକେଟ୍ କାମ କରୁଥିବା ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁସାରେ ବଲାଙ୍ଗୀର ସହରର ଚାରିପଟେ ଥିବା ଶତାଧିକ ଏକର ଚାଷଜମିକୁ ଧନୀ ଲୋକ ଏବଂ ବିଲ୍‌ଡରମାନେ କିଣି ଏହାକୁ ପ୍ଲଟିଂ କରି ବିକ୍ରି କରୁଛନ୍ତି। ବଲାଙ୍ଗୀର ସହରଠାରୁ ସୋନପୁର ରାସ୍ତାରେ ୧୨କିଲୋମିଟର ଦୂର ସାତମାଇଲ୍ ଛକ ପର୍ଯ୍ୟନ୍ତ, ସମ୍ବଲପୁର ରାସ୍ତାରେ ୧୦/୧୨ କିଲୋମିଟର ଦୁର୍ଗାପାଲି, ଫାସଡ ପର୍ଯ୍ୟନ୍ତ, ପାଟଣାଗଡ଼ ରାସ୍ତାରେ ୧୪ କିଲୋମିଟର ହର୍ଡାଟାଲ ପର୍ଯ୍ୟନ୍ତ ଏବଂ ଟିଟିଲାଗଡ ରାସ୍ତା ସିନ୍‌ଖମନ ଯାଏ ବିଭିନ୍ନ ସ୍ଥାନର ଶତାଧିକ ଏକର ଜମିକୁ ଏବେ ଧନୀକ, ବିଲ୍‌ଡର ଏବଂ ଜମି ବେପାରୀ ନିଜ କବ୍‌ଜାକୁ ନେଇଗଲେଣି।



ବଲାଙ୍ଗୀର-ବୁଢ଼ୀସିଙ୍ଘୋଲ ରାସ୍ତାକଡରେ ଚାଷଜମିକୁ ପ୍ଲଟିଂ କରାଯାଇଛି।

- **ବଲାଙ୍ଗୀର, ପୁଇଁତଲା, ଲୋଇସିଂହା ତହସିଲ ଅଫିସରେ ବଡ଼ଧରଣର କାରବାର**
- **ଅନୁସୂଚିତ ବର୍ଗଙ୍କ ଜମି ହଡ଼ପ କରୁଛନ୍ତି ଧନୀଲୋକ, ଜମି ଦଲାଲ**
- **ଓରେରା ନିୟମକୁ ଅଣଦେଖା କରି ଚାଲିଛି କାରବାର**

ଖାଲି ମୁଖ୍ୟରାସ୍ତା ନୁହେଁ ଖୁଜେନପାଲି, ଆଟଗାଁ, ଡୁମେରପାଲି, ଖଇରପାଲି, ବୁଢ଼ୀସିଙ୍ଘୋଲ, ବିଲେଇସର୍ଡା, ଚନ୍ଦନଭାଟି, ବୈଦିପାଲି, ଶିବତଲା ରାସ୍ତାପାର୍ଶ୍ୱରେ ଥିବା ଜମି କିଣାବିକା ସରିଯାଇଛି। ସହର ଚାରିପଟ ଜମି ଭିତରେ ପ୍ଲଟିଂ କରାଯାଇ ପ୍ଲଟ୍ ଫର୍ ସେଲ୍‌ର ବୋର୍ଡ ଏବଂ ଲେଖା ଲଗାଯାଇଛି। ଏହି ଜମି କାରବାରରେ ବଲାଙ୍ଗୀର, ପୁଇଁତଲା ଏବଂ ଲୋଇସିଂହା ତହସିଲ ଅଫିସର ଅଧିକାରୀ ଏବଂ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଏଥିରେ କୋଟି କୋଟି ଟଙ୍କାର କାରବାର ହେଉଛି। ଜମି ଦଲାଲଙ୍କଠାରୁ କମିଶନ୍ ନେଇ ଏହି ଅଧିକାରୀ ଏବଂ ☞ପୃଷ୍ଠା-୪

# ଛାତ୍ରଙ୍କ ଉପରେ ମାଡ଼ିଗଲା କାର୍, ୩ ମୃତ

## ପରୀକ୍ଷା ଦେଇ ଫେରିବାବେଳେ ଦୁର୍ଘଟଣା

ସୋନପୁର,୨୨।୩(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର-ବିନିକା ରାସ୍ତାର ଶରଧାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଫାଟକ ପାର୍ଶ୍ୱରେ ବୁଧବାର ପୂର୍ବାହ୍ନରେ ଛିଡା ହୋଇଥିବା ଛାତ୍ରମାନଙ୍କ ଉପରକୁ ଏକ ଦ୍ରୁତଗାମୀ କାର୍ ମାଡ଼ିଯାଇଛି। ଫଳରେ ୩ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତ ଛାତ୍ର ହେଲେ ସୋନପୁର ଥାନା ଶରଧାପାଲି ଗ୍ରାମର ସୁଦାମ ଭୋଇଙ୍କ ପୁଅ ସୁବ୍ରତ(୧୨), ରାମ ପେରାଙ୍କ ପୁଅ ରାଜେଶ(୧୨) ଓ କବି ପେରାଙ୍କ ପୁଅ ରାଜା(୧୧)। ଗୁରୁତର ଆହତ କପିଳ ଭୋଇ(୧୪) ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଘଟଣାକୁ ନେଇ ଶରଧାପାଲି ଓ ଆଖପାଖ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତ ଛାତ୍ରଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଓ ଡ୍ରାଇଭରଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ ଶରଧାପାଲିଠାରେ ୨ ଘଣ୍ଟା ଧରି ସୋନପୁର-ବିନିକା ରାସ୍ତାକୁ ଅବରୋଧ କରିଛନ୍ତି। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି।

ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହାସହ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା



- **ଉତ୍ତେଜନା, କ୍ଷତିପୂରଣ ଦାବିରେ ରାସ୍ତାରୋକୋ**
- **ମୃତ ଛାତ୍ରଙ୍କ ପରିବାରକୁ ୩ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା**

ଜଣାଇବା ସହିତ ମୃତ ଛାତ୍ରମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶିର ଘୋଷଣା କରିଛନ୍ତି। ଏହା ବ୍ୟତୀତ ଆହତ ଛାତ୍ରମାନଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ନିମନ୍ତେ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ମଧ୍ୟ ଘୋଷଣା କରିଛନ୍ତି ଏବଂ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

ବୁଧବାର ଶରଧାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରୀକ୍ଷା ଥିଲା। ଛାତ୍ରୀଛାତ୍ରମାନେ ଦ୍ୱିତୀୟ ସିଟିଂ ପରୀକ୍ଷା ଦେଇ ସାରି ଘରକୁ ଯିବା ପାଇଁ ବିଦ୍ୟାଳୟ ବାହାରକୁ ଆସିଥିଲେ। ଏହି ସମୟରେ ଅର୍ଜ୍ଜୁନପୁର ପଟୁ ଏକ କାର (ଓଡି ୩୧-୬୧୯୧) ଦ୍ରୁତଗତିରେ ଆସି ବିଦ୍ୟାଳୟ ଫାଟକ ପାର୍ଶ୍ୱରେ ଛିଡ଼ା ହୋଇଥିବା ଛାତ୍ରଙ୍କୁ ଧକ୍କା ଦେବା ପରେ ଏକ ବଡ଼ ଆମ୍ବଗଛରେ ପିଟି ହୋଇ ଅଟକି ଯାଇଥିଲା। କାରରେ ଚାପି ହୋଇ ଷଷ୍ଠ ଶ୍ରେଣୀର ଛାତ୍ର ସୁବ୍ରତଙ୍କର ☞ପୃଷ୍ଠା-୪

# ୧୮ ହଜାର ଟଙ୍କାରେ ପୁଅକୁ ବିକିଲେ ବାପା

ବାସୁଦେବପୁର, ୨୨।୩ (ଡି.ଏନ୍.ଏ.)

୧୮ହଜାର ଟଙ୍କାରେ ୨ବର୍ଷର ପୁଅକୁ ବିକ୍ରି କରିଦେଇଛନ୍ତି ବାପା। ଏ ସମ୍ପର୍କରେ ଶିଶୁପୁତ୍ରର ମା' ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବେତଡ଼ା ନିକଟ ଚନ୍ଦନପୁର ଗ୍ରାମରେ ଏଭଳି ଶିଶୁ ବିକ୍ରି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଶିଶୁପୁତ୍ରକୁ ବୁଧବାର ପୋଲିସ ଉଦ୍ଧାର କରି ସିଡବ୍ଲ୍ୟୁସିରେ ଜିମା ଦେଇଛି।

ସୂଚନା ଅନୁଯାୟୀ, ଉକ୍ତ ଶିଶୁପୁତ୍ରଙ୍କୁ ତାଙ୍କ ବାପା ରାଜେନ୍ଦ୍ର କୁମାର ଦାସ ୧୮ ହଜାର ଟଙ୍କାରେ ବିକ୍ରି କରି ଦେଇଥିବା ମା' ସୀମାରାଣୀ ଦାସ ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶିଶୁପୁତ୍ରଙ୍କୁ ଉଦ୍ଧାର ପାଇଁ ପ୍ରଥମେ ସିମୁଳିଆ ଥାନା ଅଧୀନ ବାଟି

**ଉଦ୍ଧାର ପରେ ସିଡବ୍ଲ୍ୟୁସିରେ ଜିମାଦେଲା ପୋଲିସ**

ଗ୍ରାମର ନବ ବେହେରାଙ୍କ ଘରକୁ ଯାଇଥିଲେ। ସେଠାରେ ଶିଶୁପୁତ୍ରଙ୍କୁ ନ ପାଇ ପରେ ସୋର ଥାନା ଅଧୀନ ବିଲବାଙ୍କିଆ ଗ୍ରାମର ଶତ୍ରୁଘ୍ନ ବେହେରାଙ୍କ ଘରୁ ଶିଶୁପୁତ୍ରଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣାରେ ପୋଲିସ ଶିଶୁପୁତ୍ରଙ୍କ ମା' ଓ ବାପାଙ୍କୁ ଅଟକ ରଖି ପଚରାଉଚରା କରିବା ସହ ତଦନ୍ତ ଚଳାଇଛି। ଶିଶୁପୁତ୍ରଙ୍କୁ ଜିଲା ସିଡବ୍ଲ୍ୟୁସିରେ ହାଜର ପାଇଁ ପୋଲିସ ତାଙ୍କ ମା'ବାପାଙ୍କ ସହ ଭଦ୍ରକ ନେଇଛି। ଏ ସମ୍ପର୍କରେ ବାସୁଦେବପୁର ଥାନା ଆଇଆଇସି ସାବିତ୍ରୀ ପଣ୍ଡାଙ୍କୁ ପଚାରିବାରୁ ଶିଶୁପୁତ୍ର ବିକ୍ରି ଘଟଣାରେ ମା' ସୀମାରାଣୀଙ୍କ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ** | **ସଙ୍କଟ ପାଇଁ ଦାୟୀ କିଏ**


# ବ୍ରେକ୍‌ଅପ୍ ଅବସାଦ ଦୂର କରିବ 'ଲଭ୍ ବେଟର'

ନ୍ୟୁଜିଲାଣ୍ଡ, ୨୧।୩

ବର୍ତ୍ତମାନର ଯୁବପିଢ଼ିଙ୍କ କ୍ଷେତ୍ରରେ ବ୍ରେକ୍‌ଅପ୍ ଜନିତ ଅବସାଦ ଅଧିକମାତ୍ରାରେ ବଢ଼ିଯାଇଛି। ପ୍ରେମରେ ପ୍ରତାରଣା ତଥା ପ୍ରେମୀ ଯୁଗଳଙ୍କ ମଧ୍ୟରେ ମତାନ୍ତର ଘଟିବା ପରେ ଉଭୟେ ସମ୍ପର୍କ ଶେଷ କରିବାର ଯେଉଁ ନିଷ୍ପତ୍ତି ନିଅନ୍ତି, ତାହା ହେଉଛି ବ୍ରେକ୍‌ଅପ୍। ବ୍ରେକ୍‌ଅପ ପରେ ଯୁବକ ହୁଅନ୍ତୁ ଅବା ଯୁବତୀ ସେମାନଙ୍କଠାରେ ଏକାନ୍ତପଣ, ଆତ୍ମବିଶ୍ୱାସ ହ୍ରାସ ହେବା ସହ ସେମାନେ ଚିନ୍ତାଗ୍ରସ୍ତ ହୋଇପଡ଼ନ୍ତି।

- **ନ୍ୟୁଜିଲାଣ୍ଡରେ ସବୁଠୁ ଅଧିକ ସଂଖ୍ୟାକ ଯୁବପିଢ଼ି ଆତ୍ମହତ୍ୟା କରୁଛନ୍ତି**
- **୬.୪ ମିଲିୟନ୍ ନ୍ୟୁଜିଲାଣ୍ଡ ଡଲାର ନିବେଶ କରିଛନ୍ତି ସରକାର**



ତେବେ ଯୁବପିଢ଼ିଙ୍କଠାରେ ଦେଖାଯାଉଥିବା ଏ ପ୍ରକାର ବ୍ୟତିକ୍ରମ ଦୂରକରିବା ପାଇଁ ନ୍ୟୁଜିଲାଣ୍ଡରେ 'ଲଭ୍ ବେଟର' କ୍ୟାମ୍ପେନ୍ ଆରମ୍ଭ କରାଯାଇଛି।

ଭଲପାଉଥିବା ମଣିଷଠାରୁ ସବୁଦିନ ପାଇଁ ସମ୍ପର୍କ ଛିନ୍ନ କରିବା ପରେ ବ୍ୟକ୍ତିର ମାନସିକ ସ୍ଥିତି ବିଚଳିତ ହେବା ସହ ଭାବନାତ୍ମକ ଅଶାନ୍ତି ସୃଷ୍ଟି ହୁଏ। କହିବାକୁ ଗଲେ ବ୍ରେକ୍‌ଅପ୍ ପରେ ବ୍ୟକ୍ତିର ଜୀବନଶୈଳୀ ବ୍ୟାପକ ପ୍ରଭାବିତ ହୋଇଯାଏ। ଅନେକ ସମୟରେ ସେମାନେ ଆତ୍ମହତ୍ୟା ଓ ହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ମଧ୍ୟ ପଛାଇ ନ ଥାଆନ୍ତି। ଏହି ସମସ୍ୟାର ସମାଧାନ ପାଇଁ 'ଲଭ୍ ବେଟର' ଯୁବପିଢ଼ିଙ୍କୁ ଖୁସିରେ ଜୀବନ କାଟିବାର ଏକ ନୂଆ ଦିଗ ଦେଖାଇବାରେ ସାହାଯ୍ୟ କରିବ। ସମ୍ପର୍କ ଭାଙ୍ଗିଯିବାର ଦୁଃଖ ଦୂର କରିବାର ଉପାୟ ଲଭ୍ ବେଟର ଦେଇଥାଏ। ବୁଧବାର କ୍ୟାମ୍ପେନ୍ ନେଇ ଘୋଷଣା କରାଯିବା ପରେ ଆସୋସିଏଟ୍ ମିନିଷ୍ଟର ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ ପ୍ରିୟଙ୍କା ରାଧାକ୍ରିଷ୍ଣନ୍ କହିଛନ୍ତି, ☞ପୃଷ୍ଠା-୪

# ୧୦୬ ଜଣଙ୍କୁ ପଦ୍ମ ପୁରସ୍କାର

## ଓଡ଼ିଶାରୁ ମାଗୁଣି ଚରଣ କଅଁର, କ୍ରିଷ୍ଣା ପଟେଲ, ଅନ୍ତର୍ଯ୍ୟାମୀ ମିଶ୍ର, ପଟ୍ଟାୟତ ସାହୁ

ନୂଆଦିଲ୍ଲୀ,୨୨।୩

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର କଳା, ସମାଜ କଲ୍ୟାଣ, ବିଜ୍ଞାନ, ଔଷଧ, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ପ୍ରଶାସନିକ ସେବା ଆଦି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୦୬ ଜଣଙ୍କୁ ଦେଶର ସବୁଠାରୁ ସମ୍ମାନଜନକ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାରୁ କଳା କ୍ଷେତ୍ରରେ ମାଗୁଣି ଚରଣ କଅଁର ଏବଂ କ୍ରିଷ୍ଣା ପଟେଲ, ସାହିତ୍ୟ-ଶିକ୍ଷା କ୍ଷେତ୍ରରେ ଅନ୍ତର୍ଯ୍ୟାମୀ ମିଶ୍ର ଓ କୃଷି କ୍ଷେତ୍ରରେ ପଟ୍ଟାୟତ ସାହୁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଚଳିତବର୍ଷ ୬ ଜଣଙ୍କୁ ପଦ୍ମ ବିଭୂଷଣ, ୯ଙ୍କୁ ପଦ୍ମ ଭୂଷଣ ଏବଂ ୯୧ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ☞ପୃଷ୍ଠା-୪



ମାଗୁଣି ଚରଣ କଅଁରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

## ସଂକ୍ଷେପରେ

### ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ: ୮ ମୃତ, ୧୩ ଆହତ

**ଚେନ୍ନାଇ,୨୨।୩:** ତାମିଲନାଡୁର କାଞ୍ଚିପୁରମ୍ ଜିଲା ପାଲାର ନଦୀକୂଳ ନିକଟ କୁରୁଭିମଲାଇରେ ଥିବା ଏକ ଘରୋଇ ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଘଟିଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ବୁଧବାର ସକାଳେ ଉକ୍ତ କାରଖାନାରେ ପ୍ରାୟ ୨୫ ଶ୍ରମିକ କାମ କରୁଥିଲେ। ସେମାନେ ବାଣ ତିଆରି ପାଇଁ ଆବଶ୍ୟକ କଞ୍ଚାମାଲକୁ ଖରାରେ ଶୁଖାଇଥିଲେ। ପୂର୍ବାହ୍ନ ୧୧ଟାରେ ଗାଁ ଲୋକେ ହଠାତ୍ ବିସ୍ଫୋରଣର ଶବ୍ଦ ଶୁଣି ପୀଡ଼ିତମାନଙ୍କୁ ସାହାଯ୍ୟ କରିବାକୁ ଧାଇଁଥିଲେ। ୨୦ ଜଣ ଉଦ୍ଧାରକାରୀ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୩ ମହିଳାଙ୍କ ସମେତ ୮ ଜଣଙ୍କ ମୃତଦେହ ଠାବ ହୋଇଛି। ୧୩ ଆହତଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

### ୧୪ ଦିନିଆ ବିଚାରବିଭାଗୀୟ ହାଜତରେ ସିସୋଡିଆ



**ନୂଆଦିଲ୍ଲୀ,୨୨।୩:** ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଏକ ସ୍ଥାନୀୟ କୋର୍ଟ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଏହି ମାମଲାର ମନି ଲଣ୍ଡରିଂ ଦିଗକୁ ନେଇ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସିସୋଡିଆଙ୍କୁ ୭ ଦିନିଆ ଜେରା ଶେଷ ହେବା ପରେ ବୁଧବାର ଏକ ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲ ଏଏପି ନେତା ସିସୋଡିଆଙ୍କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇବା ପାଇଁ ଅନୁମତି ପ୍ରଦାନ କରିଛନ୍ତି।

### ଜାକିର ନାଏକଙ୍କୁ ପ୍ରତ୍ୟର୍ପଣ କରିବ ଓମାନ

**ନୂଆଦିଲ୍ଲୀ ୨୨।୩:** କଠୋରପନ୍ଥୀ ଇସ୍‌ଲାମିୟ ବିଦ୍ୱାନ ଜାକିର ନାଏକଙ୍କୁ



ଓମାନ ପ୍ରତ୍ୟର୍ପଣ କରିବ ବୋଲି ଭାରତୀୟ ଗୋଇନ୍ଦା ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଏଜେନ୍ସି ଏ ନେଇ ଓମାନ ଅଥରିଟିଙ୍କ ସହ ଯୋଗାଯୋଗରେ ରହିଛି। ଆସନ୍ତା ୨୩ରେ ଭାରତୀୟ ଗୋଇନ୍ଦା ଏଜେନ୍ସି ଓମାନ ଯିବାକୁ ଥିବାବେଳେ ଓମାନରେ ଜାକିରଙ୍କର ୨ଟି ଭାଷଣ କାର୍ଯ୍ୟକ୍ରମ ରହିଛି। ଭାରତୀୟ ଗୋଇନ୍ଦା ଏଜେନ୍ସି ପ୍ରଥମେ ସେଠାରେ ଜାକିରଙ୍କୁ ଅଟକ ରଖିବା ପରେ ସ୍ଥାନୀୟ ଆଇନ ଅନୁଯାୟୀ ତାଙ୍କୁ ପ୍ରତ୍ୟର୍ପଣ କରାଯିବ। ଜାକିରଙ୍କୁ ଭାରତ ଫେରାଇ ଆଣିବା ଲାଗି ଟେକ୍‌ନିକାଲ୍ ସ୍ୱାଗ୍ ଫୋର୍ସ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଫ୍ଲାଇଟ୍‌ର ବ୍ୟବହାର କରାଯିବ। ସବୁବେଳେ ଭାରତ ବିପକ୍ଷରେ ମନ୍ତବ୍ୟ ଦେଉଥିବା ଜାକିରଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରହିଛି। ୨୦୧୭ରେ ଭାରତ ଛାଡ଼ି ମାଲେସିଆରେ ନିର୍ବାସନ ଜୀବନ କାଟୁଛନ୍ତି।



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମ୍ଭାବ୍ୟ ଗିରଫଦାରି ପୂର୍ବରୁ ଫ୍ଲୋରିଡାର ପାମ୍ ବିଚ୍‌ସ୍ଥିତ ମାର୍-ଏ-ଲାଗୋ କ୍ଲବ୍ ନିକଟରେ ତାଙ୍କ ସମର୍ଥକଙ୍କ ବିକ୍ଷୋଭ।

# ସକ୍ରିୟ ମାମଲା ୭,୦୦୦ ଟପିଲା

**ନୂଆଦିଲ୍ଲୀ,୨୨।୩**

ଦେଶରେ କୋଭିଡ୍-୧୯ ସଂକ୍ରମଣ କିଛିଦିନ ହେବ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ରିପୋର୍ଟ ଅନୁସାରେ ଦେଶରେ ୧,୧୩୪ କୋଭିଡ୍-୧୯ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବର୍ତ୍ତମାନ ସକ୍ରିୟ ମାମଲା ୭,୦୨୬ରେ ପହଞ୍ଚିଛି। କୋଭିଡ୍ ଯୋଗୁ ବର୍ତ୍ତମାନ ସୁଦ୍ଧା ଦେଶରେ ମୋଟ ୫,୩୦,୮୧୩ ଜଣଙ୍କର ମୃତ୍ୟୁ ଘଟିଛି। ବୁଧବାର ସକାଳ ୮ଟା ସୁଦ୍ଧା ଛତିଶଗଡ଼, ଦିଲ୍ଲୀ, ଗୁଜରାଟ, ମହାରାଷ୍ଟ୍ର ଏବଂ କେରଳରେ ଜଣେ ଲେଖାଏ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି।

ବଢୁଥିବା ସଂକ୍ରମଣକୁ ଲକ୍ଷ୍ୟ କରି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଦେଶର କୋଭିଡ୍ ସ୍ଥିତି

### ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ



ସମୀକ୍ଷା କରିବା ସହ ପବ୍ଲିକ୍ ହେଲ୍‌ଥର ପୂର୍ବପ୍ରସ୍ତୁତି ସମ୍ପର୍କରେ ପଚାରି ବୁଝିଥିଲେ। ଦେଶରେ ଦୈନିକ ପଜିଟିଭିଟି ହାର ୧.୦୯% ଥିବାବେଳେ ସାପ୍ତାହିକ ହାର ୦.୯୮% ରହିଛି। ଗତ ୩ ବର୍ଷ ମଧ୍ୟରେ ଦେଶରେ ମୋଟ ୪.୪୬ କୋଟି ଲୋକ ମହାମାରୀ ଦ୍ୱାରା ଆକ୍ରାନ୍ତ ହୋଇସାରିଛନ୍ତି। ସେହିପରି ଦେଶରେ କୋଭିଡ୍-୧୯ ରିକୋଭରି ରେଟ୍ ୯୮.୭୯% ଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ଦେଶରେ ୯୨.୦୫ କୋଭିଡ୍ ଟେଷ୍ଟ କରାଯାଇଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୧,୦୩,୮୩୧ ଟେଷ୍ଟ କରାଯାଇଛି।

# ଟ୍ରମ୍ପ୍‌ଙ୍କ ଜୀବନରେ ଷ୍ଟର୍ମି ଝଡ଼

### ଗିରଫ ହେବେ କି ପୂର୍ବତନ ରାଷ୍ଟ୍ରପତି

**ୱାଶିଂଟନ,୨୨।୩**

୨୦୨୪ରେ ହ୍ୱାଇଟ୍ ହାଉସ୍‌କୁ ପୁଣି ପ୍ରବେଶ ପାଇଁ ଉଦ୍ୟମ ଜାରି ରଖିଥିବା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଜୀବନରେ ଉଠିଛି ଷ୍ଟର୍ମି ଝଡ଼। ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କ ସହ ରିପବ୍ଲିକାନ୍ ନେତା ଟ୍ରମ୍ପ୍‌ଙ୍କ ଯୌନ ସମ୍ପର୍କ ରହିଥିଲା। ଏନେଇ ମୁହଁ ନ ଖୋଲିବା ପାଇଁ ୨୦୧୬ ପ୍ରେସିଡେନ୍ସିଆଲ କ୍ୟାମ୍ପେନ୍ ବେଳେ ଟ୍ରମ୍ପ୍ ନିଜ ଓକିଲଙ୍କ ଜରିଆରେ ତାଙ୍କୁ ବିପୁଅ ଅର୍ଥ ପ୍ରଦାନ କରିଥିବା ଷ୍ଟର୍ମି ଅଭିଯୋଗ ଆଣିଥିଲେ। ଏହି ମାମଲାରେ ଟ୍ରମ୍ପ୍ ଗିରଫ ହୋଇପାରନ୍ତି, ଯାହାକୁ ନେଇ ସେ ନିକଟରେ ଆଶଙ୍କା ବ୍ୟକ୍ତ କରିଥିଲେ। ଏପରି ହେଲେ ଆମେରିକା ଇତିହାସରେ ଟ୍ରମ୍ପ୍ ହେବେ ପ୍ରଥମ ପୂର୍ବତନ ରାଷ୍ଟ୍ରପତି, ଯାହାଙ୍କ ବିରୋଧରେ ଆପରାଧିକ ମାମଲା ଚାଲିବ। ତେବେ ଟ୍ରମ୍ପ୍‌ଙ୍କୁ ଗିରଫ କରାଗଲେ ତାଙ୍କ ସମର୍ଥକମାନେ ଦେଶବ୍ୟାପୀ ବଡ଼ ଧରଣର ହିଂସାତ୍ମକ ବିକ୍ଷୋଭ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ଆଇନ ପ୍ରବର୍ତ୍ତନକାରୀ ଅଧିକାରୀମାନେ ସତର୍କ ରହିଛନ୍ତି। ନ୍ୟୁୟର୍କସ୍ଥିତ ଟ୍ରମ୍ପ୍ ଟାୱାର ଆଖପାଖରେ ବ୍ୟାପକ ପୋଲିସ ମୁତୟନ ସହ ବ୍ୟାରିକେଡିଂ କରାଯାଇଛି। ୭୬ ବର୍ଷୀୟ ରିପବ୍ଲିକାନ୍ ପାର୍ଟି ନେତା ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆସିଥିବାରୁ ଆସନ୍ତା ବର୍ଷ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ତାଙ୍କୁ ସମର୍ଥନ କରିବା ନେଇ ବିରୋଧୀ ଦଳ ଦୁଇଭାଗ ହୋଇଯାଇଛି। ଟ୍ରମ୍ପ୍ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କୌଣସି ଭୁଲ୍ କାର୍ଯ୍ୟ କରି ନ ଥିବା କହିଛନ୍ତି। ଟ୍ରମ୍ପ୍‌ଙ୍କ ମତରେ ମାନ୍‌ହାଟନ ଡିଷ୍ଟ୍ରିକ୍ଟ ଆର୍ଟର୍ନି ଅଫିସ୍‌ର ତଦନ୍ତକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିହିତ କରିଛନ୍ତି।



### ଟ୍ରମ୍ପ୍ ଜେଲ ଗଲେ ରାସ୍ତାରେ ନାଚିବି: ଷ୍ଟର୍ମି

ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମ୍ଭାବ୍ୟ ଗିରଫଦାରି ପୂର୍ବରୁ ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସ ତାଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଏକାଧିକ ଟୁଇଟ୍‌ରେ ଷ୍ଟର୍ମି ଲେଖିଛନ୍ତି, ୱାଓ, ଏହା ଗୋଟିଏ ସୁନ୍ଦର ସକାଳ। କିଛି ଗୋଟିଏ ଉତ୍ସାହଜନକ ଘଟଣା ଘଟିବାକୁ ଯାଉଛି କି? ଟ୍ରମ୍ପ୍‌ଙ୍କୁ ଜେଲ ପଠାଗଲେ ମୁଁ ରାସ୍ତାରେ ନାଚିବି। ଏହା ପୂର୍ବରୁ ଟ୍ରମ୍ପ୍ ନିଜ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଲେଖିଥିଲେ, ୨୦୧୬ ମାମଲାରେ ତାଙ୍କୁ ଗିରଫ କରାଯାଇପାରେ।

### ମାମଲା କ'ଣ



ଅନେକ ବର୍ଷ ପୂର୍ବେ ଆମେରିକାର ବିଶିଷ୍ଟ ବ୍ୟବସାୟୀ ଡୋନାଲ୍ଡ ଟ୍ରମ୍ପ୍ ପର୍ନ ଆକ୍ଟ୍ରେସ୍ ଷ୍ଟର୍ମି ଡାନିଏଲ୍ସ (ମୂଳ ନାମ ଷ୍ଟେଫାନି କ୍ଲିଫ୍‌ଫୋର୍ଡ)ଙ୍କ ସହ ଯୌନ ସମ୍ପର୍କ ସ୍ଥାପନ କରିଥିଲେ। ନିର୍ବାଚନ ବେଳେ ଏହା ପ୍ରଘଟ ହେଲେ ସମ୍ଭାବ୍ୟ ଅଡୁଆ ପରିସ୍ଥିତି ଉପୁଜିପାରେ ବୋଲି ଆଶଙ୍କା କରି ୨୦୧୬ରେ ରିପବ୍ଲିକାନ୍ ନେତା ଟ୍ରମ୍ପ୍‌ଙ୍କ ଓକିଲ ମାଇକେଲ୍ କୋହେନ୍ ଷ୍ଟର୍ମିଙ୍କୁ ମୁହଁ ବନ୍ଦ କରିବା ଲାଗି ୧୩୦,୦୦୦ ଡଲାର ଦେଇଥିଲେ। ଏକ ଜାଲ୍ କମ୍ପାନୀ ଜରିଆରେ ଏହି ଅର୍ଥ ପ୍ରଦାନ କରାଯାଇଥିଲା। ଏଥିରେ ଟ୍ରମ୍ପ୍‌ଙ୍କ ଭୂମିକାକୁ ନେଇ ଗ୍ରାଣ୍ଡ ଜୁରି ତଦନ୍ତ ଚଳାଇଛନ୍ତି। ୨୦୧୬ରେ ପୂର୍ବତନ ପ୍ଲେବୟ ମଡେଲ କରେନ୍ ମାକ୍‌ଡୋଉଗଲଙ୍କୁ ସୁପରମାର୍କେଟ ଟାବ୍‌ଲଏଡ୍ 'ଦି ନ୍ୟାଶନାଲ ଏନ୍‌କ୍ୱାୟରର' ପ୍ରକାଶକ ୧୫,୦୦୦ ଡଲାର ଦେଇଥିଲେ। ଏହି ବ୍ୟବସ୍ଥା ମଧ୍ୟ ଓକିଲ କୋହେନ୍ କରାଇଥିଲେ। କୋହେନ୍‌ଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରିଥିବା ଫେଡେରାଲ ପ୍ରସିକ୍ୟୁଟରମାନଙ୍କ ମତରେ ଟ୍ରମ୍ପ୍‌ଙ୍କ କମ୍ପାନୀ 'ଟ୍ରମ୍ପ୍ ଅର୍ଗାନାଇଜେଶନ୍' ପରବର୍ତ୍ତୀ ସମୟରେ ଏହି ଅର୍ଥ ପଇଠ କରିଥିଲା। ଏହି ବାବଦକୁ କୋହେନ୍ ମୋଟ ୪୨,୦୦୦ ଡଲାର ପାଇଥିଲେ। ଟ୍ରମ୍ପ୍ ନ୍ୟୁୟର୍କରେ ଦେୟ ଅର୍ଥ ଯୋଗାଡ଼ କରାଇଥିଲେ କି ନାହିଁ ତାକୁ ନେଇ ମଧ୍ୟ ତନାଘନା ଚାଲିଛି। ଆମେରିକାର ଆଇନ ଅନୁସାରେ ଜଣେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କ ବିରୋଧରେ ମାମଲା ରୁଜୁ ହୋଇପାରିବ ନାହିଁ। ଟ୍ରମ୍ପ୍ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ କ୍ଷମତା ବାହାରେ ଥିବାରୁ ତାଙ୍କୁ ଏହି ଆଇନଗତ ସୁରକ୍ଷା ମିଳିବ ନାହିଁ। ନ୍ୟୁୟର୍କ ଗ୍ରାଣ୍ଡ ଜୁରିରେ ୨୩ ଜଣ ଅଛନ୍ତି। ସେମାନଙ୍କ ମଧ୍ୟରୁ ୧୬ ଜଣ ପ୍ରମାଣ ଶୁଣାଣି ବେଳେ ଉପସ୍ଥିତ ରହିବା ଜରୁରୀ। ୧୨ ଜଣ ଏନେଇ ସହମତି ପ୍ରକାଶ କରିସାରିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପ୍ କହିଛନ୍ତି, ଆସିଥିବା ଅଭିଯୋଗ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ତାଙ୍କୁ ସହାୟକ ହେବ।

### ମୋଦି ବିରୋଧୀ ପୋଷ୍ଟର

## ୩୬ ମାମଲା, ୬ ଗିରଫ

**ନୂଆଦିଲ୍ଲୀ,୨୨।୩**

ଦିଲ୍ଲୀର କେତେକ ସ୍ଥାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅନେକ ହଜାର ପୋଷ୍ଟର ଛପାଯାଇଥିଲା। ସେଥିରେ 'ମୋଦି ହଟାଅ, ଦେଶ ବଞ୍ଚାଅ' ସ୍ଲୋଗାନ ଲେଖାଯାଇଥିଲା। ସେଗୁଡ଼ିକୁ ଛାପିବା ଅଭିଯୋଗରେ ଦିଲ୍ଲୀ ପୋଲିସ ୩୬ ମାମଲା ରୁଜୁ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରୁ ଦୁଇଜଣ ହେଉଛନ୍ତି ପ୍ରିଣ୍ଟିଂ ପ୍ରେସ୍ ମାଲିକ। ଉଭୟେ ୫୦,୦୦୦ ପୋଷ୍ଟର ପ୍ରିଣ୍ଟ କରିବା ପାଇଁ ଅର୍ଡର ପାଇଥିଲେ। ଦିଲ୍ଲୀ ପୋଲିସ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉକରି ପ୍ରାୟ ୨,୦୦୦ ପୋଷ୍ଟରକୁ ହଟାଇ ଦେଇଥିଲା। ସମସ୍ତ ପୋଷ୍ଟରରେ ମୁଦ୍ରଣକାରୀଙ୍କ ନାମ ରହିବା ଉଚିତ। ଏହାର ଉଲ୍ଲଂଘନ ହେଲେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଏ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପ୍ରାୟ ଏକ ଭ୍ୟାନ୍‌ରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଅଫିସକୁ ନିଆଯାଉଥିବା ପ୍ରାୟ ୨,୦୦୦ ପୋଷ୍ଟରକୁ ପୋଲିସ ଜବତ କରିଛି। ଏଏପି ଏହି ଗିରଫଦାରିକୁ 'ମୋଦି ସରକାରଙ୍କ ଏକଛତ୍ରବାଦର ଚରମସୀମା' ବୋଲି ନିନ୍ଦା କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ହଟାଇବା ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଏଏପି ଗୁରୁବାର ଯନ୍ତରମନ୍ତରରେ ଏକ ବିକ୍ଷୋଭର ଆୟୋଜନ କରିଛି।

## ଆଉ ଜଣେ ପୁଟିନ୍ ସମାଲୋଚକଙ୍କ ମୃତ୍ୟୁ

**ମସ୍କୋ,୨୨।୩**



ଡିମା ନୋଭା

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଉ ଜଣେ ସମାଲୋଚକଙ୍କ ମୃତ୍ୟୁ ଘଟିଛି। ୩୫ ବର୍ଷୀୟ କଣ୍ଠଶିଳ୍ପୀ ଡିମା ନୋଭା (ପ୍ରକୃତ ନାମ ଡିମିଟ୍ରି ସିର୍‌ଗୁନୋଭ୍) ଲୋକପ୍ରିୟ ଇଲେକ୍ଟ୍ରୋନିକ୍ ଗ୍ରୁପ୍ କ୍ରିମ୍ ସୋଡାର ପ୍ରତିଷ୍ଠାତା ଥିଲେ। ମାର୍ଚ୍ଚ ୧୯ରେ ସେ ନିଜ ଭାଇ ଓ ୩ ବନ୍ଧୁଙ୍କ ସହ ବରଫ ପାଲଟିଯାଇଥିବା ଭୋଲ୍‌ଗା ନଦୀ ପାର ହେଉଥିବାବେଳେ ଫସିଯାଇଥିଲେ। ଡିମାଙ୍କ ୨ ଜଣ ବନ୍ଧୁଙ୍କୁ ବରଫରୁ ଉଦ୍ଧାର କରାଯାଇଥିବାବେଳେ ତୃତୀୟ ବନ୍ଧୁ ଜଣକ ଆମ୍ବୁଲାନ୍ସରେ ଆଖି ବୁଜିଦେଇଥିଲେ। ୟୁକ୍ରେନ୍‌ରେ ରୁଷିଆ ଚଳାଇଥିବା ଯୁଦ୍ଧକୁ ଡିମା ନିଜ ଗୀତଗୁଡ଼ିକରେ ସମାଲୋଚନା କରୁଥିଲେ। 'ଆକ୍ୱା ଡିସ୍କୋ'ରେ ସେ ପୁଟିନ୍‌ଙ୍କ ୧.୩ ବିଲିୟନ୍ ଡଲାର ମୂଲ୍ୟର ପ୍ରସାଦ କଥା ଉଠାଇ ସମାଲୋଚନା କରିଥିଲେ। ଏହି ଗୀତକୁ ମସ୍କୋ ବିରୋଧୀ ବିକ୍ଷୋଭକାରୀମାନେ ଗାଉଥିଲେ। ଡିମାଙ୍କୁ ମିଶାଇ ବର୍ଷକ ମଧ୍ୟରେ ପ୍ରାୟ ୩୫ ଜଣ ପୁଟିନ୍ ବିରୋଧୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଲାଣି।

# କାଲିଫର୍ନିଆରେ ବନ୍ୟା: ଲକ୍ଷାଧିକ ପ୍ରଭାବିତ

**ଲସ୍‌ଏଞ୍ଜେଲ୍ସ, ୨୨।୩**

ଆମେରିକାର କାଲିଫର୍ନିଆରେ ଝଡ଼, ବର୍ଷା ଯୋଗୁ ବହୁ ଲୋକ ପ୍ରଭାବିତ ହୋଇଛନ୍ତି। ଲଗାଣ ବର୍ଷା ଫଳରେ ଟୁଲେ ନଦୀରେ ବନ୍ୟା ଆସିବାରୁ ୧୪,୦୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଆଉ ୪୭,୦୦୦ ଲୋକଙ୍କୁ ସ୍ଥାନ ଛାଡ଼ିବା ପାଇଁ ୱାର୍ନିଂ ଜାରି କରାଯାଇଛି। ସେଣ୍ଟ୍ରାଲ୍ କାଲିଫର୍ନିଆର ଲକ୍ଷାଧିକ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନର ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିବାରୁ ଲୋକେ ଅନ୍ଧାରରେ ରହିଛନ୍ତି। ସାଣ୍ଟାକ୍ଲାରା କାଉଣ୍ଟି ସର୍ବାଧିକ ପ୍ରଭାବିତ ହୋଇଛି।



# ବିଲ୍‌କିସ୍ ବାନୋଙ୍କ ଗୁହାରି ଶୁଣିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୨।୩**

- ୧୧ ଦୋଷୀଙ୍କୁ ମୁକ୍ତ କରିବା ବିରୋଧରେ ପିଟିଶନ
- ବିଚାର ପାଇଁ ଗଠନ ହେବ ସ୍ୱତନ୍ତ୍ର ଖଣ୍ଡପୀଠ



୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ବଳାତ୍କାର ଓ ତାଙ୍କ ପରିବାରର ସଦସ୍ୟମାନଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ୧୧ ଜଣଙ୍କୁ ଦଣ୍ଡ ଅବଧି ପୂରିବା ପୂର୍ବରୁ ଗତ ଅଗଷ୍ଟ ୧୫ରେ ଗୁଜରାଟ ସରକାର ଜେଲରୁ ମୁକ୍ତ କରିଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ନଭେମ୍ବର ୩୦ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବିଲ୍‌କିସ୍‌ଙ୍କ ଆବେଦନର ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯିବ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଥିପାଇଁ ବୁଧବାର ସହମତି ପ୍ରକାଶ କରିଛନ୍ତି। ମାମଲାର ତ୍ୱରିତ ଶୁଣାଣି ପାଇଁ ବିଲ୍‌କିସ୍‌ଙ୍କ ଓକିଲ ଶୋଭା ଗୁପ୍ତା ନିବେଦନ କରିଥିବାବେଳେ ଏଥିଲାଗି ଏକ ନୂତନ ଖଣ୍ଡପୀଠ ଗଠନ କରାଯିବ ବୋଲି ସିଜେଆଇ ଚନ୍ଦ୍ରଚୂଡ଼ ସ୍ପଷ୍ଟ କରିଛନ୍ତି।

## ପାକିସ୍ତାନ, ଆଫଗାନିସ୍ତାନରେ ଭୂକମ୍ପ: ୧୨ ମୃତ

**ଇସ୍‌ଲାମାବାଦ୍, ୨୨।୩**

ପାକିସ୍ତାନ ଓ ଆଫଗାନିସ୍ତାନରେ ମଙ୍ଗଳବାର ବିଳମ୍ବିତ ରାତିରେ ଅନୁଭୂତ ୬.୮ ତୀବ୍ରତା ଭୂକମ୍ପରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଦୁଇ ଦେଶର ମୋଟ ୨୫୦ ଜଣ ଆହତ ହୋଇଛନ୍ତି। ଭୂକମ୍ପ ଫଳରେ ପାକିସ୍ତାନରେ ୯ ଜଣଙ୍କ ମୃତ୍ୟୁ ଘଟିବା ସହ ଆଫଗାନିସ୍ତାନରେ ୩ ଜଣ ପ୍ରାଣ ହରାଇଛନ୍ତି। ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନର ହିନ୍ଦୁ କୁଶ ରହିଥିଲା। ସେହିପରି ଏହାର ଗଭୀରତା ୧୮୦ କିଲୋମିଟର ହୋଇଥିବା ପାକିସ୍ତାନ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଭାବିତ ଲୋକଙ୍କୁ ଜରୁରୀ ସୁବିଧା ଯୋଗାଇ ଦେବା ଲାଗି ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ପକ୍ଷରୁ କୁହାଯାଇଛି। ଉତ୍ତର ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ମଧ୍ୟ କମ୍ପନ ଅନୁଭୂତ ହୋଇଥିଲା। ଗତ ଜାନୁୟାରୀରେ ଇସ୍‌ଲାମାବାଦ୍‌ରେ ୬.୩ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା।

# ଅମ୍ରିତ୍‌ପାଲଙ୍କ ନାଁରେ ଜାମିନବିହୀନ ଗିରଫ ପରୱାନା

**ଚଣ୍ଡିଗଡ, ୨୨।୩**

ପଳାତକ ଖଲିସ୍ତାନୀ ସମର୍ଥକ ତଥା ୱାରିସ୍ ପଞ୍ଜାବ ଦେ' ମୁଖ୍ୟ ଅମ୍ରିତ୍‌ପାଲ ସିଂଙ୍କ ବିରୋଧରେ ପଞ୍ଜାବ ପୋଲିସ ବୁଧବାର ଲକ୍‌ଆଉଟ୍ ସର୍କୁଲାର (ଏଲ୍‌ଓସି) ଏବଂ ଜାମିନବିହୀନ ଗିରଫ ପରୱାନା ଜାରି କରିଛି। ଅଦ୍ୟାବଧି ଅମ୍ରିତପାଲ୍‌ଙ୍କୁ ଗିରଫ କରାଯାଇ ନ ଥିବା ପୋଲିସ ଆଇଜି ସୁଖଚେନ ସିଂ ଗିଲ୍ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନ୍ୟପେକ୍ଷ ଅମ୍ରିତ୍‌ପାଲ ପୋଲିସକୁ ବାଟବଣା କରିବା ପାଇଁ ଲଗାତର ନିଜ ବେଶଭୂଷା ପରିବର୍ତ୍ତନ କରୁଥିବା ପୋଲିସ ଅଭିଯୋଗ ଆଣିଥିବାବେଳେ ଏ ନେଇ କିଛି ଫଟୋ ମଧ୍ୟ ଜାରି କରିଛି। ଉଲ୍ଲେଖଯୋଗ୍ୟ, ଜଲନ୍ଧର ଜିଲା ଗୁରୁଦ୍ୱାରରେ ଅମ୍ରିତ୍‌ପାଲ କପଡ଼ା ବଦଳାଯାଇ ଏକ ମୋଟରସାଇକେଲ୍‌ରେ ଯାଉଥିବାର ଭିଡିଓ ପୋଲିସର ହସ୍ତଗତ ହୋଇଛି। ଅନ୍ୟପକ୍ଷେ ବୁଧବାର ପଞ୍ଜାବ ପୋଲିସ କଲୁପୁର ଖେଲାସ୍ଥିତ ଅମ୍ରିତ୍‌ପାଲ୍‌ଙ୍କ ଘରେ



ତାଙ୍କ ସ୍ତ୍ରୀ କିରନଦୀପ କୌର ଏବଂ ମା' ବଲ୍‌ୱିନ୍ଦର କୌରଙ୍କୁ ପଚରାଉଚରା କରିଛି। ଫେବୃୟାରୀ ୧୦ରେ ଅମ୍ରିତପାଲ୍ ବ୍ରିଟେନ୍‌ର କିରନଦୀପଙ୍କୁ ବିବାହ କରିଛନ୍ତି। ଅମ୍ରିତପାଲ୍‌ଙ୍କୁ ସମର୍ଥନ କରୁଥିବା ୧୫୦ ସହଯୋଗୀଙ୍କୁ ପଞ୍ଜାବ ପୋଲିସ ଗିରଫ କରିଥିବାବେଳେ ଶିରୋମଣି ଅକାଳୀ ଦଳ ନେତା ସୁଖବିନ୍ଦର ସିଂ ବାଦଲ ସେମାନଙ୍କୁ ନ୍ୟାୟିକ ସହଯୋଗ ଯୋଗାଇବା ସହ ଏ ନେଇ ଏକ ହେଲ୍ପ ଲାଇନ୍ ନମ୍ବର ଜାରି କରିଛନ୍ତି।




# ଯୁବକଙ୍କୁ ପଥରରେ ଛେଚି ହତ୍ୟା

- ଉତ୍ତ୍ୟକ୍ତ ଲୋକେ ୩ ଗାଡ଼ି ଜାଳିଦେଲେ
- ଗ୍ରାମରେ ପୋଲିସ ମୁତୟନ, ୨ ଅଟକ
- ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

**ବେଗୁନିଆ,୨୨।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଦେଉଳି ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ହେଲେ ଏହି ଗ୍ରାମର ପ୍ରଦୀପ ବଳିୟାରସିଂହ (୨୩)। ଏହି ଘଟଣାକୁ ନେଇ ବୁଧବାର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ୩ଟି ଗାଡ଼ି ଜାଳିଦେବା ସହ ୩ଟି ଗାଡ଼ି ଭାଙ୍ଗିଦେଇଛନ୍ତି। ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ରାତି ୮ଟାରେ ପରିବାର ଓ ସମ୍ପର୍କୀୟ ବେଗୁନିଆ ଥାନା ସମ୍ମୁଖ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଅନ୍ୟପକ୍ଷରେ ମୃତକଙ୍କ ବାପା ହରି ବଳିୟାରସିଂହଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା(ନଂ.୮୪/୨୩) ରୁଜୁ କରିବା ସହ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ପ୍ରଦୀପ ଶୌଚ ପାଇଁ ଘରୁ ବାହାରି ଯାଇଥିଲେ। ଗାଁ ମୁଣ୍ଡରେ ଥିବା ପ୍ରାୟ ୧୦ଜଣ ମହିଳା ଓ ପୁରୁଷ ପୂର୍ବ ଶତ୍ରୁତାକୁ ନେଇ ପ୍ରଦୀପଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ନିକଟ ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ନିର୍ଦ୍ଧୁମ ପିଟିବା ସହ ପଥରରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଛେଚି ମୁମୂର୍ଷୁ ଅବସ୍ଥାରେ ଛାଡ଼ି ପଳାଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଅପରାହ୍ନରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଗୋଟିଏ କାର୍, ଡାଲା ଅଟୋ, ବୋଲେରୋ ଜାଳି ଦେବା ସହ ୨ଟି ବାଇକ୍, ପିକ୍‌ଅପ୍ ଭ୍ୟାନ ଭାଙ୍ଗି ଦେଇଥିଲେ। ଖବରପାଇ ଜିଲାର ୪ ଥାନା ଅଧିକାରୀଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ମୃତଦେହ ସନ୍ଧ୍ୟାରେ ଗ୍ରାମରେ ପହଞ୍ଚିଥିଲା। ରାତି ୮ଟାରେ ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ପରିବାର ଓ ସମ୍ପର୍କୀୟ ବେଗୁନିଆ ଥାନା ସମ୍ମୁଖ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପଟୁ ଆସୁଥିବା ଯାନବାହନ ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଏସ୍‌ଡିପିଓ ଦିଲୀପ ଦାସ, ବେଗୁନିଆ ତହସିଲଦାର ପ୍ରଧାନ ଟୁଲି ଆମା, ବିଡିଓ ଲକ୍ଷ୍ମୀଧର ସାହୁ, ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଜାରି ରହିଥିବା ଜଣାପଡ଼ିଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ମମତା

- ବାନା ପରିବର୍ତ୍ତନ ଦୃଶ୍ୟ ଦେଖି ଭାବବିହ୍ୱଳ ହେଲେ
- ସିପସରୁବାଲିରେ ହେବାକୁ ଥିବା ଅତିଥି ଭବନର ଜମି ଦେଖିଲେ

**ପୁରୀ ଅଫିସ,୨୨।୩**

ଓଡ଼ିଶା ଗସ୍ତରେ ଆସିଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାର୍ନାଜୀଙ୍କ ପୁରୀ ଗସ୍ତର ବୁଧବାର ଦ୍ୱିତୀୟ ଦିନରେ ପୁରୀରେ ହେବାକୁ ଥିବା ପଶ୍ଚିମବଙ୍ଗ ଅତିଥି ଭବନ ପାଇଁ ଚିହ୍ନଟ ଜମି ଦେଖିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ଅପରାହ୍ନ ପ୍ରାୟ ୪ଟାରେ କଡ଼ା ସୁରକ୍ଷା ମଧ୍ୟରେ ମମତା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ମମତାଙ୍କୁ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ଶ୍ରୀମନ୍ଦିର ଛତିଶା ନିଯୋଗ, ପରିଚାଳନା କମିଟି ସଦସ୍ୟ, ଦଇତାପତି ନିଯୋଗ ସହ ବିଭିନ୍ନ ନିଯୋଗର ସେବାୟତଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏଥିସହ ତାଙ୍କର କୌଳିକ ପଣ୍ଡା ରାମକୃଷ୍ଣ ଦାସମହାପାତ୍ର ମମତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରି ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ମମତା ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ରତ୍ନବେଦୀରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ମମତାଙ୍କ ନାମରେ ନୀଳଚକ୍ରରେ ଚଉଦ ହାତିଆ ହଳଦିଆ ବାନା ବନ୍ଧାଯାଇଥିଲା। କୀର୍ତ୍ତନ ଚକଡ଼ାରେ ଥାଇ ବାନା ପରିବର୍ତ୍ତନ ଦୃଶ୍ୟ ଦେଖି ମମତା ଭାବବିହ୍ୱଳ ହୋଇଯାଇଥିଲେ। ଶ୍ରୀମନ୍ଦିର ପରିସରରେ ପ୍ରାୟ ୧ ଘଣ୍ଟା ରହି ବାଇଶି ପାହାଚ ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଫେରିବା ସମୟରେ ମମତାଙ୍କୁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ଶ୍ରୀବିଗ୍ରହଙ୍କ ନାଗାର୍ଜୁନ ବେଶର ଫଟୋଚିତ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକ ପ୍ରତିମୂର୍ତ୍ତି ସହ ମାଳମାହାର୍ଦ୍ଦ, ପତିତପାବନ ବାନା ଦିଆଯାଇଥିଲା।

ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଯିବା ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗିରଳ ନିକଟ ସିପସରୁବାଲି ମୌଜା ମଙ୍ଗଳା ମୁହାଣ ନିକଟରେ ଅତିଥି ଭବନ ପାଇଁ ଚିହ୍ନଟ ଜମି ଅନୁଧ୍ୟାନ କରିବାକୁ ଯାଇଥିଲେ। ଜମି ପରିଦର୍ଶନ କରିବା ପରେ ଓଡ଼ିଶା ଓ ପଶ୍ଚିମବଙ୍ଗକୁ ଦୁଇ ଭଉଣୀ ସହ ତୁଳନା କରିଥିଲେ। ଜମି ଚିହ୍ନଟ ସମୟରେ ମମତା ବାନାର୍ଜୀ ସହିତ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ପୁରୀ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଏସ୍‌ପି କେ. ବିଶାଲ ସିଂହ, ଅତିରିକ୍ତ ଏସ୍‌ପି, ଉପଜିଲାପାଳଙ୍କ ବିଭିନ୍ନ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିଥି ଭବନ ଜମି ବିଷୟରେ ମମତାଙ୍କ ସହ ମୁଖ୍ୟ ଶାସନ ସଚିବ ଜେନା ବିଭିନ୍ନ ଆଲୋଚନା କରଥିଲେ। ଜମି ଅନୁଧ୍ୟାନ ପରେ ମମତା କହିଛନ୍ତି, ରାଜ୍ୟ ସରକାର ପଶ୍ଚିମବଙ୍ଗ ଅତିଥି ଭବନ ପାଇଁ ଜମି ଯୋଗାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ପ୍ରତିଦିନ ଲକ୍ଷାଧିକ ପଶ୍ଚିମବଙ୍ଗ ଯାତ୍ରୀମାନେ ପୁରୀ ଆସୁଥିବାରୁ ଏହି ଅତିଥି ଭବନ ସେମାନଙ୍କ ବ୍ୟବହାର ହୋଇପାରିବ। ଏହି ଅଞ୍ଚଳରେ ଗ୍ରୀନଫିଲ୍ଡ ଏୟାରପୋର୍ଟ, ବ୍ରିଜ୍ ନିର୍ମାଣ ମୁଖ୍ୟରାସ୍ତାକୁ ସଂଯୋଗୀକରଣ ରାସ୍ତା ଓ ଭୌଗୋଳିକ ଏବଂ ଅନ୍ୟାନ୍ୟ କାରଣରୁ ଚିହ୍ନଟ ସ୍ଥାନକୁ ପସନ୍ଦ କରିଛନ୍ତି ମମତା ବାନାର୍ଜୀ। ଅପରପକ୍ଷେ ଜମି ଚିହ୍ନଟ ନେଇ ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି, ପଶ୍ଚିମବଙ୍ଗ ଅତିଥିଭବନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ତେବେ କେତେ ଜମିରେ ଅତିଥି ଭବନ ନିର୍ମାଣ ହେବ ସେନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେବେ। ଗୁରୁବାର ଦୁଇ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହେବ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି।

# 'ଜ୍ୱିଗାଟୋ' ଫିଲ୍ମ ଉପରୁ ପ୍ରମୋଦ କର ଛାଡ଼ କଲେ ରାଜ୍ୟ ସରକାର

- ଚଳଚ୍ଚିତ୍ରର ସ୍ୱତନ୍ତ୍ର ଉପସ୍ଥାପନା କାର୍ଯ୍ୟକ୍ରମରେ ଯୋଗଦେଲେ ନବୀନ

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ପ୍ରଖ୍ୟାତ ଅଭିନେତ୍ରୀ ନନ୍ଦିତା ଦାସଙ୍କ ନିର୍ଦ୍ଦେଶିତ ତଥା ଅଭିନେତା କପିଲ ଶର୍ମାଙ୍କ ଅଭିନୀତ 'ଜ୍ୱିଗାଟୋ' ଫିଲ୍ମ ଉପରୁ ରାଜ୍ୟ ସରକାର ପ୍ରମୋଦ କର ଛାଡ଼ କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୁଧବାର ସନ୍ଧ୍ୟାରେ ନବୀନ ନିବାସଠାରେ ଜ୍ୱିଗାଟୋ ଚଳଚ୍ଚିତ୍ରର ସ୍ୱତନ୍ତ୍ର ଉପସ୍ଥାପନା କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ହିନ୍ଦୀଭାଷାରେ ପ୍ରସ୍ତୁତ ଏହି ଫିଲ୍ମଟି ସମ୍ପୂର୍ଣ୍ଣ ଭାବେ ଭୁବନେଶ୍ୱରରେ ହିଁ ଶୁଟିଂ କରାଯାଇଛି। ଅଭିନେତା କପିଲ ଶର୍ମା ଓ ଅଭିନେତ୍ରୀ ସାହାନା ଗୋସ୍ୱାମୀ ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ସମାଜର ଅତ୍ୟନ୍ତ ସାଧାରଣ ଲୋକଙ୍କ ସଂଘର୍ଷପୂର୍ଣ୍ଣ ଜୀବନକୁ ଏହି ଚଳଚ୍ଚିତ୍ରରେ ସଫଳ ଭାବେ ଉପସ୍ଥାପିତ କରାଯିବା ସହ କଳାତ୍ମକ ଦିଗ ପ୍ରତି ଉଚିତ ଧ୍ୟାନ ଦିଆଯାଇଥିବାରୁ ମୁଖ୍ୟମନ୍ତ୍ରୀ ଏହି ଚଳଚ୍ଚିତ୍ରର ଉଚ୍ଚପ୍ରଶଂସା କରିଛନ୍ତି। ସାମାଜିକ ପରିବର୍ତ୍ତନ ଦିଗରେ ଜ୍ୱିଗାଟୋ ଏକ ସକାରାତ୍ମକ ବାର୍ତ୍ତା ଦେବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜଣେ ଫୁଡ୍ ଡେଲିଭରି ରିଡର ଓ ତାଙ୍କ ପରିବାରର ସଂଘର୍ଷପୂର୍ଣ୍ଣ ଜୀବନକୁ ନେଇ 'ଜ୍ୱିଗାଟୋ' ଫିଲ୍ମ ନିର୍ମିତ ହୋଇଛି। ଓଡ଼ିଶାରେ ଯେପରି ଅଧିକରୁ ଅଧିକ ବ୍ୟବସାୟିକ ଚଳଚ୍ଚିତ୍ର ଶୁଟିଂ କରାଯାଇପାରିବ ସେଥିପାଇଁ ରାଜ୍ୟ ସରକାର ଅନୁକୂଳ ନୀତି କାର୍ଯ୍ୟକାରୀ କରୁଛନ୍ତି। ଏ ଦିଗରେ ଚଳଚ୍ଚିତ୍ର ଶିଳ୍ପକୁ ମଧ୍ୟ ଉତ୍ସାହିତ କରୁଛନ୍ତି। ଏହାଦ୍ୱାରା ରାଜ୍ୟର ପର୍ଯ୍ୟଟନ ବିକାଶ ହେବା ସହିତ ପ୍ରତିଭାବାନ ଯୁବତୀଯୁବକମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏତଦ୍‌ବ୍ୟତୀତ ଭୁବନେଶ୍ୱରରେ 'ଜ୍ୱିଗାଟୋ' ସମ୍ପୂର୍ଣ୍ଣ ଶୁଟିଂ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶିକା ନନ୍ଦିତା ଦାସଙ୍କ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି।



ନବୀନ ନିବାସରେ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନେତ୍ରୀ ନନ୍ଦିତା ଦାସ ସାକ୍ଷାତ କରୁଛନ୍ତି।






# ଜୁଆର ମାଡ଼ରେ ଭାଙ୍ଗିଲା କୋଷ୍ଟକେନାଲ ଲକ୍‌ଗେଟ୍

- ଚାଷ ଜମିରେ ମାଡ଼ିଲା ପାଣି
- ବ୍ରିଟିଶ ଅମଳର କାଠ କବାଟ ଦୁର୍ବଳ ଅବସ୍ଥାରେ ଥିଲା
- ବାଲି ବସ୍ତା ପକାଇ ବନ୍ଦ କଲେ ଜଳସ୍ରୋତ

**ଭୋଗରାଇ,୨୨।୩ (ଡି.ଏନ୍.ଏ.)**

ସୁବର୍ଣ୍ଣରେଖାରେ ପ୍ରବଳ ଜୁଆର ମାଡ଼ି ଆସିବା ଯୋଗୁ ଭାଙ୍ଗିଯାଇଛି ଇଂରେଜ ଅମଳରେ ନିର୍ମିତ ଓଡ଼ିଶା କୋଷ୍ଟ କେନାଲର ଲକ୍‌ଗେଟ୍। ବାଲେଶ୍ୱର ଜିଲା ୩ନଂ. ରେଞ୍ଜ ଭୋଗରାଇଠାରେ ଥିବା ଏହି ଲକଗେଟ ଦୀର୍ଘବର୍ଷ ହେଲା ବିପଦଜନକ ଅବସ୍ଥାରେ ରହିଥିଲା। ସ୍ଥାନୀୟ ଲୋକଙ୍କ ଦାବି ଓ ଜଳସେଚନ ବିଭାଗର ପଦକ୍ଷେପ ଯୋଗୁ ୨୦୨୦ରେ ଲକଗେଟ କାଠ କବାଟର ମରାମତି କରାଯାଇଥିଲା। ବୁଧବାର ଅମାବାସ୍ୟା ଥିବାରୁ ସୁବର୍ଣ୍ଣରେଖାରେ ଜୁଆର ମାଡ଼ି ଆସି କାଠ କବାଟରେ ଧକ୍କା ଦେବାରୁ ଗେଟ୍ ଭାଙ୍ଗିଯାଇ କୋଷ୍ଟକେନାଲ ମଧ୍ୟକୁ ପାଣିର ସୁଅ ଛୁଟିଥିଲା।

ବ୍ରିଟିଶ ଶାସନ ସମୟରେ ପଶ୍ଚିମବଙ୍ଗର ଗେଓଁଖାଲିଠାରୁ ଭଦ୍ରକ ଜିଲାର ଚାରବାଟିଆ ପର୍ଯ୍ୟନ୍ତ ଜଳପଥରେ ନୌବାଣିଜ୍ୟ ପାଇଁ ଓଡ଼ିଶା କୋଷ୍ଟକେନାଲ ଖନନ ହୋଇଥିଲା। ସୁବର୍ଣ୍ଣରେଖା ନଦୀର ବନ୍ୟା ପାଣି ଓ ସମୁଦ୍ର ଜୁଆର ସମୟରେ ନଦୀକୁ ପଶିଆସୁଥିବା ଲୁଣି ପାଣିର ପ୍ରବେଶ ରୋକିବା ପାଇଁ କୋଷ୍ଟ କେନାଲର ୩ନଂ. ରେଞ୍ଜ ଭୋଗରାଇଠାରେ ଏକ ଲକ୍‌ଗେଟ (ଦୁଇ ଯୋଡ଼ା ଦୃଢ଼ କାଠ କବାଟ) ନିର୍ମାଣ କରାଯାଇଥିଲା। ଜଳସମ୍ପଦ ବିଭାଗ ଅଧୀନରେ ଥିବା ୨୦୦ବର୍ଷ ପୁରୁଣା ଏହି କାଠ କବାଟ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିଲା। ବହୁବର୍ଷ ପୂର୍ବରୁ ଭିତର ପାର୍ଶ୍ୱ ଗୋଟିଏ ଯୋଡ଼ା କବାଟ ଏଠାରୁ ଅପସାରଣ କରାଯାଇଥିଲା। ଅନ୍ୟପକ୍ଷରେ ନଦୀ ସଂଯୋଗ ପାର୍ଶ୍ୱରେ ଥିବା କବାଟକୁ ମରାମତି କରିବା ପାଇଁ ବାରମ୍ବାର ଚେଷ୍ଟା କରି ବିଫଳ ହେବା ପରେ କବାଟ ପାର୍ଶ୍ୱରେ ପୂର୍ବରୁ ବାଲି ବସ୍ତା ପକାଇ ଏହାକୁ ବନ୍ଦ କରାଯାଇଥିଲା। ସ୍ଥାନୀୟ ଜଳ ସମ୍ପଦ ବିଭାଗ ଭୋଗରାଇ ଡିଭିଜନ ପକ୍ଷରୁ ଏହାକୁ ଆପାତତଃ ପରିଚାଳନା କରାଯାଉଥିଲା ବେଳେ ବୁଧବାର ପୂର୍ବାହ୍ନ ୧୧ଟା ବେଳେ ସୁବର୍ଣ୍ଣରେଖା ଜୁଆର ମାଡ଼ରେ ଏହା ଭାଙ୍ଗିଯାଇଥିଲା। ଫଳରେ ଭୋଗରାଇ ଭୁଆବିଲ ଓ ଅନ୍ଧିଆ ଉତ୍ତର ପାର୍ଶ୍ୱ ଚାଷ ଜମିରେ ପାଣି ପ୍ରବେଶ କରିଥିଲା। କୋଷ୍ଟ କେନାଲରେ ଥିବା ବିଭିନ୍ନ କଲଭର୍ଟର କ୍ଷତିଗ୍ରସ୍ତ କବାଟ ମରାମତି ପାଇଁ ଖୋଲି ନିଆଯାଇଥିଲା ବେଳେ ସମସ୍ତ କଲର୍ଭଟ ଏବେ ଖୋଲା ରହିଛି। ଫଳରେ ବିଭିନ୍ନ ଗାଁର ବହୁ ହଜାର ହେକ୍ଟର ଚାଷ ଜମିକୁ ପାଣି ପ୍ରବେଶ କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଜଳସମ୍ପଦ ବିଭାଗ ଏସ୍‌ଡିଓ ପ୍ରିୟବ୍ରତ ସିଂ ଏବଂ ଭୋଗରାଇ ଡିଭିଜନ କନିଷ୍ଠ ଯନ୍ତ୍ରୀ ବସନ୍ତ କୁମାର ବେହେରା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଯୁଦ୍ଧକାଳୀନ ଭିତ୍ତିରେ ବାଲି ବସ୍ତା ପକାଇ ଲକ୍‌ଗେଟ୍ ପାଣି ବନ୍ଦ କରିଥିବା ସୂଚନା ମିଳିଛି।



ଜଳସମ୍ପଦ ବିଭାଗ ଏସ୍‌ଡିଓ ପ୍ରିୟବ୍ରତ ସିଂ ଏବଂ ଭୋଗରାଇ ଡିଭିଜନ କନିଷ୍ଠଯନ୍ତ୍ରୀ ବସନ୍ତ କୁମାର ବେହେରା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ମହିଳାଙ୍କୁ ପିଟି ପିଟି ମାରିଦେଲେ ଭାଇ, ଭାଉଜ

**ବାରିପଦା ଅଫିସ,୨୨।୩**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତ ବେଗୁନିଆବନ୍ଧ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜମିବାଡ଼ି ବିବାଦରୁ ଜବା ବାସ୍କେ ନାମ୍ନୀ ଜଣେ ବିଧବା ମହିଳାଙ୍କୁ ତାଙ୍କ ଭାଇ ଓ ଭାଉଜ ପିଟି ପିଟି ମାରି ଦେଇଥିବା ଅଭିଯୋଗ ହୋଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇ ପୋଲିସ ଭାଇ ଓ ଭାଉଜଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ହତ୍ୟା ମାମଲା (ନଂ. ୮୩/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଜମିବାଡ଼ିକୁ ନେଇ ଦୀର୍ଘଦିନ ହେଲା ଜବା ଓ ତାଙ୍କ ଭାଇ ବୁଡ଼ାନ ହେମ୍ବ୍ରମଙ୍କ ପରିବାର ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ବିବାଦର ସମାଧାନ ପାଇଁ ମଙ୍ଗଳବାର ଉଭୟ ପରିବାରକୁ ନେଇ ଗେଗୁନିଆବନ୍ଧ ଗ୍ରାମ ମୁଖିଆଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ବସିଥିଲା। ସେହି ସମୟରେ ଜବା ହଠାତ୍ ଭାଇମାନଙ୍କ ଉପରେ ରାଗିଯିବା ସହ ବୈଠକ ସ୍ଥାନରେ ଛେପ ପକାଇଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ବୁଡ଼ାନ ଏବଂ ତାଙ୍କ ସ୍ତ୍ରୀ ମାଳତୀ ଏକ ବାଡ଼ିରେ ଜବାଙ୍କୁ ନିସ୍ତୁକ ପିଟିଥିଲେ। ଗ୍ରାମବାସୀ ଏହି ଘଟଣାକୁ ବିରୋଧ କରିବାରୁ ଭାଇ ଓ ଭାଉଜ ସେଠାରୁ ଜୋର ଜବରଦସ୍ତ ଚଲେଇ ଚଲେଇ ଶାଶୁଘର ବ୍ରାହ୍ମଣଗାଁକୁ ନେବା ବାଟରେ ଜବାଙ୍କ ମୃତ୍ୟୁ ହୋଇଥିଲା।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇତିପିତା, ଇତିପିତା**
**ମାଉସୀ ଦେଲା ନଳିତା ପିତା ।**

ସାଧାରଣତଃ ନଳିତା ଶାଗ ପାଟିକୁ ପିତା ଲାଗିଥାଏ । ତେବେ ଏହା ପିତା ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ଖୁବ୍ ହିତକର ହୋଇଥିବା ଦୃଷ୍ଟିରୁ ଏହାକୁ ଖାଇବା ଲାଗି ଏଠାରେ ପରାମର୍ଶ ଦିଆଯାଇଛି ।

**ଇସ୍ ମିସ୍, କରମ ଠିସ୍**
**ଠାର ଠୁର, ଉଣେଇଶି ବିଶ୍।**

ଠାରରେ କଥାବାର୍ତ୍ତା । ଠରାଠରିରେ ଲୋକେ ପ୍ରାୟ ବହୁ କଥା ବୁଝିପାରନ୍ତି । ଆଖିର ଇସାରାରେ ଅନେକ ଗୋପନୀୟ କଥା ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରକାଶପାଇଲା ନବମ ପରୀକ୍ଷାଫଳ

■ ଅକୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ମିଳିବ ୩ ସୁଯୋଗ
■ ଏପ୍ରିଲ ୪ରେ ପ୍ରଥମ, ୧୩ରେ ଦ୍ୱିତୀୟ ଏବଂ ୨୧ରେ ତୃତୀୟ ପରୀକ୍ଷା

**କଟକ ଅଫିସ,୨୨।୩**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ନବମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି । ପରୀକ୍ଷାଫଳର ମୂଲ୍ୟାୟନ ପଞ୍ଜୀକରଣ ବୋର୍ଡ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି । ସମସ୍ତ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ସ୍କୁଲ କୋଡ୍ ସହାୟତାରେ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ବିଷୟରେ ଜାଣିପାରିବେ ବୋଲି ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ନବମ ସମ୍ମେଟିଭ-୨ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ଯେଉଁମାନେ ଅକୃତକାର୍ଯ୍ୟ ହେଲେ ସେମାନଙ୍କୁ ୩ଟି ସୁଯୋଗ ଦିଆଯିବ । ଏହି ସୁଯୋଗରେ ସେମାନଙ୍କୁ ପରୀକ୍ଷାରେ ପାସ୍ ହେବାକୁ ପଡିବ । ଯଦି ପ୍ରଥମ ସୁଯୋଗରେ ପାସ ନ କରନ୍ତି, ତେବେ ଅନ୍ୟ ୨ଟି ପରୀକ୍ଷାରେ ପାସ ମାର୍କ ରଖିବାକୁ ହେବ । ନଚେତ ଚଳିତଥର ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ ନାହିଁ । ଯେଉଁମାନେ ପରୀକ୍ଷା ଦେଇ ନ ଥିଲେ ବା ଅନୁପସ୍ଥିତ ଥିଲେ, ସେମାନେ ମଧ୍ୟ ଅକୃତକାର୍ଯ୍ୟ ଛାତ୍ରୀଛାତ୍ରଙ୍କ ସହ ପରୀକ୍ଷା ଦେବାକୁ ପଡିବ । ପ୍ରତି ବିଷୟରେ ୨୦ ମାର୍କ ପରୀକ୍ଷା କରାଯିବ । ପରୀକ୍ଷା ପୂର୍ବରୁ ଅକୃତକାର୍ଯ୍ୟ ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍କୁଲ କର୍ତ୍ତୃପକ୍ଷ କେତେକ କ୍ଲାସ କରିବେ । ଆସନ୍ତା ଏପ୍ରିଲ ୪ରେ ପ୍ରଥମ ଟେଷ୍ଟ ପରୀକ୍ଷା ହେବାକୁ ଥିବାବେଳେ ୧୩ରେ ଦ୍ୱିତୀୟ ଓ ୨୧ରେ ତୃତୀୟ ଟେଷ୍ଟ ପରୀକ୍ଷା କରାଯିବ । ଏହି ପରୀକ୍ଷା ସ୍କୁଲସ୍ତରରେ କରାଯିବ । ଚଳିତବର୍ଷ ନବମଶ୍ରେଣୀ ପରୀକ୍ଷାରେ କେତେ ପ୍ରତିଶତ ପରୀକ୍ଷା ଫଳ ହୋଇଛି ଏବଂ କେତେ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି, ସେ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ସୂଚନା ପ୍ରଦାନ କରାଯାଇନାହିଁ । କେବଳ ସମସ୍ତ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ୱେବ୍‌ସାଇଟ୍ ମାଧ୍ୟମରେ ଜାଣିପାରିବେ ବୋଲି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।



ହିନ୍ଦୁ ନବବର୍ଷ ଅବସରରେ ବୁଧବାର କଟକ ପିଠାପୁରଠାରୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ବନ୍ଦଘରୁ ଦମ୍ପତିଙ୍କ ମୃତଦେହ ଜବତ

## ସ୍ତ୍ରୀକୁ ହତ୍ୟାକରି ସ୍ୱାମୀଙ୍କ ଆତ୍ମହତ୍ୟା ସନ୍ଦେହ

**ସୁନ୍ଦରଗଡ଼/ସବ୍‌ଡେଗା,୨୨।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ସବ୍‌ଡେଗା ବ୍ଲକ ଡମକୁଡ଼ା ଗ୍ରାମର ଗାନ୍ଧୀପଡ଼ାରେ ଏକ ବନ୍ଦଘରୁ ବୁଧବାର ସକାଳେ ପୋଲିସ ଦମ୍ପତିଙ୍କ ମୃତଦେହ ଜବତ କରିଛି । ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ବେକରେ ଗାମୁଛା ଲଗାଇ ସ୍ୱାମୀ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର, ସରପଞ୍ଚ, ସମିତି ସଭ୍ୟଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଦଳ, ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଡାକ୍ତରଖାନାକୁ ପଠାଯାଇଛି । ମହିଳାଙ୍କ ମୃତଦେହ ପଚି ଗନ୍ଧ ହେଉଥିବାରୁ ଦୁଇଦିନ ଆଗରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି । ମୃତା ହେଲେ ରେଶମା ଡନସନା(୨୦) ଓ ସ୍ୱାମୀ ହେମନ୍ତ (୨୭) । ରେଶମାଙ୍କ ବାପା ସବ୍‌ଡେଗା ନୂଆଁପଡାର ଗୋବିନ୍ଦ ଡନସନା ଏନେଇ ସବ୍‌ଡେଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ଗୋବିନ୍ଦଙ୍କ କହିବାନୁସାରେ ୨୦୨୨ ଜୁନରେ ରେଶମାକୁ ଡମକୁଡାର ହେମନ୍ତଙ୍କ ସହ ବିବାହ ଦେଇଥିଲେ । କିଛିଦିନ ପରେ ହେମନ୍ତ ନୂଆଁପଡ଼ାରେ ଝିଅକୁ ଛାଡ଼ି ଗୋଆକୁ ଦାଦନ ଖଟିବାକୁ ଯାଇଥିଲେ । ୨୦ ଦିନ ପୂର୍ବେ ଗୋଆରୁ ଘରକୁ ଫେରିଥିଲେ । ସ୍ତ୍ରୀକୁ ସବ୍‌ଡେଗା ନୂଆଁପଡ଼ାରୁ ଘରକୁ ନେଇଯାଇଥିଲେ । ହେଲେ ଘରେ ପହଞ୍ଚିବା ପରେ ହେମନ୍ତଙ୍କ ସାବତ ମା' ଦୁହିଁଙ୍କୁ ଅଲଗା ରାନ୍ଧି ଖାଇବାକୁ କହିଥିଲେ । ଏକଥା ଶୁଣି ଗୋବିନ୍ଦ କିଛି ଚାଉଳ ଓ ରାନ୍ଧିବା ସାମଗ୍ରୀ ଝିଅକୁ ଦେଇଥିଲେ । ସ୍ୱାମୀ-ସ୍ତ୍ରୀ ବହୁତ ଭଲରେ ଥିଲେ । ହଠାତ୍ ଏଭଳି ଘଟଣା ଘଟିଥିବାରୁ କିଛି ବୁଝି ପାରୁନାହାନ୍ତି ବୋଲି ଗୋବିନ୍ଦ କହିଛନ୍ତି । ଅପରପକ୍ଷେ ହେମନ୍ତଙ୍କ ସାବତ ମା'ଙ୍କ କହିବା କଥା ହେଲା, ରେଶମା ରବିବାର କାମରୁ ଆସିଥିଲେ । ରାତିରେ ସ୍ୱାମୀସ୍ତ୍ରୀ ତାଙ୍କ ରୁମ୍‌ରେ ଶୋଇଥିଲେ । କିନ୍ତୁ ରେଶମା ରୁମରୁ ସୋମବାର ଓ ମଙ୍ଗଳବାର ଦିନସାରା ବାହାରି ନ ଥିଲେ । ଖାଲି ହେମନ୍ତ କବାଟ ବନ୍ଦ କରି ବାହାରୁଥିଲେ । ଏହା ଦେଖି ବୋହୂର କ'ଣ ହେଲା ବୋଲି ପଚାରିବାରୁ ତାକୁ ଥଣ୍ଡା ହୋଇଥିବାରୁ ଶୋଇରହିଛି ବୋଲି ହେମନ୍ତ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ କହି ରୁମ୍‌କୁ ପଶିଯାଇ କବାଟ ବନ୍ଦ କରିଦେଇଥିଲେ । ସେ ମଧ୍ୟ ସନ୍ଧ୍ୟା ସୁଦ୍ଧା ନ ବାହାରିବାରୁ ତାଙ୍କ ସାବତ ମା' ଡାକିଥିଲେ । କିଛି ଉତ୍ତର ନ ଆସିବାରୁ ସାଇପଡ଼ିଶା, ଘର ଲୋକେ ଲୁହା ଶାବଳରେ କବାଟ ତାଡି ପଶି ଦେଖିଲା ବେଳେକୁ ଖଟରେ ରେଶମା ମରି ପଡ଼ିଥିଲେ । ପାଖରେ ଓରାରେ ବେକରେ ଗାମୁଛା ଲଗାଇ ହେମନ୍ତ ମରି ଝୁଲୁଥିଲେ । ପରେ ସେମାନେ ତଳସରା ଥାନାକୁ ଖବର ଦେଇଥିଲେ । ପୋଲିସ ମଙ୍ଗଳବାର ରାତିରେ ଆସି ଘରକୁ ତାଲା ପକାଇ ଦେଇଯାଇଥିଲେ ।

ଆଇଆଇସି ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି କହିଛନ୍ତି, କୌଣସି କାରଣରୁ ହେମନ୍ତ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି । ହତ୍ୟା କରିବା ପରେ ଦୁଇ ଦିନ ଧରି କୌଣସି ଉପାୟ ନ ପାଇ ନିଜେ ମଧ୍ୟ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ହେଲେ ଉଭୟଙ୍କ ମୃତ୍ୟୁ ହୋଇଥିବାରୁ କାରଣ କ'ଣ ହୋଇଥାଇପାରେ ସେ ନେଇ ତଦନ୍ତ ଚାଲିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଠିକ୍ କାରଣ ଜଣାପଡ଼ିବ । ଏନେଇ ଏକ ହତ୍ୟା ମାମଲା (ନଂ.୬୦/୨୦୨୩) ରୁଜୁ କରାଯାଇଛି ।

# ୫ବର୍ଷ ପରେ ୫୭ଜଣଙ୍କୁ ମିଳିବ 'ରାଜ୍ୟ ଶିକ୍ଷକ ପୁରସ୍କାର'

■ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଦିଆଯିବ ପୁରସ୍କାର
■ କ୍ଷୋଭ ପ୍ରକାଶ କଲେ ମନୋନୀତ ଶିକ୍ଷକ

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ଦୀର୍ଘ ୫ବର୍ଷ ପରେ ଚଳିତ ବର୍ଷ ଦିଆଯିବ 'ରାଜ୍ୟ ଶିକ୍ଷକ ପୁରସ୍କାର' । ୨୦୧୭ ବର୍ଷ ପାଇଁ ମନୋନୀତ ୫୭ଜଣ ଶିକ୍ଷକଙ୍କୁ ଗଣଶିକ୍ଷା ବିଭାଗ ପୁରସ୍କାର ଦେବାକୁ ନିଷ୍ପତ୍ତି ନେଇଛି । କିନ୍ତୁ ଗୁରୁଦିବସରେ ନୁହେଁ କି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ନୁହେଁ । ଉତ୍କଳ ଦିବସରେ ଏହି ଶିକ୍ଷକଙ୍କୁ ଜିଲା ସ୍ତରରେ ପୁରସ୍କୃତ କରାଯିବ । ଏ ନେଇ ବିଭାଗ ପକ୍ଷରୁ ଚିଠି ହେବା ପରେ ପୁରସ୍କାର ପାଇଁ ଚାହିଁ ବସିଥିବା ଶିକ୍ଷକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଇତିମଧ୍ୟରେ ଏହି ଶିକ୍ଷକଙ୍କ ମଧ୍ୟରୁ ୧୩ଜଣ ଅବସର ନେଇ ସାରିଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି । ଏବେ 'ରାଜ୍ୟ ଶିକ୍ଷକ ପୁରସ୍କାର'କୁ ଜିଲାସ୍ତରରେ ଦିଆଯିବା ନେଇ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ପାଇବା ପରେ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୁରସ୍କାର ପାଇବାକୁ ଅପେକ୍ଷା କରିଥିବା ଶିକ୍ଷକ ରବୀନ୍ଦ୍ରନାଥ ବେହେରା ଦୁଃଖର ସହ କହିଛନ୍ତି, ୫ବର୍ଷ ପରେ ପୁରସ୍କାର ଦେଉଛନ୍ତି । ଏହା ରାଜ୍ୟ ପୁରସ୍କାର । ଜିଲାସ୍ତରରେ ଏମିତି ପୁରସ୍କାର ଦେବା ନିଷ୍ପତ୍ତିକୁ ଆମେ ନିନ୍ଦା କରୁଛୁ । ସରକାର ଆଉଥରେ ଚିନ୍ତା କରି ରାଜ୍ୟ ସ୍ତରରେ କାର୍ଯ୍ୟକ୍ରମ କରି ପୁରସ୍କାର ଦେଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିବର୍ଷ ପ୍ରତି ଜିଲାରୁ ୨ଜଣ ଶିକ୍ଷକଙ୍କୁ 'ରାଜ୍ୟପାଳ ପୁରସ୍କାର' ଦିଆଯାଏ । କିନ୍ତୁ ପରବର୍ତ୍ତୀ ସମୟରେ ତାହା 'ରାଜ୍ୟ ଶିକ୍ଷକ ପୁରସ୍କାର' ଭାବେ ନାମିତ ହେଲା । ଏଥିପାଇଁ ରାଜ୍ୟ ସରକାର ୨୦୧୭ରେ ନୂଆ ରିଜୋଲ୍ୟୁଶନ ଆଣିଥିଲେ । ଏହି ଅନୁସାରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲର ଶିକ୍ଷକମାନେ ପୁରସ୍କାର ପାଇଁ ଆବେଦନ କଲେ । ୨୦୧୭ବର୍ଷ ପାଇଁ ୫୭ଜଣ ଶିକ୍ଷକଙ୍କୁ ଏହି ରାଜ୍ୟ ଶିକ୍ଷକ ପୁରସ୍କାର ପାଇଁ ଚୟନ କରାଗଲା । ୨୦୧୮ ସେପ୍ଟେମ୍ବର ୫ରେ ଭୁବନେଶ୍ୱର ସୂଚନା ଭବନରେ ପୁରସ୍କାର ଦେବାକୁ ଡକାଗଲା । କିନ୍ତୁ ସକାଳେ ହଠାତ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ବାତିଲ କରାଗଲା । ଫଳରେ ସମ୍ପୃକ୍ତ ଶିକ୍ଷକମାନେ ନିରାଶ ହୋଇ ଫେରିଥିଲେ । ଜଣେ ଘରୋଇ ସ୍କୁଲ ଶିକ୍ଷକ ହାଇକୋର୍ଟରେ ମାମଲା ରୁଜୁ କରିଥିବାରୁ ଏହି କାର୍ଯ୍ୟକ୍ରମ ବାତିଲ ହୋଇଥିବା ଜଣାପଡିଥିଲା । ଅଭିଯୋଗ ଥିଲା ଯେ ଏହି ପୁରସ୍କାର ପାଇଁ ସମସ୍ତ ଶିକ୍ଷକ (ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ)ଙ୍କୁ ଆବେଦନ ପାଇଁ ଅନୁମତି ଦିଆଯାଉ । ହାଇକୋର୍ଟ ମାମଲାର ଶୁଣାଣି କରି ଅଭିଯୋଗ ଯଥାର୍ଥ ଏବଂ ନୂଆ ରିଜୋଲ୍ୟୁଶନ ଆଣି ୨୦୧୮ରୁ ତାହା ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ । ହେଲେ ୨୦୧୭ ପାଇଁ ମନୋନୀତ ହୋଇଥିବା ଶିକ୍ଷକଙ୍କୁ ପୁରସ୍କାର ଦିଆଗଲା ନାହିଁ । ତେଣୁ ସେମାନେ ବି ହାଇକୋର୍ଟର ଆଶ୍ରୟ ନେଲେ । ୨୦୧୯ରେ ପୁରସ୍କାର ପାଇଁ ମନୋନୀତ ଶିକ୍ଷକ ରବୀନ୍ଦ୍ରନାଥ ବେହେରା ସରକାରଙ୍କ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ କଲେ । ହାଇକୋର୍ଟ ଏହାର ଶୁଣାଣି କରି ୨୦୧୭ରେ ମନୋନୀତ ଶିକ୍ଷକଙ୍କୁ ତୁରନ୍ତ ପୁରସ୍କାର ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ । କିନ୍ତୁ ରାଜ୍ୟ ସରକାର ନା ସେମାନଙ୍କୁ ପୁରସ୍କାର ଦେଲେ ନା ନୂଆ ରିଜୋଲ୍ୟୁଶନ ଆଣି ଆବେଦନ ଗ୍ରହଣ କଲେ । ୨୦୧୮ ରୁ ୨୦୨୧ ପର୍ଯ୍ୟନ୍ତ କିଛି ହେଲା ନାହିଁ । ୪ବର୍ଷ ଶିକ୍ଷକ ପୁରସ୍କାର ବି ଦିଆଗଲା ନାହିଁ । ତେବେ ଗତବର୍ଷ ଏପ୍ରିଲ ୫ରେ ନୂଆ ରିଜୋଲ୍ୟୁଶନ ଅଣାଯିବା ସହ ୨୦୧୮ରୁ ୪ବର୍ଷ ପାଇଁ ଶିକ୍ଷକ ପୁରସ୍କାର ପାଇଁ ତାଲିକା ଦେବା ପାଇଁ ସବୁ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଗଲା । ଏଥିସହିତ ୨୦୧୭ ପାଇଁ ମନୋନୀତ ଶିକ୍ଷକଙ୍କ ତାଲିକା ପଠାଇବାକୁ ମଧ୍ୟ କୁହାଗଲା । ଗତବର୍ଷ ସେପ୍ଟେମ୍ବର ୫ରେ ରାଜ୍ୟସ୍ତରୀୟ ଗୁରୁଦିବସ କାର୍ଯ୍ୟକ୍ରମରେ ପୁରସ୍କାର ଦିଆଯାଇଥାନ୍ତା । କିନ୍ତୁ ଅଧିକାଂଶ ଜିଲାରୁ ତାଲିକା ଆସି ନ ପାରିବାରୁ କୌଣସି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ହୋଇପାରିଲା ନାହିଁ । ଫଳରେ ୨୦୧୭ରୁ ମନୋନୀତ ୫୭ ଶିକ୍ଷକ ମଧ୍ୟ ପୁଣି ନିରାଶ ହେଲେ । ତେବେ ଚଳିତବର୍ଷ ସେହି ଶିକ୍ଷକଙ୍କୁ ପୁରସ୍କାର ଦେବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି । ଆସନ୍ତା ଉତ୍କଳ ଦିବସରେ ଜିଲା ସ୍ତରରେ ସେମାନଙ୍କୁ ପୁରସ୍କାର ଦେବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଚିଠି କରାଯାଇଛି । ଏହାକୁ ନେଇ ପୁଣି ଶିକ୍ଷକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ଶୃଙ୍ଖଳା ପଡ଼ିଛି ...

ପଡ଼ିଛି । ଏବେଠୁ ମହାନଦୀର ପ୍ରମୁଖ ଶାଖା ନଦୀ ଇବ୍ ଶୁଖିଗଲାଣି । ଆଗକୁ ସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ସୃଷ୍ଟି ହୋଇଛି । ଇତିମଧ୍ୟରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ କେନ୍ଦ୍ର ସରକାର ଆଉ ବର୍ଷେ ୯ ମାସ ବୃଦ୍ଧି କରିଛନ୍ତି । ଜଳଶକ୍ତି ମନ୍ତ୍ରଣାଳୟର ସୂଚନା ଅନୁସାରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳକୁ ୨୦୨୩ ମାର୍ଚ୍ଚ ୧୧ରୁ ୨୪ ଡିସେମ୍ବର ୨୦୨୪ ଯାଏ ବୃଦ୍ଧି କରାଯାଇଛି ।

ଟ୍ରିବ୍ୟୁନାଲଙ୍କ ଅବଧି ବୃଦ୍ଧି କରିବାକୁ ଓଡ଼ିଶା ଓ ଛତିଶଗଡ଼ ସରକାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ । କରୋନା ସମୟରେ ଶୁଣାଣି ପ୍ରଭାବିତ ହୋଇଥିବାରୁ ଅବଧି ୩ ବର୍ଷ ବଢ଼ାଇବାକୁ ଉଭୟ ରାଜ୍ୟ ଚିଠି ଲେଖିଥିଲେ । ଟ୍ରିବ୍ୟୁନାଲଙ୍କ ଅବଧିକୁ କେନ୍ଦ୍ର ସରକାର ୧ ବର୍ଷ ୯ ମାସ ବଢ଼ାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ମହାନଦୀ ଜଳ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ୨୦୧୮ ମାର୍ଚ୍ଚରେ ମହାନଦୀ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା । ପ୍ରଥମ ୩ ବର୍ଷ ଅବଧିରେ ଟ୍ରିବ୍ୟୁନାଲ ଜଳ ବିବାଦ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତିରେ ପହଞ୍ଚି ପାରି ନ ଥିଲେ । ୨୦୨୧ରେ ପୁଣି ଥରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଥିଲା, ଯାହାକି ୨୦୨୩ ମାର୍ଚ୍ଚ ୧୧ରେ ଶେଷ ହୋଇଥିଲା ।

## ଛାତ୍ରଙ୍କ ଉପରେ ମାଡ଼ିଗଲା ...

ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଗୁରୁତର ଅବସ୍ଥାରେ ଷଷ୍ଠ ଶ୍ରେଣୀର ଛାତ୍ର ରାଜେଶ, ପଞ୍ଚମ ଶ୍ରେଣୀର ଛାତ୍ର ରାଜା ଓ ଅଷ୍ଟମ ଶ୍ରେଣୀର ଛାତ୍ର କପିଳଙ୍କୁ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିଛି ସମୟ ପରେ ରାଜାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେହିପରି ରାଜେଶଙ୍କୁ ବୁର୍ଲା ନିଆ ଯାଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଲୋକେ କାର ଡ୍ରାଇଭର ତରଭା ଅଞ୍ଚଳର ସମୀର ନାୟକ(୨୧) ଓ କାରରେ ବସିଥିବା ଅନୁଭବ ମଲ୍ଲିକ(୧୯) ଓ ପ୍ରିତେଶ ଡାଙ୍ଗ(୨୧)ଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ସୋନପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ସହ ଡାକ୍ତରଖାନାରେ ଭର୍ତ୍ତି କରିଛି । ଅନ୍ୟପକ୍ଷେ ଘଟଣା ସ୍ଥଳରେ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ଏସ୍‌ପି ଅମରେଶ କୁମାର ପଣ୍ଡା ଓ ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର ପୋଲିସ ଟିମ୍ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ମୃତ ଛାତ୍ର ସୁବ୍ରତଙ୍କ ବଡ଼ବାପା ଆନନ୍ଦ ଭୋଇଙ୍କ ଅଭିଯୋଗ କ୍ରମେ ସୋନପୁର ଥାନାରେ ୭୩/୨୩ ମୂଳେ ଏକ ମାମଲା ରୁଜୁ ହୋଇଛି । ପୋଲିସ ଡ୍ରାଇଭର ସମୀରଙ୍କୁ ଗିରଫ କରିଛି । ଆହତ ଛାତ୍ରଙ୍କ ପରିବାରକୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି । ତେବେ ବୁଲାଣି ରାସ୍ତା ପାର୍ଶ୍ୱରେ ବିଦ୍ୟାଳୟ ରହିବା ଓ ଫାଟକ ରାସ୍ତାକୁ ଲାଗିଥିବା କାରଣରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସାଧାରଣରେ ଅଭିଯୋଗ ହେଉଛି । ସନ୍ଧ୍ୟାରେ ବ୍ୟବଚ୍ଛେଦ ପରେ ୩ ଛାତ୍ରଙ୍କ ମୃତଦେହକୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ୧୦୬ ଜଣଙ୍କୁ ପଦ୍ମ ...

କରାଯାଇଛି । ବିଲିୟନେୟାର ତଥା ଷ୍ଟକ୍ ମାର୍କେଟ୍ ଇନ୍‌ଭେଷ୍ଟର ସ୍ୱର୍ଗତ ରାକେଶ ଝୁନ୍‌ଝୁନ୍‌ୱାଲାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ କ୍ରିଷ୍ଣା ପଦ୍ମ ବିଭୂଷଣ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । କ୍ରିଷ୍ଣା ଏବେ କଂଗ୍ରେସ ଛାଡ଼ି ଭାଜପା ସହ ଯୋଡ଼ି ହୋଇଛନ୍ତି । ଆର୍କିଟେକ୍ ବାଳକ୍ରିଷ୍ଣ ଦୋଶିଙ୍କୁ ଦେଶର ଦ୍ୱିତୀୟ ସମ୍ମାନଜନକ ପୁରସ୍କାର ମରଣୋତ୍ତର ପଦ୍ମ ବିଭୂଷଣ ପ୍ରଦାନ କରାଯାଇଥିବାବେଳେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସଭାପତି କୁମାର ମଙ୍ଗଳମ ବିର୍ଲାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରାଯାଇଛି । ଦିଲ୍ଲୀର ପ୍ରଫେସର କପିଲ କପୁର, ଆଧ୍ୟାତ୍ମିକ ଗୁରୁ କମଲେଶ ଡି. ପଟେଲ ଏବଂ କଲ୍ୟାଣପୁରଙ୍କୁ ପଦ୍ମ ଭୂଷଣ ପ୍ରଦାନ କରାଯାଛି । ୨୦୧୪ରେ ଦେଶରେ ଭାଜପା ସରକାର କ୍ଷମତାକୁ ଆସିବା ପରେ କଳା, ସାହିତ୍ୟ, ଜନମଙ୍ଗଳକାରୀ କାର୍ଯ୍ୟରେ ଜଡ଼ିତ ଲୋକମାନଙ୍କୁ ପଦ୍ମ ପୁରସ୍କାରରେ ପୁରସ୍କୃତ କରିବା ଅଭିଯାନ ଆରମ୍ଭ କରିଛନ୍ତି । ତେବେ ରାଷ୍ଟ୍ରପତି ଭବନରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିବାକୁ ଥିବା ଅତିଥିଙ୍କ ସମେତ ଉପରାଷ୍ଟ୍ରପତି ଜଗଦିପ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଚାଷୀଙ୍କ ହାତରୁ ...

କର୍ମଚାରୀମାନେ ଜମି ଅଦଳବଦଳରେ ମାତିଛନ୍ତି । ଜମିର କିସମ ପରିବର୍ତ୍ତନ ନ କରି ଏହି ଜମି ବେପାରୀମାନେ ଟାଉନ୍ ପ୍ଲାନିଂ, ରେଜିଷ୍ଟ୍ରି ଅଫିସ ଏବଂ ତହସିଲ ଅଫିସର ବିନା କୌଣସି ରେକର୍ଡପତ୍ରରେ ଘର ପାଇଁ ପ୍ଲଟ୍ ବିକ୍ରି କରୁଛନ୍ତି । ଏବେ ଏହି ଜମି କାରବାର ସାଂଘାତିକ ରୂପ ନେଇଛି । ପୂର୍ବରୁ ଜମି ଦଲାଲଙ୍କ ସହ ଜମି କାରବାର କରି ବଲାଙ୍ଗୀର ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଜେଲ ଯିବାର ନଜିର ରହିଛି । ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି(ଓରେରା) ଆଇନ୍ ଉଲ୍ଲଂଘନ କରି ବ୍ୟବସାୟୀମାନେ ଲୋକଙ୍କୁ ଚଢ଼ା ଦରରେ ଜମି ବିକ୍ରିରେ ମାତିଛନ୍ତି । ଲୋୟର ସୁକ୍‌ତେଲ ଡ୍ୟାମ କ୍ଷତିପୂରଣ ଟଙ୍କାକୁ ଆଖି ଆଗରେ ରଖି ଜମି କିଣାବିକା ମୂଲ୍ୟରେ ଢେର ବୃଦ୍ଧି ଘଟିଛି । ଏନେଇ ଉପଜିଲାପାଳ କୁମାର ନାଗଭୂଷଣଙ୍କୁ ପଚାରିବାରୁ ଏ ନେଇ ନିର୍ଦ୍ଦିଷ୍ଟ ଅଭିଯୋଗ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ୧୮ହଜାର ଟଙ୍କାରେ ...

ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୫୩/୨୩) ରୁଜୁ ହେବା ସହ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟ, ରାଜେନ୍ଦ୍ର ଓ ସୀମାରାଣୀ ୭ ବର୍ଷ ତଳେ ବିବାହ କରିଥିଲେ । ହେଲେ ଗତ କିଛିଦିନ ଧରି ସେମାନଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଭଲ ନ ଥିଲା । ୧୫ଦିନ ତଳେ ସୀମାରାଣୀ ତାଙ୍କ ୨ବର୍ଷର ଶିଶୁପୁତ୍ରଙ୍କୁ ଘରେ ଛାଡ଼ି ବାପଘରକୁ ପଳାଇ ଯାଇଥିଲେ । ରାଜେନ୍ଦ୍ର ଶିଶୁପୁତ୍ରର ଲାଳନପାଳନ ପାଇଁ ଗ୍ରାମ ନିକଟ ଜଣେ ସମ୍ପର୍କୀୟ ମହିଳାଙ୍କୁ ଜିମା ଦେଇଥିଲେ । ପରେ ସମ୍ପୃକ୍ତ ମହିଳା ଓ ରାଜେନ୍ଦ୍ରଙ୍କ ପରାମର୍ଶକ୍ରମେ ସିମୁଳିଆ ବାଟି ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ପିଲାକୁ ପଠାଇ ଦେଇଥିଲେ । ସେଠାରୁ ପୁଣି ଏହି ପିଲାକୁ ସୋର ଥାନା ଅଧୀନ ବିଲବାଙ୍କିଆ ଗ୍ରାମର ଜଣେ ବ୍ୟକ୍ତି ନେଇଯାଇଥିଲେ । ଏହି ଘଟଣାରେ ଆର୍ଥିକ କାରବାର ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି । ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ପଣ୍ଡା କହିଛନ୍ତି । ପ୍ରକାଶଯୋଗ୍ୟ, ସୀମାରାଣୀଙ୍କ ଆଉ ଏକ ୪ ବର୍ଷର ପୁଅ ଅଛି ।

## ବ୍ରେକ୍‌ଅପ୍ ଅବସାଦ ...

ଯୁବପିଢ଼ିଙ୍କୁ ଅବସାଦ ଦୂର କରିବା ପାଇଁ ସରକାର ସହଯୋଗ କରିବାକୁ ଆଗ୍ରହୀ । ଗିଲ୍, ର' ଷ୍ଟୋରି ସାହାଯ୍ୟରେ ପ୍ରତିଟି ବ୍ୟକ୍ତିଙ୍କ ପାଖରେ ପହଞ୍ଚିବାକୁ କ୍ୟାମ୍ପେନ୍ ଲକ୍ଷ୍ୟ ରଖିଛି । ଗତ ତିନି ବର୍ଷ ହେବ ସରକାର ଲଭ୍ ବେଟର କ୍ୟାମ୍ପେନ୍‌ରେ ୬.୪ ମିଲିୟନ ନ୍ୟୁଜିଲାଣ୍ଡ ଡଲାର (୩୩,୦୮,୩୦,୦୦୦ ଟଙ୍କା) ବିନିଯୋଗ କରିଥିବା କହିଛନ୍ତି । ନ୍ୟୁଜିଲାଣ୍ଡରେ ୧୬ରୁ ୨୪ ବର୍ଷ ବୟସ ବର୍ଗର ପ୍ରତି ୧୦ ମଧ୍ୟରୁ ୬ ଜଣ ଅବସାଦ ଦେଇ ଗତି କରୁଛନ୍ତି । ଫଳରେ ଯୁବପିଢ଼ିଙ୍କ କ୍ଷେତ୍ରରେ ଆତ୍ମହତ୍ୟା ସଂଖ୍ୟା ବଢ଼ିବାରେ ଲାଗିଛି । ଜାତିସଂଘର ୟୁନିସେଫ୍ ଏଜେନ୍ସି ରିପୋର୍ଟ ମୁତାବକ ନ୍ୟୁଜିଲାଣ୍ଡରେ ସବୁଠାରୁ ଅଧିକ ସଂଖ୍ୟକ ଯୁବପିଢ଼ି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥାନ୍ତି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁମାନଙ୍କ ଗହଣରେ ଅଧିକାଂଶ ସମୟ ଅତିବାହିତ କରିବାର ସୁଯୋଗ ପାଇବେ । ରାଶିରେ ରାହୁଙ୍କ କୁପ୍ରଭାବରୁ ବାରମ୍ବାର ଦେହ ଖରାପ ହେଉଥିବାର ଅନୁଭବ କରିପାରନ୍ତି । ଏଣେ କାମଗୁଡିକ ଯଥା ସମୟରେ ହେଉ ନ ଥିବାରୁ ବିରକ୍ତ ହେବେ । କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ ।

**ବୃଷ**
ଦୁଃସ୍ଥାନସ୍ଥ ଶୁକ୍ରଜନିତ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଅତ୍ୟଧିକ ବ୍ୟୟକରି ପଶ୍ଚାତ୍ତେ ଅନୁତାପ କରିବେ । ଅନେକ ସମୟରେ ପାଖରେ କାମ କରୁଥିବା ଲୋକଟି ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହୋଇପାରନ୍ତି । କିଣିବା ଜିନିଷ ମନକୁ ନ ପାଇବା କାରଣରୁ ଫେରି ଆସିବାକୁ ପଡିବ । ରାଜନୀତି, ପ୍ରଶାସନ କ୍ଷେତ୍ରରେ ଫାଇଲ କାମ ବଢିଯିବ ।

**ମିଥୁନ**
ଷଷ୍ଠାଧିପ ରାଶିରେ ଅବସ୍ଥାନ କରି ପାରିବାରିକ ସୁଖ, ସ୍ୱାଛନ୍ଦ୍ୟକୁ ନଷ୍ଟ କରିପାରନ୍ତି । ଭୁଲ୍ ବୁଝାମଣାରୁ ବନ୍ଧୁଙ୍କ ସହ କଳହ ଲାଗିପାରେ । କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ । ଖର୍ଚ୍ଚ କମାଇବାକୁ ଚେଷ୍ଟାକରି ଅସଫଳ ହେବେ । କର୍ମ କ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି ।

**କର୍କଟ**
ଭାଗ୍ୟସ୍ଥାନରେ ଏକାଧିକ ଗ୍ରହ ସୌଭାଗ୍ୟବୃଦ୍ଧିରେ ସହାୟ ହେବେ । ଆରୋଗ୍ୟଲାଭ, ବନ୍ଧୁ ସମ୍ପର୍କ, କାର୍ଯ୍ୟସିଦ୍ଧି ସହ ଅଭିଳାଷ ପୂରଣର ମାର୍ଗ ଉନ୍ମୁକ୍ତ ହେବ । ଖଳଲୋକମାନେ ଅପପ୍ରଚାର କରିପାରନ୍ତି କିମ୍ବା ନିଜଲୋକଙ୍କଠାରୁ ଆସ୍ଥାହରାଇବେ । ପରିବାରର ଖର୍ଚ୍ଚଭାର କିମ୍ବା ଋଣ ପରିଶୋଧଜନିତ ଚିନ୍ତାପ୍ରକଟ କରିପାରନ୍ତି ।

**ସିଂହ**
ଏକାଦଶସ୍ଥ ମଙ୍ଗଳ ହେତୁ ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ । ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି କାରଣରୁ ଖୁସି ଅନୁଭବ କରିବେ । ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ କମି କମି ଆସିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ । ପାରିବାରିକ, ବ୍ୟବସାୟିକ, ଯାତ୍ରା ତଥା ଶୁଭକାର୍ଯ୍ୟ ପ୍ରସ୍ତୁତି ଦିଗରେ ଶୁଭଫଳ ପାଇବେ ।

**କନ୍ୟା**
ସପ୍ତମସ୍ଥ ଚତୁଃଗ୍ରହ କାରଣରୁ ଆଜି କୌଣସି ପ୍ରତିଦ୍ୱନ୍ଦ୍ୱିତା କଲେ ବିଜୟର ଆଶା ନିରର୍ଥକ ହୋଇପାରେ । ପକ୍ଷପାତିତା କାର୍ଯ୍ୟକଳାପ ହେତୁ ପରିବାରରେ ଅଶାନ୍ତି ସୃଷ୍ଟି ଆଶଙ୍କାକୁ ଏଡି ହେବ ନାହିଁ । ଟେନ୍‌ସନ୍ ଲାଗିରହିବ କିନ୍ତୁ ଯାହା ଚିନ୍ତା କରୁଛନ୍ତି ତାହା ଅବଶ୍ୟ ସଫଳ ହେବ । ବୁଝିବିଚାରି କାମ କଲେ ଉପକୃତ ହେବେ ।

**ତୁଳା**
ଶୁକ୍ର ସ୍ୱଗୃହକୁ ଦେଖୁଥିବାରୁ ଦିନଟି ଖୁସିରେ ଅତିବାହିତ ହେବ । କୌଣସି ମନ ଭୁଲାଣିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ । ଫାଇଲ୍ କାମରେ ଦେଖିଚାହିଁ ପଦକ୍ଷେପ ନେଲେ ବିଶେଷ କିଛି ଅସୁବିଧା ହେବନାହିଁ । ସଭାସମିତି, ଶିକ୍ଷା, ପରୀକ୍ଷା, ବିଦେଶ ଯାତ୍ରା ପ୍ରଭୃତି ସାଙ୍ଗକୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ ।

**ବିଛା**
ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ମାନସିକ ଅବସ୍ଥା ଭଲ ରହିବ । ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ସକାଶେ ଚେଷ୍ଟା କରି ସଫଳ ହେବେ । କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି । ମନରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ ।

**ଧନୁ**
କର୍ମକ୍ଷେତ୍ର ଶୁଭଗ୍ରହଙ୍କ ଦୃଷ୍ଟି ଯୋଗୁ ଆପଣଙ୍କ କୌଣସି କାମ ସ୍ଥଗିତ ରହିବନାହିଁ । ଆକସ୍ମିକ ଅସୁବିଧା ସମୟରେ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିପାରିବେ । ଜମିଜମା ସମସ୍ୟାର ଜଟିଳତା କ୍ରମଶଃ ଦୂରହେବାର ସମ୍ଭାବନା ରହିଛି । ଏହି ସମସ୍ତ ଶୁଭଫଳ ସହିତ ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି ।

**ମକର**
କିଛି ନ ବୁଝି କୌଣସି ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ । ଯଦି କହିବେ ତେବେ ଅଶାନ୍ତିକୁ ଆପଣେଇନେବା ଭଳି ପରିଣାମ ହୋଇପାରେ । ରାସ୍ତାରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବାରେ ପଛେଇ ଯିବେ ।

**କୁମ୍ଭ**
କର୍ମକ୍ଷେତ୍ରରେ ମଉଜିଆ କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହେବେ । ଅଧ୍ୟୟନ ଓ ଆଧ୍ୟାତ୍ମିକତାରେ ଏକାଗ୍ରତା ଆଣିବାରେ ସଫଳ ହେବେ । ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ । ସାହିତ୍ୟ, କଳା, ସଙ୍ଗୀତ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ ।

**ମୀନ**
ଗ୍ରହ ପ୍ରଭାବରୁ ବିଭିନ୍ନ ପ୍ରକାରର କାମ ହାତକୁ ନେଇ କଳ୍ପନାରାଇଜରେ ଘୂରିବୁଲିବେ । କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଓ ମିଳାମିଶାରୁ ସମସ୍ୟାର ସମାଧାନ ଘଟିବ । ଆଇନ, ଅଦାଲତ, ବିବାଦୀୟ ଘଟଣା କିମ୍ବା ଯେକୌଣସି ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ । ଆଗାମୀ ଗୁରୁତ୍ୱପୂର୍ଣ୍ଣ ଯୋଜନାଟି କାର୍ଯ୍ୟକାରୀ କରିବା ସକାଶେ ଚିନ୍ତା କରିପାରନ୍ତି ।

ଆଜି ଚୈତ୍ର ଶୁକ୍ଳ ଦ୍ୱିତୀୟା ଗୁରୁବାର, ମାର୍ଚ୍ଚ ୨୩ ତାରିଖ, ବିଶ୍ୱ ପାଣିପାଗ ବିଜ୍ଞାନ ଦିବସ, ପବିତ୍ର ମସିହ ମଉଦ୍ ଦିବସ, ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଶହୀଦ ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ ଗତେ ଘ.୦୭।୨୮ ମଧ୍ୟେ, ଘ.୧୦।୪୧ ଗତେ ଘ. ୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ ।

# ନିରପେକ୍ଷ ସଂସ୍ଥା ଦ୍ୱାରା ତଦନ୍ତ ପାଇଁ ନିବେଦନ

## ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲା

### ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପରିବାର ଲୋକେ

କଟକ ଅଫିସ,୨୨।୩

ବିଶିଷ୍ଟ ହକି ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କ ବନ୍ଧୁ ଆନନ୍ଦ ଟପ୍ପୋ ହତ୍ୟା ମାମଲାର ପୁନଃ ତଦନ୍ତ ପାଇଁ ତାଙ୍କ ପରିବାର ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋ ଏ ନେଇ ପିଟିଶନ ଦାଏର କରି ନିରପେକ୍ଷ ସଂସ୍ଥା ଦ୍ୱାରା ପୁଅ ମୃତ୍ୟୁ ମାମଲାର ତଦନ୍ତ କରିବାକୁ ନିବେଦନ କରିଛନ୍ତି। ପୂର୍ବରୁ ହାଇକୋର୍ଟ ଏହି ମାମଲାର ତଦନ୍ତ କରିବାକୁ ଭୁବନେଶର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ଶେଷ କରି ଡିସିପି ହାଇକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ଆନନ୍ଦଙ୍କ ପରିବାର ଏଥିରେ ଅସନ୍ତୋଷ ବ୍ୟକ୍ତ କରି ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଏହି ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶିବଶଙ୍କର ମହାନ୍ତି କହିଛନ୍ତି।

ବନ୍ଧନଙ୍କ ଆଇନଜୀବୀ ମହାନ୍ତିଙ୍କ ସୂଚନା ଅନୁଯାୟୀ, ପୂର୍ବରୁ ହାଇକୋର୍ଟ ୩ ମାସ ମଧ୍ୟରେ ଉକ୍ତ ଘଟଣାର ତଦନ୍ତ ସାରିବାକୁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଗତ ଫେବୃୟାରୀ ୨୪ରେ ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ଅପରପକ୍ଷରେ ଇନ୍‌ଫୋସିଟି ଥାନା ଆଇଆଇସି ଅର୍ପିତା ପ୍ରିୟଦର୍ଶିନୀ ଅଭିଯୋଗକାରୀ ବନ୍ଧନଙ୍କ ଏଫ୍‌ଆଇଆର୍ ନ ରଖିବାରୁ ହାଇକୋର୍ଟ ତାଙ୍କୁ ଦଣ୍ଡିତ କରିଥିଲେ। ଅର୍ପିତାଙ୍କୁ ୧ ବର୍ଷ ପର୍ଯ୍ୟନ୍ତ କୌଣସି ଥାନାରେ ଡ୍ୟୁଟି ନ ଦେବା ସହ ବିଜୁ ପଟ୍ଟନାୟକ ପୋଲିସ ତାଲିମ ଏକାଡେମୀରେ ୧ ମାସ ତାଲିମ ନେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ସେହି ଆଇଆଇସିଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା। ଅର୍ପିତା ସିଆର୍‌ପିସି ଧାରା ୧୬୧, ୧୬୪ରେ ସାକ୍ଷୀ ଓ ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ କରିବା ସହ ଭିସେରା ରିପୋର୍ଟ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆଣି ଏକ ସତ୍ୟପାଠ ଦାଖଲ କରିଦେଲେ। ତାଙ୍କର କିଛି ଦୋଷ ନାହିଁ ବୋଲି ଉକ୍ତ ସତ୍ୟପାଠରେ ସେ ଉଲ୍ଲେଖ କରିଥିଲେ। ହାଇକୋର୍ଟ ଜଣେ ଆଇଆଇସିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ତାଙ୍କ ଦ୍ୱାରା ତଦନ୍ତ କରାଯିବାକୁ ନେଇ ବନ୍ଧନ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ବାହାର ପୋଲିସ ଅଧିକାରୀଙ୍କ ଦ୍ୱାରା ଆଉଥରେ ମାମଲାର ତଦନ୍ତ କରାଇବାକୁ ହାଇକୋର୍ଟଙ୍କୁ ସେ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଆନନ୍ଦଙ୍କ ବିବାହର ୧୦ ଦିନ ପରେ ସେ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳରେ ରହୁଥିବା ଫ୍ଲାଟ୍‌ରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଏନେଇ ଇନ୍‌ଫୋସିଟି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ହେଲେ ତାଙ୍କ ବନ୍ଧୁ ବୀରେନ୍ଦ୍ର ଲାକ୍ରା ତାଙ୍କୁ ହତ୍ୟା କରିଛନ୍ତି ବୋଲି ବନ୍ଧନ ଅଭିଯୋଗ ଆଣିଥିଲେ। ଏନେଇ ଏତଲା ଦେବାକୁ ସେ ପ୍ରଥମେ ଇନ୍‌ଫୋସିଟି ଥାନାକୁ ଯାଇଥିଲେ। ହେଲେ ପୋଲିସ ତାଙ୍କ ଏତଲା ଗ୍ରହଣ କରି ନ ଥିଲା। ତେଣୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପୁଣି ବାଛୁରିକୁ ମାରିଲା ବାଘ, ଗାଁରେ ଆତଙ୍କ

ନୂଆପଡ଼ା ଅଫିସ,୨୨।୩



ବାଘ ଖାଇଥିବା ମୃତ ବାଛୁରି।

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁରେ ବାଘ ଭୟରେ ରହିଛନ୍ତି ଗ୍ରାମବାସୀ। ମଙ୍ଗଳବାର ରାତ୍ରିରେ ଗାଁର ରାମସିଂ ବାରିକଙ୍କ ଗୁହାଳରେ ପଶି ବାଘ ଆଉ ଏକ ବାଛୁରିକୁ ମାରିଥିବା ଜଣାପଡ଼ିଛି। ୧୨ ଦିନ ପୂର୍ବେ ରମଶିଳା ପଟିଆଙ୍କ ବାଛୁରି ଖାଇଥିଲା। ୮ ଦିନ ତଳେ ଅନ୍ତରାମ ପଟିଆଙ୍କ ଏକ କୁକୁର ଖାଇଥିଲା। ପୂର୍ବରୁ କେତେ ଗାଈ, ବାଛୁରି, ଛେଳି, ମେଣ୍ଢା, ମଇଁଷି, କୁକୁର ଖାଇଛି ତାହା ଆକଳନ କରିହେବ ନାହିଁ ବୋଲି ଗାଁର ମାୟାରାମ ବାରିକ କହିଛନ୍ତି। ଗତ ରବିବାର ସନ୍ଧ୍ୟାରେ ସାନମତି ବାରିକ (୬୮)ଙ୍କୁ ମହାବଳ ବାଘ ଜଙ୍ଗଲକୁ ଟେକି ନେଇ ଖାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଜଲମଡେଇ ଗାଁରେ ଆଦିବାସୀ ଭୁଞ୍ଜିଆ ସମ୍ପ୍ରଦାୟର ୨୭ ପରିବାର ବସବାସ କରୁଛନ୍ତି। ବାଘ ଆକ୍ରମଣ ସମୟ ପରଠାରୁ ଗ୍ରାମବାସୀ ସଜାଗ ହୋଇ ରହିଛନ୍ତି। ଛୁଆ ପିଲା ଓ ସ୍ତ୍ରୀ ଲୋକମାନଙ୍କୁ ଘରେ ରହିବା ପାଇଁ କହି ପୁରୁଷମାନେ ହାତରେ ବର୍ଚ୍ଛା, ଧନୁତୀର ଧରି ଦିନ ରାତି ଜଗି ବସିଛନ୍ତି। ବନ ବିଭାଗ କର୍ମଚାରୀମାନେ ଗାଁକୁ ଯାଇ ଲୋକଙ୍କୁ ସଚେତନ କରୁଛନ୍ତି। ରାତ୍ରିରେ କିମ୍ବା ଜରୁରୀ କାମ ନ ଥିଲେ ବାହାରକୁ ବାହାରନ୍ତୁ ନାହିଁ। ଯଦି ବାହାରକୁ ଯାଉଛନ୍ତି ହାତରେ ଟର୍ଚ୍ଚଲାଇଟ ଓ ଗୋଷ୍ଠୀ ହୋଇ ଯାଆନ୍ତୁ ବୋଲି କୁହାଯାଉଛି। ସନ୍ଧ୍ୟା ହେଲେ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ବାନ୍ଧି ରଖନ୍ତୁ। ବର୍ତ୍ତମାନ ଜଙ୍ଗଲରେ ନିଆଁର ପ୍ରକୋପ ବଢ଼ି ଚାଲିଛି, ଜୀବନ ବଞ୍ଚାଇବା ପାଇଁ ଜଙ୍ଗଲ ଛାଡୁଛନ୍ତି। ଜଙ୍ଗଲ ସଫା ହେବା ଦ୍ୱାରା ଖାଦ୍ୟ ଅନ୍ୱେଷଣରେ ବନ୍ୟଜନ୍ତୁ ସବୁ ଗାଁ ମୁହାଁ ହେଉଛନ୍ତି। ବାଘ ଦିନରେ ପାଖ ଜଙ୍ଗଲକୁ ଚାଲିଯାଉଛି ଓ ସନ୍ଧ୍ୟା ହେଲେ ଗାଁକୁ ଆସୁଛି। ବାଘର ଗତିବିଧି ଲକ୍ଷ୍ୟ ରଖି ଜଙ୍ଗଲକୁ ଘୋଡାଇବା ପାଇଁ ବନ ବିଭାଗ ସଜାଗ ରହିଛି।

# ପରୀକ୍ଷା ପୂର୍ବରୁ ୟୁଟ୍ୟୁବ୍‌ରେ ପ୍ରଶ୍ନୋତ୍ତର

**ବରଗଡ଼ ଅଫିସ୍,୨୨।୩:** ରାଜ୍ୟରେ ମାର୍ଚ୍ଚ ୨୧ରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପରୀକ୍ଷା ଚାଲୁଛି। ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ତେବେ ଛାତ୍ରୀଛାତ୍ର ପରୀକ୍ଷା ଦିବସରେ ଯେଉଁ ବିଷୟ ଉପରେ ପରୀକ୍ଷା ଦେଉଛନ୍ତି ସେହି ବିଷୟର ପ୍ରଶ୍ନୋତ୍ତର ପୂର୍ବଦିନରୁ ଏକ ନିର୍ଦ୍ଦିଷ୍ଟ ୟୁଟ୍ୟୁବ ଚ୍ୟାନେଲରେ ଉପଲବ୍ଧ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ବରଗଡ଼ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କୁ ପଚାରିବାରୁ ଏହାର ଯାଞ୍ଚ କରାଯିବ ବୋଲି କହିଛନ୍ତି।

ବରଗଡ଼ ଜିଲା ସୋହେଲା ବ୍ଲକ ସରକଣ୍ଡା ଗ୍ରାମର ଜଣେ ଅଭିଭାବକ ହର ବଣିଆ କହିଛନ୍ତି, ତାଙ୍କ ଝିଅ ୭ମ ଶ୍ରେଣୀରେ ପରୀକ୍ଷା ଦେଉଛନ୍ତି। ବୁଧବାର ଗଣିତ ବିଷୟ ଉପରେ ପରୀକ୍ଷା ଥିଲା। ତେବେ ସମ୍ପୃକ୍ତ ୟୁଟ୍ୟୁବ୍ ଚ୍ୟାନେଲରେ ମଙ୍ଗଳବାରରୁ ଗଣିତ ବିଷୟ ଉପରେ ଯେଉଁସବୁ ପ୍ରଶ୍ନୋତ୍ତର ପ୍ରସାରିତ ହୋଇଥିଲା ସେହି ସମାନ ପ୍ରଶ୍ନୋତ୍ତର ପରୀକ୍ଷାରେ ପଡ଼ିଥିବା ଝିଅଠାରୁ ଜାଣିବାକୁ ପାଇଥିବା ସେ କହିଛନ୍ତି। ଏ ନେଇ ସେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ଶ୍ରିଭାନ୍ସରେ ଦେବାକୁ ଜିଲାପାଳ ବାନାର୍ଜୀ ତାଙ୍କୁ କହିବା ପରେ ସେ ଅତିରିକ୍ତ ଜିଲାପାଳ ମର୍ଦ୍ଧା ଟପ୍ପୋଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଅବଗତ କରାଇଥିବା ବଣିଆ କହିଛନ୍ତି। ସେହିପରି ଗୁରୁବାର ସପ୍ତମ ଶ୍ରେଣୀର ବିଜ୍ଞାନ ଏବଂ ସଂସ୍କୃତ ପରୀକ୍ଷା ଥିବାବେଳେ ଏହି ବିଷୟର ପ୍ରଶ୍ନୋତ୍ତର ବୁଧବାରଠାରୁ ସେହି ୟୁଟ୍ୟୁବ ଚ୍ୟାନେଲରେ ଉପଲବ୍ଧ ହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ବର୍ଷାଙ୍କ ଆବେଦନ ହାଇକୋର୍ଟରେ ଖାରଜ

## ସୋସିଆଲ ମିଡିଆରେ ଅନୁଭବଙ୍କ ମନ୍ତବ୍ୟ ପ୍ରସଙ୍ଗ



କଟକ ଅଫିସ,୨୨।୩

ସୋସିଆଲ ମିଡିଆରେ କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ମନ୍ତବ୍ୟ ଦେବା ବିରୋଧରେ ବର୍ଷାଙ୍କ ଆବେଦନକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ବିଚାରପତି କେ. ଆର୍. ମହାପାତ୍ର ମାମଲାର ଶୁଣାଣି କରି ବର୍ଷାଙ୍କ ଆବେଦନକୁ ଖାରଜ କରିଥିବା ଜଣାପଡିଛି। ଅନୁଭବ ଓ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ବିଚ୍ଛେଦକୁ ନେଇ କଟକ ପରିବାର ଅଦାଲତରେ ମାମଲା ବିଚାରାଧୀନ ରହିଛି। ସୋସିଆଲ ମିଡିଆରେ ଅନୁଭବ ବାରମ୍ବାର ଆକ୍ଷେପ କରୁଥିବା ବର୍ଷା ଅଭିଯୋଗ ଉଠାଇଥିଲେ। ଏ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ମାମଲାର ପ୍ରାରମ୍ଭିକ ଶୁଣାଣିରେ ପରସ୍ପର ବିରୋଧରେ କେହି ସୋସିଆଲ ମିଡିଆରେ ଆକ୍ଷେପ କରିବେ ନାହିଁ ବୋଲି ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ମେ' ୨୭ରେ ହାଇକୋର୍ଟ ଏ ସଂପର୍କିତ ମାମଲାର ଶୁଣାଣି କରି ବର୍ଷାଙ୍କ ବ୍ୟକ୍ତିଗତ ପ୍ରସଙ୍ଗରେ ଅନୁଭବ ଆଉ କୌଣସି ମନ୍ତବ୍ୟ ସୋସିଆଲ ମିଡିଆରେ ଦେବେ ନାହିଁ ବୋଲି କହିଥିଲେ। ପୁଣି ଅନୁଭବ ଓ ବର୍ଷାଙ୍କ ମଧ୍ୟରେ କେତେକ ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଏବେ ସୋସିଆଲ ମିଡିଆରେ ବିଭିନ୍ନ ପ୍ରକାର କଥା ଚର୍ଚ୍ଚା ହେଉଛି। ସୋସିଆଲ ମିଡିଆରେ ତାଙ୍କ ନାଁରେ ବିଭିନ୍ନ ଚର୍ଚ୍ଚା ହେବା ଯୋଗୁଁ ତାଙ୍କର ମର୍ଯ୍ୟାଦାହାନି ହେଉଛି। ତେଣୁ ଏହା ଉପରେ ଅଙ୍କୁଶ ଲଗାଇବାକୁ ବର୍ଷା ହାଇକୋର୍ଟରେ ଆବେଦନ କରିଥିଲେ।

# କୁକୁର ଆକ୍ରମଣରେ ହରିଣ ମୃତ

- ହାତୀ ସ୍କୁଲ କବାଟ ଭାଙ୍ଗି ଚାଉଳ ଖାଇଲା
- ଭାଲୁ ପଲ ବି ଗାଁ ମୁହାଁ, ଲୋକେ ଆତଙ୍କିତ



ଗଣିଆ,୨୨।୩(ଡି.ଏନ୍.ଏ.)

ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟର ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡର ଛାମୁଣ୍ଡିଆ ବନାଞ୍ଚଳର ବନ୍ୟଜନ୍ତୁ ଏବେ ଗାଁ ମୁହାଁ ହୋଇଛନ୍ତି। ଗତ ମଙ୍ଗଳବାର ସନ୍ଧ୍ୟାରେ କୁମ୍ଭୀରଖଣି ଗ୍ରାମକୁ ଏକ ହରିଣ ପଶି ଆସିଥିଲା। ହେଲେ ବୁଲା କୁକୁରଙ୍କ ଆକ୍ରମଣରେ ହରିଣର ମୃତ୍ୟୁ ଘଟିଥିଲା। ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସନ୍ତୋଷ ସାହୁଙ୍କ ନିର୍ଦ୍ଦେଶକ୍ରମେ ବନରକ୍ଷୀ ପ୍ରଦ୍ୟୁମ୍ନ ପ୍ରଧାନ ପହଞ୍ଚି ମୃତ ହରିଣକୁ ଜବତ କରିବା ସହ ବୁଧବାର ବ୍ୟବଚ୍ଛେଦ କରି ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦେଇଛନ୍ତି। ସେଦିନ ବିଳମ୍ବିତ ରାତିରେ ବଡ଼ମୂଳ ମାଳିସାହି ଗ୍ରାମରେ ଏକ ଦନ୍ତା ହାତୀ ଆତଙ୍କ ସୃଷ୍ଟି କରିଥିଲା। ହାତୀଟି ସାତକୋଶିଆ ଅଭୟାରଣ୍ୟର ଅନୁଗୋଳ ଡିଭିଜନରୁ ଆସି ମହାନଦୀର ସାତକୋଶିଆ ଗଣ୍ଡ ପାରିହୋଇ ବଡ଼ମୂଳ ମାଳିସାହି ଗ୍ରାମ ନିକଟ ଜଙ୍ଗଲରେ ଗତ ୨ଦିନ ହେଲା ରହିଛି। ମଙ୍ଗଳବାର ରାତିରେ ଦନ୍ତାହାତୀଟି ବଡମୂଳ ମାଳିସାହି ପ୍ରାଥମିକ ବିଦ୍ୟାଳୟର କବାଟକୁ ଭାଙ୍ଗି ମଧ୍ୟାହ୍ନ ଭୋଜନ ପାଇଁ ରଖାଯାଇଥିବା ୨ବସ୍ତା ଚାଉଳ ଖାଇବା ସହ ବାହାରେ ଫୋପାଡ଼ି ଦେଇଥିଲା। ଏହାପରେ ସ୍କୁଲ ନିକଟରେ ରହୁଥିବା ବିରେନ ରଣାଙ୍କ ଘର କବାଟକୁ ଧକ୍କା ଦେଇଥିଲା। ଗ୍ରାମର ବନମାଳୀ ରଣା, ବିରଞ୍ଚି ରଣା ଓ ଯୋଗୀନାଥ ରଣାଙ୍କ ଘର କବାଟକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବା ବେଳେ ଲୋକେ ହୋହଲ୍ଲା କରିବାରୁ ଜଙ୍ଗଲକୁ ପଳାଇ ଯାଇଥିଲା। ଖବର ପାଇ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ସାହୁ ପହଞ୍ଚି ସ୍ଥାନୀୟ ବିଟ୍ ଫରେଷ୍ଟର ଓ ୱାଚରମାନଙ୍କୁ ହାତୀର ଗତିବିଧି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ହାତୀଟି ବଡ଼ମୂଳ ବିଟର ୧୭ ନଂ. କମ୍ପାର୍ଟମେଣ୍ଟ ଜଙ୍ଗଲରେ ଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି। କେବଳ ହରଣୀ, ହାତୀ ନୁହେଁ ଭାଲୁ ପଲ ଗ୍ରାମ ନିକଟରେ ବୁଲୁଥିବା ଗ୍ରାମବାସୀ କହିଛନ୍ତି। ଏଥିଯୋଗୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।


DSPL - 509

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

ଓଡ଼ିଶା ମିଲେଟ୍ସ ମିଶନ ଅନ୍ତର୍ଗତ ଜିଲ୍ଲାରେ ଖରିଫ ମାଣ୍ଡିଆ କ୍ରୟ କାର୍ଯ୍ୟକ୍ରମ












ମାଣ୍ଡିଆ ସଂଗ୍ରହ ବର୍ଷ ୨୦୨୨-୨୩
ମାଣ୍ଡିଆ କ୍ରୟ ର ସମୟ ସୀମାକୁ
ଅପ୍ରେଲ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା

ଆମ ରାଜ୍ୟରେ ଖରିଫ ମାଣ୍ଡିଆ ସଂଗ୍ରହ ଆରମ୍ଭ ହୋଇସାରିଛି ଏବଂ ଏହା ତା ୩୦/୦୪/୨୦୨୩ ଯାଏଁ ପରିଚାଳିତ ହେବ । ଏହି ଅବଧି ମଧ୍ୟରେ ମାଣ୍ଡିଆ କ୍ରୟ ନିମିତ୍ତ ପଞ୍ଜିକୃତ ହୋଇଥିବା ଚାଷୀ ମାନେ ସେମାନଙ୍କ ଉତ୍ପାଦିତ ମାଣ୍ଡିଆ ବିକ୍ରୟ କରିପାରିବେ । ଏହି ମାଣ୍ଡିଆ ବିକ୍ରୟ ସେବା ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, କେଉଁଝର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ନୟାଗଡ଼, ରାୟଗଡା ଓ ସୁନ୍ଦରଗଡ ଜିଲ୍ଲାର ଓଡ଼ିଶା ମିଲେଟ ମିଶନ ଅଧିନସ୍ଥ ବ୍ଲକ ମାନଙ୍କରେ ଉପଲବ୍ଧ ।

- କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଙ୍କ ତତ୍ତ୍ୱାବଧାନ ରେ ଚଳିତ ଖରିଫ ୨୦୨୩ ରେ ମାଣ୍ଡିଆ କ୍ରୟ ପାଇଁ ଧାର୍ଯ୍ୟ ଅବଧି କୁ ୩୦ ଅପ୍ରେଲ ୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି ।
- ଚଳିତ ଖରିଫ ରେ ୬ ଲକ୍ଷ କୁଇଣ୍ଟାଲ ମାଣ୍ଡିଆ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇ ଅଛି । କ୍ରୟ ପାଇଁ ବଳକା ଥିବା ମାଣ୍ଡିଆ ଯେପରି ସହଜ ଏବଂ ସୁବିଧାର ସହିତ ଅଧିକରୁ ଅଧିକ ଚାଷୀ ଙ୍କ ଠାରୁ କିଣା ଯାଇପାରିବ ଏଥିପାଇଁ ଏହି ମଣ୍ଡିଆ କ୍ରୟ କାର୍ଯ୍ୟକ୍ରମ ର ସମୟ ସୀମାକୁ ଅପ୍ରେଲ ମାସ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ପଦକ୍ଷେପ, ଅଧିକରୁ ଅଧିକ ଚାଷୀଙ୍କୁ ନିଜର ବଳକା ବିକ୍ରୟ ଯୋଗ୍ୟ ମାଣ୍ଡିଆ ବିକ୍ରି କରିବାରେ ସହାୟକ ହେବ ।
- ମାଣ୍ଡିଆ ବିକ୍ରୟ ପାଇଁ ଏମ୍-ପାସ (M-PAS)ରେ ପଞ୍ଜୀକୃତ ହୋଇଥିବା ଚାଷୀ ମାନେ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଟ ୩୫୭୮/- ଙ୍କା ରେ ରେ ନିକଟସ୍ଥ ମାଣ୍ଡିଆ ମଣ୍ଡିରେ ବିକ୍ରୟ କରିପାରିବେ ।
- ମାଣ୍ଡିଆ ବିକ୍ରୀର ସମସ୍ତ ପ୍ରାପ୍ୟ ଚାଷୀମାନଙ୍କୁ ସେମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ଅବିଳମ୍ବେ ପ୍ରଦାନ କରାଯିବ ।

ଅଧିକ ଜାଣିବା ପାଇଁ ନିମ୍ନ ଲିଖିତ ଅଧିକାରୀ କିମ୍ବା ଅନୁଷ୍ଠାନ ମାନଙ୍କ ସହ ଯୋଗାଯୋଗ କରନ୍ତୁ

ଚାଷୀ ମାନଙ୍କୁ ଅନୁରୋଧ ନିଜର ଉତ୍ପାଦିତ ମାଣ୍ଡିଆ ବିକ୍ରୟ କରିବାନିମନ୍ତେ ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ /ସହକାରୀ କୃଷି ଅଧିକାରୀ / R.M.C. / P.A.C.S. / L.A.M.P.C.S. /O.P.E.L.I.P. / O.L.M. / କୃଷି ବିଭାଗ ଦ୍ୱାରା ଅନୁବନ୍ଧିତ N.G.O. (F.A.) ର କର୍ମକର୍ତ୍ତାଙ୍କ ସହିତ ତୁରନ୍ତ ଯୋଗାଯୋଗ କରନ୍ତୁ ।

ବି. ଦ୍ର : ଏହି ସମସ୍ତ ପ୍ରକ୍ରିୟା କେବଳ ଓଡ଼ିଶା ମିଲେଟ୍ସ ମିଶନ ଜିଲ୍ଲା ଗୁଡ଼ିକ ପାଇଁ ଅନୁକରଣୀୟ

For more details visit- www.milletsodisha.com | Follow us on Odisha Millets Mission

OIPR-01102/13/0032/2223

“ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି। ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ– ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। –ଶ୍ରୀମା



# ସଙ୍କଟ ପାଇଁ ଦାୟୀ କିଏ



ୱିଲିୟମ ଆର୍. ରୋଡେସ୍

ପ୍ରେସିଡେଣ୍ଟ, ୱିଲିୟମ୍ ଆର୍. ରୋଡେସ ଗ୍ଲୋବାଲ ଆଡଭାଇଜର୍ସ



ଷ୍ଟୁଆର୍ଟ ପି.ଏମ୍. ମ୍ୟାକିନ୍‌ଟୋସ

ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଗ୍ରୁପ୍ ଅଫ୍ ଥାର୍ଟି

ନିକଟରେ ଉତ୍ତର କାଲିଫର୍ନିଆରେ ସିଲିକନ୍ ଭ୍ୟାଲି ବ୍ୟାଙ୍କ(ଏସ୍‌ଭିବି) ଏବଂ ନ୍ୟୁୟର୍କରେ ସିଗ୍‌ନେଚର ବ୍ୟାଙ୍କ ଡୁବିଯାଇଛି। ୨୦୦୮ ପରେ ଏଭଳି ବ୍ୟାଙ୍କ ବନ୍ଦ ହେବା ସବୁଠୁ ବଡ଼ ଘଟଣା। ଏହା ଯୋଗୁ ଆଞ୍ଚଳିକ ଏବଂ ମଧ୍ୟମ ଆକାର ବ୍ୟାଙ୍କର ଶେୟାରଗୁଡ଼ିକରେ ହ୍ରାସ ଘଟିଛି। ଏହାପରେ ଅନ୍ୟ ବ୍ୟାଙ୍କ ବନ୍ଦ ହେବା ଆଶଙ୍କାରେ ଜମାକାରୀ ଓ ବ୍ୟବସାୟୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ତେବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନ ଏବଂ ଫେଡେରାଲ ରିଜର୍ଭ ତୁରନ୍ତ ବ୍ୟାଙ୍କ କାର୍ଯ୍ୟକଳାପ ନେଇ ସୃଷ୍ଟି ହେଉଥିବା ଭୟ ଦୂର କରିବା ଲାଗି ତୁରନ୍ତ ପଦକ୍ଷେପ ନେଇଛନ୍ତି ଏବଂ ଆବଶ୍ୟକ ହେଲେ ଆର୍ଥିକ ବ୍ୟବସ୍ଥାକୁ ମଜଭୁତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅକସ୍ମାତ ଏହି ଦୁଇ ବ୍ୟାଙ୍କର ବିଫଳତା ସବୁଠି ଆଇନ ନିର୍ମାତା, ନିୟାମକ ସଂସ୍ଥା, ବ୍ୟାଙ୍କ ବୋର୍ଡ ଏବଂ ସିଇଓମାନଙ୍କ ପାଇଁ ଏକ କଡ଼ା ଚେତାବନୀ। ଦେଖିବାକୁ ଗଲେ ଏସ୍‌ଭିବି ଓ ସିଗ୍‌ନେଚର ବ୍ୟାଙ୍କ ଘଟଣାରେ ବିଭିନ୍ନ ଦିଗରୁ ବହୁ ତ୍ରୁଟି ରହିଛି। ପୂର୍ବରୁ କଂଗ୍ରେସ ସଦସ୍ୟ ଓ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ବ୍ୟାଙ୍କ ଲବିଷ୍ଟମାନଙ୍କ କଥା ଶୁଣିବା ସହ ରେଗୁଲେଟୋରି ଏବଂ ତଥାକଥିତ କ୍ଷୁଦ୍ର ବ୍ୟାଙ୍କଗୁଡ଼ିକର ପୁଞ୍ଜି ବୋଝ ସାମ୍ନାକୁ ଆଣିବା ବିଜ୍ଞତା ହେବ ବୋଲି ନିଷ୍ପତ୍ତି ନେଇଥିଲା। ୨୦୧୮ରେ ଆଇନରେ ପରିବର୍ତ୍ତନ ଅଣାଯାଇଥିଲା। ଯେଉଁ ବ୍ୟାଙ୍କଗୁଡ଼ିକର ସମ୍ପତ୍ତି ୨୫୦ ବିଲିୟନ ଡଲାରରୁ କମ୍ ଥିଲା ସେଗୁଡ଼ିକୁ କଠୋର ନିରୀକ୍ଷଣ ବ୍ୟବସ୍ଥାରୁ ମୁକ୍ତ କରାଯାଇଥିଲା। ଏଭଳି ଯାଞ୍ଚ ସାଧାରଣତଃ ବୃହତ୍ ବ୍ୟାଙ୍କଗୁଡ଼ିକ ପାଇଁ ରଖାଯାଇଥାଏ। ଏଭଳି କରିବାର ଉଦ୍ଦେଶ୍ୟ ହେଉଛି, ଏହିସବୁ ବ୍ୟାଙ୍କ ଆମେରିକାର ଆର୍ଥିକ ବ୍ୟବସ୍ଥା ପ୍ରତି କୌଣସି ବିପଦ ସୃଷ୍ଟି କରିବେ ନାହିଁ। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ୍ ବିଚାର ଉପରେ ଆଧାରିତ ଥିଲା, ଯାହା ଏବେ ସ୍ପଷ୍ଟ ହେଲା। ଦୁଃଖର ବିଷୟ, ୨୦୦୮ ପରବର୍ତ୍ତୀ ଡଡ୍–ଫ୍ରାଙ୍କ୍ ବ୍ୟାଙ୍କିଙ୍ଗ୍ ଆଇନର ନିର୍ମାତା ହେଉଛନ୍ତି ବାର୍ନି ଫ୍ରାଙ୍କ୍ ଏହି ଆଇନଗତ ଛାଡକୁ ସମର୍ଥନ କରିଥିଲେ। ସେବେଠାରୁ ସେ ସିଗ୍‌ନେଚର ବ୍ୟାଙ୍କର ବୋର୍ଡ ସଦସ୍ୟ ରହିଛନ୍ତି। ଏହା ସ୍ପଷ୍ଟ ଯେ, ବ୍ୟାଙ୍କ ବୋର୍ଡ ସଦସ୍ୟମାନେ ବ୍ୟାଙ୍କଗୁଡ଼ିକର ସ୍ଥାୟିତ୍ୱକୁ ଅଣଦେଖା କରିବା ଯୋଗୁ ଦୁଇ ବ୍ୟାଙ୍କ ଡୁବିଯାଇଛି। କ୍ଷୁଦ୍ର ସଂସ୍ଥାଗୁଡ଼ିକ ସହ ଏସ୍‌ଭିବି ଓ ସିଗ୍‌ନେଚର ବ୍ୟାଙ୍କ ପାଇଁ ଥିବା ଭୋକର୍‌ସ ଆଇନ (ଜମା ଅର୍ଥକୁ ମାଲିକାନା ବେପାରରେ ବ୍ୟବହାର କରିବା ଉପରେ କଟକଣା ) ହଟାଇବାକୁ ନେଇ ପଲ ଭୋକରସ ସତର୍କ କରିଦେଇଥିଲେ। ଯଦି ଆଇନ ନିର୍ମାତାମାନେ ଭୋକରସ୍‌ଙ୍କ କଥା ଶୁଣିଥାଆନ୍ତେ, ତେବେ ଏଭଳି ଘଟି ନ ଥାନ୍ତା। ଏହି ଦୁଇ ବ୍ୟାଙ୍କକୁ ରକ୍ଷା କରାଯାଇପାରିଥାଆନ୍ତା।



ଆମେ ଏବେ ୨୦୦୭–୦୮ର ଆର୍ଥିକ ସଙ୍କଟ ଭଳି ସ୍ଥିତି ଦେଖିବାକୁ ପାଇବା। ଏକ କ୍ଷୁଦ୍ର ବ୍ୟାଙ୍କରୁ ସୃଷ୍ଟି ହୋଇଥିବା ଭୟ ବା ଆତଙ୍କ ବଡ଼ ବ୍ୟାଙ୍କ ଆଡକୁ ବ୍ୟାପିବ। ପ୍ରଥମେ ଏହା ଦେଶରେ ଏବଂ ପରେ ଦେଶ ବାହାରକୁ ଓ ମାର୍କେଟକୁ ସମ୍ପ୍ରସାରିତ ହେବା ସମ୍ଭାବନା ରହିଛି। ଏଭଳି ଗତିଶୀଳତାକୁ ଦେଖିଲେ, ଡୋଡ୍– ଫ୍ରାଙ୍କରେ ସ୍ପଷ୍ଟ ହୋଇଥିବା ଅନୁଚିତ ନିୟାମକ ଉପରେ କଂଗ୍ରେସ ପୁନର୍ବିଚାର କରିବା ଆବଶ୍ୟକ। କିନ୍ତୁ ଏହା କଲେ ବି ସେତିକିରେ ସମସ୍ୟା ସମାଧାନ ହେବ ନାହିଁ। ଏହାବାଦ୍ ଆର୍ଥିକ ନିୟମ, ନିୟାମକଗୁଡ଼ିକ କୋହଳ କରିବା ସହ ପର୍ଯ୍ୟବେକ୍ଷକମାନେ କାମ ନ କରିବା ଭଳି ତ୍ରୁଟି ବା ବିଫଳତା ରହିଛି। ଏହି ଆଞ୍ଚଳିକ ବ୍ୟାଙ୍କଗୁଡ଼ିକ ଉପରେ ବିପଦ ଏବଂ ଅତ୍ୟଧିକ ପରିବର୍ତ୍ତନଶୀଳ ଅସ୍ଥିର ଟେକ୍‌ନୋଲୋଜି, କ୍ରିପ୍ଟୋ ଓ ଅନ୍ୟ ଆସେଟ୍‌ଜନିତ ଚାପ ବଢୁଥିବାବେଳେ ସାନ୍‌ଫ୍ରାନ୍‌ସିସ୍କୋ ଓ ୱାଶିଂଟନରେ ଫେଡେରାଲ ରିଜର୍ଭ ବୋର୍ଡର ସୁପର୍‌ଭାଇଜରମାନେ କେଉଁଠି ଥିଲେ ? କାହିଁକି ସୁପରଭାଇଜର ଓ ସଞ୍ଚାଳକମାନେ ସେମାନଙ୍କ ସୂକ୍ଷ୍ମ ତଥା ବିବେକପୂର୍ଣ୍ଣ ଦାୟିତ୍ୱବୋଧ ପ୍ରତି ସଚେତନ ହେଲେ ନାହିଁ? କଡ଼ା ଆର୍ଥିକ ନୀତିର ପ୍ରଭାବ ବ୍ୟାଙ୍କର ଆର୍ଥିକ ସ୍ଥାୟିତ୍ୱ ଉପରେ କି ପ୍ରଭାବ ରହିଛି ତାହା ପ୍ରତି ଧ୍ୟାନ କାହିଁକି ଦେଲେ ନାହିଁ ?କୁଆଡେ ଗଲେ କାଲିଫର୍ନିଆର ବ୍ୟାଙ୍କ ନିୟାମକମାନେ ? ଆମେରିକାର ନାଗରିକମାନଙ୍କର ଏହି ପ୍ରଶ୍ନଗୁଡ଼ିକର ଉତ୍ତର ପାଇବାର ଅଧିକାର ଅଛି। ନିବେଶକ, କ୍ରିପ୍ଟୋ ନିବେଶକ ଏବଂ ଅନ୍ୟମାନଙ୍କ ଅଧୀନରେ ଥିବା ୧୦୦ ପ୍ରତିଶତ ଅଣବୀମାଭୁକ୍ତ ଜମାର ଗ୍ୟାରେଣ୍ଟି ଦେଉଥିବା ବ୍ୟାଙ୍କରୁ ଲାଭ ପାଇବା ଆଶା କରି ଆମେରିକୀୟମାନେ ମୂଲ୍ୟ ଦେଉଛନ୍ତି। ସେହି ନିବେଶକମାନେ ସେମାନଙ୍କ କାର୍ଯ୍ୟକଳାପ ଯୋଗୁ ହୋଇଥିବା ଆର୍ଥିକ କ୍ଷତି ସହିବା ଉଚିତ।

ବ୍ୟାଙ୍କର ସଫଳତା ଓ ବିଫଳତା ପାଇଁ ମ୍ୟାନେଜରମାନେ ଦାୟୀ। ସେମାନେ ଭୁଲ କରିଛନ୍ତି ଓ ସେଥିପାଇଁ ତାହାର ଜବାବ ଦେବା ଉଚିତ। ସଙ୍କଟ ଅତ୍ୟଧିକ ବଢ଼ିବା ସହ କ୍ଷତି ବୃଦ୍ଧି ପାଉଥିବାବେଳେ ଏସ୍‌ଭିବି ଓ ସିଗ୍‌ନେଚର ବ୍ୟାଙ୍କ ଏ ସମ୍ପର୍କରେ ଦର୍ଶାଉଥିଲେ କି ନାହିଁ ତାହା ଆମେରିକା ନାଗରିକମାନେ ଜାଣିବାର ଦରକାର। ଏସ୍‌ଭିବି ବ୍ୟାଙ୍କ ବୁଡ଼ିବାର ଠିକ୍ ପୂର୍ବରୁ ଏହାର ସିଇଓ ଗ୍ରେଗ୍ ବେକର କର୍ମଚାରୀମାନଙ୍କୁ ବୋନସ ଦେଇଥିବା ଜଣାପଡ଼ିଛି। କାହିଁକି ଏସ୍‌ଭିବି ବୋର୍ଡ ଏହା କରିବାକୁ ଚାହିଁଲା ? ଆଶ୍ଚର୍ଯ୍ୟର କଥା , ବେକର ମଧ୍ୟ ଡୋଡ୍– ଫ୍ରାଙ୍କ୍ ଆଇନ କୋହଳ କରିବା ସପକ୍ଷରେ ମତ ଦେଇଥିଲେ। ସେ ଯାହା ଚାହୁଁଥିଲେ ପରେ ତାହା ପାଇଗଲେ।

ଅପ୍ରତ୍ୟାଶିତ ରୂପେ ପରିବର୍ତ୍ତନ ହେଉଥିବା କ୍ରିପ୍ଟୋ କରେନ୍ସି ଏବଂ ଟେକ୍ ଷ୍ଟାର୍ଟଅପ୍‌କୁ ନେଇ ବଢୁଥିବା ବିପଦ ଜନିତ ସଙ୍କଟରୁ ଅନ୍ୟ ବ୍ୟାଙ୍କଗୁଡ଼ିକ ଦୂରେଇ ଗଲାବେଳେ ଏସ୍‌ଭିବି ଓ ସିଗ୍‌ନେଚର ବ୍ୟାଙ୍କ ସେଥିରୁ ଶିକ୍ଷା କରିବାର ଥିଲା। ସବୁଠି ସଙ୍କଟ ଟାଳିପାରୁଥିବା ମ୍ୟାନେଜରମାନେ ଫେଡେରାଲ ରିଜର୍ଭ ସ୍ପଷ୍ଟ ସଙ୍କେତ ଦେଇଥିବା ଆର୍ଥିକ କଠିନତାର ଆକଳନ କରି ସେମାନଙ୍କ ଶେୟାର ଓ ନିବେଶକୁ ଠିକ୍ କରି ନେଇଥିବା ବେଳେ ଏସ୍‌ଭିବି ଓ ସିଗ୍‌ନେଚର ବ୍ୟାଙ୍କ ଏହା କରିବାକୁ ବିଫଳ ହେଲେ। ଏପରିକି ସଙ୍କଟ ଟାଳିବା ଭଳି କ୍ଷମତା ଥିବା ଜଣେ ବରିଷ୍ଠ ମ୍ୟାନେଜର ଏସ୍‌ଭିବି ଡୁବିବା ପୂର୍ବରୁ ଥିଲେ ତାହା ହୋଇପାରିଲା ନାହିଁ। ଅନ୍ୟ ବ୍ୟାଙ୍କଗୁଡ଼ିକର ମ୍ୟାନେଜରମାନେ ଫେଡେରାଲ ରିଜର୍ଭର ଇଜି ମନିର ଝଟକାଠାରୁ ନିଜକୁ ଦୂରେଇନେଇଥିଲେ ବି ଏସ୍‌ଭିବି ଓ ସିଗ୍‌ନେଚର ବ୍ୟାଙ୍କ ତାହା ବୁଝିପାରିଲେ ନାହିଁ। ସେମାନେ ଶୀଘ୍ର ଆଗେଇଗଲେ, ଶୀଘ୍ର ଟଙ୍କା ଯୋଗାଇଦେଲେ ଓ ଶେଷରେ ନିଜକୁ ଧୂଳିସାତ କରିଦେଲେ।

ବହୁ ଆଇନ ନିର୍ମାତା ଏବଂ ନୀତି ନିର୍ଦ୍ଧାରକମାନେ (ବିଶେଷକରି ଟ୍ରମ୍ପଙ୍କ ସମୟରେ) ବ୍ୟାଙ୍କ୍ ଲବିଷ୍ଟମାନଙ୍କୁ, ଯେଉଁମାନେ ବିପଦର ରାସ୍ତା ବତାଇଥିଲେ, ସେମାନଙ୍କୁ ବିଶ୍ୱାସ କରିଗଲେ। ଶେଷରେ ମୁଦ୍ରାସ୍ଫୀତି ରୋକିବା ଲାଗି ଫେଡେରାଲ ରିଜର୍ଭ ସୁଧ ହାର ବୃଦ୍ଧି କରିବା ପରେ ନିୟାମକ, ପର୍ଯ୍ୟବେକ୍ଷକମାନଙ୍କ ଭୁଲ୍ ସ୍ପଷ୍ଟ ହେଲା। ହ୍ୱାଇଟ୍ ହାଉସ, ଟ୍ରେଜେରି, ଏଫ୍‌ଡିଆଇସି ଏବଂ ଫେଡେରାଲର ତୁରନ୍ତ ହସ୍ତକ୍ଷେପ ପରେ ଏହି ସଙ୍କଟ ଧୀରେ ଧୀରେ ଟଳିବ ବୋଲି ଆଶା କରାଯାଏ। କିନ୍ତୁ ଗ୍ଲୋବାଲ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ୍ କ୍ରେଡିଟ ସୁଇସ୍‌ର ସମସ୍ୟା ସୂଚିତ କରୁଛି ଯେ, ଗତ ସପ୍ତାହର ଘଟଣାର ବିଶ୍ୱସ୍ତରରେ ଖରାପ ପ୍ରଭାବ ପଡ଼ିଥିବା ଆଶଙ୍କା କରାଯାଉଛି। ଯଦି ଆମେରିକାର ଅର୍ଥ ବ୍ୟବସ୍ଥା ଆଉ ଏକ ଆର୍ଥିକ ବିପର୍ଯ୍ୟୟରୁ ଉଦ୍ଧାର ପାଇଯାଏ, ଆମେ ଅତୀତ ବ୍ୟାଙ୍କିଙ୍ଗ୍ ସଙ୍କଟ ଉପରେ ପୁନର୍ବିଚାର କରିବା ସହ ଏଥିରୁ ପୁଣି ଶିକ୍ଷା କରିବା ଉଚିତ। ଅର୍ଥାତ୍ ଯେଉଁମାନେ ଏହିସବୁ ବ୍ୟାଙ୍କ ଡୁବିବା ପାଇଁ ଦାୟୀ ସେମାନେ କିଭଳି କଠିନ ପ୍ରଶ୍ନ ଓ ଦଣ୍ଡର ସମ୍ମୁଖୀନ ହେବେ ତାହା ନିଶ୍ଚିତ କରିବାକୁ ପଡ଼ିବ।

# ମହାମାରୀ ପ୍ରଭାବିତ ମାଟ୍ରିକ୍ ପରୀକ୍ଷା



ରବିନାରାୟଣ ସାମଲ

ମାଟ୍ରିକ୍ ପରୀକ୍ଷା ସରିଗଲା। କିନ୍ତୁ ଅନିୟମିତତା ପିଛା ଛାଡ଼ିଲା ନାହିଁ। କପି ତ ହେଉଛି , ହେବ। ପରୀକ୍ଷା ପଦ୍ଧତିରେ ଉପଯୁକ୍ତ ସଂସ୍କାର ନ ହେଲା ପର୍ଯ୍ୟନ୍ତ ସେମିତି ଚାଲିଥିବ। ଆଗରୁ ପ୍ରଶ୍ନପତ୍ର ପ୍ରଘଟ ହେଉଥିଲା, ଏବେ ଭାଇରାଲ ହେଉଛି। ପ୍ୟାକେଟ୍ ଭିତରୁ ପ୍ରଶ୍ନପତ୍ର ଗାଏବ ହୋଇଯିବା କଥା ଆମେ ଅନେକଥର ଶୁଣିଛୁ। କିନ୍ତୁ ଏଥର ପ୍ରଶ୍ନପତ୍ରରୁ ପ୍ରଶ୍ନ ଗାଏବ ହୋଇଯିବା କଥା ନୂଆ ଶୁଣିଲୁ। ଏହାକୁ ‘ମୁଦ୍ରଣଜନିତ ତ୍ରୁଟି’ କହି ବୋର୍ଡ କର୍ତ୍ତୃପକ୍ଷ ଘଟଣାଟିକୁ ଏଡ଼ାଇ ଦେଇଛନ୍ତି। ମାତ୍ର ଏହାକୁ ‘ମାନବାକୃତ ତ୍ରୁଟି’ କହିଲେ କ’ଣ ଅଯଥାର୍ଥ ହେବ ? ମେଶିନ୍ କ’ଣ ପ୍ରଶ୍ନପତ୍ର ତିଆରି କରିଥିଲା ନା ପ୍ରୁଫ୍ କରେକ୍ସନ୍ କରୁଥିଲା ? ବି–ସେଟ୍‌ରେ ଏ–ସେଟ୍‌କୁ ଭର୍ତ୍ତି କରିଥିଲା ନା ଏକା ପ୍ରଶ୍ନକୁ ବାରମ୍ବାର କପି–ପେଷ୍ଟ କରିଥିଲା ? ଏହାର ସନ୍ତୋଷଜନକ ଉତ୍ତର ବୋର୍ଡ କର୍ତ୍ତୃପକ୍ଷ ଦେଇପାରିବେ ନାହିଁ।

ଚଳିତ ବର୍ଷ ୧୯ ହଜାରରୁ ଊର୍ଦ୍ଧ୍ୱ ପିଲା ପରୀକ୍ଷାରେ ଅନୁପସ୍ଥିତ ରହିବା ଚିନ୍ତାଜନକ। ସେହି ପିଲାମାନେ କୁଆଡ଼େ ଗଲେ ତା’ର ହିସାବ ବୋର୍ଡ ପାଖରେ ଅଛି ନା ଗଣଶିକ୍ଷା ବିଭାଗ ପାଖରେ ଅଛି ? ଗତବର୍ଷ ୪୫ ହଜାର ପିଲା ପରୀକ୍ଷା ଦେଇ ନ ଥିଲେ କହି ଗଣଶିକ୍ଷା ମନ୍ତ୍ରୀ ପରିସ୍ଥିତିକୁ ହାଲୁକା କରିଦେବାକୁ ଚେଷ୍ଟା କରିଛନ୍ତି। ମାତ୍ର ଏଇଟା ତାହାର ସମାଧାନ ନୁହେଁ। ଗତବର୍ଷର ଅନୁପସ୍ଥିତ ସଂଖ୍ୟାକୁ ଦେଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯଦି ତତ୍ପରତା ପ୍ରକାଶ କରିଥା’ନ୍ତା, ତେବେ ଏଥର ୧୯ ହଜାର ପିଲା ନିରୁଦ୍ଦିଷ୍ଟ ହୋଇ ନ ଥାନ୍ତେ।

କୋଭିଡ୍ ମହାମାରୀ ଛାତ୍ରୀଛାତ୍ରମାନଙ୍କର ଯାହା କ୍ଷତି ଘଟାଇଛି ତାହା ଆଦୌ ଭରଣା କରାଯାଇ ପାରିବ ନାହିଁ। ଚଳିତ ବର୍ଷ ଯେଉଁ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଲେ ସେମାନେ ଅନ୍ୟମାନଙ୍କ ପରି ଦୁଇବର୍ଷ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଥିଲେ। ଲକ୍ ଡାଉନ୍ ହେଲା, ସ୍କୁଲ–କଲେଜ ବନ୍ଦ ହୋଇଗଲା। ଧର୍ମକୁ ଆଖିଠାର ମାରିବା ଭଳି ଅନ୍ ଲାଇନ୍ ପାଠପଢ଼ା ଚାଲିଲା। ଗଣଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ କ୍ଷତିଭରଣା କରିବାକୁ ଉଜ୍ଜ୍ୱଳ, ଉତ୍ଥାନ, ଉତ୍କୃଷ୍ଟ ଆଦି ଆରମ୍ଭ କରିଦେଲେ। ପରୀକ୍ଷା ପାଇଁ ପ୍ରସ୍ତୁତି ସମୟରେ ଏଲ୍‌ଆର୍‌ପି ଆଣି ପୂରାଇ ଦେଲେ। କୋଭିଡ୍ ଭଳି ଇଏ ଆଉ ଗୋଟିଏ ଲହର ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାର ଭାବିଥିଲେ ଛାତ୍ରୀଛାତ୍ରମାନେ ଏହାଦ୍ୱାରା ଉପକୃତ ହେବେ, ମାତ୍ର ସେମାନେ ଘାଟାରେ ପଡ଼ିଗଲେ। ପରୀକ୍ଷା ପ୍ରସ୍ତୁତିର ମୂଲ୍ୟବାନ୍ ସମୟକୁ ଏଲ୍‌ଆର୍‌ପିରେ ଅପଚୟ କଲେ।

ମାଟ୍ରିକ୍ ପରୀକ୍ଷା ଛାତ୍ରଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ଏହାକୁ ଯେ କେହି ସ୍ୱୀକାର କରିବେ। ଏଥି ସକାଶେ ଛାତ୍ର, ଶିକ୍ଷକ ଓ ଅଭିଭାବକ ଚାପଗ୍ରସ୍ତ ରହିବା ଅସ୍ୱାଭାବିକ ନୁହେଁ। କିନ୍ତୁ ପରୀକ୍ଷାକୁ ଏକ ‘ଉତ୍ସବ’ ଭାବେ ମନାଇବାକୁ କିଛିଦିନ ତଳେ ଆମ ପ୍ରଧାନମନ୍ତ୍ରୀ ଯେଉଁ ପରାମର୍ଶ ଦେଇଥିଲେ ତାହା ଏଠାରେ ବିଚାର୍ଯ୍ୟ। ଛାତ୍ରୀଛାତ୍ରମାନେ ଏହାକୁ ମର୍ମେ ମର୍ମେ ଉପଲବ୍ଧି କରୁଥିବେ। ପରୀକ୍ଷା ଶେଷ ଦିନ କେତେକ କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଆକାଶକୁ କପି ଉଡ଼ାଇ ଓ ମୁହଁରେ ରଙ୍ଗ ବୋଳି ଖୁସି ମନାଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। କେବଳ ସେହିମାନଙ୍କ ପାଇଁ ହୁଏତ ପରୀକ୍ଷାଟା ଏକ ‘ଉତ୍ସବ’ ହୋଇପାରେ, କିନ୍ତୁ ସମସ୍ତଙ୍କ ପାଇଁ ନୁହେଁ।

ପୂର୍ବରୁ ଏପ୍ରିଲ୍–ମେ’ରେ ପରୀକ୍ଷା ହେଉଥିଲା, ପିଲାମାନଙ୍କ ପାଇଁ ଭଲ ଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହା ଫେବୃୟାରୀ–ମାର୍ଚ୍ଚକୁ ଘୁଞ୍ଚି ଆସିବା ଫଳରେ ସେମିତି କିଛି ଲାଭ ହେଲା ନାହିଁ। ବରଂ କ୍ଷତି ହେଲା। କାରଣ ଫେବୃୟାରୀ–ମାର୍ଚ୍ଚ ପର୍ବପର୍ବାଣିର ମାସ। ଠିକ୍ ପରୀକ୍ଷା ଋତୁରେ ପୁରପଲ୍ଲୀ କୋଳାହଳମୟ। ପିଲାମାନଙ୍କ ପରୀକ୍ଷା ପ୍ରସ୍ତୁତି ପାଇଁ ସମୟଟି ଅନୁକୂଳ ହୁଏ ନାହିଁ। ପ୍ରତିକୂଳ ପାଣିପାଗ ଯୋଗୁ ଛଅ ଋତୁ ତ ବଦଳି ଗଲାଣି, ପିଲାମାନଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ପରୀକ୍ଷା ଋତୁକୁ ବଦଳାଇ ଦେଲେ ଅସୁବିଧା କେଉଁଠି ? ଆମ ବିଚାରରେ ବାର୍ଷିକ ପରୀକ୍ଷା ପାଇଁ ଡିସେମ୍ବର ହିଁ ସର୍ବୋତ୍କୃଷ୍ଟ।

ରାଜ୍ୟରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଆମ ଜାଣିବାରେ ଏମିତି ପ୍ରାୟ ଗୋଟିଏ ସ୍କୁଲ ନାହିଁ, ଯେଉଁଠି ଶିକ୍ଷକ ଅଭାବ ନାହାନ୍ତି। ର’ଠ’କି ସବୁଠି ପାଠପଢ଼ା ଚାଲିଛି। ବିଳମ୍ବରେ ହେଲେ ବି ଗଣଶିକ୍ଷା ବିଭାଗ କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ କରୁ। କୋଭିଡ୍ ପ୍ରଭାବିତ ଛାତ୍ରୀଛାତ୍ରଙ୍କ କ୍ଷତିର ଭରଣା ପାଇଁ ଅନ୍ଧାଦୁନିଆ ନିଷ୍ପତ୍ତି ନ ନେଇ ବିଭିନ୍ନ ସ୍ଥାନରେ ଶିକ୍ଷକ ଓ ଶିକ୍ଷାବିତ୍‌ମାନଙ୍କର କର୍ମଶାଳାମାନ ଆୟୋଜନ କରି ଉପାୟ ସ୍ଥିର କରୁ।

ମୋ–୭୯୭୫୦୪୬୪୮୬

## ଏଇ ଭାରତରେ

ଅନେକ ସମୟରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ସାମିଲ ଲୋକଙ୍କ ହାତରେ ପ୍ଲାକାର୍ଡରେ ଦେଖିବାକୁ ମିଳେ, ଯେଉଁଥିରେ ଲେଖାଥାଏ–‘ସଡ଼କ ସୁରକ୍ଷା ଜୀବନ ରକ୍ଷା’। କିନ୍ତୁ ଦୁର୍ଘଟଣା ଉପରେ ଲୋକଙ୍କୁ ସଚେତନ କରିବା ଲାଗି ଲକ୍ଷ୍ନୌର ଜଣେ ମହିଳା ରାସ୍ତା କଡ଼ରେ ଏକ ପ୍ଲାକାର୍ଡ ଧରି ଠିଆ ହେଉଛନ୍ତି, ଯେଉଁଥିରେ ଲେଖାଅଛି–‘ସାଇକେଲରେ ଲାଇଟ ଲଗାଅ’। ଦୁର୍ଘଟଣା ହ୍ରାସ କରିବା ଲାଗି ୨୨ ବର୍ଷୀୟା ଖୁସି ପାଣ୍ଡେଙ୍କ ଏହି ଅଭିଯାନ ବେଶ୍ ପ୍ରଭାବୀ ହୋଇପାରୁଛି। ଖୁସି ରାସ୍ତା କଡ଼ରେ ଠିଆ ହୋଇ ପ୍ରତିଟି ସାଇକେଲରେ ମାଗଣାରେ ସେଫ୍ଟି ଲାଇଟ୍ ଲଗାଉଛନ୍ତି। ସଡ଼କ ଦୁର୍ଘଟଣାରେ ଖୁସି ତାଙ୍କ ଜେଜେମା’ଙ୍କୁ ହରାଇବା ପରେ ଏହି ଅଭିଯାନ ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୫୦୦ ବାଇସାଇକେଲରେ ମାଗଣାରେ ନାଲି ଲାଇଟ ଲଗାଇ ସାରିଲେଣି। ଖୁସିଙ୍କ ଏଭଳି କାର୍ଯ୍ୟ ସମ୍ପର୍କରେ ଆଇଏଏସ୍ ଅଧିକାରୀ ଅୱନିଶ ସରନ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। କେବଳ ଏତିକି ନୁହେଁ ସରନ ମଧ୍ୟ ଏହା ପୂର୍ବରୁ ‘ହେଲ୍‌ମେଟ ମ୍ୟାନ ଅଫ୍ ଇଣ୍ଡିଆ’ ଭାବେ ଜଣାଶୁଣା ରାଘବେନ୍ଦ୍ର କୁମାରଙ୍କ ଭିଡିଓ ପୋଷ୍ଟ କରିଥିଲେ। ରାଘବେନ୍ଦ୍ର ବିଗତ ୧୦ ବର୍ଷରେ ୫୬,୦୦୦ ହେଲ୍‌ମେଟ ବାଣ୍ଟି ସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ମାର୍ଚ୍ଚ ୧୯୯୮

- ପାକିସ୍ତାନର ଉତ୍ତର–ପଶ୍ଚିମ ସୀମାନ୍ତବର୍ତ୍ତୀ ହେଙ୍ଗୁ ସହରରେ ସିହା–ସୁନୀ ସମ୍ପ୍ରଦାୟ ମଧ୍ୟରେ ଗୋଷ୍ଠୀଗତ ସଂଘର୍ଷ ଘଟି ୧୦ ମୃତ।
- ଲୋକସଭାର ବିରୋଧୀଦଳ ନେତା ଭାବେ କଂଗ୍ରେସ ପାର୍ଟିର ସଂସଦୀୟ ଦଳର ନେତା ଶରଦ ପାୱାରଙ୍କୁ ସ୍ୱୀକୃତି ପ୍ରଦାନ।
- ସୁପ୍ରସିଦ୍ଧ କୁଚିପୁଡ଼ି ନୃତ୍ୟଗୁରୁ ଆଚାରିଏଲୁଙ୍କ ୭୯ ବର୍ଷ ବୟସରେ ପରଲୋକ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | 8 | | | |
| | 5 | 7 | | | | | 2 | 4 |
| | | | | 3 | | 7 | | |
| | 2 | | | 8 | | | | 1 |
| | | 4 | 3 | | 9 | | | |
| | | | | | | 6 | 3 | |
| 4 | 8 | | | 2 | | | 7 | |
| | | | | | | 1 | 9 | |
| | | | | 7 | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 7 | 8 | 2 | 9 | 5 | 1 | 4 |
| 5 | 4 | 8 | 1 | 7 | 3 | 2 | 9 | 6 |
| 9 | 2 | 1 | 6 | 4 | 5 | 8 | 3 | 7 |
| 2 | 7 | 3 | 9 | 5 | 4 | 6 | 8 | 1 |
| 1 | 6 | 9 | 3 | 8 | 7 | 4 | 2 | 5 |
| 8 | 5 | 4 | 2 | 1 | 6 | 9 | 7 | 3 |
| 3 | 9 | 2 | 5 | 6 | 1 | 7 | 4 | 8 |
| 7 | 8 | 5 | 4 | 3 | 2 | 1 | 6 | 9 |
| 4 | 1 | 6 | 7 | 9 | 8 | 3 | 5 | 2 |

ଗତକାଲିର ଉତ୍ତର

# ହାଃ ନିଦ୍ରା...



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଖାଦ୍ୟାଭାବ କିପରି କରାଳ ରୂପ ନେଇପାରେ, ତାହାର ଏକ ନିଖୁଣ ଚିତ୍ର ପ୍ରଦାନ କରିଥିଲେ ଜନପ୍ରିୟ ଔପନ୍ୟାସିକ କାହ୍ନୁ ଚରଣ ମହାନ୍ତି ତାଙ୍କ କାଳଜୟୀ ଉପନ୍ୟାସ ‘ହାଃ ଅନ୍ନ’ରେ। ସ୍ୱାଧୀନତା ପ୍ରାପ୍ତି ପରେ ପରେ କିଛି ମାତ୍ରାରେ ଏହା ଅଙ୍ଗ ନିଭେଇଥିଲେ ହେଁ ବର୍ତ୍ତମାନ ଆମେ ଶସ୍ୟ ଉତ୍ପାଦନରେ ଏକ ବଳକା ଦେଶ– ଡକ୍ଟର ଏମ୍. ଏସ୍. ସ୍ୱାମୀନାଥନ ଓ ତାଙ୍କ ସହଯୋଗୀ ଦକ୍ଷ କୃଷିବିଜ୍ଞାନୀମାନଙ୍କ ‘ସବୁଜ ବିପ୍ଳବ’କୁ ଧନ୍ୟବାଦ। ତେବେ ଏହି ସଘନ କୃଷି ସହିତ ବ୍ୟାପକ ଶିଳ୍ପ ନଗରୀକରଣ ଏବେ ଉତ୍ପନ୍ନ କରିଛି ‘ହାଃ ଜଳ’ ଏବଂ ‘ହାଃ ବାୟୁ’ ସମସ୍ୟା ଯଥାକ୍ରମେ ଜଳ ଓ ବାୟୁ ପ୍ରଦୂଷଣ ମାଧ୍ୟମରେ। ପୁନଶ୍ଚ ଏହା ମଧ୍ୟ ଆଣିଛି ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ, ଯାହାକି ଅପହରଣ କରିବାରେ ଲାଗିଛି ଆମ ନିଦ୍ରା। ଅତଏବ ସୃଷ୍ଟି ହୋଇଛି ‘ହାଃ ନିଦ୍ରା’ ଅବସ୍ଥା।

ସୁସ୍ୱାସ୍ଥ୍ୟ ଓ ଦୀର୍ଘ ଜୀବନ ପାଇଁ ଉତ୍ତମ ଖାଦ୍ୟ, ପାନୀୟ ଏବଂ ବାୟୁ ଭଳି ନିଦ୍ରା ମଧ୍ୟ ଅତ୍ୟାବଶ୍ୟକ। ତେବେ ଆଧୁନିକ ଜୀବନଶୈଳୀ ହେତୁ କ୍ରମେ ଏହି ପ୍ରାକୃତିକ ପ୍ରକ୍ରିୟା ବଦଳିବାରେ ଲାଗିଛି। ‘ଜୈବିକ ଘଟିକା’ର ଏହି ଅନିୟମିତତାର ଅନ୍ୟ ଏକ ଗମ୍ଭୀର ପରିପ୍ରକାଶ ହେଲା ନିଦ୍ରାହୀନତା। କ୍ରମଶଃ ଏହା ଅଧିକରୁ ଅଧିକ ବ୍ୟାପକ ଏବଂ ଉତ୍କଟତର ହୋଇ ଏବେ ଏକ ମହାମାରୀର ରୂପ ନେଲାଣି।

ଏକ ଆକଳନ ଅନୁସାରେ ବର୍ତ୍ତମାନ (୨୦୨୨, ନଭେମ୍ବର) ଆମ ଦେଶର ୨.୯ କୋଟି ଲୋକ ବିଭିନ୍ନ ମାତ୍ରାରେ ନିଦ୍ରାହୀନତାର ଶିକାର ହୋଇଛନ୍ତି। ଆମେରିକାନ୍ ହାର୍ଟ ଆସୋସିଏଶନର ବୈଜ୍ଞାନିକମାନଙ୍କ ମତରେ ଦିନକୁ ୭ରୁ ୮ ଘଣ୍ଟା ନିଦ୍ରା ନ ଯିବା, ଧୂମପାନ, ଶାରୀରିକ ଶ୍ରମହୀନତା, ଅସ୍ୱାସ୍ଥ୍ୟକର ଖାଦ୍ୟ, ପୃଥୁଳତା ତଥା ରକ୍ତ ଶର୍କରା, କୋଲେଷ୍ଟରଲ ଓ ରକ୍ତଚାପ ବୃଦ୍ଧି ଆଦି ଭଳି ଅନ୍ୟ ଏକ ହୃଦ୍‌ରୋଗକାରୀ। ସୁସ୍ୱାସ୍ଥ୍ୟ କେବଳ ନିଦ୍ରାର ଦୀର୍ଘତା ଉପରେ ନିର୍ଭର କରେ ନାହିଁ। ଏଥିପାଇଁ ତା’ର ମାନ ଏବଂ ସମୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସାଧାରଣତଃ ନିଦ୍ରାକାଳକୁ ଦୁଇଭାଗରେ ବିଭକ୍ତ କରାଯାଏ। ଦ୍ରୁତ ଚକ୍ଷୁ ଚାଳନାକାଳ ଏବଂ ମନ୍ଥର ଚକ୍ଷୁ ଚାଳନାକାଳ। ଏହି ଦୁଇଟି ଅବସ୍ଥା ଗୋଟିକ ପରେ ଗୋଟିଏ ହୋଇ ଆସନ୍ତି। ପ୍ରଥମଟିରେ ନିଦ୍ରା ପତଳା ହୋଇଥାଏ। ଏହି ସମୟରେ ଆମେ ସ୍ୱପ୍ନ ଦେଖୁ। ଅନ୍ୟପକ୍ଷରେ, ଦ୍ୱିତୀୟଟିରେ ନିଦ୍ରା ଗାଢ଼ ହୁଏ ଏବଂ ଚୟାପଚୟ ତଥା ମସ୍ତିଷ୍କ କ୍ରିୟାଶୀଳତା ମନ୍ଥର ହୁଏ। ଅତଏବ ଶରୀର ପ୍ରକୃତରେ ବିଶ୍ରାମ ଲାଭ କରେ। କ୍ରମେ ଭିନ୍ନ ଭିନ୍ନ ସ୍ତର (୧ମ, ୨ୟ ଏବଂ ୩ୟ) ଦେଇ ଏହା ଦୀର୍ଘ ହେବାକୁ ଏବଂ ଦ୍ରୁତ ଚକ୍ଷୁଚାଳନା କାଳ କମ୍ ହେବାକୁ ଲାଗେ। କିନ୍ତୁ ବର୍ତ୍ତମାନ ଏହି ସୁନିଦ୍ରା କାଳ ସଂକୁଚିତ ହେବାରେ ଲାଗିଛି ବିଶେଷକରି ସହରାଞ୍ଚଳର ଲୋକମାନଙ୍କ ମଧ୍ୟରେ। ଏକ ଆକଳନ ଅନୁସାରେ ଅଧୁନା ଆମ ଦେଶର ମୋଟାମୋଟି ଭାବେ ୧୫ ଶତାଂଶ ଲୋକ ଏହା ପ୍ରାପ୍ତ ହେଉଛନ୍ତି। ସେହିପରି ଏହାର ୬୦ ଶତାଂଶ ଲୋକେ ସାମୟିକ ଅନିଦ୍ରା ହେଲା ବେଳେ ୪୦ ଶତାଂଶ ଲୋକେ କାର୍ଯ୍ୟ ଦିବସମାନଙ୍କରେ ୭ ଘଣ୍ଟାରୁ କମ୍ ସମୟ ନିଦ୍ରାଯିବାର ସୁଯୋଗ ପାଆନ୍ତି। ଅନ୍ୟପକ୍ଷରେ ମୁଖ୍ୟତଃ ମାନସିକ ଚାପ ପ୍ରାୟ ୪୬ ଶତାଂଶଙ୍କର ଅନିଦ୍ରାର କାରଣ। ଏଥିଯୋଗୁ ସେମାନଙ୍କ ମଧ୍ୟରୁ ୮୫ ଶତାଂଶଙ୍କର ପରବର୍ତ୍ତୀ ଦିନର କାର୍ଯ୍ୟକଳାପ ପ୍ରଭାବିତ ହେଉଛି।



କେବଳ ଆମ ଦେଶ କାହିଁକି, ସମଗ୍ର ବିଶ୍ୱରେ ନିଦ୍ରାହୀନତା ସମସ୍ୟା ପ୍ରାୟ ଏକାଭଳି। ତେବେ ଶିଳ୍ପ ସମୃଦ୍ଧ ବିକଶିତ ଦେଶମାନଙ୍କରେ ଏହା ଅଧିକ ଜଟିଳ ହେଲା ବେଳେ ବିକାଶଶୀଳ ଦେଶମାନଙ୍କରେ ଅପେକ୍ଷାକୃତ କମ୍। ଏହାର କାରଣ ଦ୍ୱିବିଧ ଆଧୁନିକ ଜୀବନଶୈଳୀ ଏବଂ ପରିବେଶ। ସମୟ ଥିଲା, ଯେତେବେଳେ ଅନ୍ଧକାର ମଧ୍ୟରେ ଆମର କଟୁଥିଲା ରାତ୍ରିର ଅଧିକାଂଶ ସମୟ। ଅତଏବ ନିଦ୍ରାକାରୀ ହରମୋନ ସେରୋଟୋନିନ୍‌ର ଅଧିକ ମାତ୍ରାରେ କ୍ଷରଣ ଘଟୁଥିଲା ପିନେଏଲ୍ ଗ୍ରନ୍ଥିରୁ। କିନ୍ତୁ ବର୍ତ୍ତମାନ ଆମେ ଉଜ୍ଜ୍ୱଳ ଆଲୋକ ମଧ୍ୟରେ କଟାଉଛୁ ରାତ୍ରିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏପରିକି ଅନେକଙ୍କୁ ଅଧିକାଂଶ ସମୟରେ ସାରା ରାତି କଟାଇବାକୁ ପଡୁଛି କଳକାରଖାନା ମଧ୍ୟରେ କିମ୍ବା କମ୍ପ୍ୟୁଟର ସହିତ। ସେମାନେ ଦିନରେ ନିଦ୍ରା ଯାଉଛନ୍ତି। ଏହା ସେମାନଙ୍କ ‘ଜୈବିକ ଘଟିକା’ର କ୍ରିୟାକଳାପକୁ ବିଭ୍ରାଟ କରୁଛି। ପୁନଶ୍ଚ ଏହି ଆଲୋକିତ ପରିବେଶ ମଧ୍ୟରେ ସେରୋଟୋନିନ୍‌ର ଯଥେଷ୍ଟ କ୍ଷରଣ ଘଟୁ ନ ଥିବାରୁ ନିଦ୍ରା ଗାଢ଼ ହେଉନାହିଁ। ଅନ୍ୟପକ୍ଷରେ ଆଜିକାଲି ରାସ୍ତାଘାଟ ଆଦିର ଆଲୋକ ପ୍ରଭାବରୁ ରାତି ମଧ୍ୟ ଆଗଭଳି ଯଥେଷ୍ଟ ଅନ୍ଧକାରମୟ ହେଉନାହିଁ, ଯାହାକି ଏ ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ଏହିସବୁ ପ୍ରଭାବ ପୁରୁଷମାନଙ୍କ ତୁଳନାରେ ନାରୀମାନଙ୍କଠାରେ ଅଧିକ ପରିଲକ୍ଷିତ ହେଉଛି।

ସୁନିଦ୍ରା ଆମ ମାନସିକ ତଥା ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ପ୍ରୟୋଜନ। ଏ ସମୟରେ ଆମ ଚୟାପଚୟ ହାର ପ୍ରାୟ ୧୫ ଶତାଂଶ ହ୍ରାସ ପାଏ ଏବଂ ଜୈବିକ ଘଟିକାର ଦୈନିକ ଢାଞ୍ଚା ସଠିକ ଅନୁସରଣ କରି ସକାଳ କେବଳ ସର୍ବନିମ୍ନ ସ୍ତରରେ ପହଞ୍ଚିଥାଏ। ସେହିପରି ଏହାର ତୃତୀୟ ବା ଚରମସ୍ତରରେ ମନ୍ଥର ଚକ୍ଷୁଚାଳନା କାଳରେ ହୃତ୍‌ସ୍ପନ୍ଦନ ହାର, ଶ୍ୱାସକ୍ରିୟା ତଥା ତାପମାତ୍ରା ହ୍ରାସ ପାଇଲା ବେଳେ ମସ୍ତିଷ୍କର ସକ୍ରିୟତା ସର୍ବନିମ୍ନ ସ୍ତରକୁ ଚାଲିଯାଏ। ଏହି ସମୟରେ ଗ୍ରୋଥ୍ ହରମୋନ୍ କ୍ଷରିତ ହୁଏ ଏବଂ ରୋଗ ପ୍ରତିରୋଧ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଅନ୍ୟପକ୍ଷରେ ନିଦ୍ରାହୀନତା ଉଚ୍ଚ ରକ୍ତଚାପ, ଟାଇପ୍–୨ ମଧୁମେହ, ପୃଥୁଳତା, ମାନସିକ ଚାପ, ହୃଦ୍‌ରୋଗ ଓ ସଂଘାତ, ଦୁଶ୍ଚିନ୍ତା, ମସ୍ତିଷ୍କର କ୍ରିୟାଶୀଳତା ହ୍ରାସ, ସ୍ମୃତିହୀନତା, ରୋଗ ପ୍ରତିରୋଧ ଶକ୍ତି ହ୍ରାସ, ବନ୍ଧ୍ୟାତ୍ୱ ଏବଂ ମାନସିକ ବିଭ୍ରାନ୍ତି ଆଦିର କାରଣ ହୋଇପାରେ। ଏବେ ଏ ସମସ୍ୟା ସାରା ଦେଶରେ ବଢ଼ି ବଢ଼ି ଚାଲିଛି। ତେବେ ଅତ୍ୟଧିକ ନିଦ୍ରା ମଧ୍ୟ ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ। ଏହା ପୃଥୁଳତା, ମୁଣ୍ଡବ୍ୟଥା, ଅଣ୍ଟାବିନ୍ଧା, ଚୟାପଚୟନରେ ଅସ୍ଥିରତା, ମଧୁମେହ (ଟାଇପ୍–୨) ଆଦିର କାରଣ ହୋଇପାରେ। ଅବଶ୍ୟ ଏଭଳି ଲୋକଙ୍କ ସଂଖ୍ୟା ଅତି ନଗଣ୍ୟ।

ଆଜିର ଦୁନିଆରେ ଖାଦ୍ୟାଭାବ, ଅର୍ଥାତ୍ ‘ହାଃ ଅନ୍ନ’ ସମସ୍ୟା ପ୍ରାୟତଃ ସମାଧାନ ହେଲାଣି। ଜଳ ଓ ବାୟୁକୁ ପ୍ରଦୂଷଣମୁକ୍ତ କରିବା ମାଧ୍ୟମରେ ‘ହାଃ ଜଳ’ ଓ ‘ହାଃ ବାୟୁ’ ସମସ୍ୟା ଦୂର କରିବା ଲାଗି ଚାଲିଛି ଉଦ୍ୟମ। ତେବେ ସେଗୁଡ଼ିକ ସହିତ ସମାନଭାବେ ମାରାତ୍ମକ ନିଦ୍ରାହୀନତା ଅର୍ଥାତ୍ ‘ହାଃ ନିଦ୍ରା’ ପ୍ରତି ଆବଶ୍ୟକ ଦୃଷ୍ଟି ଦିଆଯାଇ ନାହିଁ। ଆଲୋକ ପ୍ରଦୂଷଣରୁ ସୁରକ୍ଷା, କର୍ମକ୍ଷେତ୍ରରେ କମ୍ପ୍ୟୁଟର ଓ ରୋବଟ୍‌ର ଉପଯୋଗ ଦ୍ୱାରା ରାତ୍ରିରେ ବିଶ୍ରାମ ଲାଗି ଯଥେଷ୍ଟ ସମୟ ସୃଷ୍ଟି ସହିତ ‘ଜୈବିକ ଘଟିକା’ର ନିୟମିତତା ଓ ପ୍ରାକୃତିକତା ରକ୍ଷା କରାଯାଇପାରିଲେ ହୁଏତଃ ଏହାର କିଛିଟା ସମାଧାନ ହୋଇପାରିବ।

**ଉଷା ନିବାସ, ୧୨୪/୨୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୩୦୧୪୬୦**

## ପାଠକ ଶ୍ରେଷ୍ଠ ବିଚାରକ

### କଳାଧନରେ କ୍ଷମତା ରାଜନୀତି ଚାଲିଛି

ମହାଶୟ,

ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସାଧାରଣ ନିର୍ବାଚନ ସଂପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଯାଇଛି। ଦେଶର ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ କୋଟି କୋଟି ଟଙ୍କାର କଳାଧନ ରଖିଥିବା ଦୁର୍ନୀତିଖୋର ନେତା ନେତ୍ରୀଙ୍କୁ ନେଇ ରାଜନୀତି କରୁଛନ୍ତି। ଏହି କାରଣରୁ ଚୋରାମଦ ବେପାରୀ, ଠକ କଣ୍ଟ୍ରାକ୍ଟର, ଖଣିଚୋର, ଅସାଧୁ ଅଫିସର, ଚିଟ୍‌ଫଣ୍ଡ ଲୁଟେରା ସଂସଦ ଓ ବିଧାନସଭାର ସଦସ୍ୟ ହୋଇପାରୁଛନ୍ତି। ଏଭଳି କେତେଜଣଙ୍କୁ ମନ୍ତ୍ରୀ ମଧ୍ୟ କରାଯାଉଛି। ଗାଁଗଣ୍ଡା ଓ ସହରାଞ୍ଚଳର ଦୁର୍ନୀତିଖୋର ହୀନଘୃଣ୍ୟ କୁଜିନେତାଗଣଙ୍କୁ ମଦ, ମାଂସ ଓ ନଗଦ ଅର୍ଥ ଦିଆଯାଇ ଭୋଟ ସଂଗ୍ରହ କରାଯାଉଛି। ସାଧାରଣ ନିର୍ବାଚନରେ ନିର୍ଦ୍ଧାରିତ ଖର୍ଚ୍ଚଠାରୁ ବହୁ ଗୁଣ ଅଧିକ କଳାଧନ ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ଖର୍ଚ୍ଚ କରି ଜୟଯୁକ୍ତ ହେଉଛନ୍ତି। ନାଁକୁ ଖାଲି ଗଣତନ୍ତ୍ର ; ହେଲେ ପ୍ରକୃତରେ ପରିବାରତନ୍ତ୍ର ଚାଲିଛି। ଏମାନଙ୍କ ପାଇଁ ରାଜନୀତି ବର୍ତ୍ତମାନ ସର୍ବାଧିକ ଲାଭଜନକ ବ୍ୟବସାୟ ହୋଇଛି। ଗୁଣୀ ଜ୍ଞାନୀ ଉଚ୍ଚ ଶିକ୍ଷିତ ନିର୍ଦ୍ଧନଙ୍କୁ ପଚାରେ କିଏ ? ଲୋକେ ସବୁଦିନ ଶୋଷିତ ଓ ନିର୍ଯାତିତ ହେଉଛନ୍ତି। ସୁତରାଂ, ଏପରି କ୍ଷମତାପାଗଳ ଦୁର୍ନୀତିଖୋର ନେତାନେତ୍ରୀଗଣଙ୍କ ପାଇଁ ଭାରତର ସର୍ବନାଶ ହୋଇ ଚାଲିଛି।

**– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଚିରନ୍ତନୀ

ନୂଆ ହୋଇ ଆଜି ରହିନି କିଛି ତ
ପାଣି ପବନରେ ଚାଲୁଛି ଯାନ
ମେଘଦୂତ ଆଉ ଲୋଡ଼ା ନାହିଁ ତେଣୁ,
ସହଜେ ମିଳୁଛି ପୀରତି ଦାନ।
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏନ୍‌ସିସି ପକ୍ଷରୁ ବିଶ୍ୱ ଜଳ ଦିବସ ସଚେତନତା ଅଭିଯାନ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଡିଗ୍ରୀ ମହାବିଦ୍ୟାଳୟ ଏନସିସି ପକ୍ଷରୁ ବିଶ୍ୱ ଜଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ଡିଗ୍ରୀ ମହାବିଦ୍ୟାଳୟଠାରେ ଏନସିସି କ୍ୟାପଟେନ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଏନସିସି ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି କୋକସରା ସହର ପରିକ୍ରମା କରି ଜଳର ସଂରକ୍ଷଣ, ଜଳର ଅପ ବ୍ୟବହାର ରୋକିବା ଉପରେ ଜନସାଧାରଣଙ୍କୁ ସଚେତନତା କରିଛନ୍ତି। କାର୍ଯ୍ୟକ୍ରମରେ ଡିଗ୍ରୀ ମହାବିଦ୍ୟାଳୟ ଅଧାପକ, ଅଧାପିକା, କର୍ମଚାରୀମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗରେ ୧ ବର୍ଷ କାରାଦଣ୍ଡ

**ଖଡ଼ିଆଲ,୨୨।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଲ ଜେଏମଏଫସି କୋର୍ଟ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଏକ ବର୍ଷ କାରାଦଣ୍ଡ ଓ ଏକ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୨୦୧୭ରେ ଡୁଆଝର ଗ୍ରାମର ସୋମେଶ ମେହେର ଜଣେ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି କୋର୍ଟରେ ମାମଲା ଚାଲିଥିଲା ବିଚାରପତି ରୀତି ତ୍ରିପାଠୀ ପାଞ୍ଚ ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତିକରି ଏକ ବର୍ଷ କାରାଦଣ୍ଡ ଓ ଏକ ହଜାର ଟଙ୍କା ଜରିବାନା ଆଦେଶ ଶୁଣାଇଛନ୍ତି। ଏହି ମାମଲା ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଆକମଲ ଶରିଫ ପରିଚାଳନା କରିଥିଲେ।

### ସାଇନିଂ ୱାର୍ଲଡ ଇଂରାଜୀ ମିଡିୟମ ସ୍କୁଲ ଉଦ୍‌ଘାଟିତ

**କୋକସରା,୨୨।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରାଠାରେ ବୁଧବାର ସାଇନିଂ ୱାର୍ଲଡ଼ ଇଂରାଜୀ ମିଡିୟମ ସ୍କୁଲ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କୋକସରା ତହସିଲଦାର ଦେବବ୍ରତ କରାଟି, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ପୁରୁଷୋତ୍ତମ ଗୁପ୍ତା, ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଏବିଇଓ ଆଲୋରାଣୀ ହଲଦାର, ସାଇନିଂ ଇଂରାଜୀ ମିଡିୟମ ସ୍କୁଲ ଏମଡି ପ୍ରବୀର ଗୋୟଲ, ନରେଶ ଅଗ୍ରୱାଲ ଯୋଗଦେଇଥିଲେ। ମଞ୍ଚ ପରିଚାଳନା ଶିକ୍ଷୟିତ୍ରୀ ଚାନ୍ଦିନୀ ଦୁର୍ଗା କରିଥିବା ବେଳେ ଚାରବାହାଲ ସାଇନିଂ ସ୍କୁଲର ଅଧକ୍ଷା ଶାନ୍ତିଲତା ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନ କାର୍ଯ୍ୟକ୍ରମରେ ଜୁନାଗଡ, ଚାରବାହାଲ ଓ କୋକସରା ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।

### ସିନାପାଲିରେ ବିଶ୍ୱ କବିତା ଦିବସ ପାଳିତ

**ସିନାପାଲି,୨୨।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ସ୍ଥାନୀୟ ହାଇସ୍କୁଲର ଏନ୍‌ସିସି କକ୍ଷରେ ବିଶ୍ୱ କବିତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସମିତି ସଭାପତି ବୈଷ୍ଣବ ମେହେରଙ୍କ ସଭାପତିତ୍ୱରେ ଅଞ୍ଚଳର କବି ଲେଖକ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବଂଶୀଧର ଜଗତ ସ୍ୱାଗତ କରିଥିଲେ। କଣ୍ଠଶିଳ୍ପୀ ଚୂଡ଼ାମଣି ମେହେର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମୁରଲିଧର ସା, ଚିନ୍ତାମଣି ସାହୁ, ଲଳିତ କୁମାର ସୁନାରୀ, ପରେଶନାଥ ପାଣିଗ୍ରାହୀ, ପ୍ରେମାନନ୍ଦ ମେହେର, ଶିବପ୍ରସାଦ ମେହେର, ବିଜୟ କୁମାର ଯୋଷୀ, କୁମୁଦବନ୍ଧୁ ଯୋଷୀ, ନିଳାଞ୍ଚଳ ମେହେର, ନିକୁଞ୍ଜବିହାରୀ ସା, ଗୌତମ ମେହେର, ଲୋଚନ ମେହେର, ହରେକୃଷ୍ଣ ମେହେର, ମନୋଜ ମହାନନ୍ଦ, ଆକାଂକ୍ଷା ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଧାପକ ଧ୍ରୁବଚରଣ ପଧାନଙ୍କ ସଂଯୋଜନାରେ କବିଗଣ ସ୍ୱରଚିତ କବିତା ପାଠ କରିଥିଲେ। ସମିତି ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ।

### ପୂର୍ବତନ ଭଲିବଲ ଖେଳାଳିଙ୍କ ପରଲୋକ

**କୋକସରା,୨୨।୩(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ କୋକସରା ଗ୍ରାମର ପୂର୍ବତନ ଭଲିବଲ ଖେଳାଳି ସଫିକ ଖାଁ (ମୁନ୍ନା) (୫୬)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ସେ ଏକ ବିବାହ କାର୍ଯ୍ୟକ୍ରମରେ ବିହାର ନିଜ ପୈତୃକ ଗାଁ ନାସରିଗଞ୍ଜକୁ ଯାଇଥିବା ବେଳେ ରବିବାର ରାତିରେ ହୃଦଘାତରେ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ତାଙ୍କ ପାର୍ଥିବ ଶରୀର ଆମ୍ବୁଲାନ୍ସ ଯୋଗେ କୋକସରା ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମଙ୍ଗଳବାର ସକାଳୁ ମରଶରୀରକୁ ମୁସଲମାନ ପରମ୍ପରା ଅନୁସାରେ କବର ଦିଆଯାଇଛି। ତାଙ୍କ ୨ ପୁଅ ସୁଲତାନ ଖାଁ ଓ ଇମ୍ରାନ ଖାଁ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ବ୍ଲକର ପୂର୍ବତନ ଭଲିବଲ ଖେଳାଳି ଭାବେ ସେ ଜିଲାରେ ବେଶ ନାମ ଅର୍ଜନ କରିଥିଲେ। କୋକସରା ଅଞ୍ଚଳର ଜଣେ ଲୋକପ୍ରିୟ ସହ ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ କୋକସରା ଭଲିବଲ ଆସୋସିଏଶନ ପକ୍ଷରୁ ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଭଲିବଲ ଆସୋସିଏଶନ କର୍ମକର୍ତ୍ତାମାନେ ଅମର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ବାଘ ଆତଙ୍କରେ ଭୟଭୀତ ଗ୍ରାମବାସୀ



ବନ ବିଭାଗ ଟିମ୍ ଅନୁଧ୍ୟାନ କରୁଛନ୍ତି।

ମକାରୁ ବେମାଲ
ନୂଆପଡ଼ା ଅଫିସ,୨୨।୩

- ଅନୁଧ୍ୟାନ କରୁଛି ବନ୍ୟପ୍ରାଣୀ ବିଭାଗ
- ୧୦ ଟ୍ରାକିଂ କ୍ୟାମେରା ଖଞ୍ଜାଯାଇଛି
- ଜୀବନଜୀବିକା ଉପରେ ପ୍ରଭାବ ପଡ଼ିଛି

ନୂଆପଡ଼ା ଜିଲା କୋମନା ବ୍ଲକ ଅଧୀନ ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଅବସ୍ଥିତ ସୋସେଙ୍ଗ ପଞ୍ଚାୟତ ଜଲମଡେଇ ଗାଁର ସାନମତି ବାରିକ (୬୮)ଙ୍କୁ ଗତ ରବିବାର ସନ୍ଧ୍ୟାରେ ମହାବଳ ବାଘ ଖାଇବା ପରେ ଗାଁରେ ଭୟର ଆତଙ୍କ ଖେଳିଯାଇଛି। ଗାଁ ଲୋକେ ଜଙ୍ଗଲ, ଜମି ଯିବା ଦୂର କଥା ପଦାକୁ ମଧ୍ୟ ବାହାରୁ ନାହାନ୍ତି। ଅଦିନିଆ ବର୍ଷା ହୋଇଥିବାରୁ ଜଙ୍ଗଲର ନିଆଁ ଲିଭି ଯାଇଛି। ବନ୍ୟପ୍ରାଣୀ ବୁଲି ପାରୁଥିବାରୁ ଖାଦ୍ୟ ଅନେଷ୍ୱଣରେ ଗାଁ ମୁହାଁ ହେଉଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ସମୟରେ ବନ୍ୟପ୍ରାଣୀ ମାନେ ଯେଉଁ ପ୍ରକାର ବୁଲାଖେଳା କରୁଛନ୍ତି। ଅଭୟାରଣ୍ୟ ଭିତରେ ବସବାସ କରୁଥିବା ଲୋକେ ଓ ପାହାଡ ତଳି ଗାଁରେ ବାଘ ଭାଲୁ ଭୟ ଘାରୁଛି। ଲୋକେ ବାଘ ଭାଲୁଙ୍କ ଶିକାର ମଧ୍ୟ ହେଉଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ବର୍ତ୍ତମାନ ଲଘୁବନଜାତ ଦ୍ରବ୍ୟ ମହୁଲ ଫୁଲ, ଚାର, ଧାତୁକ ଫୁଲ, ପଳସା ଦମା ସଂଗ୍ରହ କରିବା ସମୟ। ବାଘଭାଲୁ ଭୟରେ ଜଙ୍ଗଲକୁ ସଂଗ୍ରହ କରି ଯାଇପାରୁ ନ ଥିବାରୁ ଜୀବନଜୀବିକା ଉପରେ ପ୍ରଭାବ ପଡିଛି। ଲିମଫୁଲ, ପିତାକନ୍ଦା, ମୁଟିଭାଜି ସହ ମାଣ୍ଡିଆ ପଖାଳ ବନବାସୀଙ୍କ ମୁଖ୍ୟ ଖାଦ୍ୟ, ଭୟରେ ଆଉ ଜଙ୍ଗଲକୁ ସଂଗ୍ରହ କରି ଯାଇପାରୁନାହାନ୍ତି। ରେଞ୍ଜର ଶିବ ପ୍ରସାଦ ଖମାରୀଙ୍କ ନେତୃତ୍ୱରେ ସୋସେଙ୍ଗ ଫରେଷ୍ଟର ଶିବ ନାରାୟଣ ମାଝି, ଫରେଷ୍ଟ ଗାର୍ଡ ରଘୁବୀର ମାଝି, ସୁନାବେଡା ଫରେଷ୍ଟ ଗାର୍ଡ ମାଧବ କୁମ୍ଭାର, ଦାତୁନାମା ଫରେଷ୍ଟ ଗାର୍ଡ ପେଂଟମ କୁଳଦୀପଙ୍କୁ ନେଇ ଦୁଇଟି ଟିମ ଗାଁରେ ପହଞ୍ଚିଛି। ବାଘ ଆକ୍ରମଣରୁ ରକ୍ଷା ପାଇଁ ଗାଁରେ ସଚେତନ କରୁଛନ୍ତି। ଜଙ୍ଗଲ ଭିତରକୁ ଯିବା ପାଇଁ ବାରଣ କରିଥିବା ବେଳେ ରାତିରେ ଜରୁରୀ କାମ ପଡିଲେ ହିଁ ଘରୁ ବାହାରିବାକୁ ପରାମର୍ଶ ଦେଇଛନ୍ତି। ହାତରେ ଠେଙ୍ଗାବାଡି କିମ୍ବା ଟର୍ଚ୍ଚଲାଇଟ ଧରି ବାହାରକୁ ଯାନ୍ତୁ ବୋଲି ସଚେତନ କରାଯାଉଛି। ବନ୍ୟପ୍ରାଣୀ ବିଭାଗ ଘଟଣାସ୍ଥଳକୁ ତଦନ୍ତ କରିବା ସହ ବାଘର ଗତିବିଧି ଉପରେ ଜାଣିବା ପାଇଁ ଜଙ୍ଗଲ ଓ ଗ୍ରାମ ଚାରି ପାଖରେ ୧୦ଟି ଟ୍ରାକିଂ କ୍ୟାମେରା ଖଞ୍ଜିଛନ୍ତି। ବାଘ ଶିକାର କରି ଅଧା ଖାଇ ଅଧାକୁ ଛାଡି ଚାଲି ଯାଇଥାଏ। ବାଘ ଅଧା ଅଂଶ ଛାଡିଥିବା ସ୍ଥାନକୁ ଖାଇବା ପାଇଁ ପୁଣି ଆସି ଖାଇଥାଏ। ସେହି ସ୍ଥାନକୁ ପୁଣି ଆସିଲେ ପ୍ରକୃତରେ କଲରାପତରିଆ କି ମହାବଳ ସିସିଟିଭି ଫୁଟେଜରେ କଏଦ ହେବ ଓ ପ୍ରକୃତରେ କେଉଁ ବାଘ ଜଣାପଡିବ ବୋଲି ରେଞ୍ଜର ଶିବ ପ୍ରସାଦ ଖମାରୀ କହିଛନ୍ତି।

## ସେମାନେ ଯାହା କୁହନ୍ତି...



"ଘଟଣା ପର ଦିନ କୋମନା ବିଡିଓ, ବନ ବିଭାଗ ସହ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲୁ। ପ୍ରକୃତରେ ବାଘ ଖାଇଛି। ତାହା କେଉଁ ବାଘ ଖାଇଛି ଜଣାପଡିନାହିଁ। ବନ୍ୟପ୍ରାଣୀ ବିଭାଗ ବାଘର ପାଦ ଚିହ୍ନର ନମୁନା ଆଣି ତଦନ୍ତ କରୁଛି। ତଦନ୍ତ ପରେ ଜଣାପଡିବ ପ୍ରକୃତରେ ମହାବଳ କି କଲରାପତରିଆ ବାଘ।

**ହିମାଂଶୁ ମହାପାତ୍ର, ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା ସ୍ୱତନ୍ତ୍ର ଅଧିକାରୀ**



"ଘଟଣା ଦିନ ଗାଁକୁ ଆସିଥିଲି। ବାଘ ବହୁତ ବଡ ଦିଶୁଥିଲା। ଅନୁମାନରେ ମହାବଳ ବାଘ ପରି ଲାଗିଲା। ବୃଦ୍ଧଙ୍କୁ ଖାଉଥିବା ସମୟରେ ଗାଁ ଲୋକେ ଧନୁତୀର, ବାର୍ଚ୍ଛା ଧରି ପାଖକୁ ଯାଇ ପାଟି କରିବାରୁ ବାଘ ଛାଡି ପଳାଇଲା। ଆମେ ଗ୍ରାମବାସୀ ମିଶି ରାତିସାରା ସେହି ପାଖରେ ଜଗି ରହିଲୁ।

**ମନୋଜ ପଟିଆ, ପ୍ରତ୍ୟକ୍ଷଦର୍ଶୀ**



"ଆମ ଅଞ୍ଚଳ ପାଇଁ ଏହା ନୂଆ ଘଟଣା ନୁହେଁ। ଆଗରୁ ଅନେକ ଗାଈ, ବାଛୁରି, ଛେଳି, ମେଣ୍ଢା, ମଇଁଷି, କୁକୁର ଖାଇ ଯାଇଛି। ଆମେ ଆଦିବାସୀ ଜଙ୍ଗଲ ଆମର ବନ୍ଧୁ ବୋଲି ଆମେ ରହି ପାରୁଛୁ। ଆମେ ପୁରଷମାନେ ସବୁବେଳେ ସଜାଗ ହୋଇ ରହିଥାଉ। ସେ ବୃଦ୍ଧା ବୋଲି ଟାଣି ନେଇଗଲ। ବାଘ ସବୁ ଦିନ ଏହି ଅଞ୍ଚଳରେ ବୁଲୁଛି, ସଜାଗ ନ ହେଲେ କେତେବେଳେ ଟାଣି ନେଇଯିବ ନିଜେ ମଧ୍ୟ ଜାଣି ପାରିବା ନାହିଁ।

**ପର୍ଶୁରାମ ମାଝି, ବୃଦ୍ଧାଙ୍କ ନାତି**



"ମୁଁ ଦିନେ ଖଡିଆଳରୁ ଆସୁଥିଲା ବେଳେ ନୂଆପଡା ଘାଟିପଡା ଜଙ୍ଗଲରେ ମହାବଳ ବାଘ ତାର ଦୁଇଟି ଛୁଆ ସହିତ ଖେଳୁଥିବା ଦେଖିଛି, ତେଣୁ ମୋର ବିଶ୍ୱାସ ସୁନାବେଡା ଉପରେ ବାଘ କଥା ଉଠୁଛି। ତାହା ମହାବଳ ବାଘ ହିଁ ହୋଇଥିବ।

**ପ୍ରସନ୍ନ କୁମାର ପାଢୀ, ଜିଲା ଓକିଲ ସଂଘ ସଭାପତି**

# ଏସ୍‌ପିଙ୍କୁ ନୋଟିସ ଜାରି କଲେ ଏନ୍‌ଏଚ୍‌ଆର୍‌ସି

## ସ୍କୁଲ ଛାତ୍ରୀଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣା

ଭବାନୀପାଟଣା,୨୨।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଜଗନ୍ନାଥ ପୁର ପଞ୍ଚାୟତ କେନ୍ଦୁବୋର୍ଡି ଗ୍ରାମର ବିଶ୍ୱାମିତ୍ର ମାଝିଙ୍କ ଝିଅ ରୀମା ମାଝି (୬) ବାଣୀପଙ୍ଗା ଆଶ୍ରମ ବିଦ୍ୟାଳୟ ହଷ୍ଟେଲରେ ରହି ପାଠ ପଢୁଥିଲେ। ୨୦୨୨ ୧୭ ଡିସେମ୍ବରରେ ରୀମାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାକୁ ଡାକ୍ତରଖାନା ନେବା ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ପୋଲିସ ବ୍ୟବଚ୍ଛେଦ ନ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ସନ୍ଦେହ ଜନକ ଅବସ୍ଥାରେ ରୀମାଙ୍କ ମୃତ୍ୟୁ ଓ ବ୍ୟବଚ୍ଛେଦ ନ କରି ମୃତଦେହ ହସ୍ତାନ୍ତର କରିବା ଘଟଣାକୁ ନେଇ ମାନବଅଧିକାର କର୍ମୀ ଦିଲୀପ କୁମାର ଦାସ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ କମିଶନ ଏକ ମାମଲା (ନଂ. ୪୪୯୫/୨୨) ପଞ୍ଜୀକୃତ କରି ଶୁଣାଣି କରିବା ସହ ବୁଧବାର କଳାହାଣ୍ଡି ଏସପିଙ୍କୁ ଆସନ୍ତା ୪ ସପ୍ତାହ ମଧ୍ୟରେ ସବିଶେଷ ରିର୍ପୋଟ ଦେବାକୁ ନୋଟିସ ଜାରି କରିଛନ୍ତି। ରିପୋର୍ଟ ଦାଖଲ ନ କଲେ ମାନବ ଅଧିକାର ସୁରକ୍ଷା ଆଇନ ୧୯୯୩ର ଧାରା-୧୩ ଅନୁଯାୟୀ କଳାହାଣ୍ଡି ଏସପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ ହେବେ ବୋଲି କମିଶନ ସୂଚାଇ ଦେଇଛନ୍ତି। ସେହିପରି ଠିକ ସମୟରେ ରିପୋର୍ଟ ଦାଖଲ ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ନୋଟିସର ଏକକୀତା ନକଲ ପ୍ରେରଣ କରିଛନ୍ତି।

# ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ବିଡିଓଙ୍କ ଦାବିପତ୍ର

ଜୁନାଗଡ଼,୨୨।୩(ଡି.ଏନ.ଏ.)



ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ବୁଧବାର ୩ ଦଫା ଦାବି ନେଇ ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ସ୍ଥାନୀୟ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଡିଓ ଉପସ୍ଥିତ ନ ଥିବାରୁ ଏହାକୁ ମୁଖ୍ୟ କିରାଣୀ ଗ୍ରହଣ କରିଥିଲେ। ଏଥିରେ ଜିଲାର ବିଭିନ୍ନ ବ୍ଲକରେ ବାସ କରୁଥିବା ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗମାନେ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି, ସେମାନଙ୍କ ଏହି ସମସ୍ୟା ପ୍ରତି ରାଜ୍ୟ ସରକାର ଧ୍ୟାନ ଦେବା ପାଇଁ ଦାବି କରିଛନ୍ତି। ବିଶେଷ କରି ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ, ପାନୀୟ ଜଳ ସମସ୍ୟା ଦୂର କରିବା, ଅଚଳ ପଡିଥିବା ନଳକୂପ, ଷ୍ଟାଣ୍ଡପୋଷ୍ଟ ମରାମତି କରିବା, କିଶୋରୀ ବାଳିକାମାନଙ୍କ ସ୍ୱାସ୍ଥ୍ୟରକ୍ଷା, ଶିକ୍ଷା, ମାନସିକ ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବା, କୋଠା ନ ଥିବା ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣ କରିବା ଆଦି ଦାବି କରାଯାଇଛି। ଆରମ୍ଭରେ ସ୍ଥାନୀୟ ସାପ୍ତାହିକ ବଜାରରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ସଙ୍ଗଠନ ସଭାନେତ୍ରୀ ଗୁଣ୍ଡିଚା ଭୋଇ, ସମ୍ପାଦିକା ଚମ୍ପା ନାଏକ, ବ୍ଲକ ସଂଯୋଜକ ମଧୁ ସୁଦନ ନାୟକ, ସଦସ୍ୟା ବିନୋଦିନୀ ହଂସ ସୂଳୟା ଶବର, ସଦସ୍ୟ ବିନୋଦ ବେମାଲ, ଟଙ୍କେଶ୍ୱର୍ କୁମାର, ସୁଦର୍ଶନ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଧାୟକଙ୍କ ହସ୍ତକ୍ଷେପରେ ଗାଁକୁ ଆସିଲା ମୃତଦେହ

ଭବାନୀପାଟଣା,୨୨।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁଟ୍ରା ଗ୍ରାମର ଘେନୁ ଶବର ନାମକ ଜଣେ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର କୋରାପୁଟ ମେଡିକାଲ କଲେଜରେ ମୃତ୍ୟୁ ହୋଇଥିଲା। ଅର୍ଥାଭାବରୁ ପରିବାର ଲୋକେ ଗାଁକୁ ମୃତଦେହ ଆଣିବାରେ ସକ୍ଷମ ହେଉ ନ ଥିଲେ। ଏହି ଖବର ଜାଣିବା ପରେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଘଟଣାର ହସ୍ତକ୍ଷେପ କରି ଘେନୁଙ୍କ ମୃତଦେହ ଗାଁକୁ ଆଣିବା ପାଇଁ କୋରାପୁଟ ଜିଲା ପ୍ରଶାସନ ସହ କଥା ହୋଇଥିଲେ। ପରେ କୋରାପୁଟ ଓଡ଼ିଶା ମୋ ପରିବାର ସଂଯୋଜକ ବୈକୁଣ୍ଠ ମଣ୍ଡଳ ଓ କଳାହାଣ୍ଡି ସଂଯୋଜକ ହିମାଂଶୁ ନାଏକଙ୍କ ସମନ୍ୱୟରେ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ରାତି ୧୦ଟାରେ ଗାଁକୁ ଅଣାଯାଇଥିଲା।

# ବୈଷୟିକ ଶିକ୍ଷା ସଚେତନତା ରଥ ଶୁଭାରମ୍ଭ

ଖଡ଼ିଆଳ,୨୨।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ସମଲେଶ୍ୱରୀ ମନ୍ଦିରଠାରୁ ବୈଷୟିକ ଶିକ୍ଷା ସଚେତନତା ରଥ ଶୁଭାରମ୍ଭ ହୋଇଯାଉଛି। ମୁଖ୍ୟଅତିଥି ଭାବେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଶିଷ୍ଟ ଅତିଥି ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ସମ୍ମାନିତ ଅତିଥି ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଓକେସିଏଲ ଜିଲା ସଂଯୋଜକ ହେମନ୍ତ କୁମାର ସାହୁ, ଅଧାପିକା ପ୍ରଣତି ପଣ୍ଡା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ସରକାରୀ ସୀକୃତିପ୍ରାପ୍ତ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର ଶିକ୍ଷା ଗ୍ରହଣ କରିବାକୁ ସଚେତନତା ସୃଷ୍ଟି କରିଥିଲା। ଏହି ଅବସରରେ ଡୁକଲାର ଉପେନ୍ଦ୍ର ପ୍ରଭାକର କଲେଜ ଓ ଖଡ଼ିଆଳ ମହିଳା ଡ଼ିଗ୍ରୀ କଲେଜରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ କମ୍ପ୍ୟୁଟର ଶିକ୍ଷା ବିନା ଜୀବନ ଅପୂର୍ଣ୍ଣ ଓ କୌଣସି କର୍ମ ନିଯୁକ୍ତିର ସମ୍ଭାବନା କମ, ତେଣୁ ଏହି ସଚେତନତା ରଥ ଫଳରେ ଆଜିର ଯୁବପିଢ଼ି ଆଧୁନିକ ପ୍ରଯୁକ୍ତି ବିଦ୍ୟା ପ୍ରତି ଆକର୍ଷିତ ହେବେ ଓ ଏକ ନୂଆଁ ଭାରତ ଗଠନରେ ସହାୟକ ହୋଇ ପାରିବେ ବୋଲି ମତ ପ୍ରକାଶପାଇଥିଲା।




ଅତିଥିଙ୍କ ଦ୍ୱାରା ସଚେତନତା ରଥ ଉଦ୍‌ଘାଟନ କରାଯାଉଛି।

# ଖଡ଼ିଆଳ ଡିଗ୍ରୀ କଲେଜକୁ ବନ ବିଭାଗ ପକ୍ଷରୁ ପୁରସ୍କାର

ଖଡ଼ିଆଳ,୨୨।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡିଆଳ ବନଖଣ୍ଡ ପକ୍ଷରୁ ବିଶ୍ୱ ଜଙ୍ଗଲ ଦିବସରେ ଜିଲାରେ ଶିକ୍ଷା ଅନୁଷ୍ଠାନ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହେଉଥିବା ବେଳେ ସେଥିରେ ଖଡ଼ିଆଳ ଡିଗ୍ରୀ ମୋଡେଲ କଲେଜ ନୂଆପଡ଼ାର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ରୂପେ ଜଙ୍ଗଲ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଛି। ଏଥିରେ ଦଶ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଓ ମାନପତ୍ର ପ୍ରଦାନ କରାଯାଇଛି। କଲେଜ ଅଧକ୍ଷ ଡ଼ା ଅକ୍ଷୟ କୁମାର ସାହୁ ମୁଖ୍ୟଅତିଥି ଖଡ଼ିଆଳ ବିଡିଓ ବୀରସେନ ବେହେରାଙ୍କଠାରୁ ମାନପତ୍ର ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀ, ଖଡ଼ିଆଳ ବନାଞ୍ଚଳ ଅଧିକାରୀ ସଂସ୍କୃତା ବଡନାୟକ, ନୂଆପଡା ବନାଞ୍ଚଳ ଅଧିକାରୀ ବନିତା ଭୋଇ ଯୋଗଦେଇଥିଲେ। କଲେଜରେ ସାମୁହିକ ବ୍ୟାପକ ବୃକ୍ଷ ରୋପଣ କରାଯାଇ ଏହାର ରକ୍ଷଣା ବେକ୍ଷଣ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ଦିଆଯାଇଛି। ପୁରସ୍କୃତ ହେବା ପରେ କଲେଜ ଅଧାପକ, ଅଧାପିକା, ପରିଚାଳନା କମିଟି ଧନ୍ୟବାଦ ଜଣାଇଥିଲେ। ବୃକ୍ଷ ରୋପଣ ସଚେତନତା କାର୍ଯ୍ୟକ୍ରମ କଲେଜରେ ବର୍ଷ ସାରା ଗ୍ରହଣ କରାଯାଇଛି। ବନପଲ କନ୍ଦର୍ପ ସୁନାନୀ, ଡିପି ଦୀକ୍ଷିତ, ବିଏନ ନାଏକ, ନରେଶ ଦଣ୍ଡସେନା, ଗଗନ ହଂସ, ରାମ ରାଉତ, ଶିବରାମ ପଟେଲଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




କଲେଜ ଅଧକ୍ଷ ବିଡିଓଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି।

# ଛାତ୍ର ସଙ୍ଗଠନକୁ ସୁଦୃଢ଼ ଉପରେ ଗୁରୁତ୍ୱ

କର୍ଲାମୁଣ୍ଡା,୨୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନମଣ୍ଡଳୀ କର୍ଲାମୁଣ୍ଡା ଓ କେସିଙ୍ଗା ବ୍ଲକ ଜୋନ-୧ର ଛାତ୍ରମାନଙ୍କୁ ନେଇ ବ୍ଲକସ୍ତରୀୟ ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତା ବୈଠକ ବୁଧବାର ଶାନ୍ତିବନ୍ଦଠାରେ ଅନୁଷ୍ଠିତ ହୋଇଯାଇଛି। ତୃଣମୂଳସ୍ତରରେ ଛାତ୍ର ସଙ୍ଗଠନକୁ ସୁଦୃଢ ଓ କ୍ରିୟାଶୀଳ କରିବା, ଆଗାମୀ ଦିନରେ ପଞ୍ଚାୟତସ୍ତରରେ ୱାର୍ଡ କମିଟି ଗଠନ କରିବା, ସରକାରଙ୍କ ସମସ୍ତ ଯୋଜନାକୁ ଲୋକଙ୍କୁ ସଚେତନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ତଥା ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର ଯୋଗଦେଇ ଯୁବକମାନଙ୍କୁ ଜାଗ୍ରତ ହେବା ସହ ଏକ ବିକଶିତ କର୍ଲାମୁଣ୍ଡା ବ୍ଲକ ଗଠନ ପାଇଁ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ନର୍ଲା ରେଳ ବିଦ୍ୟୁତ୍ ଇଞ୍ଜିନ ମରାମତି କାରଖାନା ନିର୍ମାଣ ପାଇଁ କେନ୍ଦ୍ର ସରକାର ବଜେଟ କରିବା ସହ କାର୍ଯ୍ୟ ଶୀଘ୍ର ଆରମ୍ଭ ନ କଲେ ଆନ୍ଦୋଳନ କରାଯିବ ବୋଲି ଠାକୁର କହିଛନ୍ତି। ସୋସିଆଲ ମିଡିଆ ଜରିଆରେ ସରକାରଙ୍କ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଯିବ ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ଜିଲା ସଭାପତି ଅଜିତ କୁମାର ସାହୁ, ବଲାଙ୍ଗୀର ଜୋନ ସଭାପତି ଚିରାଗ ସିଂଦେଓ, ଜିଲା ଛାତ୍ର ବିଜେଡ଼ି ଉପସଭାପତି ଦେବେନ୍ଦ୍ର ପ୍ରସାଦ କୁମାର, ବରିଷ୍ଠ ବିଜେଡି ନେତା ଦେବରାଜ ରଣା, ପୂର୍ବତନ ସରପଞ୍ଚ ସୁଶାନ୍ତ ପରିଡା, ଯୁବ ନେତା ପର୍ଶୁରାମ ସାହୁ, ଶୈଳେଶ ନାରାୟଣ ବିଶି, ଛାତ୍ର ବ୍ଲକ ବିଜେଡି ସଭାପତି ସଲିମ ଶେଖର ରଣା, ଜିଲା ସମ୍ପାଦକ ଲୋକେଶ ସାହୁ, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ଗୋପବନ୍ଧୁ ସାହୁ, ହନୁମନ୍ତ ଦୀପ, ଦୀପକ ସାହୁ, ମିଟୁ ସାହୁ, ବିକ୍ରମ ସାହୁ, ନରେଶ ମଲ୍ଲିକ, ଦୈତ୍ୟ ରଣା, ପ୍ରଦୀପ ସାହୁ, ଜିତେନ୍ଦ୍ର ବେହେରା, ମିଥୁନ ସାହୁ, ବିରେନ୍ଦ୍ର ସାହୁ, ଅଶିନୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।




ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ଅବିନାଶ ଠାକୁର ଉଦ୍‌ବୋଧନ ଦେଉଛନ୍ତି।

**ବିଜୁ ଛାତ୍ର ଜନତା ଦଳର ବ୍ଲକସ୍ତରୀୟ ସାଙ୍ଗଠନିକ ସଭା**

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

**ବଲାଙ୍ଗୀର ଅଫିସ,୨୨।୩:** ବଲାଙ୍ଗୀର ପୋକ୍ସୋ ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଫାଷ୍ଟଟ୍ରାକ୍ ସ୍ପେଶାଲ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ମହୀମୁଣ୍ଡା ଗାଁର ଅଭିଯୁକ୍ତ ନନ୍ଦିକିଶୋର ନାଗ (୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡ ଏବଂ ୨୦ ହଜାର ଟଙ୍କା ଅର୍ଥଦଣ୍ଡାଦେଶ ଦେଇଛନ୍ତି। ଅର୍ଥଦଣ୍ଡ ଅନାଦାୟ ଆଉ ଦୁଇବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୧ ଜୁନ୍ ମାସରେ ମହୀମୁଣ୍ଡା ଗାଁର ଅଭିଯୁକ୍ତ ନାଗ ସେହି ଗାଁର ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଏହି ଘଟଣା ପରେ ନାବାଳିକା ଗର୍ଭବତୀ ହୋଇଥିଲେ। ଏହାପରେ ସମ୍ପୃକ୍ତ ନାବାଳିକାଙ୍କୁ ଅଭିଯୁକ୍ତ ବେଲବାହାଲି ନେଇ ତାଙ୍କ ଗର୍ଭନଷ୍ଟ ଉଦ୍ୟମ କରିଥିଲେ। ତେବେ ଗର୍ଭନଷ୍ଟ ନହୋଇ ସମ୍ପୃକ୍ତା ନାବାଳିକା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଏହି ଘଟଣା ପରେ ଅଭିଯୁକ୍ତ ନାଗ ଏହି ନାବାଳିକାଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ଓ ଏହା ତାଙ୍କର କନ୍ୟାସନ୍ତାନ ନୁହେଁ ବୋଲି କହିଥିଲେ। ଏହାପରେ ପୀଡିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କ ପୋଲିସ ଗିରଫ କରିଥିଲା। ମାମଲା ପରେ କୋର୍ଟ ଆଦେଶରେ ସମ୍ପୃକ୍ତ କନ୍ୟା ସନ୍ତାନଙ୍କ ଡିଏନ୍ଏ ଟେଷ୍ଟ ସହ ୧୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଡିଏନ୍ଏ ରିପୋର୍ଟରେ ପୀଡିତା ଜନ୍ମ ଦେଇଥିବା କନ୍ୟାସନ୍ତାନଙ୍କ ପିତା ଅଭିଯୁକ୍ତ ବୋଲି ଜଣାପଡିଥିଲା। ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ଭିତ୍ତି କରି ଫାଷ୍ଟଟ୍ରାକ୍ ସ୍ପେଶାଲ ଜଜ୍ ମିଶ୍ର ଅଭିଯୁକ୍ତ ନାଗଙ୍କୁ ୩୭୬ ଆଇପିସି ଏବଂ ୬ ପକ୍ସୋ ଆକ୍ଟ ଅନୁଯାୟୀ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହିତ ଜିଲା ଆଇନ ସେବା ପ୍ରାଧିକରଣକୁ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଜୟରାମ ମିଶ୍ର ପରିଚାଳନା କରିଥିଲେ।

### ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

**ବୌଦ୍ଧ,୨୨।୩(ସ୍ୱ.ପ୍ର.):** ଜିଲାସ୍ତରୀୟ ଓଡିଶା ଦିବସ ପାଳନ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଛି । ଓଡିଶା ଦିବସ ଜିଲାରେ ଆଡମ୍ବର ସହକାରେ ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାପାଳ ସତ୍ୟରଞ୍ଜନ ସାହୁ ବୈଠକରେ ଅଧକ୍ଷତା କରିଥିଲେ। ଓଡିଶା ଦିବସ ପାଇଁ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବା, ସହରରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଦିନ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଆଲୋକୀକରଣ ଓ ସାଜସଜ୍ଜା କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ, ଉପଜିଲାପାଳ ରବିନ୍ଦ୍ର କୁମାର କହଁର,ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମିଶ୍ର, ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରିତାକାନ୍ତି ବଲିୟାରସିଂ, ବରିଷ୍ଠ ନାଗରିକ, ଗଣମାଧମ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମେଗା ଯୁବ ଦକ୍ଷତା ବିକାଶ ଓ ଆନନ୍ଦ ଅନୁଭୂତି ଶିବିର ଉଦ୍‌ଯାପିତ

**ବୌଦ୍ଧ,୨୨।୩(ସ୍ୱ.ପ୍ର.):** ବୌଦ୍ଧ ଜିଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କୁ ନେଇ ଦକ୍ଷତା ବିକାଶ ଓ ଆନନ୍ଦ ଅନୁଭୂତି ଶିବିର ଗତ ୧୮ ତାରିଖରୁ ୧୦ ଗୋଟି ସ୍ଥାନରେ ଆରମ୍ଭ ହୋଇ ମଙ୍ଗଳବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଜିଲା ମ୍ୟୁଜିୟମଠାରେ ଜିଲାସ୍ତରୀୟ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ସତ୍ୟରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରା, ଆର୍ଟ ଅଫ ଲିଭିଙ୍ଗର ବରିଷ୍ଠ ଶିକ୍ଷକ ରଞ୍ଜନ ସାହୁ, ଶିକ୍ଷୟିତ୍ରୀ ପ୍ରମିଳା ନାଥ, ଅନୁସୟା ସାହୁ ଯୋଗ ଦେଇଥିଲେ । ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂହ, ମହିଳା ମହାବିଦ୍ୟାଳୟର ଅଧକ୍ଷ ରବିନ୍ଦ୍ର ନାଥ ଗୁରୁ, ଅଧାପକ ଶିବ ନାରାୟଣ ମେହେର, ଅଧାପକ ସୁରେନ୍ଦ୍ର ମହାକୁଡ ଉପସ୍ଥିତ ଥିଲେ । ଅଧାପକ ପ୍ରବିର ଦାସ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଜିଲା ବହୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।

# ସୁବର୍ଣ୍ଣପୁରରେ ପ୍ରତିଷ୍ଠା ହେଲା ପ୍ରଥମ ଶୀତଳ ଭଣ୍ଡାର

**୫ ମେଟ୍ରିକ ଟନ ବିଶିଷ୍ଟ ୪ଟି ଶୀତଳ ଭଣ୍ଡାରକୁ ଜିଲାପାଳ ଲୋକାର୍ପିତ କଲେ**

ସୋନପୁର,୨୨।୩(ନି.ପ୍ର.)

ସୋନପୁର ବ୍ଲକ କଳାପଥରସ୍ଥିତ ଉପବଜାର ପ୍ରାଙ୍ଗଣଠାରେ ୫ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ୪ଗୋଟି ଶୀତଳ ଭଣ୍ଡାରର ଲୋକାର୍ପଣ ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଦ୍ୱାରା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଓଡିଶା କ୍ଷୁଦ୍ର ଶିଳ୍ପ ନିଗମ, କଟକ ଜରିଆରେ ଜିଲାର ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର କମିଟି ଅଧୀନ କଳାପଥର ଉପବଜାର ପ୍ରାଙ୍ଗଣ ପରିସରରେ ୭୨ ଲକ୍ଷ ଟଙ୍କା ବିନିମୟରେ ଏହା ନିର୍ମାଣ କରାଯାଇଛି । ଏହି ଶୀତଳଭଣ୍ଡାର ଜିଲାର ଚାଷୀ ତଥା ବିଭିନ୍ନ ମହିଳା ସ୍ୱୟଂ ସହାୟକ ଉତ୍ପାଦକ ଗୋଷ୍ଠୀ, ଉତ୍ପାଦକ କମ୍ପାନୀ, ସ୍ଥାନୀୟ ଚାଷୀ ସମୂହଙ୍କ ଦ୍ୱାରା ଉତ୍ପାଦିତ ଫଳ, ପନିପରିବା, ଫୁଲ, ମାଛ, ଦୁଗ୍ଧଜାତ ଦ୍ରବ୍ୟ ଇତ୍ୟାଦି ସଂରକ୍ଷଣ ନିମନ୍ତେ ବିଶେଷ ସହାୟକ ହେବ । ସରକାରୀ ସ୍ତରରେ ଏହି ଶୀତଳ ଭଣ୍ଡାର ଜିଲାରେ ପ୍ରଥମ ଉଦ୍‌ଘାଟିତ ହୋଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ସହକାରୀ ଜିଲା ଉଦ୍ୟାନକୃଷି ନିର୍ଦ୍ଦେଶକ ହୃଷୀକେଶ ଦାଶ, ସହକାରୀ ଜିଲା କୃଷି ଅଧିକାରୀ ରଞ୍ଜନ କୁମାର ମହାଲିଙ୍ଗ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ କାର୍ତ୍ତିକ ନାୟକ, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ଗଜଲକ୍ଷ୍ମୀ ଉତ୍ପାଦକ ଗୋଷ୍ଠୀର ସଦସ୍ୟା, ସୁବର୍ଣ୍ଣଶ୍ରୀ ଉତ୍ପାଦକ କମ୍ପାନୀର ସଦସ୍ୟା, ଜିଲାର ଫଳ ଓ ପନିପରିବା ଚାଷୀ ଯୋଗଦାନ କରିଥିଲେ।




ଜିଲାପାଳ କଳାପଥରଠାରେ ଶୀତଳ ଭଣ୍ଡାରକୁ ଉଦଘାଟନ କରୁଛନ୍ତି।

# ମହାନଦୀକୁ ଗାଧୋଇ ଯାଉଥିବା ବେଳେ ପିକ୍‌ଅପ୍ ଭ୍ୟାନ ଓଲଟି ଛାତ୍ର ମୃତ: ୩ ଆହତ

ଅମରପାଲି,୨୨।୩(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଧୀନ ଆପଟ ନୂଆଗଡ ଗାଁ ନିକଟରେ ବୁଧବାର ଅପରାହ୍ନରେ ଏକ ପିକଅପ୍ ଭ୍ୟାନ ଓଲଟି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି ଓ ୩ଜଣ ଆହତ ହୋଇଛନ୍ତି। ମୃତ ଯୁବକ ହେଲେ ପଣ୍ଡିଆପାଲି ଗ୍ରାମର ସୌମ୍ୟ ରଞ୍ଜନ ଭୋଇ(୧୯)। ସେ ସୋନପୁରରାଜ କଲେଜର ଯୁକ୍ତ ୩ ଶେଷ ବର୍ଷର ଛାତ୍ର ଥିଲେ। ସୌମ୍ୟ ଜଣେ ମେଧାବୀ ଛାତ୍ର ହୋଇଥିବା ବେଳେ ମଙ୍ଗଳବାର କଲେଜରୁ ସ୍କଲାରଶିପ୍ ମଧ ପାଇଥିଲେ। ଆହତମାନେ ହେଲେ ଉକ୍ତ ଗ୍ରାମର ସୁମନ ସାହୁ(୧୫), ବାଦଲ ପଧାନ(୧୫) ଓ ଆଶୁତୋଷ ପଧାନ(୧୭)। ଉକ୍ତ ଭ୍ୟାନରେ ମହାନଦୀକୁ ଗାଧୋଇବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି।

ପ୍ରକାଶ ଯେ, ବୀରମହାରାଜପୁର ଥାନା ଅଧୀନ ପଣ୍ଡିଆପାଲି ଗ୍ରାମର ୬ଜଣ ଓଡି୩୧-ଏଚ-୦୫୫୨ ନମ୍ବର ବିଶିଷ୍ଟ ଏକ ପିକଅପ୍ ଭ୍ୟାନରେ ଆପଟ ନୂଆଗଡ ନିକଟସ୍ଥ ମହାନଦୀକୁ ଗାଧୋଇବାକୁ ଯାଉଥିଲେ। ଭ୍ୟାନ୍‌କୁ ପପୁନ ସେଠୀ ଚଳାଉଥିବା ବେଳେ ଦିବ୍ୟରଞ୍ଜନ ପଧାନ ଓ ଶିବେକ ବେହେରା ଆଗପଟେ ବସିଥିଲେ। ଗାଡି ଡାଲାରେ ସୌମ୍ୟଙ୍କ ସମେତ ସୁମନ, ଆଶୁତୋଷ ଓ ବାଦଲ ବସିଥିଲେ। ଆପଟ ନୂଆଗଡ ରାଣିମୁଣ୍ଡା ନିକଟରେ ଭ୍ୟାନଟି କୌଣସି କାରଣରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ସୌମ୍ୟଙ୍କୁ ମୃତ ଘୋଷଣା କରିଥିଲେ। ସୁମନ,ଆଶୁତୋଷଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା ବେଳେ ବାଦଲଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୌମଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇପାରିବ ନାହିଁ ବୋଲି ପ୍ରଥମେ ଡାକ୍ତରଖାନା କର୍ତ୍ତୃପକ୍ଷ କହିବାରୁ ଉତ୍ତେଜନା ଦେଖାଦେଇଥିଲା। ପରେ ବ୍ୟବଚ୍ଛେଦ କରି ପରିବାର ସଦସ୍ୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଏ ନେଇ ବୀରମହାରାଜପୁରର ଥାନାରେ କେସ ନମ୍ବର ୪୬/୨୪ରେ ଏକ ମାମଲା ରୁଜୁ ହୋଇଛି। ଗାଡ଼ି ଚାଳକ ସେଠୀଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ଜିଲା ପାଇଁ ଗୌରବ ଆଣିଲେ ୨ଛାତ୍ରୀଛାତ୍ର

**ରେଡକ୍ରସ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ**

ବିନିକା,୨୨।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବିନିକା (ଫୁଲମୁଠି) ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ୨ ଜଣ ଛାତ୍ରୀଛାତ୍ର ନିକଟରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ରେଡକ୍ରସ ପ୍ରଶିକ୍ଷଣ ଶିବିରରେ ଭାଗ ନେଇ ତୃତୀୟ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣି ଛନ୍ତି । ଏଥିପାଇଁ କଲେଜ ରେଡକ୍ରସ ବିଭାଗ ଓ ସ୍ୱେଚ୍ଛାସେବୀ ମହଲରେ ଖୁସିର ଲହରୀ ଖେଳିଯାଇଛି ।

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଜିଲା ଯୁବ ରେଡକ୍ରସ ସଂଯୋଜକ ଉମାକାନ୍ତ ନାଗଙ୍କ ନିର୍ଦ୍ଦେଶନା ଓ ଅଧାପିକା ବୈଜୟନ୍ତୀ ସାହୁଙ୍କ ନେତୃତ୍ୱରେ ଜିଲା ସ୍ତରରେ ମନୋନୀତ ୮ ସ୍ୱେଚ୍ଛାସେବୀ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ରେଡକ୍ରସ ପ୍ରଶିକ୍ଷଣ ଶିବିରରେ ଭାଗ ନେଇଥିଲେ। ଏଥିରେ ରାଜ୍ୟର ୩୧ଟି ଶିକ୍ଷା ଜିଲାରୁ ପ୍ରାୟ ୩୦୦ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ହେଲେ ସେମାନଙ୍କୁ ପଛରେ ପକାଇ ଡୁଙ୍ଗୁରିପାଲି ମହାବିଦ୍ୟାଳୟର ଛାତ୍ରୀ ଟିକି ତାଣ୍ଡି ସଙ୍ଗୀତରେ ତୃତୀୟ ସ୍ଥାନ ଓ ବିନିକା ବ୍ଲକ ଅନ୍ତର୍ଗତ ବଲାରଙ୍ଗା ମା' ମାହେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ର ମୁକେଶ କୁମ୍ଭାର ନୃତ୍ୟରେ ତୃତୀୟ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିବାରେ ସଫଳ ହୋଇଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଡ଼ ଅପରାଜିତା ଚୌଧୁରୀ, ରାଜ୍ୟ ରେଡକ୍ରସ ସଚିବ ବିଭୂତି ଭୂଷଣ ପଟ୍ଟନାୟକ, ରାଜ୍ୟ ୟୁଥ ରେଡକ୍ରସ ଅଫିସର ଡ. ରମେଶ ଚନ୍ଦ୍ର ବେହେରା, ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁଙ୍କ ଉପସ୍ଥିତିରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ତୃତୀୟ ସ୍ଥାନ ଅଧିକାର କରିଥିବା ଉଭୟ ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ଓ କପ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

### ଜାତୀୟ ରାଜପଥ କଡ଼ରୁ ମହିଳାଙ୍କ ମୃତଦେହ ଜବତ

ବୌଦ୍ଧ,୨୨।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ରଇଠାଣୀ ଛକ ନିକଟରୁ ବୁଧବାର ଦିନ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ଗ୍ରାମବାସୀ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବୌଦ୍ଧ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମହିଳାଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳି ପାରିନାହିଁ। ତାଙ୍କ ଶରୀରରେ ଆଘାତ ଚିହ୍ନ ରହିଥିବାରୁ ଏହା ଦୁର୍ଘଟଣାଜନିତ ମୃତ୍ୟୁ ହୋଇ ଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି।

# ବୌଦ୍ଧରେ ଗାଁ କଲ୍ୟାଣ ଆଶାକର୍ମୀ ସମ୍ମିଳନୀ



ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ ।

ବୌଦ୍ଧ,୨୨।୩(ସ୍ୱ.ପ୍ର.)

ବୌଦ୍ଧ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ଟାଉନ ହଲଠାରେ ବୁଧବାର ଦିନ ଜିଲାସ୍ତରୀୟ ଆଶା କର୍ମୀ, ଗାଁ କଲ୍ୟାଣ ସମିତି ଓ ଜନ ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ସତ୍ୟ ରଞ୍ଜନ ସାହୁ ଯୋଗଦେଇ ଆଶାକର୍ମୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମିଳନୀରେ ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତି କର୍ମୀମାନଙ୍କୁ ଜିଲାପାଳ ସାହୁ ସମ୍ମାନିତ କରିଥିଲେ। ଜିଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା କ୍ଷେତ୍ରରେ ଆଶାକର୍ମୀଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ଜିଲାପାଳ ସାହୁ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଚଳିତବର୍ଷର ଶ୍ରେଷ୍ଠ ଆଶାକର୍ମୀ ଭାବରେ ବୌଦ୍ଧ ବ୍ଲକର ସ୍ୱର୍ଣ୍ଣପ୍ରଭା ମିଶ୍ର, ହରଭଙ୍ଗା ବ୍ଲକର ଶକ୍ୁନ୍ତଳା ଭୋକ୍ରା, କନ୍ଧମାଳ ବ୍ଲକର କଳ୍ପନା ସେଠୀ ଓ ବୌଦ୍ଧଗଡ ଏନଏସିର ରୀତା ରାଜଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସୁସ୍ଥ ଗ୍ରାମ ଭାବରେ ବୌଦ୍ଧ ବ୍ଲକର ଗୌତମ ପାଲି, ହରଭଙ୍ଗା ବ୍ଲକର ପିତାମ୍ବରପୁର ଓ କଣ୍ଟାମାଳ ବ୍ଲକର ନୃପା ଗାଁକୁ ପୁରସ୍କୃତ କରାଯାଇଥିଲା। ରାଜ୍ୟରେ ବୌଦ୍ଧ ଜିଲା ଯକ୍ଷ୍ମା ନିୟନ୍ତ୍ରଣରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ମୁଖ୍ୟଅତିଥି ଜିଲାପାଳ ସାହୁ ପ୍ରଶଂସା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଜୟକୃଷ୍ଣ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନମୋହଦ ପ୍ରଧାନ, ଜିଲା ପରିବାର କଲ୍ୟାଣ ଅଧିକାରୀ ଡ.ବିକେ ଆରସିଦେଓ ହେମ୍ରମ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ସଂଘମିତ୍ରା ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ପ୍ରଧାନ ମଞ୍ଚାସୀନ ଥିଲେ। ସମ୍ମିଳନୀରେ ଜିଲାର ସମସ୍ତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ପଞ୍ଚାୟତ ରାଜ ପ୍ରତିନିଧି ଯୋଗ ଦେଇଥିଲେ।

# ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

ପଦ୍ମପୁର, ୨୨।୩(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ସିଧି ବିନାୟକ କଲ୍ୟାଣ ମଣ୍ଡପରେ ଆର୍ଥିକ ସାକ୍ଷରତା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଇଆଇଏଫଏଲ, ସମସ୍ତା ଫାଇନାନ୍ସ ଲି. ଲର୍ଣ୍ଣିଙ୍ଗ ଲିଙ୍କ ଫାଉଣ୍ଡେସନ, ଓଡିଶା ଜୀବିକା ମିଶନ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମପୁର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ବରାଳ, ପଦ୍ମପୁର ବ୍ଲକ ସଂଯୋଜିକା ଯୋଗେଶ୍ୱରୀ ଧରୁଆ, ସମସ୍ତା ଲିମିଟେଡ଼ର ନିହାର ରଞ୍ଜନ ସାହୁ, ଲର୍ଣ୍ଣି ଲିଙ୍କ ଫାଉଣ୍ଡେସନର ଆଶୁତୋଷ ଧଳ, ଡିସିବି ବ୍ୟାଙ୍କ ଶାଖା ପରିଚାଳକ ଏମ.ରାଜେଶ ଯୋଗଦେଇଥିଲେ। ଅତିଥିମାନେ ଆର୍ଥିକ ସାକ୍ଷାରତା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ସମାଜରେ ସଚେତନତା ସୃଷ୍ଟି କରୁଥିବା ମିଶନ ଶକ୍ତିର ଏମବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ପାଇକମାଲ ଓ ପଦ୍ମପୁରର ସଦସ୍ୟ ଯୋଗଦେଇ ଥିଲେ।




ମିଶନ ଶକ୍ତି ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

### କୃଷି ଋଣ କର୍ମଶାଳା

ଅମରପାଲି,୨୨।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହିଲୁଙ୍ଗ ସେବା ସମବାୟ ସମିତି ପରିସରରେ କୃଷି ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ସମବାୟ ସମିତି ସଭାପତି ଯୋଗୀନ୍ଦ୍ର ମିର୍ଦ୍ଧାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତିଲୁହା ଯୋଗ ଦେଇଥିଲେ। ସଭାରେ ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ପୂର୍ବତନ ବ୍ଲକ ଅଧକ୍ଷ ସନ୍ତୋଷ ଭୋଇ,ବି.ଡ଼ି ସି ସି ବ୍ୟାଙ୍କ ମ୍ୟାନେଜର ରଞ୍ଜନ ମିଶ୍ର , ଏଆରସିଏସ ଗଜେନ୍ଦ୍ର ପଣ୍ଡା ଯୋଗଦେଇ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ରାଜ୍ୟ ସରକାର ଯୋଗାଇ ଦେଉଥିବାର ପ୍ରକାଶ କରିଥିଲେ। ଚାଷୀ ପ୍ରକାଶ ହୋତା, ହିଲୁଙ୍ଗ ସରପଞ୍ଚ ବନିତା ସେଠୀ, ଶୈଳ ରଞ୍ଜନ ବାଦୀ, ସମସ୍ତ ପାକ୍ସ ଡାଇରେକ୍ଟର ମଞ୍ଚାସୀନ ଥିଲେ। ହିଲୁଙ୍ଗ ସେବା ସମବାୟ ସମିତି ସମ୍ପାଦକ ହାରଧନ ବେହେରା, ସହ ସମ୍ପାଦକ ବୁଲୁ ସାହୁ, ଅବନୀ ମହାକୁର ପ୍ରମୁଖ ସହଯୋଗ କରିଥିଲେ ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ପାଳନ

ଡୁଙ୍ଗୁରିପାଲି,୨୨।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁବୋଧ ଓ ଶିଶୁ ପ୍ରାରମ୍ଭ ଭଉଣୀଭାଇମାନେ ଭାରତ ମାତା ଓ ଶ୍ରୀରାମ ବେଶରେ ଆସିଥିଲେ। ଶ୍ରୀରାମ ବେଶରେ ଆସିଥିବା ଶିଶୁ ବୋଧ ଶ୍ରେଣୀର ମଣିଷ ବାଗ, ଏମ. ନାଏକ ଏବଂ ଆଦିତ୍ୟ ବିଶ୍ୱାଳ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭାରତ ମାତା ବେଶରେ କ୍ଷୀରାବ୍ଧି ତନୟା, ମୌସମୀ ମେହେର ଓ ସାଇଶ୍ରୀ ପଟ୍ଟନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡୁଙ୍ଗୁରିପାଲି ସଂକୁଳ ସଂଯୋଜକ ତଥା ଶିଶୁ ବିଦ୍ୟାଳୟମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ କୃତୀ ପ୍ରତଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଗୁରୁଜୀ ରାମେଶ୍ୱର ଓ ଅଶ୍ୱିନୀ ହିନ୍ଦୁ ନବବର୍ଷର ମହତ୍ତ୍ୱ ବିଷୟରେ ଭଉଣୀ ଭାଇମାନଙ୍କୁ ମାର୍ଗଦର୍ଶନ କରିଥିଲେ।



ବିଭିନ୍ନ ବେଶରେ ଶିଶୁମାନେ।

# ନିର୍ମାଣାଧୀନ ୫ଟି ସ୍କୁଲ ପରିଦର୍ଶନ କଲେ ଜିଲାପାଳ

ଅମରପାଲି,୨୨।୩(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲାପାଳ ଆବୋଲି ସୁନିଲ ନରୱାଣେ ବୁଧବାର ବୀରମହାରାଜପୁର ବ୍ଲକର ତୃତୀୟ ପର୍ଯ୍ୟାୟରେ ନିର୍ମାଣାଧୀନ ୫ଟି ହାଇସ୍କୁଲ ପରିଦର୍ଶନ କରିଛନ୍ତି। ପ୍ରଥମେ ବୀରମହାରାଜପୁର ବ୍ଲକ ସଭାଗୃହରେ ୫ଟି ହାଇସ୍କୁଲର କାର୍ଯ୍ୟ କିପରି ଠିକ ରେ ହୋଇପାରିବ ସେନେଇ ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ଜିଲାପାଳ ନରୱାଣେ, ସହକାରୀ ଜିଲାପାଳ ଅଭିଳାଷ ପୁରୋହିତ, ବିଡିଓ ମୋତିଲାଲ ସୁଲିଆ, ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ସହକାରୀ ଯନ୍ତ୍ରୀ ଏମଡି ସରିଫ ଙ୍କ ସମେତ ସମସ୍ତ ସରପଞ୍ଚ ଯୋଗ ଦେଇଥିଲେ। ନିଜ ନିଜ ପଞ୍ଚାୟତରେ ହେଉଥିବା ୫ ଟି ହାଇସ୍କୁଲକୁ ଅନୁଦାନ ଦେବା ସହିତ କିଭଳି ଉକ୍ତ ହାଇସ୍କୁଲର କାମ ସୁଚାରୁ ରୂପେ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ସେଠାରୁ ତୃତୀୟ ପର୍ଯ୍ୟାୟରେ ନିର୍ମାଣାଧୀନ କେନଝିରିଆପାଲି ହାଇସ୍କୁଲକୁ ଆସିଥିଲେ। ସେଠାରେ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକ ବ୍ରଜ କିଶୋର ବାରିକଙ୍କ ସମେତ ଅନ୍ୟ ସମସ୍ତ ଶିକ୍ଷକ ଓ ସ୍ଥାନୀୟ ସରପଞ୍ଚଙ୍କ ସହିତ ଆଲୋଚନା କରି ହେଉଥିବା କାମ ପରିଦର୍ଶନ କରିଥିଲେ। ସେଠାରୁ ଅଚଣ୍ଡା ହାଇସ୍କୁଲ ଓ ଲୁଡୁରପଙ୍କ ହାଇସ୍କୁଲର କାମ ତଦାରଖ କରିଥିଲେ। ଅମରପାଲି ହାଇସ୍କୁଲରେ ଜିଲାପାଳ ୫ଟି କାମ ତଦାରଖ କରି ଆଲୋଚନା କରିଥିଲେ। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା,ସରପଞ୍ଚ ନିରୁପମା ସେଠୀ, ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ ଙ୍କ ସହିତ ଅନ୍ୟ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ସେଠାରୁ ଖଣ୍ଡହତା ହାଇସ୍କୁଲର କାମ ତଦାରଖ କରିଥିଲେ। ଜିଲାପାଳଙ୍କ ସହିତ ସହକାରୀ ଜିଲାପାଳ ଅଭିଳାଶ ପୁରୋହିତ, ବିଡିଓ ମୋତିଲାଲ ସୁଲିଆ, ସହକାରୀ ଯନ୍ତ୍ରୀ ଏମଡି ସରିଫ ଓ ସଂପୃକ୍ତ ପଞ୍ଚାୟତର ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ପରିଦର୍ଶନ ବେଳେ ଜିଲାପାଳ କାମ ତ୍ୱରାନ୍ୱିତ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ କହିଥିଲେ।



ଅମରପାଲି ହାଇସ୍କୁଲ ପରିଦର୍ଶନ ସମୟରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

**କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ**

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ବନ ଦିବସ: ୨ଫରେଷ୍ଟ ଗାର୍ଡ ସମ୍ବର୍ଦ୍ଧିତ



**ଦେବଗଡ଼, ୨୨।୩(ଡି.ଏନ.ଏ):** ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ସମେତ ବନାଗ୍ନି ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଦେବଗଡ ବନଖଣ୍ଡର ୨ ଜଣ ଫରେଷ୍ଟ ଗାର୍ଡ 'ୱାର୍ଲ୍ଡ ଫରେଷ୍ଟ୍ରୀ ଆୱାର୍ଡ -୨୦୨୩'ହାସଲ କରିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡିଶା ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ରାଜ୍ୟର ଦାୟିତ୍ୱ ସମ୍ପନ୍ନ ରେଞ୍ଜ ଅଫିସର, ଫରେଷ୍ଟର ଓ ଫରେଷ୍ଟଗାର୍ଡଙ୍କୁ ବିଭାଗ ପକ୍ଷରୁ 'ୱାଲ୍ଡର୍ ଫରେଷ୍ଟ୍ରୀ ଆୱାର୍ଡ' ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେ ଦେବଗଡ ବନାଞ୍ଚଳ ତିଲେଇବଣି ବିଟ୍ର ଫରେଷ୍ଟଗାର୍ଡ ଭୋଳେଶ୍ୱର ସାହୁ ଓ ରିଆମାଳ ବନାଞ୍ଚଳ ସିମଲୋଇ ବିଟ୍ର ଫରେଷ୍ଟ ଗାର୍ଡ ଯଶୋବନ୍ତ ଦାଶ ରହିଛନ୍ତି। ମନ୍ତ୍ରୀ ଅମାତ ବିଭାଗୀୟ ପିସିସିଏଫ ଓମ୍‌ପ୍ରକାଶ ସିଂ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଉପସ୍ଥିତିରେ ସେମାନଙ୍କୁ ୧୦ ହଜାର ଟଙ୍କାର ଅର୍ଥ ରାଶି ସହ ମାନପତ୍ର ଏବଂ ପଦକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଫରେଷ୍ଟ ଗାର୍ଡ ଭୋଳେଶ୍ୱର ଓ ଯଶୋବନ୍ତଙ୍କ ଏହି ସଫଳତା ନିମନ୍ତେ ଦେବଗଡ ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଅଭିନନ୍ଦନ ଜଣାଇଛନ୍ତି।

### ସିନାପାଲିରେ ବିଶ୍ୱ କବିତା ଦିବସ ପାଳିତ

**ସିନାପାଲି,୨୨।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ସ୍ଥାନୀୟ ହାଇସ୍କୁଲର ଏନ୍‌ସିସି କକ୍ଷରେ ବିଶ୍ୱ କବିତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସମିତି ସଭାପତି ବୈଷ୍ଣବ ମେହେରଙ୍କ ସଭାପତିତ୍ୱରେ ଅଞ୍ଚଳର କବି ଲେଖକ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବଂଶୀଧର ଜଗତ ସ୍ୱାଗତ କରିଥିଲେ। କଣ୍ଠଶିଳ୍ପୀ ଚୂଡ଼ାମଣି ମେହେର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ମୁରଲିଧର ସା, ଚିନ୍ତାମଣି ସାହୁ, ଲଳିତ କୁମାର ସୁନାରୀ, ପରେଶନାଥ ପାଣିଗ୍ରାହୀ, ପ୍ରେମାନନ୍ଦ ମେହେର, ଶିବପ୍ରସାଦ ମେହେର, ବିଜୟ କୁମାର ଯୋଷୀ, କୁମୁଦବନ୍ଧୁ ଯୋଷୀ, ନିଳାଞ୍ଚଳ ମେହେର, ନିକୁଞ୍ଜବିହାରୀ ସା, ଗୌତମ ମେହେର, ଲୋଚନ ମେହେର, ହରେକୃଷ୍ଣ ମେହେର, ମନୋଜ ମହାନନ୍ଦ, ଆକାଂକ୍ଷା ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଧାପକ ଧ୍ରୁବଚରଣ ପଧାନଙ୍କ ସଂଯୋଜନାରେ କବିଗଣ ସ୍ୱରଚିତ କବିତା ପାଠ କରିଥିଲେ। ସମିତି ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ।

# ପୋଷଣଯୁକ୍ତ ଖାଦ୍ୟପେୟର ପ୍ରଦର୍ଶନୀ

### ସୁନ୍ଦରଗଡ଼ ଜିଲାସ୍ତରୀୟ ପୋଷଣ ପକ୍ଷ ଉଦ୍‌ଘାଟିତ

**ସୁନ୍ଦରଗଡ଼, ୨୨।୩(ଡି.ଏନ୍.ଏ.)**

ସ୍ଥାନୀୟ ପ୍ରଗତି ମଣ୍ଡପଠାରେ ସୁନ୍ଦରଗଡ଼ ଜିଲାସ୍ତରୀୟ ପୋଷଣ ପକ୍ଷ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୋଷଣ ପକ୍ଷକୁ ଉଦ୍‌ଘାଟନ କରିଥିଲେ।

ଏହି ପୋଷଣ ପକ୍ଷ ଚଳିତ ମାର୍ଚ୍ଚ ୨୦ ରୁ ଆରମ୍ଭ ହୋଇ ଏପ୍ରିଲ ୩ ତାରିଖ ପର୍ଯ୍ୟନ୍ତ ପାଳିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ପୋଷଣ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜନଆନ୍ଦୋଳନ ତଥା ସହ ଭାଗିଦାରିତା ମାଧ୍ୟମରେ ପୋଷଣର ଗୁରୁତ୍ୱ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ଅଭ୍ୟାସ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା, ସାମଗ୍ରିକ ଭାବରେ ପୃଷ୍ଟି ବା ପୋଷଣର ଉନ୍ନତି ଇତ୍ୟାଦି।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପଦଯାତ୍ରା, ସାଇକେଲ ରାଲି, ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି ଏବଂ ଯୁବ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପୋଷଣ ପକ୍ଷ ସମ୍ପର୍କରେ ଜନସଚେତନତା ସୃଷ୍ଟି କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ପ୍ରତ୍ୟେକ ପ୍ରକଳ୍ପସ୍ତରରେ ଓ ପ୍ରତ୍ୟେକ ପ୍ରକଳ୍ପ ଅନ୍ତର୍ଗତ ଗୋଟିଏ ଅଙ୍ଗନୱାଡି କେନ୍ଦ୍ରଠାରେ ଜନସଚେତନତା କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି। ବୁଧବାରର ଏହି କାର୍ଯ୍ୟକ୍ରମ ଅବସରରେ ଜିଲାର ବିଭିନ୍ନ ଆଇସିଡିଏସ୍ ପ୍ରକଳ୍ପ ଦ୍ୱାରା ବିଭିନ୍ନ ପୋଷଣଯୁକ୍ତ ଖାଦ୍ୟପେୟର ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତି ସଂଯୋଜକ ସୁଶୀଳା ରଥ ପରିଚାଳନା କରିଥିଲେ। ଏଥିରେ ସୁରକ୍ଷା ଅଧିକାରୀ ତୁଲେସରି ପଟେଲ, ମନସିଂହ ସୋରେନ, ଉପ ନିର୍ଦ୍ଦେଶକ ଉଦ୍ୟାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ୟୁନିସେଫର ପ୍ରତିନିଧି ସତ୍ୟବ୍ରତ ଦାସ, ଏନଓପି ପରିଚାଳକ ଶକ୍ତିରାଣୀ ପାଢୀ, ମିନାକ୍ଷୀ ପ୍ରଧାନ, ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ।




ପୋଷଣ ପକ୍ଷ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ। ବିଭିନ୍ନ ପୋଷଣଯୁକ୍ତ ଖାଦ୍ୟପେୟର ପ୍ରଦର୍ଶନୀ କରାଯାଉଛି।

### କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୨୨।୩**

ଘରେ କେହି ନ ଥିବାବେଳେ ବନ୍ଧମୁଣ୍ଡା ଅଞ୍ଚଳରେ ବାସ କରୁଥିବା ଜଣେ ଯୁବତୀ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବତୀ ଝୁଡିବସ୍ତିର ପ୍ରିୟା ଟୋପୋ(୧୯)। ବନ୍ଧମୁଣ୍ଡା ଝୁଡିବସ୍ତିରେ ପ୍ରିୟା ତାଙ୍କ ମା'ଙ୍କ ସହ ବାସ କରୁଥିଲେ। ବୁଧବାର ପ୍ରିୟା ପୂର୍ବାହ୍ନ ସାଢେ ୧୨ଟାରେ କଲେଜରୁ ଘରକୁ ଫେରିଥିଲେ। ଘରେ କେହି ନ ଥିବାବେଳେ ସେ ଭିତର ପଟୁ କବାଟ ଦେଇ ଆଜବେଷ୍ଟସ ଲୁହା ପାଇପରେ ଏକ ଲୁଗାବାନ୍ଧି ବେକରେ ଗୁଡାଇ ଝୁଲି ଯାଇଥିଲେ। ପରେ ମା' କାମରୁ ଫେରି ଘର କବାଟ ଭିତର ପଟରୁ ବନ୍ଦ ଥିବାରୁ ସେ ଝରକା ପଟେ ଯାଇ ଝିଅକୁ ଡାକୁଥିବାବେଳେ ଝିଅର ଝୁଲନ୍ତା ଅବସ୍ଥା ଦେଖି ପଡୋଶୀଙ୍କୁ ଡାକିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସାଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। ଏନେଇ ବନ୍ଧମୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ୩୪୫ ଏସ୍‌ଏଚ୍‌ଜିଙ୍କୁ ୧୧.୪୧କୋଟି ଟଙ୍କାର ଋଣ



ମେଳାରେ ଜଣେ ମିଶନ ଶକ୍ତି ମହିଳାଙ୍କୁ ଋଣରାଶି ପ୍ରଦାନ କରାଯାଉଛି।

### ଜିଲାସ୍ତରୀୟ ମିଶନ ଶକ୍ତି ଋଣ ମେଳା

**ଦେବଗଡ଼, ୨୨।୩(ଡି ଏନ ଏ)**

ଦେବଗଡ଼ ଟାଉନ ହଲରେ ମିଶନ ଶକ୍ତି ଆୟୋଜିତ ଋଣ ମେଳା ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷ କୌସିକ କୁମାର୍ ପ୍ରଧାନ, ବରଣ୍ୟ ଅତିଥି ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ, ପ୍ରକଳ୍ପ ନିର୍ଦ୍ଦେଶକ ଲୁକାସ ପ୍ରଧାନ ଓ ଲିଡବ୍ୟାଙ୍କ ମ୍ୟାନେଜର ଅନନ୍ତ କୁମାର ବେହେରା ଯୋଗଦେଇଥିଲେ। ଏହି ଅବସରରେ ଜିଲାରେ ୭୦ପଞ୍ଚାୟତର ୩୪୫ ସ୍ୱୟଂ ସହାୟତା ଗୋଷ୍ଠୀଙ୍କୁ ୧୧କୋଟି ୪୧ଲକ୍ଷ ଟଙ୍କାର ଋଣ ଅତିଥିମାନେ ପ୍ରଦାନ କରିଥିଲେ। ୫ ଲକ୍ଷ ଟଙ୍କା ଋଣ ନେଇଥିବା ବ୍ୟକ୍ତି ବିନା ସୁଧରେ ପୈଠ କରିପାରିବ। ଜିଲରେ ଗୋ ପାଳନ ସହ ମହୁ, ଝୁଣା, ହରିଡା, ବାହାଡା, ଅଁଳା ବିକ୍ରି କରିବା ପାଇଁ ମିଶନ ଶକ୍ତି ମା'ମାନେ ଆଗେଇ ଆସିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ପରିଚାଳିକା ମିଶନ ଶକ୍ତି ସ୍ମରଣିକା ମହାପାତ୍ର, ବ୍ୟାଙ୍କ ମ୍ୟାନେଜର ଓ ତିନି ବ୍ଲକର ସ୍ୱୟଂ ସହାୟତା ଗୋଷ୍ଠୀ ମହିଳା ଉପସ୍ଥିତ ଥିଲେ। ଶେଷରେ ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

### ପୋଲିସ ହାବୁଡରେ ୩ ମଦ୍ୟପ ବାଇକ୍ ଆରୋହୀ

**ସୁନ୍ଦରଗଡ,୨୨।୩(ଡି.ଏନ.ଏ.)**

ମଦ୍ୟପାନ କରି ଗାଡି ଚାଳନା କରିବା ଆଇନତ ଅପରାଧ ହୋଇଥିଲାବେଳେ ଏଥିଯୋଗୁ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି। ସୁନ୍ଦରଗଡ ସଦର ଥାନା ପୋଲିସ ପକ୍ଷରୁ ଏଭଳି ମଦ୍ୟପ ଗାଡି ଚାଳକ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହି ଅଭିଯାନ କ୍ରମରେ ବିଭିନ୍ନ ରାସ୍ତାରେ ବ୍ୟାପକ ଧରପଗଡ ବେଳେ ବୁଧବାର ୩ମଦ୍ୟପଙ୍କୁ ଧରି ସେମାନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି। ଏହି ୩ଜଣ ବାଇକ ଆରୋହୀ ହେଲେ କିଞ୍ଜିରିକେଲା ଥାନା ତିଲଡେଗା ଗ୍ରାମର ଜଣେ, ହେମଗିର ଥାନା ଗୋପାଳପୁର ଗ୍ରାମର ଜଣେ ଓ ଲେଫ୍ରିପଡା ଥାନା କୁଲାବିରାର ଜଣେ। ପୋଲିସ ଯାଞ୍ଚବେଳେ ମଦ୍ୟପାନ କରି ବାଇକ ଚଳାଇ ଯିବା ବେଳେ ପୋଲିସ ହାବୁଡରେ ପଡିଥିଲେ।ପୋଲିସ ସେମାନଙ୍କ ବିରୁଦ୍ଧରେ ମୋଟରଯାନ ଆଇନ ଅନୁଯାୟୀ ମାମଲା ରୁଜୁ କରିଛି।

## ବର୍ଷାଜଳ ସଂରକ୍ଷଣକୁ ଗୁରୁତ୍ୱ

### ନେହେରୁ ଯୁବକେନ୍ଦ୍ର ପାଳିଲା ବିଶ୍ୱ ଜଳ ଦିବସ

**ଦେବଗଡ଼, ୨୨।୩(ଡି.ଏନ.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନ ଦେବଗଡ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବାରକୋଟ ବ୍ଲକ ବଲମ ପଞ୍ଚାୟତ ସଭାଗୃହରେ ବୁଧବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି । ନେହେରୁ ଯୁବକେନ୍ଦ୍ରର ପ୍ରଦୀପ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବଲମ ଗ୍ରାମ ପଞ୍ଚାୟତର ସରପଞ୍ଚ ଅମୃତି ନାଏକ, ସମ୍ମାନୀତ ଅତିଥିଭାବେ ଅବେତୈନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ, ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମର ଜିଲା ସଂଯୋଜକ ତପନ କୁମାର ସାହୁ ଓ ଏମବିକେ ମିନତୀ ସାହୁ ମଞ୍ଚାସୀନ ରହି ବିଶ୍ୱ ଜଳ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜଳର ପ୍ରକାର ଭେଦ, ଜଳର ବ୍ୟବହାର ଓ ଜଳର ଅପଚୟ ରୋକିବା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଏବଂ ବର୍ଷାଜଳର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାମ ରୋଜଗାର ସେବକ ଯଶୋବନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ବିଶ୍ୱ ଜଳ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥିମାନେ।

## ଜୁନିୟର ରେଡକ୍ରସ ଶିକ୍ଷା, ପ୍ରଶିକ୍ଷଣ ତାଲିମ ଶିବିର

**କୁତ୍ରା, ୨୨।୩ (ଡି.ଏନ.ଏ)**




ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ତାଲିମରେ ଉପସ୍ଥିତ ଅତିଥି।

ସୁନ୍ଦରଗଡ଼ ଜିଲା କୁତ୍ରା ଉଚ୍ଚ ବିଦ୍ୟାଳୟ ପରିସରରେ ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ତାଲିମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ରବୀନ୍ଦ୍ର କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସୁନ୍ଦରଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଓ କାଉନସିଲର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜୁନିୟର ରେଡକ୍ରସ ପତାକା ଉତ୍ତୋଳନ କରାଯାଇ ଏହାର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ଜେଆରସି ଶପଥପାଠ ଓ ଉଦବୋଧନି ସଙ୍ଗୀତ ଗାନ କରିଥିଲେ। ପରେ ରେଡକ୍ରସର ପ୍ରତିଷ୍ଠାତା ଯାଁହେନେରିଡୁନାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜେଆରସିଓ ଅନିଲ ପାଣିଗ୍ରାହୀ ବିବରଣୀ ପଠନ କରିଥିଲେ। ପରେ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ତଥା ରାଜ୍ୟ ସାଧନ କର୍ମୀ ଅପର୍ଣ୍ଣା ସାହୁ, ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଗଣେଷ ଚନ୍ଦ୍ର ବାରିକ ସେବା ଧର୍ମରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ସେଠୀ ଏହି ଅବସରରେ ଛାତ୍ରୀଛାତ୍ର ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିସ୍ୱାର୍ଥପର ଭାବେ ଅନ୍ୟର ସାହାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ ସାଧନ କର୍ମୀ ତଥା ଜିଲା ଜେଆରସି ଯୁଗ୍ମ ସମ୍ପାଦକ ବିଭୀଷଣ ବାରିକ ପରିଚାଳିତ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

**ହେମଗିର,୨୨।୩(ଡି ଏନ ଏ )**

ସୁନ୍ଦରଗଡ ଜିଲା ହେମଗିର ଠାରେ ବୁଧବାର ମହିଳା ସଂଗ୍ରାମ ସମିତି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେମଗିର ପଞ୍ଚାୟତ ଅଫିସ ଠାରୁ ମହିଳା ସଂଗ୍ରାମ ସମିତି ତରଫରୁ ଏକ ରାଲି କରାଯାଇ ବ୍ଲକରେ ପହଞ୍ଚି ବିଡିଓ ଡ.ଜଗଦିସ ମହାନନ୍ଦଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତିଘରେ ସ୍ୱଚ୍ଛ ପିଇବା ପାଣିର ବ୍ୟବସ୍ଥା, କିଶୋରୀ ବାଳିକାମାନଙ୍କ ପାଇଁ ପୋଷଣ ଯୋଜନା, ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଆବଶ୍ୟକୀୟ ଭିତ୍ତିଭୂମି ନିର୍ମାଣ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବୃଦ୍ଧି କରିବା, ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧଙ୍କ ନିକଟକୁ ଭତ୍ତା ଟଙ୍କା ପଠାଇବାର ବ୍ୟବସ୍ଥା କରିବା, ପଞ୍ଚାୟତଠାରୁ ଦୂରରେ ଥିବା ଗାଁଗୁଡ଼ିକୁ ପିଡିଏସ ଚାଉଳ ଯୋଗାଇ ଦେବାର ବ୍ୟବସ୍ଥା କରିବା ଆଦି ବିଭିନ୍ନ ଦାବିକୁ ନେଇ ପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ମହିଳା ସଂଗ୍ରାମ ସମିତିର ଜିଲା ସଭାପତି ଦୁତିଆ କିଷାନ, ବ୍ଲକ ସଂଯୋଜକ ପର୍ଶୁରାମ ସା, ସହ ସଂଯୋଜକ ରାଜେଶ ବିଶ୍ୱାଳ, ଉମ୍ମି ଲିଡର କବିତା ସା, ଉମ୍ମି ଲିଡର ରିମା ନାଏକ, ଜିଲା ସଂଯୋଜିକା ରିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ

**ଦେବଗଡ଼, ୨୨।୩(ଡି.ଏନ୍.ଏ.)**



ହିନ୍ଦୁ ନବବର୍ଷ ପାଳନ ଅବସରରେ ଆର୍‌ଏସ୍‌ଏସ୍‌ର ନଗର ପରିକ୍ରମା।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଦେବଗଡ ନଗର ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ବୁଧବାର ରାଷ୍ଟ୍ରୀୟ ନବବର୍ଷ ତଥା ହିନ୍ଦୁ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଦେବଗଡ ନଗର କାର୍ଯ୍ୟବାହ ରାଜେଶ ଦାଶଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂରାଜୀ ଅଧ୍ୟାପକ ଅଶୋକ କୁମାର ମିଶ୍ର ଯୋଗଦେଇ ରଷ୍ଟ୍ରୀୟ ନବବର୍ଷ ତଥା ହିନ୍ଦୁ ନବବର୍ଷ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରତିଷ୍ଠାତା ଡକ୍ଟର କେଶବ ବଳିରାମ ହେଡଗେୱାରଙ୍କୁ ସାମୂହିକ ପ୍ରଣାମ କରାଯିବା ସହ ସ୍ୱୟଂ ସେବକମାନଙ୍କ ଦ୍ୱାରା ଶାରୀରିକ କୌଶଳ, ଅମୃତ ବଚନ ଏବଂ ବ୍ୟକ୍ତିଗତ ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଭାଗ କାର୍ଯ୍ୟବାହ ଭରତ ଚନ୍ଦ୍ର ମେହେର ଯୋଗଦେଇ ସଂଘ ପ୍ରତିଷ୍ଠା ଠାରୁ ଆରମ୍ଭ କରି ଚୈତ୍ର ଶୁକ୍ଳ ପ୍ରତିପଦ ତିଥିର ବିଶେଷତ୍ୱ, ରାଷ୍ଟ୍ରୀୟ ନବବର୍ଷ ତଥା ହିନ୍ଦୁ ନବବର୍ଷ ଉପରେ ସବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସଂଘ ଚାଳକ ହରିହର ସାହୁ ମଧ୍ୟ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କାର୍ଯ୍ୟବାହ ଭକ୍ତବନ୍ଧୁ ବସନ୍ତରା,ସନ୍ତୋଷ କୁମାର କର, କୁବେର ସ୍ୱାଇଁ, ପ୍ରମଥେଶ ଗୁରୁ, ଅଜୟ କୁମାର ମିଶ୍ର , ତ୍ରିବିକ୍ରମ ଶତପଥି ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜିଲା ପ୍ରଚାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଜନସାଧାରଣ ଏବଂ ସ୍ୱୟଂସେବକ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ସଭା ସ୍ଥଳରେ ପହଞ୍ଚିଥିଲେ। ଅନୁରୂପ ଭାବେ ରାଷ୍ଟ୍ରୀୟ ସେବିକା ସମିତି, ଦେବଗଡ ଜିଲା ପକ୍ଷରୁ ମିନାକ୍ଷୀ ମିଶ୍ର ଓ ଅନାମିକା ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ଗୋପାଳଜୀ ମନ୍ଦିରସ୍ଥିତ ସଭା ସ୍ଥଳରେ ପହଞ୍ଚିଥିଲେ।

## ରାସ୍ତା ନିର୍ମାଣ ନେଇ ପରିବେଶ ମଞ୍ଜୁରୀ ଜନଶୁଣାଣି

### ବିକାଶ ନାଁରେ ବିନାଶ ଆଡ଼କୁ ଠେଲୁଥିବା ଅଭିଯୋଗ

**କୁତ୍ରା, ୨୨।୩(ଡି.ଏନ.ଏ.)**




ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଜନସାଧାରଣ।

ସୁନ୍ଦରଗଡ଼ ଜିଲା କୁତ୍ରା ୧୦ନମ୍ବର ରାଜ୍ୟ ରାଜପଥ ଲିଟିବେଡା (ରାଞ୍ଚିରୋଡ଼) ଦେଇ ଝାଡ଼ଖଣ୍ଡ ରାଞ୍ଚି (ସିଥିୟୋ) ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ହେବାକୁ ନେଇ ବୁଧବାର ଜ୍ଞାନପାଲିଠାରେ ପରିବେଶ ମଞ୍ଜୁରି ପାଇଁ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ତେବେ ଏଥିରେ ସ୍ଥାନୀୟ ଲୋକେ ପ୍ରବଳ ମାତ୍ରାରେ ବିରୋଧ କରିଥିବା ଦେଖିବାକୁ ମିଳିଛି। କୌଣସି ମତେ ଏହି ରାସ୍ତା ନିର୍ମାଣ କରାଇଦେବେ ନାହିଁ ବୋଲି ରୋକଠୋକ୍ ମନା କରିଥିଲେ। ଏହା ୧୩ଶହ କିଲୋମିଟର ରାସ୍ତା ନିର୍ମାଣ ହେବାକୁ ଥିବାବେଳେ ଏଥିରେ ଉଭୟ ରାଜ୍ୟର ୮୩ଟି ଗ୍ରାମ ପ୍ରଭାବିତ ହେବ। ତେବେ ସୁନ୍ଦରଗଡ଼ ଜିଲାର ୧୪ଟି ଗ୍ରାମ ଯଥା କୁତ୍ରା, ଲିଟିବେଡା, କଟଙ୍ଗ, ଜ୍ଞାନପାଲି, ଲକ୍ଷ୍ମୀପୋଷ, ଧରଡ଼ା, ଦଲକି, ଡ଼ଙ୍ଗାବନ୍ଧ, ଅଣ୍ଡାଳି, ବଡ଼ମାଲ, ଦୁଲହପୁର, ଜମନକିରା, ରାଇବଗା, ସିମକୋ ଆଦି ପ୍ରଭାବିତ ହେବାକୁ ଯାଉଥିବାର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏହା ସହିତ ମୋଟ ୯୨୯ ହେକ୍ଟର ଭୂମି ଅଧିଗ୍ରହଣ ହେଉଥିବାବେଳେ ୮୦୦ ହେକ୍ଟର ରଏତି ଜମି ଅଧିଗ୍ରହଣ ହେବ ଓ ପ୍ରାୟ ୮ ହଜାର ଗଛ କଟାଯିବ। ଏଣୁ ଏହାକୁ ପ୍ରଭାବିତ ହେଉଥିବା ଅଞ୍ଚଳର ଲୋକମାନେ ପ୍ରବଳ ବିରୋଧ ଜଣାଇଛନ୍ତି। ଏହି ଜନଶୁଣାଣିରେ ସମୁଦାୟ ୧୮୭ ଜଣ ନିଜର ମତାମତ ପ୍ରଦାନ କରିଥିବାବେଳେ ସମସ୍ତେ ଏହା ବିରୋଧରେ ନିଜର ମତ ରଖିଥିଲେ। ଏହି ରାସ୍ତା ନିର୍ମାଣ ହେଲେ ଅଧିକ ମାତ୍ରାରେ ଗାଡି ଚାଲି,ଅଧିକ ମାତ୍ରାରେ ପରିବେଶ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ହେବ। ଲୋକଙ୍କୁ ପରିବେଶ ପ୍ରଦୂଷଣ ଯୋଗୁ ନାନା ପ୍ରକାରର ରୋଗ ବ୍ୟାଧି ବ୍ୟାପିବ ବୋଲି ନିଜ ମତରେ କହିଥିଲେ। ପ୍ରଶାସନ ଲୋକଙ୍କ ବିକାଶ ନାଁରେ ବିନାଶ ଆଡ଼କୁ ତାଙ୍କ ଅଗ୍ରଗତି କରୁଥିବା ଅଭିଯୋଗ କରିଛନ୍ତି। ସବୁବେଳେ ନିରୀହ ଆଦିବାସୀମାନଙ୍କୁ ଶୋଷଣ କରୁଥିବା କହିଛନ୍ତି। ତେଣୁ ଏହାକୁ ବିରୋଧ କରିବୁ ବୋଲି କହିଥିଲେ। ଜଳ,ଜଙ୍ଗଲ ଓ ଜମି ଆମର ଅଧିକାର ଓ ଏହା ଆମର ଜୀବନ। ତେଣୁ ଏହାକୁ ଆମେ କୌଣସି ମତେ ଦେବୁ ନାହିଁ। ଆମକୁ ୪ ଲେନ ରାସ୍ତା ଦରକାର ନାହିଁ ବୋଲି କହି ବିରୋଧ ଜଣାଇଥିଲେ। ଏହି ଜନଶୁଣାଣିରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଆଞ୍ଚଳିକ ପରିବେଶ ମଞ୍ଜୁରି ଅଧିକାରୀ ଡାକ୍ତର ବିନୋଦ ବିହାରୀ ଦାସ, ସ୍ଥାନୀୟ ତହସିଲଦାର ମାନସୀ ନାଏକ, ରାଜଗାଙ୍ଗପୁର ତହସିଲଦାର ବିନୟ କୁଲୁ, ଏସଡିପିଓ ଅଭିଷେକ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## ପାରାୟଣ ଉଦ୍‌ଯାପିତ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମରେ ଚାଲିଥିବା ତୃତୀୟ ନବଦିନାତ୍ମକ ପାରାୟଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଗ୍ରାମର ଟିକ୍ରାପଡାଠାରେ ଗତ ୧୩ ତାରିଖ ଠାରୁ ପରାୟଣ ଆରମ୍ଭ ହୋଇଥିଲା । ବ୍ୟାସ ଇପସିତ ମିଶ୍ର ପାରାୟଣ ପଠନ କରିଥିଲେ । ନଅଦିନ ଧରି ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

# ବିବାହ ମଣ୍ଡପରେ ଚାଲିଲା ବୁଲ୍‌ଡୋଜର

- ହିଟ୍ ଆଣ୍ଡ ରନ୍ ମାମଲା ଅଭିଯୁକ୍ତ ଚିତ୍ତ ମହାନ୍ତିଙ୍କ ଦଖଲରେ ଥିଲା
- ଇଡକୋ ନିୟମ ଉଲ୍ଲଂଘନ କରିଥିବା ଦର୍ଶାଇ ଭଙ୍ଗାଗଲା
- ସିମେଣ୍ଟ କାରଖାନା ପାଇଁ ଉଦ୍ଦିଷ୍ଟ ସ୍ଥାନରୁ ଆପରାଧିକ କାର୍ଯ୍ୟକଳାପ

ବଲାଙ୍ଗୀର ଅଫିସ,୨୨।୩

ବଲାଙ୍ଗୀର ପୋଲିସ ଟିମ୍, ଇଡକୋ ଏବଂ ପୋଲିସ ଟିମ୍ ବୁଧବାର ହିଟ୍ ଆଣ୍ଡ ରନ୍ ଅଭିଯୁକ୍ତ ଚିତ୍ତ ମହାନ୍ତିଙ୍କ ବଲାଙ୍ଗୀର–ଟିଟିଲାଗଡ ରୋଡ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ସ୍ଥିତ ଆର୍ଯ୍ୟା ମ୍ୟାରେଜ୍ ମଣ୍ଡପକୁ ବୁଲଡୋଜର ଲଗାଇ ଭାଙ୍ଗି ଦେଇଛି। ଏସ୍‌ପି ନୀତିନ କୁଶଲକରଙ୍କ ଉପସ୍ଥିତିରେ ଉପଜିଲାପାଳ କୁମାର ନାଗଭୂଷଣ, ଏସ୍‌ଡିପିଓ ତୋଫାନ୍ ବାଗ, ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ, ସଦର ଥାନା ଆଇଆଇସ ଶ୍ରୀକାନ୍ତ ସାହୁ, ଇନ୍ସପେକ୍ଟର ପ୍ରିୟଙ୍କା ରାଉତରାୟ, ଇଡକୋ ଡିଭିଜନାଲ ମ୍ୟାନେଜର ନୀଳମଣି ଜ୍ଞାନଚାନ୍ଦ ବେହେରା ଏବଂ ପୋଲିସ ଟିମ୍ ସକାଳ ପ୍ରାୟ ୯ଟାରୁ ଏହି ମ୍ୟାରେଜ୍ ପ୍ୟାଲେସ୍ ଭାଙ୍ଗିବା ଆରମ୍ଭ କରିଥିଲେ। ପ୍ରାୟ ମାସେ ପୂର୍ବରୁ ଏହି ବିବାହ ମଣ୍ଡପକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଥିଲା। ୨୦୦୮ ମସିହାରୁ ଚିତ୍ତ ମହାନ୍ତି ଲକ୍ଷ୍ମୀ ସିମେଣ୍ଟ ପ୍ରଡକ୍ଟ ନାରେ ଇଡ୍‌କୋରୁ ୦.୧୭୯ ଡିସମିଲ ଜମି ନେଇଥିଲେ। ଏଠାରେ ସେ ସିମେଣ୍ଟ ବ୍ୟବସାୟ ନ କରି ବିବାହ ମଣ୍ଡପ କରିଥିଲେ। ହେଲେ ସେଠାରୁ ସେ ଆପରାଧିକ କାର୍ଯ୍ୟ ପରିଚାଳାନା କରୁଥିବା ନେଇ ପୋଲିସ ପାଖରେ ଠୋସ୍ ପ୍ରମାଣ



ବଲାଙ୍ଗୀର ଇଡ୍‌କୋ ଜମିରେ ଥିବା ଆର୍ଯ୍ୟା ମ୍ୟାରେଜ ପ୍ୟାଲେସକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି।

ଲାଗିଥିଲା। ଏହାପରେ ପୋଲିସ ପକ୍ଷରୁ ଇଡକୋ ଏବଂ ଉପଜିଲାପାଳଙ୍କୁ ଘଟଣା ସମ୍ପର୍କରେ ଜଣାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯାଇଥିଲା। ପୋଲିସର ଏଭଳି ସୂଚନା ପାଇବା ପରେ ଚୁକ୍ତି ଉଲ୍ଲଂଘନ କରିଥିବାରୁ ଲିଜ୍ ରଦ୍ଦ କରିବାକୁ ଇଡ୍‌କୋ ପକ୍ଷରୁ ତାଙ୍କୁ ନୋଟିସ୍ ଦିଆଯାଇଥିଲା। ଏନେଇ ଲ୍‌ମହାନ୍ତି କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଆଇନ ଉଲ୍ଲଂଘନ ହୋଇଥିବା ଦର୍ଶାଇ ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଇଡ୍‌କୋ ଡିଭିଜନାଲ ମ୍ୟାନେଜର ବେହେରା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଉପଜିଲାପାଳ କୁମାର ନାଗଭୂଷଣ କହିଥିଲେ ଯେ, ଏହି ସ୍ଥାନରୁ ଅଭିଯୁକ୍ତ ମହାନ୍ତି ଇଡକୋ ନିୟମ ଉଲ୍ଲଂଘନ କରି ଏଠାରେ ବିବାହ ମଣ୍ଡପ କରିବା ସହ ଆପରାଧିକ କାର୍ଯ୍ୟକଳାପ କରୁଥିଲେ। ଏସ୍‌ପି କୁଶଲକର କହିଛନ୍ତି ଯେ, ଇଡକୋ ପକ୍ଷରୁ ପୋଲିସକୁ ଜବରଦଖଲ ଉଚ୍ଛେଦ ପାଇଁ ଅନୁରୋଧ କରାଯାଇଥିଲା। ଏହି ସ୍ଥାନରୁ ଚିତ୍ତ ମହାନ୍ତି ଆପରାଧିକ କାର୍ଯ୍ୟ କରୁଥିଲେ। ଏଣୁ ଏହାକୁ ଉଚ୍ଛେଦ କରାଯାଉଛି ବୋଲି କହିଥିଲେ।

ଗତ ୨୦୨୨ ମେ ୨୧ରେ ବଲାଙ୍ଗୀର ସହର ଆରଟିଓ ଅଫିସ ଛକରେ ସିରିଜ୍ ଦୁର୍ଘଟଣା ଘଟିଥିଲା। ଟିଟିଲାଗଡ ପଟରୁ କ୍ଷୀପ୍ରଗତିରେ ଆସୁଥିବା ଏକ ମିନିଟ୍ରକ୍ (ଓଆର୦୩ ଏ ୫୩୯୦) ଏକ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ୍‌ରେ ବସିଥିବା ଶ୍ରୀକାନ୍ତ ବାଗ (୩୦) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ସାନୁ ନାୟକ ଗୁରୁତର ଆହତ ହୋଇଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନରୁ ଅଭିଯୁକ୍ତ ମହାନ୍ତି ଜେଲରେ ଅଛନ୍ତି।

# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

### ନାବାଳିକା ବଳାତ୍କାର ମାମଲା

ବଲାଙ୍ଗୀର ଅଫିସ,୨୨।୩

ବଲାଙ୍ଗୀର ପୋକ୍‌ସୋ ଫାଷ୍ଟଟ୍ରାକ୍ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଫାଷ୍ଟଟ୍ରାକ୍ ସ୍ପେଶାଲ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ମହୀମୁଣ୍ଡା ଗାଁର ଅଭିଯୁକ୍ତ ନନ୍ଦିକିଶୋର ନାଗ (୨୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡ ଏବଂ ୨୦ ହଜାର ଟଙ୍କା ଅର୍ଥଦଣ୍ଡାଦେଶ ଦେଇଛନ୍ତି। ଅର୍ଥଦଣ୍ଡ ଅନାଦାୟ ଆଉ ଦୁଇବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୧ ଜୁନ୍ ମାସରେ ମହୀମୁଣ୍ଡା ଗାଁର ଅଭିଯୁକ୍ତ ନାଗ ସେହି ଗାଁର ଜଣେ ୧୬ ବର୍ଷିୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ଏହି ଘଟଣା ପରେ ନାବାଳିକା ଗର୍ଭବତୀ ହୋଇଥିଲେ। ଏହାପରେ ସମ୍ପୃକ୍ତ ନାବାଳିକାଙ୍କୁ ଅଭିଯୁକ୍ତ ବେଲବାହାଲି ନେଇ ତାଙ୍କ ଗର୍ଭନଷ୍ଟ ଉଦ୍ୟମ କରିଥିଲେ। ତେବେ ଗର୍ଭନଷ୍ଟ ନହୋଇ ସମ୍ପୃକ୍ତା ନାବାଳିକା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଏହି ଘଟଣା ପରେ ଅଭିଯୁକ୍ତ ନାଗ ଏହି ନାବାଳିକାଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ଓ ଏହା ତାଙ୍କର କନ୍ୟାସନ୍ତାନ ନୁହେଁ ବୋଲି କହିଥିଲେ। ଏହାପରେ ପୀଡିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତଙ୍କ ପୋଲିସ ଗିରଫ କରିଥିଲା। ମାମଲା ପରେ କୋର୍ଟ ଆଦେଶରେ ସମ୍ପୃକ୍ତ କନ୍ୟା ସନ୍ତାନଙ୍କ ଡିଏନ୍‌ଏ ଟେଷ୍ଟ ସହ ୧୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଡିଏନ୍‌ଏ ରିପୋର୍ଟରେ ପୀଡିତା ଜନ୍ମ ଦେଇଥିବା କନ୍ୟାସନ୍ତାନଙ୍କ ପିତା ଅଭିଯୁକ୍ତ ବୋଲି ଜଣାପଡିଥିଲା। ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ଭିତ୍ତି କରି ଫାଷ୍ଟଟ୍ରାକ୍ ସ୍ପେଶାଲ ଜଜ୍ ମିଶ୍ର ଅଭିଯୁକ୍ତ ନାଗଙ୍କୁ ୩୭୬ ଆଇପିସି ଏବଂ ୬ ପକ୍‌ସୋ ଆକ୍ଟ ଅନୁଯାୟୀ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହିତ ଜିଲା ଆଇନ ସେବା ପ୍ରାଧିକରଣକୁ ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ଜୟରାମ ମିଶ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିରଳ ବଜ୍ରକାପ୍ତା ଉଦ୍ଧାର

#### ଜଙ୍ଗଲରେ ନେଇ ଛାଡ଼ିଲା ବନବିଭାଗ



ଖପ୍ରାଖୋଲ,୨୨।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ତରଫରୁ ରେଙ୍ଗାଲି ପଞ୍ଚାୟତ ଖୁରିପାଣୀ ଗାଁ ନିକଟରୁ ଏକ ବିରଳ ବାଜ୍ରକାପ୍ତା ବୁଧବାର ଉଦ୍ଧାର କରାଯାଇଛି। ଗାଁ ନିକଟ ଏକ ଚାଷ ଜମିରେ ବଜ୍ରକାପ୍ତା ଥିବା ଗ୍ରାମବାସୀଙ୍କଠାରୁ ଖବର ପାଇ ବନ ବିଭାଗ କର୍ମଚାରୀ ବଜ୍ରକପ୍ତାକୁ ଉଦ୍ଧାର କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ସନ୍ଧ୍ୟାରେ ଜଙ୍ଗଲରେ ଛଡା ଯାଇଥିବା ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ କହିଛନ୍ତି। ବାଜ୍ରକାପ୍ତାଟି ମଧ ବୟସ୍କ ହୋଇଥିବା ବେଳେ ଗନ୍ଧମାର୍ଦ୍ଦନ ପାହାଡ଼ ଅଞ୍ଚଳରୁ ରାତିରେ ଖାଦ୍ୟ ଅନ୍ୱେଷଣରେ ଆସି ରହିଯାଇଥାଇପାରେ ବୋଲି ରେଞ୍ଜ ଅଧିକାରୀ କହିଛନ୍ତି। ବନରକ୍ଷୀ ସଞ୍ଜୀବ ପ୍ରଧାନ, ପିତାମ୍ବର ମାଝି, ବନ ସୁରକ୍ଷା ସମିତି ସଭାପତି ତୁଳସୀ ଛତ୍ରିଆ, ଅର୍ଜୁନ ନାଗ, ଫାୟାର ସ୍କ୍ୱାଡ, ବନ୍ୟପ୍ରାଣୀ ସଦସ୍ୟ ଉପସ୍ଥିତ ଥିଲେ।

### ପାଇଖାନା କାର୍ଯ୍ୟକ୍ଷମ ସମ୍ପର୍କିତ କର୍ମଶାଳା

ଖପ୍ରାଖୋଲ,୨୨।୩(ଡି.ଏନ.ଏ.): ବଲାଙ୍ଗୀର ଜିଲ ଖପ୍ରାଖୋଲ ବ୍ଲକ ସଭା ଗୃହରେ ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପାଇଖାନା ବ୍ୟବହାର ଉପରେ ସଚେତନା କର୍ମଶାଳା ବିଡ଼ିଓ ରଶ୍ମି ରଞ୍ଜନ ରାଉତଙ୍କ ଅଧକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦର ଏପିଡି ଆଡମିନ ଗୁଣନିଧି ନାୟକ, ସମ୍ମାନୀତ ଅତିଥି ୟୁନିସେଫର ଜଳ, ପରିମଳ ଓ ପରିଚ୍ଛନ୍ନତାର ଜିଲା ସଂଯୋଜକ ବିଜୟକୁମାର ସାହୁ, ଜିଲା ସ୍ୱଚ୍ଛତା କମିଟି ଜିଲା ସଂଯୋଜକ ଦୁଷ୍ମନ୍ତ ସାହୁ, ପ୍ରଶାନ୍ତ ସାହୁ, ସହକାରୀ ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପାଇଖାନାଗୁଡ଼ିକ କିଭଳି ସମସ୍ତେ ବ୍ୟବହାର କରିପାରିବେ, ପାଇଖାନାରେ ଦୁଇଟି ଟାଙ୍କି କରିବା ସହ ସ୍ୱଛତା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ ମାନେ ଉପସ୍ଥିତ ଥିଲେ। ଜିପିଇଓ ବିକାଶ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

### ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ ଦାବି

ଲୋଇସିଂହା,୨୨।୩(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ହାଇସ୍କୁଲ ସମ୍ମୁଖରେ ଥିବା ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାନାନ୍ତରଣ ଦାବି ହେଉଛି । ଗ୍ରାମର ହାଇସ୍କୁଲ ଛକ ତଥା ବୁର୍ଡା-ବଡଟିକା ରାସ୍ତା ମୋଡାଣିରେ ଉକ୍ତ ଟ୍ରାନ୍ସଫର୍ମର ରହିଛି । ଏଥିରୁ ବସ୍ତିକୁ ବିଦ୍ୟୁତ ଯୋଗାଣ କରାଯାଇଛି । ହେଲେ ବୁର୍ଡା-ବଡଟିକା ରାସ୍ତା ପ୍ରଶସ୍ତିକରଣ କାମ ଯୋଗୁ ଟ୍ରାନ୍ସଫର୍ମର ରାସ୍ତାକଡ ସଂଲଗ୍ନ ହୋଇଯାଇଛି। ଜନବସତି ଭିତରେ ଟ୍ରାନ୍ସଫର୍ମର ରହିଥିବା ଏବଂ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ରହିଥିବାରୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହେଉଛି ।

### ଧର୍ମପ୍ରାଣା ସରୋଜିନୀ ମିଶ୍ରଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୨୨।୩: ବଲାଙ୍ଗୀର ସହର ମାଲପଡା ନିବାସୀ ଧର୍ମପ୍ରାଣା ସରୋଜିନୀ ମିଶ୍ର (୯୩)ଙ୍କ ବୁଧବାର ପରଲୋକ ହୋଇଯାଇଛି । ସେ ଜଣେ



ଧର୍ମପରାୟଣ, ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଆଶୁତୋଷ ମିଶ୍ର, ଅରୁଣ ମିଶ୍ର, ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସହ ନାତି ନାତୁଣି ସିଦ୍ଧାର୍ଥ, ସ୍ୱରୁପ, ଦେବାଶିଷ, ଆଦତ୍ୟ, ଶିଳା, ପୂଜା, ମାମାଲି, ବାପାଲି ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ । ତାଙ୍କ ଶବାଧାରରେ ମାଲପଡା ନାଗରିକ କମିଟି, ରେଲୱେ ଉପଭୋକ୍ତା ସଂଘ ଓ ଖଦ୍ୟୋତ ଅନୁଷ୍ଠାନର ଦିବାକର ହୋତା, ଧର୍ମବ୍ରତ ରଥ, ଯୁଧିଷ୍ଠିର ମିଶ୍ର, ନାରାୟଣ ପାଢୀ, ଅଶୋକ ଚାନ୍ଦ, ନରେନ୍ଦ୍ର କବାଟ, ରବିଚନ୍ଦ୍ର ପଶାୟତ, ଆକୁଳ ବେହେରା, ଦାମୋଦର ମିଶ୍ର, ଡା. ରାଧାକାନ୍ତ ମିଶ୍ର ଉପସ୍ଥିତ ଥିଲେ । ଜ୍ୟେଷ୍ଠ ପୁତ୍ର ଆଶୁତୋଷ ମିଶ୍ର ମୁଖାଗ୍ନି ଦେଇଥିଲେ ।

# ରାସ୍ତାକାମ ମନ୍ଥର ଗତିରେ ଚାଲିଥିବା ନେଇ ଅସନ୍ତୋଷ



ଦେଓଗାଁ ବ୍ଲକରେ ଜିଲା ପରିଷଦ ଷ୍ଟାଣ୍ଡିଙ୍ଗ କମିଟି ସଦସ୍ୟମାନେ।

### ଦେଓଗାଁରେ ଜିଲା ପରିଷଦ ଷ୍ଟାଣ୍ଡିଙ୍ଗ କମିଟି

ଦେଓଗାଁ, ୨୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପରିଷଦ ଷ୍ଟାଣ୍ଡିଙ୍ଗ କମିଟି ବୁଧବାର ଦେଓଗାଁ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦାରଖ କରିବା ସହ ସମୀକ୍ଷା କରିଛନ୍ତି । ଜିଲା ପରିଷଦ ଉପାଧ୍ୟକ୍ଷା ତଥା ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମିଥିଳା ମାଝିଙ୍କ ନେତୃତ୍ୱରେ ୧୨ନଂ ଜଲା ପରିଷଦ ସଦସ୍ୟା ମମତା କୁମୁରା, ୧୩ନଂ ସଦସ୍ୟା ସୁମତି ସେଠ, ୧୯ନଂ ସଦସ୍ୟା ସବିତା ସେଠ, ୬ନଂ ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା ବ୍ଲକ ଅଫିସକୁ ଆସି ବିଡିଓ ସୁରେନ୍ଦ୍ର କୁମାର ମେହେର, ସହକାରୀ ଯନ୍ତ୍ରୀ ତଥା ବ୍ଲକ କର୍ମଚାରୀଙ୍କ ସହ ବିଭିନ୍ନ ଉନ୍ନୟନ କାମକୁ ନେଇ ଆଲୋଚନା କରିଥିଲେ। ପରେ କୁତୁର୍ଲା, ବଡବନ୍ଧ, ଲଣ୍ଡାପଥର, ସାରସମାଲ, ଧଣ୍ଡାମାଲ ଆଦି ପଞ୍ଚାୟତକୁ ଯାଇ ପୂର୍ତ୍ତ ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ଚାଲିଥିବା ରାସ୍ତା ଉନ୍ନତିକରଣ, ପୋଲ ନିର୍ମାଣ ଆଦି କାର୍ଯ୍ୟର ତଦାରଖ କରିଥିଲେ। ଏଥିସହ ପୂର୍ତ୍ତବିଭାଗ ଓ ଆରଡି ବିଭାଗର ରାସ୍ତାକାମ ମନ୍ଥର ଗତିରେ ଚାଲିଥିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ଅବସରରେ ସ୍ଥାନୀୟ ବାସିନ୍ଦା ମନଇଚ୍ଛା କାମ କରାଯାଉଥିବା ନେଇ ଅଭିଯୋଗ କରିଥିଲେ। ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ତ୍ତ ବିଭାଗ ଏସଡିଓ ବିଜନ କୁମାର ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମୁକୁନ୍ଦ କିଷାନ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତ, ବନିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ବନ ଦିବସ ପାଳିତ

କଣ୍ଟାବାଞ୍ଜି, ୨୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନ ପଖନମୁଣ୍ଡା ଗାଁରେ ବିଶ୍ୱ ବନ ଦିବସ ବୁଧବାର ପାଳିତ ହୋଇଯାଇଛି । କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଓ ପଖନମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ମିଳିତ ଉଦ୍ୟମରେ ଏହି ବିଶ୍ୱ ବନ ଦିବସ ପାଳନ ହୋଇଛି। ଜଙ୍ଗଲର ସମସ୍ତ ଗଛଲତା ଆମ ବନ୍ଧୁ, ଦେବତା ଏବଂ ମା' ଭଳି ବୋଲି ଅତିଥିମାନେ କହିଥିଲେ। ଏହି ଦିବସ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ବିରଞ୍ଚି ନାରାୟଣ ଦାଶଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ରେଞ୍ଜ ଅଫିସର ଶ୍ରଦ୍ଧାଦେବ ବଡମାଳି ମୁଖ୍ୟ ଅତିଥି, କମେଇମୁଣ୍ଡା ସରପଞ୍ଚ ବିନୋଦିନୀ ନାଗ, ସିଆରସିସି ଧନସିଂ ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈବଲ୍ୟ ମାଝି, ଆଙ୍ଗନୱାଡି କର୍ମୀ ଭାରତୀ ସାହୁ ସମ୍ମାନୀତ ଅତିଥ, ତୁରେକେଲା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକିର ଚରଣ ବିଶି ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ । ସଭା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜଙ୍ଗଲ ସୁରକ୍ଷା ଉପରେ ସଚେତନତା ବାର୍ତ୍ତାଦେଇ ଗ୍ରା ପରିକ୍ରମା କରିଥିଲେ।

# ଜାତୀୟ ଅସିଚାଳନା ପ୍ରତିଯୋଗିତା ପାଇଁ ଓଡିଶା ଦଳ ଘୋଷିତ



ଜାତୀୟ ଅସିଚାଳନା ପ୍ରତିଯୋଗିତା ପାଇଁ ମନୋନୀତ ବଲାଙ୍ଗୀରର ଖେଳାଳି।

### ବଲାଙ୍ଗୀରର ୫ ପୁରୁଷ, ୫ ମହିଳା ମନୋନୀତ

ବଲାଙ୍ଗୀର ଅଫିସ, ୨୨।୩

ମହାରାଷ୍ଟ୍ରର ପୁନେସ୍ଥିତ ଶ୍ରୀଶିବାଜୀ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆସନ୍ତା ୨୪ ମାର୍ଚ୍ଚରୁ ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଜାତୀୟ ଅସିଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଓଡିଶା ଦଳ ଅଂଶଗ୍ରହଣ କରିବ। ଓଡିଶା ଦଳରେ ବଲାଙ୍ଗୀରର ଦଶ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ପୁରୁଷ ବର୍ଗରେ ଫଏଲ ଇଭେଣ୍ଟରେ ସାହିଲ କୁମ୍ବାର, ଏପିଇରେ ନୀତିନ ସ୍ୱାଇଁ ଓ ରୋଶନ ସାହୁ ଏବଂ ଜ୍ୟୋତି ରଞ୍ଜନ ଠାକୁର, ସେବର ଇଭେଣ୍ଟରେ ବିବେକାନନ୍ଦ ପଟେଲ ମନୋନୀତ ହୋଇଛନ୍ତି। ମହିଳା ବର୍ଗରେ ଇପିଇ ଇଭେଣ୍ଟରେ ଅନ୍ୱେଷା ରାଉତ, ଶୁଭର୍ଦ୍ଦାର ବେହେରା ଏବଂ ସେବର ଇଭେଣ୍ଟରେ ସୌଦାମିନୀ କାଣ୍ଡି, ପାୟଲ ବିଶ୍ୱାଳ ଏବଂ କୋଚ ସୁକାନ୍ତ ସେଠ୍ ଚୟନ ହୋଇଥିବା ଜିଲ୍ଲା ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି। ଏହି ମନୋନୀତ ଖେଳାଳୀମାନେ ପୁନା ଗସ୍ତ କରିବେ। ଓଡିଶା ଦଳ ପକ୍ଷରୁ ମନୋନୀତ ହୋଇଥିବାରୁ ସମସ୍ତ କୃତୀ ଖେଳାଳିଙ୍କୁ ଜିଲା ସମ୍ପାଦକ ପୁରୋହିତଙ୍କ ସହ ଅନ୍ୟଖେଳାଳି ଓ କ୍ରୀଡାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି।

# ନବଜାତ ଶିଶୁପୁତ୍ର ଉଦ୍ଧାର

- ନବଜାତକ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି
- ଠେଲକୋଛାପରରେ ଉତ୍ତେଜନା

ବଲାଙ୍ଗୀର ଅଫିସ,୨୨।୩

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଭରତବାହାଲ ଗ୍ରାମପଞ୍ଚାୟତ ଠେଲକୋଛାପର ଗାଁରେ ବୁଧବାର ଜଣେ ଦମ୍ପତି ଏକ ନବଜାତ ଶିଶୁପୁତ୍ର କେଉଁଠୁ ଆଣି ରଖିଥିବା ଜଣାପଡିଥିଲା। ଖବର ପାଇ ଅପରାହ୍ଣରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ)ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ର ଉଦ୍ଧାର କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂଙ୍କୁ ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଠେଲକୋଛାପର ଗ୍ରାମର ବାସନ୍ତୀ ଦୀପ ଏବଂ ସୁଶୀଳ ଦୀପଙ୍କ ଘରେ ଏକ ନବଜାତ ଶିଶୁପୁତ୍ର ଥିବା ଖବର ମିଳିଥିଲା। ଏହି ଶିଶୁପୁତ୍ର ସମ୍ପୃକ୍ତ ଦମ୍ପତିଙ୍କ ନୁହେଁ ଏବଂ ସେମାନେ କେଉଁଠୁ ଆଣି ରଖିଥିବା ଖବର ମିଳିଥିଲା। ଏହାପରେ ଡିସିପିୟୁ ଟିମ୍ ଉକ୍ତ ଗାଁରେ ଚଢ଼ାଉ କରିଥିଲେ। ପଚରାଉଚରା ବେଳେ ସମ୍ପୃକ୍ତ ଦମ୍ପତି ଶିଶୁପତ୍ରକୁ କେସିଙ୍ଗା ରେଲଷ୍ଟେଶନ୍ ନିକଟରୁ ପାଇଥିବା କହିଥିଲେ। ଏହାପରେ ନାନା କଥା କହି ଶିଶୁପୁତ୍ରକୁ ଡିସିପିୟୁ ଟିମ୍‌କୁ ଦେବେନାହିଁ ବୋଲି କହିଥିଲେ। ପରେ ପୋଲିସ ସହାୟତାରେ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ସମ୍ପୃକ୍ତ ଶିଶୁପୁତ୍ରକୁ ଉଦ୍ଧାର କରି ଜିଲା ଶିଶୁ କଲ୍ୟାଣ ସମିତିରେ ହାଜର କରାଯାଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ଡିସିପିଓ ସିଂଙ୍କୁ ପଚରାଯିବାରୁ ଏବେ ଶିଶୁପୁତ୍ରଟି ଭୀମ ଭୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସେହି ଶିଶୁପୁତ୍ରକୁ ଦମ୍ପତି କେଉଁଠାରୁ ଆଣିଥିଲେ ସେନେଇ ତଦନ୍ତ କରାଯାଉଛି ବୋଲି କହିଛନ୍ତି।

# ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା

ଦେଓଗାଁ, ୨୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା କୃଷି ସେବା ସମବାୟ ସମିତିରେ ବୁଧବାର ନାବାର୍ଡ ସହାୟତାରେ ଆର୍ଥିକ ସାକ୍ଷରତା ସଚେତନତା ଶିବିର ତଥା ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ନିଳାମ୍ବର ପାଣିଗ୍ରାହୀଙ୍କ ସଭାପତିତ୍ୱ ତଥା ପାକ୍ସ ସମ୍ପାଦକ ଜିତେନ୍ଦ୍ର ନାଗଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟବକ୍ତାଭାବେ ଦେଓଗାଁ ବ୍ୟାଙ୍କ ଶାଖା ପରିଚାଳକ ଜିତେନ୍ଦ୍ର କୁମାର ରାଉତ, ସମ୍ମାନୀତ ଅତିଥିଭାବେ କୁତୁର୍ଲା ସରପଞ୍ଚ ତେଜ ହରପାଲ ଓ ହାତିସରା ସରପଞ୍ଚ କେଲୋ ଡାଙ୍ଗ ଯୋଗଦେଇଥିଲେ। ସମବାୟ ସମିତିରୁ କୃଷକ ମାନେ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ନେଲେ ଏକବର୍ଷ ପର୍ଯ୍ୟନ୍ତ ସୁଧ ପଡିବନି ବୋଲି ସୂଚନା ଦିଆଯାଇଥିଲା।




ଆର୍ଥିକ ସାକ୍ଷରତା ସଚେତନତା ଶିବିରରେ ଅତିଥିମାନେ।

# ବିଡିଓଙ୍କୁ ଲୋକଉନ୍ନତି ସଂଗଠନର ଦାବିପତ୍ର

ଦେଓଗାଁ, ୨୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲୋକଉନ୍ନତି ସଂଗଠନ ତରଫରୁ ବିଭିନ୍ନ ଦାବି ନେଇ ବୁଧବାର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସମ୍ପାଦକ ମିଥୁନ ସୁନା, ରୂପାଧର ପୁଟା, ସଭାନେତ୍ରୀ ଶାନ୍ତି ଭୋଇଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ବ୍ଲକ ଛକରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସରେ ପହଞ୍ଚିଥିଲେ। ପ୍ରତି ନଳକୂପରେ ସୋକପିଟ, ଚାନ୍ଦନୀ ଓ ଡ୍ରେନ ନିର୍ମାଣ, ଅଚଳ ନଳକୂପଗୁଡିକୁ ଯୁଦ୍ଧକାଳୀନଭିତ୍ତିରେ ମରାମତ, କିଶୋରୀ ବାଳିକାଙ୍କୁ ନିୟମିତ ପୃଷ୍ଟିକର ଖାଦ୍ୟ ଯୋଗାଣ, ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା, ରୋଷେଇ ଗୃହ ଓ ପାନୀୟ ଜଳ ବ୍ୟବସ୍ଥା କରିବା ଆଦି ଦାବି ଉପରେ ଆଲୋକପାତ କରିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୬ଦଫା ସମ୍ବଳିତ ଦାବିପତ୍ର ବିଡିଓ ସୁରେନ୍ଦ୍ର କୁମାର ମେହେରଙ୍କୁ ପ୍ରଦାନ କରାଯାଇଥିଲା।



ଲୋକଉନ୍ନତି ସଂଗଠନ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଜଙ୍ଗଲ ସୁରକ୍ଷା ନାଗରିକଙ୍କ ଅସଲ କର୍ତ୍ତବ୍ୟ

ବଲାଙ୍ଗୀର ଅଫିସ, ୨୨।୩

ବଲାଙ୍ଗୀର ସ୍ଥିତ ହୋଟେଲ ଭ୍ରମର ସମ୍ମିଳନୀ କକ୍ଷରେ ଆରସିଡିସି ଅନୁଷ୍ଠାନ ପକ୍ଷରୁ ଖପ୍ରାଖୋଲ ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତର ଗ୍ରାମବାସୀଙ୍କ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ସତ୍ୟମୟ ଶତପଥୀ, ସମ୍ମାନିତ ଅତିଥିଭାବେ ଓର୍‌ମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କମଳେନ୍ଦୁ ପଲ, ଜିଲା ମେଧାବୃତ୍ତି ସଂଯୋଜକ ଖଗେଶ୍ୱର ମହାକୁଡ଼, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ମଳୟ କୁମାର ଶତପଥୀ, ଆରସିଡିସି ପ୍ରୋଗ୍ରାମ ମ୍ଯାନେଜର କୁଳମଣି ସାହୁ, ସିଡିପି ପୂର୍ବତନ ଜିଲା ସଂଯୋଜକ ବିଶ୍ୱବାସ କର୍ମୀ, ସାମ୍ବାଦିକ ଗୋପବନ୍ଧୁ ଶତପଥି ଯୋଗଦେଇଥିଲେ। ଅତିଥିମାନେ ଗ୍ରାମାଞ୍ଚଳର ପାରମ୍ପରିକ ଖାଦ୍ୟ, ସଂସ୍କୃତି ଅଧିକାର, ଆଦିବାସୀଙ୍କ ଜୀବନ ଜୀବିକା, ଖାଦ୍ୟ, ସାର୍ବଭୌମତ୍ୱ ଓ ନିଜସ୍ୱ ଶାସନ ବ୍ୟବସ୍ଥା ଉପରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଜଙ୍ଗଲ ସୁରକ୍ଷା ଜନସାଧାରଣଙ୍କ ଅସଲ କର୍ତ୍ତବ୍ୟ ବୋଲି ଅତିଥିମାନେ କହିଥିଲେ। ବନବିଭାଗକୁ ସହଯୋଗ କରିବା ସହ ବନ୍ୟଜନ୍ତୁ ଓ ଉଦ୍ଭିଦ ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ କର୍ମୀ ଟ୍ୱିଙ୍କିଲ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଞ୍ଚଳିକ ପରିଚାଳକ ଶମ୍ଭୁ ସାହୁ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଦେବରାଜ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖପ୍ରାଖୋଲ ବ୍ଲକ ଚାରୋଟି ଗ୍ରାମ ପଞ୍ଚାୟତ ଅଧିନ ୧୬ଗାଁର ଜଙ୍ଗଲ ଅଧିକାର କମିଟି, ଗ୍ରାମ ବିକାଶ କମିଟି, ଗାନ୍ଧମାର୍ଦ୍ଦନ ଖାଦ୍ୟ ସୁରକ୍ଷା ମହାସଂଘ, ଦେଶୀ ବିହନ ବଞ୍ଚାଅ ସଙ୍ଗଠନ ସଭ୍ୟାସଭ୍ୟ, ଦେଓଗାଁ ବ୍ଲକର କୁଲିତାପଡ଼ା, ଅର୍ଜୁନପୁର, ମହଲେ ଓ ବଡ଼ବାହାଲର ସଭ୍ୟମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଅଜୟ ବେହେରା,ବୈକୁଣ୍ଠ ବାଗ, ଲିଙ୍ଗରାଜ ନିଆଲ, ସୋମନାଥ ଜାଲ ପ୍ରମୁଖ ସହଯୋଗ କରିଥିଲେ।




ଆରସିଡିସି ପକ୍ଷରୁ ବନ ଦିବସ ପାଳନ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ

**ଅମରପାଲି,୨୨।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳରେ ଦୁଇ ଜଣ ଚାଷୀଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ କହି ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କାର ଠକେଇ କରିଥିବା ସ୍ଥାନୀୟ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଚାଷୀ ହେଲେ ବୀରମହାରାଜପୁର ଥାନା ଅନ୍ତର୍ଗତ ହିକୁଡି ଗ୍ରାମର ରବି ସେଠୀ(୩୫) ଓ ବାଘଲପୁର ଗ୍ରାମର ସୌମିତ୍ରୀ ପଧାନ(୪୦)। ଅଭିଯୋଗ ଅନୁଯାୟୀ, ସମ୍ବଲପୁର ଜିଲା ଚାରମାଲ ଥାନା ଅଧୀନ ତୁଟାମୁଣ୍ଡା ଗ୍ରାମର ବାବୁଲାଲ ଛନ୍ଦ ସୌମିତ୍ରୀଙ୍କୁ କୃଷି ଯନ୍ତ୍ରପାତି ଯୋଗାଇ ଦେବାର ମାଲିକାନାପତ୍ର ଦେଖାଇ ବିଶ୍ୱାସ ଜନ୍ମାଇଥିଲେ । ଏନେଇ ସେ ଗତ ତା୮।୮।୨୦୨୧ରିଖରେ ନଗଦ ୨ଲକ୍ଷ ଟଙ୍କା ନେଇଥିଲେ । ସେହିପରି ଉକ୍ତ ବ୍ୟକ୍ତି ଜଣକ ହିକୁଡି ଗ୍ରାମର ରବିଙ୍କୁ ମଧ ଅନୁରୂପ ଭାବେ କୃଷି ଯନ୍ତ୍ରପାତି ଯୋଗାଇ ଦେବାକୁ କହି ଗତ ତା୨୨।୭।୨୨ରିଖରେ ୩୦ହଜାର ଟଙ୍କା ପ୍ରଥମେ ନେଇଥିଲେ । ପରେ ଗତ ତା ୨।୮।୨୨ରେ ୭୦ହଜାର ଟଙ୍କା ଓ ଜମାଖାତାରେ ୧ଲକ୍ଷ ୭୦ ହଜାର ଟଙ୍କା ନେଇଥିଲେ । ଟଙ୍କା ନେଇଥିଲେ ହେଁ ସେ କୃଷି ଯନ୍ତ୍ରପାତି ଦେଇ ନ ଥିଲେ କି ଧରାଛୁଆଁ ମଧ ଦେଉ ନ ଥିଲେ । ପରବର୍ତ୍ତୀ ସମୟରେ ସେ ଦେଇଥିବା ଚେକ୍ ବାଉନ୍ସ ହୋଇ ଯାଇଥିଲା । ଏହାପରେ ବାବୁଲାଲ ଉଭୟଙ୍କୁ ଏକ ସତ୍ୟପାଠ କରି ଟଙ୍କା ଫେରାଇ ଦେବାକୁ କହିଥିଲେ । ମାତ୍ର ସେ ଟଙ୍କା ଫେରାଇ ନ ଥିବାରୁ ବାଧ ହୋଇ ଉଭୟ ଅଭିଯୋଗକାରୀ ରବି ଓ ସୌମିତ୍ରୀ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ସୁବଳୟା ଥାନା ଅନ୍ତର୍ଗତ ଡୁମୁରୀ ଗ୍ରାମର ସଞ୍ଜୀପ ଦାଶ ନାମକ ବ୍ୟକ୍ତିଙ୍କୁ ମଧ ବାବୁଲାଲ ଅନୁରୂପ ଭାବେ ଠକେଇ କରି ୨ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ । ଏନେଇ ସଞ୍ଜୀପଙ୍କ ଅଭିଯୋଗ କ୍ରମେ ସୁବଳୟା ଥାନାରେ ମଙ୍ଗଳବାର ଏକ ମାମଲା (କେସ ନଂ ୩୮) ରୁଜୁ ହୋଇଥିବା ଥାନା ଅଧିକାରିଣୀ ଅଞ୍ଜଳି କୁମାର ପ୍ରକାଶ କରିଛନ୍ତି ।

### ହିନ୍ଦୁ ନବବର୍ଷରେ ରକ୍ତଦାନ ଶିବିର



**ଜାମଟିକ୍ରା, ୨୨।୩(ଡି.ଏନ.ଏ.):** ବରଗଡ ଜିଲା ଅତାବିରା ବ୍ଲକ ଝିଲିମିଣ୍ଡା ପଞ୍ଚାୟତ ଅଧିନ ଗୁର୍ଖାପାଲିରେ ହିନ୍ଦୁ ନବବର୍ଷ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ଗୁର୍ଖାପାଲି ଗ୍ରାମ ଉନ୍ନୟନ କମିଟି ସଭାପତି ଋଷଭ ପଧାନ ପଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ୨୭ ମହିଳାଙ୍କ ସମେତ ୫୧ଜଣ ରକ୍ତଦାନ କରିଥିଲେ । ଭିମସାରର ରକ୍ତ ସଂଗ୍ରହକାରୀ ଦଳ ରକ୍ତସଂଗ୍ରହ କରିଥିଲେ ।

### ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ



**ପଦ୍ମପୁର, ୨୨।୩ (ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ଅନ୍ତର୍ଗତ ସରେଇକେଲାସ୍ଥିତ ପୁଦୀ ମା' ମନ୍ଦିର ପ୍ରତିଷ୍ଠା ମହୋତ୍ସବ ବୁଧବାର ଆରମ୍ଭ ହୋଇଛି। ୨୫ ତାରିଖ ଯାଏ ଉତ୍ସବ ଚାଲିବ। ଉତ୍ସବର ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା ସହ ଯଜ୍ଞ ମଣ୍ଡପ ସ୍ଥାପିତ ହୋଇଛି। ନବୀନ ବାରିକ- ବିଚିତ୍ରା ବାରିକ, ସଦାନନ୍ଦ ବହିଦାର-ଅନୁସୟା ବହିଦାର, ନରସିଂହ ପ୍ରଧାନ-ବିଦେଶିନୀ ପ୍ରଧାନ, ଅଶୋକ ପ୍ରଧାନ-ମିନାବତୀ ପ୍ରଧାନ, ବାବୁଲାଲ ବାରିକ-ସିନ୍ଧୁସୁତା ବାରିକ, ଅନନ୍ତ ନାଏକ-ଅଶ୍ୱିନୀ ନାଏକ, ସମୀର ପ୍ରଧାନ-ରଶ୍ମି ପ୍ରଧାନ, କାନ୍ତିଲାଲ ମାଝି-ଗୀତା ମାଝି, ଯୌବନ ପ୍ରଧାନ-ପୁଷ୍ପାଞ୍ଜଳୀ ପ୍ରଧାନ ଆଦି ନଅ ଜଣ ଦମ୍ପତ୍ତି ପୂଜା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଆଚାର୍ଯ୍ୟ ବିଦ୍ୟାଚାରଣ ମିଶ୍ର ଓ ସହଯୋଗୀ ପଣ୍ଡିତ ପୂଜାକାର୍ଯ୍ୟ କରୁଛନ୍ତି। ରତ୍ନମୋଦ ଉତ୍ସବରେ ମନ୍ଦିର ଶିଳ୍ପୀ ସତ୍ୟମ ଭୁରସାପାଲିଙ୍କୁ ବିଶକର୍ମା ବରଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସରେଇକେଲା ମନ୍ଦିର ପ୍ରତିଷ୍ଠା କମିଟି ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

# କ୍ରାଇମ ସିନ୍ ରିକ୍ରିଏଟ୍ କଲା ପୋଲିସ

**ବରଗଡ଼ ଗୁଳିକାଣ୍ଡ ଘଟଣା**

- ଆଉ ୩ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
- ବ୍ୟବହୃତ ପିସ୍ତଲ ଓ ଅନ୍ୟ ମାରଣାସ୍ତ୍ର ଜବତ

**ବରଗଡ଼ ଅଫିସ୍,୨୨।୩**



କୋର୍ଟଚାଲାଣ ପୂର୍ବରୁ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି ।

ବରଗଡ଼ ସହରର ସରକାରୀ ବସ୍ଷ୍ଟାଣ୍ଡ ନିକଟରେ ଗତ ୯ତାରିଖ ରାତି ପ୍ରାୟ ୯ଟାରେ ସଂଘଟିତ ଗୁଳିକାଣ୍ଡ, ଭୁଜାଲି ମାଡ଼ ଘଟଣାରେ ସମ୍ପୃକ୍ତ ଆଉ ୩ଅଭିଯୁକ୍ତଙ୍କୁ ସ୍ଥାନୀୟ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବିହାର ରାଜ୍ୟ ଭୋଜପୁର ଜିଲା ସଲନିର ଥାନା ଇନୋର୍କି ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ଟାଉନ ଥାନା ପାଣିଛତରର ଗୌଳାପଡ଼ାରେ ରହୁଥିବା ରୋହିତ ଯାଦବ(୨୧), ରେଳଷ୍ଟେଶନ ପଡ଼ାର ବିଜୟ କେତନ ମହାନ୍ତି(୪୮) ଏବଂ ବରଗଡ଼ ସଦର ଥାନା ଅନ୍ତର୍ଗତ ଲାଉନସରାର କ୍ଷୀରୋଦ୍ର ବିଶ୍ୱାଳ(୨୫)। ଏହାପରେ ଏପର୍ଯ୍ୟନ୍ତ ଉକ୍ତ ଘଟଣାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୧୧ରେ ପହଞ୍ଚିଛି। ଗିରଫ ଅଭିଯୁକ୍ତଙ୍କ ପାଖରୁ ବ୍ୟବହୃତ ପିସ୍ତଲ, ଟାଙ୍ଗିଆ ଆଦି ମାରଣାସ୍ତ୍ର, ବାଇକ୍ ଆଦି ଜବତ ହୋଇଛି। ବୁଧବାର ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୭ଜଣଙ୍କୁ ନେଇ ପୋଲିସ ଘଟଣାସ୍ଥଳରେ ସିନ୍ ରିକ୍ରିଏଟ୍ କରିଥିଲା । ଏହାପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଦଫା ୩୪୧, ୧୪୩, ୧୪୭, ୧୪୮, ୩୨୩, ୩୨୬, ୩୦୭, ୨୯୪, ୫୦୬, ୧୪୯, ୧୨୦(ବି) ଆଇପିସି, ୨୫/୨୭ ଆର୍ମସ ଆକ୍ଟ ଏବଂ ୩ଏସଟି, ଏସସି ପି.ଏ ଆକ୍ଟରେ ଏକ ମାମଲା(ନଂ-୧୬୬/୨୩) ରୁଜୁ କରିଛି।

ଗତ ୯ତାରିଖ ରାତି ପ୍ରାୟ ୮ଟା ୪୫ମିନିଟ୍‌ରେ ବରଗଡ଼ ହାଟପଦାର ଜଗନ୍ନାଥ କର୍ଣ୍ଣ ତାଙ୍କ ବନ୍ଧୁ ଲକ୍ଷ୍ମଣ ସାହୁଙ୍କ ସହିତ ବରଗଡ଼ ସରକାରୀ ବସ୍ଷ୍ଟାଣ୍ଡ ପାଖରେ ରହିଥିବା ଏକ କୁକୁଡ଼ା ଦୋକାନ ପାଖରେ ବସିଥିଲେ । ଏହି ସମୟରେ ଅଭିଯୁକ୍ତମାନେ ବନ୍ଧୁକ, ଭୁଜାଲି ଆଦି ମାରଣାସ୍ତ୍ର ଧରି ବାଇକ୍ ଏବଂ କାର୍ ଯୋଗେ ସେଠାକୁ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଜଗନ୍ନାଥ ଗୁରୁତର ଆହତ ହୋଇଥିବାବେଳେ ଲକ୍ଷ୍ମଣ ସାମାନ୍ୟ ଆହତ ହୋଇଥିଲେ। ଲକ୍ଷ୍ମଣଙ୍କ ଏତଲାକ୍ରମେ ପୋଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ ଚଲାଇଥିଲା। ଏହି ଘଟଣାରେ ପୋଲିସ ଗତ ୧୦ତାରିଖ ବରଗଡ଼ ରେଳ ଷ୍ଟେଶନ ପଡ଼ାର ବିଷ୍ଣୁରଞ୍ଜନ ମହାପାତ୍ର(୩୩), ମନାବନ୍ଧ ପଡ଼ାର ପ୍ରମୋଦ ମଲ୍ଲିକ(୪୨)ଙ୍କୁ ଗିରଫ କରିଥିବାବେଳେ ଗତ ୧୨ତାରିଖ ବରଗଡ଼ ରେଳ ଷ୍ଟେଶନ ପଡ଼ାର ସୁଜିତ ସ୍ୱାଇଁ(୨୬), ଦୁଷ୍ମନ୍ତ ମହାନ୍ତି(୨୮), ସରୋଜ ମଲ୍ଲିକ(୨୮), ଦିବ୍ୟରଞ୍ଜନ ଦାଶ(୨୭), ଅମିତ କୁମାର ନାୟକ(୨୪) ଏବଂ ଇନ୍ଦ୍ରଜିତ ସ୍ୱାଇଁ(୨୭) ପୋଲିସ ହାତରେ ଧରାପଡ଼ି କୋର୍ଟଚାଲାଣ ହୋଇଥିଲେ । ଜାମିନ ନାମଞ୍ଜୁର ହେବାରୁ ସେମାନେ ବରଗଡ଼ ସବଜେଲ ହାଜତରେ ଥିଲେ। ତେବେ ଗତ ୨୦ତାରିଖ ପୋଲିସ ସବଜେଲରେ ରହିଥିବା ଅଭିଯୁକ୍ତ ବିଷ୍ଣୁରଞ୍ଜନ, ପ୍ରମୋଦ, ସୁଜିତ ଏବଂ ଦିବ୍ୟରଞ୍ଜନ ଦାଶଙ୍କୁ ରିମାଣ୍ଡରେ ଆଣିଥିଲା। ଏହି ୪ଅଭିଯୁକ୍ତଙ୍କ ସହିତ ରୋହିତ, ବିଜୟକେତନ ଏବଂ କ୍ଷୀରୋଦ୍ରଙ୍କୁ ନେଇ ବୁଧବାର ପୋଲିସ ଘଟଣାସ୍ଥଳରେ ସିନ୍ ରିକ୍ରିଏଟ୍ କରିଥିଲା।

## ୬୩ ଜଣ ସୁରକ୍ଷା ଜଗୁଆଳିଙ୍କ ୨ ମାସ ଦରମା ନ ଦେଇ ଅଧିକାରୀ ଫେରାର

**ଥାନାରେ ଅଭିଯୋଗ**

**ବାଉଁଶୁଣୀ,୨୨।୩(ଡି.ଏନ.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୬୩ଜଣ ସୁରକ୍ଷା ଜଗୁଆଳିଙ୍କ ଦୁଇ ମାସର ଦରମା ନ ଦେଇ ସମ୍ପୃକ୍ତ ଅଧିକାରୀ ଫେରାର ହୋଇ ଯାଇଛନ୍ତି। ଏ ନେଇ ସୁରକ୍ଷା ଜଗୁଆଳିମାନେ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବାଉଁଶୁଣୀ ଥାନା ଅଞ୍ଚଳ ସମେତ ବୌଦ୍ଧ ଜିଲାର ୬୩ ଜଣ ଯୁବକଙ୍କୁ ଏକ ସଂସ୍ଥା ରେଳଲାଇନ କାମରେ ନିୟୋଜନ କରିଥିଲା। ରେଳଲାଇନ କାମରେ ଉକ୍ତ ସଂସ୍ଥାର ସମୟସୀମା ସରି ଯାଇଥିବାରୁ ଅନ୍ୟ ଏକ ସଂସ୍ଥା ସୁରକ୍ଷା ଦାୟିତ୍ୱ ନେଇଛି। ଉକ୍ତ ସଂସ୍ଥା ସେହି ସୁରକ୍ଷା ଜଗୁଆଳିଙ୍କ ଜାନୁୟାରୀ ଓ ଫେବୃୟାରୀ ମାସର ବକେୟା ଦରମା ପ୍ରାୟ ୧୨ ଲକ୍ଷ ୬୦ ହଜାର ଟଙ୍କା ଦେବାକୁ ମନା କରି ଦେଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଧିକାରୀ ଫେରାର ହୋଇ ଯାଇଥିବାରୁ ଜଗୁଆଳିମାନେ ହତାଶ ହୋଇ ପଡିଛନ୍ତି । ସୁରକ୍ଷା ଜଗୁଆଳିମାନେ ଠକାମିରେ ପଡି ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଦିନ କାଟୁଛନ୍ତି । ଯଦି ବକେୟା ଟଙ୍କା ଦିଆ ନଯାଏ ତାହାଲେ ଆନ୍ଦୋଳନ କରିବାକୁ ଜଗୁଆଳିମାନେ ଚେତାବନୀ ଦେଇଛନ୍ତି ।

# ଓଡ଼ିଶା ଦିବସ ପାଳନ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ ।

**ବରଗଡ଼ ଅଫିସ୍,୨୨।୩**

ଓଡ଼ିଶା ଦିବସ ତଥା ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ପାଳନ ପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପା ମିର୍ଧା ଟପ୍ପୋ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଏପ୍ରିଲ ୧ତାରିଖ ଓଡ଼ିଶା ଦିବସ ତଥା ବରଗଡ଼ ଜିଲା ପ୍ରତିଷ୍ଠା ଦିବସ ସମାରୋହରେ ପାଳନ କରିବା ପାଇଁ ବୈଠକରେ ଆଲୋଚନା ହେବା ସହିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିରୀକୃତ ହୋଇଥିଲା। ପ୍ରଭାତଫେରୀ, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ବକ୍ତୃତା, ଚିତ୍ରାଙ୍କନ, ଅଭିମତ ପ୍ରତିଯୋଗିତା, ସହରର ବିଭିନ୍ନ ସ୍ଥାନରେ ତୋରଣ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଆଲୋକ ସାଜସଜ୍ଜା ଏବଂ ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ସଭା ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ କୃତ୍ତିବାସ ରାଉତ, ଜିଲା ଓକିଲ ସଂଘ ସମ୍ପାଦକ ହରିହର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ବୈଠକର ପରିଚାଳନା କରିଥିଲେ।

## ମାଟୁପାଲିରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

**ଉଲୁଣ୍ଡା,୨୨।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମାଟୁପାଲି ବୀର ସୁରେନ୍ଦ୍ର ସାଏ ପ୍ରଭାତ ଶାଖା ପକ୍ଷରୁ ବୁଧବାର ଉକ୍ତ ଗ୍ରାମରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଧୁମଧାମରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଟୁପାଲି ବୀର ସୁରେନ୍ଦ୍ର ସାଏ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇଥିଲେ । ଏହି ଅବସରରେ ଭାଇଚାରାର ମହାନ ପର୍ବ ହିନ୍ଦୁ ନବବର୍ଷକୁ ପାଳନ କରିବା ଓ ଗୈରିକ ପତାକା ଘରେ ଲଗାଇବା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଉକ୍ତ ଶୋଭାଯାତ୍ରା ବୀର ସୁରେନ୍ଦ୍ର ସାଏ କ୍ଲବରୁ ବାହାରି ଗ୍ରାମର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଏଥିରେ ସଂଘର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ।

## ମୋ ସ୍କୁଲ ଅଭିଯାନକୁ ୫ଲକ୍ଷ ଦେଲା ପୁରାତନ ଛାତ୍ରସଂଘ

**ପାଇକମାଳ, ୨୨।୩(ଡି.ଏନ.ଏ.)**

**ମାଣ୍ଡୋସିଲ ହାଇସ୍କୁଲ**

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ହାଇସ୍କୁଲରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୁରାତନ ଛାତ୍ର ସଂସଦ ସଭାପତି ଗୋକୁଳାନନ୍ଦ ଡନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ପାଇକମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ସମ୍ମାନିତ ଅତିଥିଭାବେ ପାଇକମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ପ୍ରଧାନ ଶିକ୍ଷୟିତ୍ରୀ ପି. ମିନତୀ ଟେଟେ ମଞ୍ଚାସୀ ଥିଲେ। ରାଧେଶ୍ୟାମ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମାଣ୍ଡୋସିଲ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ତରଫରୁ ମୋ ସ୍କୁଲ ଅଭିଯାନକୁ ୫ଲକ୍ଷ ଟଙ୍କା ଏକ ସଭାଗୃହ ନିର୍ମାଣ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବେଦରାମ ପଟେଲ, ନବୀନ କୁମାର ଡନସନା, ହେମନ୍ତ ଖୁଣ୍ଟିଆ, ଅରୁଣୋଚାନ୍ଦ ସାହୁ, ହେମନ୍ତ ପ୍ରଧାନ, ଦେବେନ୍ଦ୍ର ସାହୁ, ତପନ କୁମାର ବହିଦାର, ଅନିରୁଦ୍ଧ ପଣ୍ଡା, ଗୋପୀନାଥ ସାହୁ, କୈଳାସ ଦାସ, ପ୍ରକାଶ ଖୁଣ୍ଟିଆ, ଶରତ ଚନ୍ଦ୍ର ହଂସ, ମନରଞ୍ଜନ କୁଅଁର ସହଯୋଗ କରିଥିଲେ। ଶିକ୍ଷକ ଅରୁଣ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ବାସନ୍ତିକ ନବରାତ୍ର ପୂଜା ଆରମ୍ଭ

**ବରଗଡ଼ ଅଫିସ୍,୨୨।୩**



ବାସନ୍ତିକ ନବରାତ୍ର ଅବସରରେ ଶ୍ୟାମାକାଳୀ ମନ୍ଦିରରେ ପୂଜାର୍ଚ୍ଚନା।

ବରଗଡ଼ର ପ୍ରସିଦ୍ଧ ମା' ଶ୍ୟାମାକାଳୀ ଦେବୀଙ୍କ ପୀଠରେ ବୁଧବାରରୁ ବାସନ୍ତିକ ନବଦିନାତ୍ମକ ଦୁର୍ଗାପୂଜା ଆରମ୍ଭ ହୋଇଛି। ରୀତିବିଧି ଓ ପରମ୍ପରା ଅନୁଯାୟୀ, ଶ୍ୟାମାକାଳୀଙ୍କ କଳସ ଆବାହନ ସହିତ ପୂଜାର୍ଚ୍ଚନା କରାଯାଇଥିଲା। ହିନ୍ଦୁ ନବବର୍ଷର ଆରମ୍ଭ ସହିତ ନବଦିନାତ୍ମକ ପୂଜାର ପ୍ରଥମ ଦିନରେ ମା'ଙ୍କୁ ଶୈଳପୁତ୍ରୀ ବେଶରେ ପୂଜାର୍ଚ୍ଚନା କରାଯାଇଥିଲା। ଦେବୀଙ୍କ ମହାସ୍ନାନ ସହିତ ଅଳଙ୍କାର ଧାରଣ ପୂର୍ବକ ଚଉବନ ଉପଚାର ସମ୍ପନ୍ନ ହୋଇଥିଲା। ଚଣ୍ଡୀପାଠ ସହିତ ଚଣ୍ଡୀ ହବନ କରାଯିବା ସହିତ ମା'ଙ୍କୁ ଧୂପ, ଦୀପ, ନୈବେଦ୍ୟରେ ଆରତୀ ସହିତ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ସେହିପରି ଶ୍ୟାମେଶ୍ୱର ବାବାଙ୍କ ମନ୍ଦିରରେ କ୍ଷୀରାଭିଷେକ, ହନୁମାନ ମନ୍ଦିରରେ ହନୁମାନ ପୂଜନ, ହନୁମାନ ଚାଳିଶା ପଠନ ଏବଂ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ଶନିବାବାଙ୍କ ମନ୍ଦିରରେ ଶନିଶ୍ଚର ପୂଜା କରାଯାଇଥିଲା। ମନ୍ଦିରରେ ଭକ୍ତମାନେ ମାନସିକ ଅଖଣ୍ଡ ଦୀପଦାନ ଉତ୍ସବ ପାଳନ କରାଯାଇଛି। ଏଥିରେ ପଣ୍ଡିତ ନରସିଂହ ଶତପଥି, ପଣ୍ଡିତ ନରେଶ ମିଶ୍ର, ପଣ୍ଡିତ ବିପିନ ବିହାରୀ ଦାଶ, ପଣ୍ଡିତ ସଞ୍ଜୟ କୁମାର ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ସୁଜିତ କୁମାର ଦାଶ ସପତ୍ନୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ ।

## ସମଲେଶ୍ୱରୀ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ

**ଜାମଟିକ୍ରା, ୨୨।୩(ଡି.ଏନ.ଏ.)**

ବରଗଡ ଜିଲା ଅତାବିରା ବ୍ଲକ ଗୋଡଭଗା ସମଲେଶରୀ ମନ୍ଦିରରେ ନବରାତ୍ର ପୂଜା ବୁଧବାର ଆରମ୍ଭ ହୋଇଛି। ଏହା ୩୧ ତାରିଖ ଦଶମୀ ପର୍ଯ୍ୟନ୍ତ ଚାଲିବ। ବାସନ୍ତିକ ନବରାତ୍ର ଅବସରରେ ମନ୍ଦିରରେ ନବଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ଜ୍ୱଳନ କରାଯାଇଛି। ଷଷ୍ଠୀ ଦିନ ବିଲ୍ୱବରଣ, ସପ୍ତମୀରେ କଳସ ଅବାହନ ସହ ସପ୍ତମୀ ପୂଜା, ଅଷ୍ଟମୀରେ ସନ୍ଧିପୂଜା, ନବମୀରେ ହୋମ ଏବଂ କୁମାରୀ ପୂଜନ, ଦଶମୀରେ ପୂର୍ଣ୍ଣାହୁତି ପୂଜା ଅନୁଷ୍ଠିତ ହେବ। ଏହି ପୂଜାରେ ଗୋଡ଼ଭଗାର ଗୌନ୍ତିଆ ସୁଶୀଲ ସିଂହ ଓ କୁସୁମ ସିଂହ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୂଜା କମିଟି ସଭାପତି ଲକ୍ଷ୍ମଣ ଭୋଇ, ସମ୍ପାଦକ ଜଗଦୀଶ ବାରିକ ପୂଜା କାର୍ଯ୍ୟ ସୂଚାରୁ ସମ୍ପାଦନ ପାଇଁ ଉଦ୍ୟମ ଚଳାଇଛନ୍ତି।

## କାର୍ଯ୍ୟକ୍ରମ ସମାଗମ ଉଦ୍‌ଯାପିତ



କାର୍ଯ୍ୟକ୍ରମ ସମାଗମରେ ଛାତ୍ରୀମାନେ ସଙ୍ଗୀତ ଗାନ କରୁଛନ୍ତି।

**ବରଗଡ଼ ଅଫିସ୍,୨୨।୩**

ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ସ୍କୁଲ ପ୍ରତିଷ୍ଠା ହେବାର ଦଶମ ବର୍ଷ ପୂର୍ତ୍ତି ଅବସରରେ ଏକ କାର୍ଯ୍ୟକ୍ରମ-ସମାଗମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମନ ସାଓ୍ୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରିନ୍ସିପାଲ କରନ ସାହୁ, ଏକାଡ଼େମିକ କୋଅର୍ଡ଼ିନେଟର ସୀମା ସାହୁ, କୋଅର୍ଡ଼ିନେଟର ରୀତା ନାୟକ, ମମତା ସିହ୍ନା, ସିଦ୍ଧାର୍ଥ ସାଓ୍ୱଡ଼ିଆ, ପ୍ରତାପ ନାୟକ, ପରିଚାଳନା ସମିତିର ସଦସ୍ୟବୃନ୍ଦ, ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲରେ ଏକ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ର ଶ୍ଳୋକ ପାଠ କରିଥିଲେ। ସ୍କୁଲ ପ୍ରତିଷ୍ଠା ଦେବା ଦିନରୁ ସ୍କୁଲ ସହିତ ଜଡ଼ିତ ରହିଥିବା ଛାତ୍ରୀଛାତ୍ର ଜୀୟା ଲାଠ, ଶୁଭମ ଅଗ୍ରୱାଲ, ପ୍ରତିପ୍ରଜ୍ଞା ସାହୁ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ବିଗତ ଦଶମ ଶ୍ରେଣୀର ଟପ୍ପର ତଥା ଦ୍ୱାଦଶ ଶ୍ରେଣୀର ଛାତ୍ର ଅମନ ଅଗ୍ରୱାଲ ନିଜର ସଫଳତା ପାଇଁ ବିଦ୍ୟାଳୟର ଅବଦାନ ସମ୍ପର୍କରେ ନିଜ ମତାମତ ଦେଇଥିଲେ। ସପ୍ତମ, ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ସାମୁହିକ ନୃତ୍ୟ ପରିବେଷଣ କରିଥିଲେ।

# ଜଳ ସଂରକ୍ଷଣକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୨୨।୩**

**ବିକାଶରେ ବିଶ୍ୱ ଜଳ ଦିବସ**

ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟରେ ବୁଧବାର ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ବିଶ୍ୱ ଜଳ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜଳର ମୂଲ୍ୟକୁ ଚିହ୍ନିବା, ଜନସାଧାରଣଙ୍କ ମଧ୍ୟରେ ଏହାର ସଚେତନତା ସୃଷ୍ଟି କରିବା, ଜଳ ସୁରକ୍ଷା ପାଇଁ ପଦକ୍ଷେପ ନେବା ପାଇଁ ପ୍ରୋତ୍ସାହିତ କରିବା ହିଁ ବିଶ୍ୱ ଜଳ ଦିବସର ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ଛାତ୍ରୀଛାତ୍ର ମଧ୍ୟ ବିଶ୍ୱ ଜଳ ଦିବସ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ବିଶ୍ୱ ଜଳ ଦିବସରେ ଜଣେ ଛାତ୍ର ବକ୍ତବ୍ୟ ରଖୁଛନ୍ତି।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ପାଇକମାଳ, ୨୨।୩(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମ ହଲରେ ମାସ ଅନୁଷ୍ଠାନ ସହଯୋଗରେ ଚାଲିଥିବା ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପାଇକମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦ୍ୱାଦଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପାଇକମାଳ ବିଡିଓ ସୁରେନ୍ଦ୍ର ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନ ସଂଯୋଜକ ଆଦିକନ୍ଦ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜ ଅଧ୍ୟାପକ ଲୋହିତ କୁମାର ବାରିକ, ସରକାର ଆୟୁର୍ବେଦ ଚିକିତ୍ସାଳୟ ଉପ ଅଧିକ୍ଷକ ଶରତ କୁମାର ବେହେରା, ଭୁବନେଶ୍ୱର ରାଉତ, ସିଡିପିଓ କାନ୍ତିଲତା ସାହୁ, ବରତୁଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଯୋଶୀ, ମାତୃପ୍ରସାଦ ରଥ, ନନ୍ଦଲାଲ ନାୟକ, ସମାଜସେବୀ ବଡ ଶତପଥୀ, ସୁରଥ ସାହୁ, ଜାମସେଠ ହାଇସ୍କୁଲ ପ୍ରଧାନଶିକ୍ଷକ ଗୋପାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟତ୍ରୀ ମଧୁସ୍ମିତା ମେହେର ସମସ୍ତଙ୍କୁ ସଡକ ସୁରକ୍ଷା ଶପଥ ପାଠ କରାଇଥିଲେ।୧୫ଟି ନିୟମ ବିଷୟରେ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଓ ଟ୍ରାଫିକ ନିୟମ ଭାଙ୍ଗିଲେ ଦଣ୍ଡ ବିଧାନ ଉପରେ ଲଳିତ ବିଶ୍ୱାଳ କହିଥିଲେ । ପାଇକମାଳ ଓ ଝାରବନ୍ଧ ବ୍ଲକର ୬ କଲେଜ ଓ ୬ଟି ଉଚ୍ଚ ବିଦ୍ୟାଳୟର ୭୨ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ଛାତ୍ରୀଛାତ୍ରମାନେ ସଡକ ସୁରକ୍ଷା ଶପଥ ନେଉଛନ୍ତି ।

## ସଂକ୍ଷେପରେ

### ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନିଲମ୍ବିତ

ସମ୍ବଲପୁର,୨୨।୩(ବ୍ୟୁରୋ): ସମ୍ବଲପୁର ପୂର୍ତ୍ତ ବିଭାଗ-୧ ଅଧୀକ୍ଷଣ ଯନ୍ତ୍ରୀ ସମ୍ପିତ କେଶରୀ ନାୟକ ନିଲମ୍ବିତ ହୋଇଛନ୍ତି। ପୂର୍ତ୍ତ ବିଭାଗ ସଚିବ ତାଙ୍କୁ ନିଲମ୍ବନ କରିବା ସହ ବିଭାଗ-୨ ଅଧୀକ୍ଷଣ ଯନ୍ତ୍ରୀ ଆଶୋକ ଲେଙ୍କାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଚିଠି ନମ୍ବର ୪୮୭୯ରେ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତି ନିର୍ଦ୍ଦେଶ ନ ପାଇବା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ କହିଛନ୍ତି। ୨୦୧୯ର ଏକ ମାମଲାକୁ ନେଇ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା କୁହାଯାଉଛି।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନୂଆବର୍ଷ



ସମ୍ବଲପୁର,୨୨।୩(ବ୍ୟୁରୋ): ସମ୍ବଲପୁର ସିଦ୍ଧେଶ୍ୱରବେର୍ଣ୍ଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ବୁଧବାର ରାଷ୍ଟ୍ରୀୟ ନୂଆବର୍ଷ ପାଳିତ ହୋଇଯାଇଛି। ସାମାଜିକ କର୍ମୀ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ଦେବୀ ସରସ୍ୱତୀ, ମା’ ଭାରତୀ ଓ ବରପୁତ୍ରମାନଙ୍କ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିସହ ଆଜିଠାରୁ ଜଗଜ୍ଜନନୀ ମା’ ବନଦୁର୍ଗାଙ୍କର ନବଦିନାତ୍ମକ ପୂଜା ଅନୁଷ୍ଠିତ ହେଉଛି। ପରାଧିନତା କାରଣରୁ ଆମେ ଆମର ସଂସ୍କୃତି ଐତିହ୍ୟରୁ ଦୂରେଇ ଯାଇଛୁ। ସ୍ୱାଧୀନତା ପରେ ଆମର ହୃତ୍‌ଗୌରବ ଆମକୁ ଫେରାଇ ଆଣିବାକୁ ପଡ଼ିବ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦିଲୀପ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ତପୋବନ୍ତ ପ୍ରଧାନ ଐତିହାସିକ ପୃଷ୍ଠଭୂମିରେ ରାଷ୍ଟ୍ରୀୟ ନୂତନବର୍ଷ ପାଳନର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ। ଅଶ୍ୱତ୍‌ଥାମା ସ୍ୱାଇଁ ଅତିଥି ପରିଚୟ ଓ ପୀତାମ୍ବର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

### ଓଲଟିଲା କାର୍: ଜଣେ ମୃତ, ୪ ଆହତ

ସମ୍ବଲପୁର,୨୨।୩(ବ୍ୟୁରୋ): ସମ୍ବଲପୁର ଶାସନ ଥାନା ହୀରାକୁଦ ଡାଇକ ରାସ୍ତାରେ ବୁଧବାର ଏକ କାର୍ ଓଲଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଝାରସୁଗୁଡାର ଶୁଭମ ଟିବ୍ରିବାଲ (୧୯)। ଆହତଙ୍କ ପରିଚୟ ମିଳିପାରି ନାହିଁ। ଶାସନ ଥାନା ପୋଲିସ ଏକ ମାମଲା (ନଂ.୬୩/୨୩) ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାକ୍ରମେ, ଓଡି୨୩ଏମ୍-୨୨୩୩ନଂ. ବିଶିଷ୍ଟ କାର୍ ଝାରସୁଗୁଡାରୁ ବାହାରି ପ୍ରଧାନପାଲି ଦେଇ ସମ୍ବଲପୁର ଆସୁଥିଲା। ଡାଇକ ରାସ୍ତା ବୁଲାଣିରେ ଗାଡିଟି ଭାରସାମ୍ୟ ହରାଇ ପଥରରେ ବାଡେଇ ହୋଇ ତଳକୁ ଓଲଟି ପଡିଥିଲା। ପୋଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ କାର୍‌ରେ ଥିବା ଡ୍ରାଇଭରଙ୍କୁ ମିଶାଇ ୫ଜଣଙ୍କୁ ମେଡିକାଲ ନିଆଯାଇଥିଲା। ହେଲେ ଡାକ୍ତର ଶୁଭମ୍‌ଙ୍କୁ ମୃତ ଘୋଷଣା କରିଥିଲେ।

# ଜିଏସ୍‌ଟି ଫାଙ୍କି ଅଭିଯୋଗରେ ବିରାଜ ଷ୍ଟିଲ୍‌ରେ ଚଢ଼ାଉ

## ୫ ଟିମ୍‌ରେ ୨୫ ଅଧିକାରୀ ସାମିଲ

ସମ୍ବଲପୁର,୨୨।୩(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲିସ୍ଥିତ ବିରାଜ ଷ୍ଟିଲ ଆଣ୍ଡ ଏନର୍ଜିରେ ବୁଧବାର ଜିଏସ୍‌ଟି ପକ୍ଷରୁ ଚଢାଉ କରାଯାଇଛି। ଟିକସ ଫାଙ୍କିବା ଅଭିଯୋଗ ନେଇ ଏହି ଚଢାଉ ହୋଇଛି। ଚଢାଉରେ ସମ୍ବଲପୁରର ୪ ଓ ବଲାଙ୍ଗୀର ଜିଲାର ୧ ଟିମ୍‌ରେ ମୋଟ ୨୫ ଅଧିକାରୀ ସାମିଲ ହୋଇଛନ୍ତି। ଷ୍ଟିଲ ପ୍ଲାଣ୍ଟର ବିଭିନ୍ନ ଉତ୍ପାଦନ, ସାମଗ୍ରୀ କିଣାବିକା, କଞ୍ଚାମାଲ କିଣିବା ନେଇ କାଗଜପତ୍ର ଯାଞ୍ଚ କରାଯାଉଛି। ଚଢାଉ ସମୟରେ କମ୍ପାନୀର ମୁଖ୍ୟ ଗେଟ୍‌ରେ ତାଲା ପକାଇ ପ୍ରବେଶ ନିଷେଧ କରାଯାଇଛି। ଜିଏସ୍‌ଟି ବିଭାଗର ଜଣେ ଅଧିକାରୀ କହିଛନ୍ତି, ପୂର୍ବରୁ କମ୍ପାନୀ ନାମରେ ଅଭିଯୋଗ ହୋଇଥିଲା। ମୋବାଇଲ ଟିମ୍ ମଧ୍ୟ ଅନିୟମିତତା ଧରିଥିଲେ। ଚଢାଉରେ ପୋଲିସ, ଖଣି ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। କମ୍ପାନୀର ୨ ୟୁନିଟ୍ ଚାଲିଛି। ଉଭୟ ୟୁନିଟର ଅଫିସରେ ଟିମ୍ ସଦସ୍ୟ କାଗଜପତ୍ର ଯାଞ୍ଚ କରୁଛନ୍ତି। ବଡ କମ୍ପାନୀ ହୋଇଥିବାରୁ ସମୟ ଲାଗିବ। ସମସ୍ତ ଦସ୍ତାବିଜ୍ ଦାଖଲ କରିବାକୁ କମ୍ପାନୀ କର୍ମଚାରୀଙ୍କୁ କୁହାଯାଇଛି। ତଦନ୍ତ ସରିବା ପରେ କ’ଣ ଦୁର୍ନୀତି ହୋଇଛି ଜଣାପଡିବ ବୋଲି ସେ କହିଥିଲେ।



ବିରାଜ ଷ୍ଟିଲ କମ୍ପାନୀରେ ଜିଏସ୍‌ଟି ଚଢାଉ ଚାଲିଛି।

# ହୀରାକୁଦ ଡ୍ୟାମ୍ ଠିକା କର୍ମଚାରୀ ପାଇବେ ସରକାରୀ ସୁବିଧା

ସମ୍ବଲପୁର,୨୨।୩(ବ୍ୟୁରୋ)

ହୀରାକୁଦ ଡ୍ୟାମ୍‌ରେ କାର୍ଯ୍ୟରତ ଅସ୍ଥାୟୀ ଓ ଠିକା କର୍ମଚାରୀଙ୍କ ବହୁ ଦିନର ଦାବି ପୂରଣ ହେବାକୁ ଯାଉଛି। ସେମାନଙ୍କ ଦାବିକୁ ରାଜ୍ୟ ସରକାର ମାନି ନେଇଛନ୍ତି। ଏଥିରେ ହୀରାକୁଦ ଡ୍ୟାମ ପ୍ରୋଜେକ୍ଟ ଅଧୀନସ୍ଥ ୩୩୧ ଜଣ ଅସ୍ଥାୟୀ ଠିକା କର୍ମଚାରୀ ଉପକୃତ ହେବେ। ସେମାନଙ୍କୁ ରାଜ୍ୟ ସରକାର ଇଏସ୍‌ଆଇ ଓ ପିଏଫ୍ ପ୍ରଦାନ ସହ ସର୍ଭିସ ପ୍ରୋଭାଇଡର ଜରିଆରେ ନିଯୁକ୍ତି ପ୍ରଦାନ କରିବା ନେଇ ଘୋଷଣା କରିଛନ୍ତି। ଏହାକୁ ନେଇ କର୍ମଚାରୀ ମହଲରେ ଆନନ୍ଦ ପ୍ରକାଶ ପାଇଛି। ହୀରାକୁଦ ଡ୍ୟାମ ଏମ୍ପ୍ଲଇଜ ୟୁନିୟନ ସଭାପତି ତଥା ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି, ବହୁବର୍ଷ ଧରି ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମାଧାନ ନେଇ ଦାବି ହୋଇଆସୁଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କର୍ମଚାରୀଙ୍କ ସୁବିଧା ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଉଛି। କର୍ମଚାରୀମାନେ ତାଙ୍କର ଅଧିକାର ପାଇ ପାରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, ୨୦୨୨ ନଭେମ୍ବର ୯ରେ ଭୁବନେଶ୍ୱରରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ଏଥିରେ କର୍ମଚାରୀମାନଙ୍କ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ସଂଘ ପକ୍ଷରୁ ଦାବିଗୁଡିକ ଉପସ୍ଥାପନ କରାଯାଇଥିଲା। ପରେ ୨୦୨୩ ଫେବୃୟାରୀ ୧୭ରେ ପୁଣି ଥରେ ଆଲୋଚନା ହୋଇ ପୂର୍ବ ପ୍ରସ୍ତାବ ପାରିତ ହୋଇଥିଲା।

# ୧.୧୫ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ସମ୍ବଲପୁର,୨୨।୩(ବ୍ୟୁରୋ)

ସମ୍ବଲପୁର ଅବକାରୀ କାର୍ଯ୍ୟାଳୟ ଓ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ପୃଥକ୍ ସ୍ଥାନରେ ଚଢାଉ କରାଯାଇ ୧ କ୍ୱିଣ୍ଟାଲ ୧୫ କେଜି ଗଞ୍ଜେଇ ଜବତ ସହ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁନ୍ଦରଗଡ଼ ଜିଲା ଶୀତଳନଗରର ଦିପକ ମହାତୋ, ଉତ୍ତରପ୍ରଦେଶ ବଲିଆ ଜିଲାର ରୁଚି ସିଂ, ଝାଡଖଣ୍ଡର ମୁକୁନ୍ଦ କୁମାର ଯାଦବ ଓ ଦିପକ କୁମାର ସିଂ। ସୂଚନା ଅନୁସାରେ, ଚୋରା ଚାଲାଣ ସମୟରେ ଧନୁପାଲି ଛକରୁ ଅବକାରୀ ବିଭାଗ ୭୫ କେଜି ଗଞ୍ଜେଇ ସହ ଏକ କାର୍ ଜବତ କରିଥିଲା। ସେହିପରି ନବରଙ୍ଗପୁରରୁ ଝାଡ଼ଖଣ୍ଡ ରାଜ୍ୟକୁ ଚାଲାଣ ହେଉଥିବା ବେଳେ ଶାସନ ଟୋଲ ଗେଟ୍‌ଠାରେ ଏକ କାର୍‌ରୁ ୪୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇ ମୂଲ୍ୟ ୧୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।



ଗିରଫ ଅଭିଯୁକ୍ତ ଓ ଜବତ ଗଞ୍ଜେଇ।

# ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୨।୩(ବ୍ୟୁରୋ)

ଆସନ୍ତା ଏପ୍ରିଲ ୧ରେ ସମ୍ବଲପୁରରେ ଜିଲାସ୍ତରୀୟ ୮୮ତମ ଓଡ଼ିଶା ଦିବସ ପାଳନ ହେବ। ଏହି ଉପଲକ୍ଷେ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଏସ୍‌ପି ଡିଆଇବି ଜେମେସ ସମଦ, ଆସିଷ୍ଟାଣ୍ଟ କମିଶନର ସମ୍ବଲପୁର ମହାନଗର ନିଗମ କର୍ଣ୍ଣ ସୁନା, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଏଇଇ ଆର୍‌ଆଣ୍ଡବି ବିନୀତ କୁମାର ଲାକ୍ରା, ସହକାରୀ ଜିଲାପାଳ ତଥା ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ, ସଦର ଅତିରିକ୍ତ ତହସିଲଦାର ସୁଜିତ କୁମାର ଶତପଥୀ, ଆସିଷ୍ଟାଣ୍ଟ ଫାୟାର ଅଫିସର ଅରୁଣ ଟପ୍ପ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝିଙ୍କ ଦ୍ୱାରା ବିଗତ ବର୍ଷର ବିବରଣୀ ଉପସ୍ଥାପନ କ୍ରମେ ଆଲୋଚନା କରାଯାଇ ଉକ୍ତ ଦିବସ ପାଳନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାତଃରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସମ୍ବଲପୁର ସହର ଓ ମହାନଗର ନିଗମ କମିଶନର ଦ୍ୱାରା ହୀରାକୁଦ ଓ ବୁର୍ଲା ସହରରେ ଡାକବାଜି ଯନ୍ତ୍ର ଯୋଗେ ‘ବନ୍ଦେ ଉତ୍କଳ ଜନନୀ’ ପରିବେଷଣ କରାଯିବ। ସହରରେ ଅବସ୍ଥାପିତ ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ଅପରାହ୍ନରେ ଚନ୍ଦ୍ର ଶେଖର ବେହେରା ଜିଲା ହାଇସ୍କୁଲଠାରେ ସାଧାରଣ ସଭା ସହ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ନେଇ କାର୍ଯ୍ୟସୂଚୀ ନର୍ଦ୍ଧାରଣ କରାଯାଇଛି। ଶେଷରେ ଅତିରିକ୍ତ ଜିଲାପାଳ ମହାନ୍ତି ପରାମର୍ଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ପ୍ରଶାସନକୁ ଫେରାଦ ହେଲା ଏକତା ଗ୍ରୁପ୍



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ଟାଟା ପାୱାର, ପିଏଚ୍‌ଡି ପାଣି ମିଟରକୁ ବିରୋଧ

ସମ୍ବଲପୁର,୨୨।୩(ବ୍ୟୁରୋ)

ସମ୍ବଲପୁର ସହରରେ ଟାଟା ପାୱାରର ମନମୁଖୀ କାର୍ଯ୍ୟ ଓ ପିଏଚ୍‌ଡିର ପାଣି ମିଟର ଲଗାଯିବାକୁ ବିରୋଧ କରି ଏସ୍‌ଏମ୍‌ସି ବଡବଜାର ଏକତା ଗ୍ରୁପ ଜିଲା ପ୍ରଶାନକୁ ଫେରାଦ ହୋଇଛି। ଅନୁଷ୍ଠାନର କର୍ମକର୍ତ୍ତା ଅଭିଯୋଗ କରିଥିଲେ, ଟାଟା ପାୱାରର ମନମୁଖୀ କାର୍ଯ୍ୟ ପାଇଁ ଲୋକେ ହଇରାଣ ହେଉଛନ୍ତି। କମ୍ପାନୀ ବକେୟା ବିଦ୍ୟୁତ୍ ବିଲ୍ ନାଁରେ ଲୋକଙ୍କ ଘରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଛି। ଅନ୍ୟପଟେ ପିଏଚ୍‌ଡ଼ି ପକ୍ଷରୁ ଲୋକଙ୍କ ଘରେ ଜୋର ଜବରଦସ୍ତ ପାଣି ମିଟର ଲଗାଇବା କାର୍ଯ୍ୟକୁ ଦୃଢ ବିରୋଧ କରିଥିଲେ। ଏହି ଅବସରରେ କର୍ମକର୍ତ୍ତା ବଡବଜାର ଛକରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବାକୁ ଚେତାବନୀ ଦିଆଯାଇଛି।

# ମହିଳା ଜନସଂଘର୍ଷ ସମିତି ପକ୍ଷରୁ ବିକ୍ଷୋଭ



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଜନସଂଘର୍ଷ ସମିତି କର୍ମକର୍ତ୍ତା।

## ମୌଳିକ ସମସ୍ୟା ସମାଧାନ ଦାବି

ଜମନକିରା,୨୨।୩(ଡି.ଏନ.ଏ.)

ଜମନକିରା ବ୍ଲକ ଜନସଂଘର୍ଷ ସମିତି ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସମିତି ସଭାନେତ୍ରୀ ପିରୋବତୀ ସିଂ, ସମ୍ପାଦିକା ଜସ୍ମିତା ଖାଲଖାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରିଥିଲା। ସଦସ୍ୟମାନେ ପ୍ଲା କାର୍ଡ, ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ପ୍ରସନ୍ନ ପଟେଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ଲେଶକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, କିଶୋରୀ ବାଳିକାମାନଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ, ଶିଶୁ କିଶୋରୀ ବାଳିକା ଏବଂ ଗର୍ଭବତୀ ମହିଳା ଓ ପ୍ରସୂତି ମା’ମାନଙ୍କର ବଞ୍ଚିବାର ଅଧିକାରକୁ ସୁନିଶ୍ଚିତ କରିବା, ରାସ୍ତାଘାଟର ଉନ୍ନତୀକରଣ ଆଦି ଅନ୍ୟତମ।

# ୧୧୦ବଣ୍ଡଲ କେନ୍ଦୁପତ୍ର ସହ ଗାଡ଼ି, ବାଇକ୍ ଜବତ

ନାକଟିଦେଉଳ,୨୨।୩(ଡି.ଏନ୍.ଏ.)

ନାକଟିଦେଉଳ ପୋଲିସ ବୁଧବାର ବାଟଗାଁ-ଛତାବର ରାସ୍ତାରେ କେନ୍ଦୁପତ୍ର ଚାଲାଣ ହେଉଥିବାବେଳେ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଛି। ପୋଲିସ ୧୧୦ ବଣ୍ଡଲ କେନ୍ଦୁପତ୍ର ସହ ଟାଟା ଏସିଇ ଗାଡି ଓ ବାଇକ୍ ଜବତ କରିଛି। ସୂଚନା ଅନୁସାରେ କେନ୍ଦୁପତ୍ର ଚୋରାଚାଲାଣ ହେଉଥିବା ଖବର ପାଇ ନାକଟିଦେଉଳ ଥାନା ଅଧିକାରୀ କୃପାସିନ୍ଧୁ ବାଗଙ୍କ ନିର୍ଦ୍ଦେଶକ୍ରମେ ଥାନା ଏସ୍‌ଆଇ ପବିତ୍ର କୁମାର ଭୋଇ,ଏଏସ୍‌ଆଇ ସୁଲେମାନ ହରୋ, କନଷ୍ଟେବଳ ସୁରେଶ ସାହୁ ପ୍ରମୁଖ କୁଞ୍ଚାମୁରା ଶିବ ମନ୍ଦିର ନିକଟରେ ଚଢାଉ କରିଥିଲେ। ସେମାନେ କେନ୍ଦୁପତ୍ର ବୋଝେଇ ହୋଇଥିବା ଟାଟା ଏସିଇ (ଓଡି୧୫ଏ-୦୪୯୯) ସହିତ ଓଡି୨୮ଏ-୪୯୯୪ନଂ. ବିଶିଷ୍ଟ ବାଇକ ଜବତ କରିଥିଲେ। ଏହାସହ ଏଥିରେ ସମ୍ପୃକ୍ତ ଥିବା ୪ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ପୋଲିସ ଏହି ମାମଲାକୁ ନାକଟିଦେଉଳ ବନ ବିଭାଗକୁ ହସ୍ତାନ୍ତର କରିଛି। ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳର ଯୁବକ ଫେରାର ହୋଇଯାଇଥିବା ଜଣାପଡ଼ିଛି।

# ସମ୍ବଲପୁର ବଜାରରେ ଅତ୍ୟାଧୁନିକ ଇନୋଭା କ୍ରିଷ୍ଟା

ସମ୍ବଲପୁର,୨୨।୩(ବ୍ୟୁରୋ)

ଟୋୟୋଟା କମ୍ପାନୀର ଅତ୍ୟାଧୁନିକ ଇନୋଭା କ୍ରିଷ୍ଟା ପୁନଃ ସମ୍ବଲପୁର ବଜାରକୁ ପ୍ରବେଶ କରିଛି। ବୁଧବାର ସମ୍ବଲପୁର ଗୋପାଳପାଲି ନିକଟ ଇସ୍ପିରିଟ ଟେୟୋଟା ଶୋ’ରୁମ୍‌ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାହକଙ୍କ ଚାହିଦା ମୁତାବକ କମ୍ପାନୀ ୨୦୧୬ ଓ ୨୦୧୮ ମସିହାର ଇନୋଭା କ୍ରିଷ୍ଟା ମଡେଲ କାର୍ ଢ଼ାଞ୍ଚାକୁ ସାମାନ୍ୟ ପରିବର୍ତ୍ତନ କରିଛି। ବ୍ୟକ୍ତିଗତ ଓ ବ୍ୟବସାୟିକ କାର୍ଯ୍ୟରେ ଏହା ବ୍ୟବହୃତ ହୋଇପାରିବ। ଏହି କାର୍‌ର ଅନ୍‌ରୋଡ ମୂଲ୍ୟ ୨୩ ଲକ୍ଷ ୫୦ ହଜାରରୁ ୨୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ନ୍ୟୁ ପ୍ରିମିୟର ଫ୍ରଣ୍ଟ ଗ୍ରିଲ ସହ ବମ୍ପର ଗାଡିର ବଡି କନ୍‌ଷ୍ଟ୍ରକସନକୁ ମଜଭୁତ କରିଛି। ଏଥିସହ କାର୍‌ରେ ସେଣ୍ଟ୍ରାଲ ଏସି, ପାୱାର ଉଇଣ୍ଡୋ, ପାୱାର ଷ୍ଟିୟରିଂ ସୁବିଧା ଉପଲବ୍ଧ ରହିଛି। ଶୋ’ରୁମରେ ପାଞ୍ଚଟି ରଙ୍ଗର କାର୍ ମହଜୁତ ଅଛି। ପୂର୍ବ ମୂଲ୍ୟଠାରୁ ବର୍ତ୍ତମାନ ଗାଡିର ମୂଲ୍ୟ ୨୩ ହଜାର ଟଙ୍କା କମ୍ ରହିଛି ବୋଲି ଟୋୟୋଟା କମ୍ପାନୀ ସେଲ୍ସ ମ୍ୟାନେଜର ଦିନେଶ ପ୍ରମାଣିକ ଓ ୟୁନିଟ ମୁଖ୍ୟ ଦୀପକ ସ୍ୱାଇଁ ସୂଚିତ କରିଛନ୍ତି। ଗ୍ରାହକମାନଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଇନୋଭା କ୍ରିଷ୍ଟାରେ ସାମାନ୍ୟ ପରିବର୍ତ୍ତନ କରି ବଜାରକୁ ପ୍ରବେଶ କରାଯାଇଛି ବୋଲି ଏଭିପି ସେଲ୍ସ ସତୀର୍ଥ ନାୟକ କହିଛନ୍ତି। ଶୋ’ରୁମଠାରେ ଆୟୋଜିତ ପୁନଃ ବଜାର ପ୍ରବେଶ ଉତ୍ସବରେ ଏସ୍‌ବିଆଇ ଚିଫ୍ ମ୍ୟାନେଜର ବିଶ୍ୱରଞ୍ଜନ ମେହେର, ସିଓଓ ରାଜେଶ ଗାଣ୍ଡୋତ୍ରା, ବ୍ୟବସାୟିକ ମୁଖ୍ୟ ପ୍ରଭାତ ଦ୍ୱିବେଦୀ ଯୋଗଦେଇଥିଲେ।




ଶୋ’ରୁମଠାରେ ଅତିଥିମାନେ ଇନୋଭା କ୍ରିଷ୍ଟା ଶୁଭାରମ୍ଭ କରୁଛନ୍ତି।

# ୧୨ ଝୁମ୍ପୁଡ଼ି, ୧୦ ପକ୍କାଘର ଭାଙ୍ଗିଲା

## ନିଶା ବ୍ୟବସାୟୀଙ୍କ ବସ୍ତିରେ ପୁଣି ଚାଲିଲା ବୁଲଡୋଜର

ସମ୍ବଲପୁର,୨୨।୩(ବ୍ୟୁରୋ)

ବେଆଇନ ଭାବେ ନିଶା ବ୍ୟବସାୟ ସହିତ ବିଭିନ୍ନ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ସମ୍ବଲପୁର ଟାଉନ ଥାନା ସାହୁ କଲୋନୀ ଝୁପୁଡିପଡାରେ ବୁଧବାର ପୁଣି ପୋଲିସ ବୁଲଡୋଜର ଚଳାଇଛି। ମହାନଗର ନିଗମ ଏନ୍‌ଫୋର୍ସମେଣ୍ଟ ଦଳ ସହିତ ପୋଲିସ ୧୨ ଗୋଟି ଝୁମ୍ପୁଡି ସହ ୧୦ ପକ୍କାଘର ଭାଙ୍ଗି ମାଟିରେ ମିଶାଇଦେଇଛି। ଘର ଭାଙ୍ଗିବା ସମୟରେ ବସ୍ତିବାସିନ୍ଦା ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ହେଲେ ପୋଲିସ ଲୋକଙ୍କୁ ବୁଝାଇବାକୁ ଯାଇ ପୂର୍ବରୁ ନୋଟିସ୍ ଦିଆଯାଇଥିଲା। ଏହା ସରକାରୀ ଜମି। ମହାନଗର ନିଗମ ଏହି ଜମି ଉପରେ ବିକାଶମୂଳକ କାମ କରିବ ବୋଲି କହି ଘର ଭାଙ୍ଗି ଦେଇଥିଲା।

ପୋଲିସ ପକ୍ଷରୁ କୁହାଯାଇଥିଲା, ଏହି ପଡ଼ାରେ କଫ୍ ସିରପ୍, ଡ୍ରଗ୍ସ ଭଳି ନିଶା ବେପାର ହେଉଥିଲା। ପୂର୍ବରୁ କେତେଜଣ ଗିରଫ ମଧ୍ୟ ହୋଇଛନ୍ତି। ମନାକରିବା ସତ୍ତ୍ୱେ ସେମାନେ ମାନୁ ନ ଥିଲେ। ସ୍ଥାନୀୟ ଲୋକ ଏ ନେଇ ଅଭିଯୋଗ କରିଆସୁଥିଲେ। ବାହାରେ ବଡ ଘର କରି ରହୁଥିବା ବ୍ୟକ୍ତିମାନେ ଆପରାଧିକ କାର୍ଯ୍ୟ କରିବା ପାଇଁ ଏଠାରେ ଘର କରି ରହୁଥିଲେ। ମହାନଗର ନିଗମ ଉଚ୍ଛେଦ କରିବା ପାଇଁ ସହମତି ପ୍ରକାଶ କରିବା ପରେ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଉତ୍ତେଜନାକୁ ଦେଖି ଘଟଣାସ୍ଥଳରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲେ। ଏସ୍‌ଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ପୂର୍ବରୁ ଗତ ୨୦ତାରିଖରେ ପୋଲିସ ଏହି ପଡ଼ାର ୧୬ ଘର ଭାଙ୍ଗିଥିଲା।



ସାହୁ କଲୋନୀରେ ଘର ଭାଙ୍ଗି ଦିଆଯାଉଛି।

**ହିନ୍ଦୁ ନବବର୍ଷ ଉପଲକ୍ଷେ ଗାଁ ପରିକ୍ରମା**

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଦର ଗାଁରେ ଥିବା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବୁଧବାର ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ପ୍ରଥମେ ଗୁରୁଜୀ ଓ ଗୁରୁମା ମାନଙ୍କ ପରିଚାଳନାରେ ଦେଓଗାଁ ଓ କଛାରପାଲି ଗ୍ରାମରେ ଶିଶୁ ଭାଇ ଓ ଭଉଣୀମାନେ ପରିକ୍ରମା କରି ହିନ୍ଦୁତ୍ୱର ବାର୍ତ୍ତା ଦେଇଥିଲେ । ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଜରାସିଂହାର ଶ୍ରୀକାନ୍ତ ଥନାପତି ଯୋଗଦେଇ ହିନ୍ଦୁନବବର୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରଧାନାଚାର୍ଯ୍ୟ ସନ୍ତୋଷ କୁମାର ସା ଉଦେଶ୍ୟ ଜ୍ଞାପନ କରିଥିଲେ । କୁନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ମାସେ ବିତିଲା, ପାଚେରି କାମ ହେଲାନି

ଦେଓଗାଁ,୨୨।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ ଅନ୍ତର୍ଗତ ଫପସି ପ୍ରାଥମିକ ବିଦ୍ୟାଳୟରେ ପାଚେରି ନିର୍ମାଣ ପାଇଁ ମାସକ ତଳେ ଜେସିବିରେ ଗାତ ଖୋଳାଯାଇଥିଲା। ସମୟ ବିତିଯାଇଥିଲେ ବି କାମ ହେଲାନହିଁ। ଫଳରେ ସ୍କୁଲରେ ପିଲାମାନେ ଚଳପ୍ରଚଳରେ ଅସୁବିଧର ସମ୍ମୁଖୀନ ହେଉଛନ୍ତି। ପାଚେରି ନିର୍ମାଣ ପାଇଁ ପଞ୍ଚାୟତ ପାଣ୍ଠିରୁ ୧ଲକ୍ଷ ୫୦ହଜାର ଟଙ୍କା ମଞ୍ଜୁର ପରେ ଯନ୍ତ୍ରୀ ଲେଆଉଟ ଦେଇଥିଲେ। ଏନେଇ ସମ୍ପୃକ୍ତ ଯନ୍ତ୍ରୀ ପ୍ରଶାନ୍ତ କୁମାର ନାଏକଙ୍କୁ ପଚାରିବାରୁ ଏଦିଗରେ ପଦକ୍ଷେପ ନେବି ବୋଲି କହିଛନ୍ତି।

### ପାର୍କିଙ୍ଗ ଏରିଆରେ ବିପଦ ସୃଷ୍ଟି କରୁଛି ଶୁଖିଲା ଗଛ

ଲାଠୋର,୨୨।୩(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳ ଷ୍ଟେଶନ ପାର୍କିଙ୍ଗ ଏରିଆରେ ଏକ ବଡ଼ ଶୁଖିଲା ପିପଲ ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ପ୍ରତ୍ୟହ ସାଧାରଣ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ପାଇଁ ଯିବା ଆସିବା କରୁଛନ୍ତି। ବେଳେବେଳେ ଗଛର ଶାଖା ପ୍ରଶାଖା ଖସି ପଡୁଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଗଛଟିକୁ କାଟିବା ପାଇଁ ଷ୍ଟେଶନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କର୍ଣ୍ଣପାତ କରାଯାଉନାହିଁ। ଏନେଇ ହରିଶଙ୍କର ରୋଡ଼ ଏସଏମଆରଡ଼ିଙ୍କୁ ପଚାରିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଗଛକୁ କାଟିବା ପାଇଁ କଣ୍ଟାବାଞ୍ଜି ଆଇଓଡ଼ବ୍ଲ୍ୟୁଙ୍କୁ କହି ସାରିଛି। ଖୁବ୍‌ଶୀଘ୍ର କଟାଯିବ ବୋଲ କହିଥିଲେ।

### ଅଦିନିଆ ବର୍ଷା, ଫସଲ ନଷ୍ଟ

ଖପ୍ରାଖୋଲ,୨୨।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଦୁଇଦିନ ହେଲା ଅଦିନିଆ ବର୍ଷା ଯୋଗୁଁ ଚିନ୍ତାରେ ଚାଷୀ। ଯଦି ଏଭଳି ବର୍ଷା ସହ କୋହଲା ପାଗ ଲାଗି ରହେ ତେବେ ବିଭିନ୍ନ ଫସଲ କ୍ଷତି ହେବା ଆଶଙ୍କା ଦେଖାଦେଇଛି। ଅମଳ ଉପଯୋଗୀ ମୁଗ ଫସଲ ବେଶୀ ପ୍ରଭାବିତ ହୋଇଛି। ସେହି ପରି ପନିପରିବା ଚାଷ ମଧ ପ୍ରଭାବିତ ହୋଇଛି। ବ୍ଲକ ଅଞ୍ଚଳର ସମସ୍ତ ୨୧ଟି ପଞ୍ଚାୟତର ଚାଷୀ ଖରା ଦିନେ ଜଳସେଚିତ ଓ ଅଣଜଳସେଚିତ ଜମିରେ ମୁଗ, ପନିପରିବା, ଧାନ, ଚଣା ଆଦି ଫସଲ ଚାଷ କରିଥାନ୍ତି। ଅଦିନିଆ ବର୍ଷା ଯୋଗୁଁ ଫଳ ଫୁଲ ଧରିଥିବା ଗଛରେ ମଧ ପ୍ରଭାବିତ ହୋଇପାରେ। ସେହିପରି ଲଘୁ ବନଜାତ ଦ୍ରବ୍ୟ ଯଥା ମହୁଲ, ଚାର ତେନ୍ତୁଳି ଓ ଅନ୍ୟାନ୍ୟ ସାମଗ୍ରୀ ଅଦିନିଆ ବର୍ଷା ପାଇଁ ନଷ୍ଟ ହୋଇ ଆବଶ୍ୟକ ପରିମାଣର ଅମଳ ହେବ ନାହିଁ ବୋଲି ଚାଷୀ ମାନେ ପ୍ରକାଶ କରିଛନ୍ତି। ଏନେଇ ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କୁ ପଚାରିବାରୁ କାହାର କ୍ଷୟ କ୍ଷତି ହୋଇଥିଲେ ତାହା ଜଣାଇବାକୁ ସମସ୍ତ ଷ୍ଟାଫଙ୍କୁ କୁହାଯାଇଛି ବୋଲି କହିଥିଲେ।

### ଖରିଆରରୋଡରେ ଭାଜପା କର୍ମୀ ସମ୍ମିଳନୀ

ନୂଆପଡ଼ା ଅଫିସ,୨୨।୩: ହିନ୍ଦୁ ନବ ବର୍ଷ ଅବସରରେ ଭାରତୀୟ ଜନତା ପାର୍ଟି ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ନୂଆପଡା ଜିଲା ଦିନିକିଆ ଗସ୍ତରେ ଆସି ଗୁରୁକୁଳ ଆଶ୍ରମ ଆମସେନାଠାରେ ହିନ୍ଦୁ ନବବର୍ଷ ପାଳନରେ ଯୋଗଦେଇଥିଲେ। ପରେ ଖରିଆର ରୋଡଠାରେ ୩୫୩ ନମ୍ବର ଜାତୀୟ ରାଜପଥଠାରୁ ପାତ୍ରଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ। ଅଗ୍ରେସନ ଭବନଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ପାତ୍ରଙ୍କ ସମେତ କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ଖରିଆରୋଡ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଚର୍ତ୍ତୁଭୂଜ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଆଗାମୀ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ପାର୍ଟିକୁ ମଜଭୁତ କରିବା। ବୁଥସ୍ତରରୁ କର୍ମୀମାନଙ୍କୁ ସଜାଗ ରଖିବା ସହ ଭୋଟରଙ୍କୁ ହାତେଇବା ପାଇଁ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ପ୍ରଚାର ପ୍ରସାର କରିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ଭାଜପା ଜିଲା ସଭାପତି ସୁବ୍ରତ ଠାକୁର, ଭାଜପା ଯୁବ ମୋର୍ଚ୍ଚା ଜିଲା ସଭାପତି ଅଭିନନ୍ଦନ ପଣ୍ଡା, ସମ୍ପାଦକ ସଦାନନ୍ଦ ଯୋଶୀ, ସାଧାରଣ ସମ୍ପାଦକ ତୁଳସ ପଟେଲ, ଗୋଲଡି ଅଗ୍ରୱାଲ, ମନିଜର ଆର୍ଯ୍ୟ, ଦୃଷ୍ଟିଚନ୍ଦ୍ର ମାଝି, ବିକ୍ରମ ଆଡବଙ୍ଗ, ଚନ୍ଦନ ଠାକୁର, ରାକେଶ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ଦାବିପତ୍ର

କେସିଙ୍ଗା,୨୨।୩(ଡି.ଏନ.ଏ.)

ଜିଲା ନାଗରିକ ବିକାଶ ସଙ୍ଗଠନ କଳାହାଣ୍ଡି ପକ୍ଷରୁ କେସିଙ୍ଗା ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ଦଫା ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି। ସଙ୍ଗଠନର ଜିଲା ମ୍ୟାନେଜର କଲ୍ୟାଣି ଦାଶଙ୍କ ନେତୃତ୍ୱରେ ମହିଳାମାନେ କେସିଙ୍ଗା ରେଲୱେ ଫାଟକରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ଜିପିଓ ଜୟନ୍ତ କୁମାର ମୁଣ୍ଡଙ୍କୁ ୩ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଜିଲାର ୧୩ଟି ବ୍ଲକରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଜରିଆରେ ଅଚଳ ହୋଇ ପଡିରହିଥିବା ନଳକୂପ, ଷ୍ଟାଣ୍ଡ ପୋଷ୍ଟଗୁଡ଼ିକୁ ଅତିଶୀଘ୍ର ମରାମତି କରିବା, ଶୁଖିଲା ଅଞ୍ଚଳ ଚିହ୍ନଟ କରି ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା, ମାଇଳା ପାଣି ବାହାରୁଥିବା ଜାଗାରେ ଫିଲ୍ଟର ସଂଯୋଗ କରିବା ସହିତ, ସ୍କୁଲ ଛାଡ଼ି ଥିବା କିଶୋରୀ ବାଳିକାମାନଙ୍କୁ ଚିହ୍ନଟ କରି ପୁନଃ ସ୍କୁଲ ପଠାଇବାର ବ୍ୟବସ୍ଥା କରିବା, ଗର୍ଭବତୀ ପ୍ରସୂତି ମହିଳାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ଏବଂ ଜିଲାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ ଗୃହ ନିର୍ମାଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଶୋଭାଯାତ୍ରାରେ ସଙ୍ଗଠନ ଜନସାଥୀ ଅନୀଲ କୁମାର ନାଗ, ଅହଲ୍ୟା ସାହୁ, ଶିମନ୍ତିନି ବାରିକ, ଉର୍ମି ଲିଡ଼ର ତରୁଲତା ନାଗ ପ୍ରମୁଖ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।


ଜିପିଓଙ୍କୁ ସଙ୍ଗଠନ ପ୍ରତିନିଧିମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ଟିଟିଲାଗଡ, ୨୨।୩(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବ ବର୍ଷ ମହା ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶାମ ସୁନ୍ଦର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବର ଉଦଘାଟନ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ, ଟିଟିଲାଗଡ ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି, ଉପଖଣ୍ଡ ମଙ୍ଗଳ ଅଧିକାରୀ ଗୁରୁ ଚରଣ ଦାଶ, ବିଶିଷ୍ଟ ସମାଜସେବୀ କିଶୋର ଗୁପ୍ତା, ଗୀତା ଗୁପ୍ତା ଓ ମମତା ଗୁପ୍ତା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସହ ପ୍ରଧାନ ଆଚାର୍ଯ୍ୟ ନୃପରାଜ ସେଠ, ଶୈକ୍ଷିକ ପ୍ରମୁଖ କୈଳାସ ଚନ୍ଦ୍ର ସାହୁ, ଶିଶୁ ବାଟିକା ପ୍ରମୁଖ ସଂଯୁକ୍ତା ପାଣିଗ୍ରାହୀ, ଆଚାର୍ଯ୍ୟ ଚିନ୍ତାମଣି ଯୋଷୀ, ବ୍ରଜକିଶୋର ମିଶ୍ର, ମୋତିଲାଲ ପୁଟେଲ ପ୍ରମୁଖ ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଭାରତ ମାତା, ଶ୍ରୀରାମ, ଲକ୍ଷ୍ମଣ, ସୀତା ତଥା ବିଭିନ୍ନ ମହାପୁରୁଷଙ୍କ ବେଶରେ ସହର ପରିକ୍ରମା କରିଥିଲେ। ଏଥି ସହିତ ଛାତ୍ରଛାତ୍ରୀଙ୍କ ମଧରେ ନବବର୍ଷର ଅଭିନନ୍ଦନ ପତ୍ର ପ୍ରସ୍ତୁତି ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

### ପ୍ରେସର ଟ୍ୟାଙ୍କ ଫାଟି ମେକାନିକ ଗୁରୁତର

ବେଲପଡା,୨୨।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଦୁର୍ଗା ମଣ୍ଡପ ସାମ୍ନାରେ ଥିବା ବାଇକ ଗ୍ୟାରେଜରେ ବୁଧବାର ପ୍ରେସର ଟ୍ୟାଙ୍କ ଫାଟି ଜଣେ ମେକାନିକ ଗୁରୁତର ହୋଇଛନ୍ତି । ସେ ହେଉଛନ୍ତି ବେଲପଡା ନିକଟ ଡୁଙ୍ଗୁରିପାଲି ଗ୍ରାମର କାଳିଆ ପୁଟେଲ(୨୫। ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ ଯେ, ଅପରାହ୍ନ ୪ଟାରେ ବାଇକରେ ପ୍ରେସର ଦେବା ପାଇଁ କାଳିଆ ପ୍ରେସର ମେଶିନ ଅନ କରିଥିଲେ। ହଠାତ ଟ୍ୟାଙ୍କ ଫାଟିଯାଇଥିଲା ଓ ସେ ଛିଟିକି ପଡି ଗୁରୁତର ହୋଇଥଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବେଲପଡା ଡାକ୍ତରଖାନା ଓ ପରେ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି ।

### କୁଲିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ

ନୂଆପଡ଼ା ଅଫିସ,୨୨।୩

ନୂଆପଡା ସଦର ବ୍ଲକ କୁଲିଆବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ଶିକ୍ଷକ କିଶୋର କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭା ଓ ଆଲୋଚନାଚକ୍ରରେ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗୁଣ ସାଗର ଭୋଇ ମୁଖ୍ୟଅତିଥି, ପ୍ରଧାନ ଶିକ୍ଷକ ସମୀର କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ସହ ଜଳର ସଂରକ୍ଷଣ, ସଦପେଯାଗ, ଗୁରୁତ୍ୱ ତଥା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଭବିଷ୍ୟତକୁ ଆଖି ଆଗରେ ରଖି ଜଳର ସଦବିନିଯୋଗ ଓ ସଂରକ୍ଷଣ ନ କଲେ ଆଗାମୀ ଦିନରେ ଭବିଷ୍ୟତ ପିଢିଙ୍କ ପାଇଁ ହେବାକୁ ଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ଦିନକୁ ଦିନ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଥିବାରୁ ଜଳ ସଂରକ୍ଷଣ ଓ ସଦବିନିଯୋଗ ଆମମାନଙ୍କ ପାଇଁ ଏକ ଆହ୍ୱାନ। ଏଥିପାଇଁ ସମସ୍ତେ ମିଳିମିଶି ପ୍ରାୟାସ ନ କଲେ ଭବିଷ୍ୟତରେ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିବ ବୋଲି କହିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଲିଲା ଶବର, ନନ୍ଦା ମାଝି, ରବି ଶଙ୍କର ଭୋଇ, ଛବିଳ ନିଆଲ, ସ୍ୱେଚ୍ଛାସେବୀ ଖୋମସିଂ ଠାକୁର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରିଶେଷରେ ଜଳର ସଦୁପେଯାଗ ଓ ସଂରକ୍ଷଣ ଉପରେ ଶପଥ ପାଠ କରାଇଯାଇଥିଲା।

# ଜିଲାସ୍ତରୀୟ ନିଯୁକ୍ତି ମେଳାରେ ଭାଗନେଲେ ୨୩୫୦



ଜିଲାସ୍ତରୀୟ ନିଯୁକ୍ତି ମେଳାରେ ଉପସ୍ଥିତ ଅତିଥିଗଣ।

ଭବାନୀପାଟଣା,୨୨।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ପ୍ରଶାସନ ଓ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ବୁଧବାର ଭବାନୀପାଟଣା ଡିଆଇଇଟି ପଡ଼ିଆରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୬ଟି ନିଯୁକ୍ତି ଦାତା ସଂସ୍ଥା ଓ ୧୦ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଭାଗ ନେଇଥିଲେ। ମେଳାରେ ୨୩୫୦ଜଣ ପ୍ରାର୍ଥିନୀ/ପ୍ରାର୍ଥି ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୦୪୫ ଜଣ ବିଭିନ୍ନ ନିଯୁକ୍ତିଦାତାଙ୍କ ସହ ସହବନ୍ଧିତ ହୋଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଜିଲା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିବା ବେଳେ ଡିଆଇପିଆର୍‌ଓ ମନୋଜ ବେହେରା, ଓର୍ମାସର ଡେପୁଟି ସିଇଓ ଜଜ୍ କେର୍କେଟା ପ୍ରମୁଖ ସହଯୋଗ କରିଥିଲେ। ଜିଲା ନିୟୋଜନ କାର୍ଯ୍ୟାଳୟ ଉଦୟନ ମହାପାତ୍ର, ଅମ୍ବୁଜ ତିୱାରୀ, ପି. ସତୀଶ ଓ ଜିଲା ପ୍ରଶାସନର ଅନ୍ୟାନ୍ୟ କର୍ମଚାରୀ ଭାଗ ନେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ଲକ୍ଷ୍ମଣ


@ ମହେଶ୍ୱର


@ ପ୍ରତାପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ହିନ୍ଦୁ ନବବର୍ଷ ପାଳିତ


ନବବର୍ଷ ପାଳନ ଅବସରରେ ଉପସ୍ଥିତ ଅତିଥି।

ମୁରିବାହାଲ,୨୨।୩(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକର ବିଭିନ୍ନ ଗ୍ରାମ ରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ମୁରିବାହାଲ ରାଧାକୃଷ୍ଣ ଓ ଶିବ ମନ୍ଦିରରେ ସକାଳେ ଦୁର୍ଗା ବାହିନୀ, ମନ୍ଦିର ପରିଚାଳନା କମିଟି ଓ ବିଶ୍ୱ ହିନ୍ଦୁ ପରିଷଦ ମିଳିତ ଆନୁକୂଲ୍ୟରେ ପୂଜାର୍ଚ୍ଚନା କରାଯାଇଥିଲା। ହିନ୍ଦୁନବବର୍ଷର ମହତ୍ତ୍ୱ ଉପରେ ଦୁର୍ଗାବାହିନୀର ପ୍ରାନ୍ତ ସଂଯୋଜକ ସୋନାଲିପ୍ରଭା ସାହୁ, ବିଶ୍ୱହିନ୍ଦୁ ପରିଷଦ ବଲାଙ୍ଗୀର ଜିଲା ଉପସଭାପତି ରାଜୀବ କୁମାର ମହାନ୍ତି, ନାରାୟଣ ସାହୁ, ଅଙ୍କିତା ଖମାରି ମତ ରଖିଥିଲେ। ମୁରିବାହାଲ ସରସ୍ୱତୀ ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସୁମନା ନନ୍ଦ ଖମାରୀଙ୍କ ନେତୃତ୍ୱରେ ହଳଦୀ, ଗୁଡିଘାଟ, ଲେବଡ଼ା ଗ୍ରାମରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି।

# ରବି ଧାନ ବିକ୍ରି ପାଇଁ ତହସିଲଦାରଙ୍କୁ ଦାବିପତ୍ର

କୋକସରା,୨୨।୩(ଡି.ଏନ.ଏ.)

ଚଳିତ ରବି ଧାନ ଚାଷ ପାଇଁ କଳାହାଣ୍ଡି ଜିଲା କୋକସରା ବ୍ଲକକୁ ଇନ୍ଦ୍ରାବତୀ ମେଗାଲିଫ୍ଟ କେନାଲରୁ ପ୍ରଥମ ପର୍ଯ୍ୟାୟରେ ଜଳସେଚନ ଆରମ୍ଭ ହୋଇଛି। ଉତ୍ସାହର ସହିତ ଚାଷୀମାନେ ଧାନ ଚାଷ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ମଣ୍ଡି ଖୋଲିବା ନେଇ କୌଣସି ପ୍ରତିଶ୍ରୁତି ମିଳିନାହିଁ। ବୁଧବାର କୃଷକ ସଚେତନ ମଞ୍ଚ ଆବାହକ ତଥା କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନାଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି। ଚାଷୀ ଧନେଶ୍ୱର ଗୋପାଳ, ଦୈତାରି ବାରିକ, ଲଳିତ ମୋହନ ପ୍ରଧାନୀ ଧାନ ବିକ୍ରି ପାଇଁ ମଣ୍ଡି ଖୋଲିବାକୁ ଦାବି କରିଛନ୍ତି। କୋକସରା ପାକ୍ସ ଅଧୀନ କୋକସରା, ରେଙ୍ଗାଳପାଲି, ମାଝିଗୁଡା ପଞ୍ଚାୟତର ପାଖାପାଖି ୨୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିରେ ୩ ପଞ୍ଚାୟତ ଅଞ୍ଚଳର ଚାଷୀ ଡାଲୁଅ ଧାନ ଚାଷ କରିଛନ୍ତି।


ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

# କୃଷକ କର୍ମଶାଳା ପରାମର୍ଶ ବୈଠକ

କୋକସରା,୨୨।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ବୁଧବାର କୋକସରା ଧାନ ମଣ୍ଡିଠାରେ କୃଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୋକସରା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା କୋକସରା, ରେଙ୍ଗାଳପାଲି ଓ ମାଝୀଗୁଡା ପଞ୍ଚାୟତର ଚାଷୀଙ୍କୁ ନେଇ ଏହି କର୍ମଶାଳା ହୋଇଥିଲା। କୋକସରା ପାକ୍ସ ସମ୍ପାଦକ ନିରଞ୍ଜନ ପ୍ରସାଦ ବାଗଙ୍କ ପରିଚାଳନାରେ କୋକସରା କୃଷି ସମବାୟ ସମିତି ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଙ୍ଗାଳପାଲି ସମିତି ସଭ୍ୟ ମୁକ୍ତେଶର ନାଏକ, କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଇନ୍ଦ୍ରମଣି ଧଙ୍ଗଡା ମାଝି, କୃଷି କର୍ମଚାରୀ ଅନୁସୂୟା ସିଂ, ଟିକଚନ ଦଳପତି, ଉପେନ୍ଦ୍ର ଜାଲ ଉପସ୍ଥିତ ଥିଲେ।



କୃଷକ କର୍ମଶାଳାରେ ମଞ୍ଚାସୀନ ଅତିଥି।

**କୃଷି ସମ୍ପର୍କିତ ଯୋଜନା ଉପରେ ପରାମର୍ଶ**

କୃଷି ସମବାୟ ସମିତି ହେଉଛି କୃଷକଙ୍କ ସାଥି, କୃଷକଙ୍କ ପାଇଁ ରହିଥିବା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସହ କୃଷିରଣ କ୍ଷେତ୍ରରେ ୧ ଲକ୍ଷ ପର୍ଯ୍ୟନ୍ତ ବିନା କୌଣସି ସୁଧରେ ଯୋଗାଇ ଦେଉଥିବା ବେଳେ ୧ ଲକ୍ଷରୁ ୨ ଲକ୍ଷ କୃଷିରଣ ପାଇଁ ମାତ୍ର ୨ ପ୍ରତିଶତ ସୁଧରେ ଯୋଗାଇ ଦିଆଯାଉଛି। କୃଷକମାନେ ଏହି ଯୋଜନାର ଲାଭ ନେବାକୁ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧିମାନେ ପରାମର୍ଶ ଦେଇଥିଲେ। ଏହାସହ କୃଷକଙ୍କ ପାଇଁ ରହିଥିବା କୃଷି ସମ୍ପର୍କିତ ଅନ୍ୟ ଯୋଜନା ବିଷୟରେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମ ପାକ୍ସ କର୍ମଚାରୀମାନେ ସହଯୋଗ କରିଥିଲେ। କୃଷକ କର୍ମଶାଳାରେ ୩ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହିଥିଲେ।

# ବିଶ୍ୱ ବନ ଦିବସ ପାଳିତ

ରାଉରକେଲା ଅଫିସ,୨୨।୩

ରାଉରକେଲା ବନ କାର୍ଯ୍ୟାଳୟ ପରିସରରେ ରାଉରକେଲା ବନଖଣ୍ଡ ପକ୍ଷରୁ ବିଶ୍ୱ ବନ ଦିବସ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ ବିଶ୍ୱ ବନ ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜଙ୍ଗଲର ଉପକାରିତା ଓ ପ୍ରାଣୀଜଗତର ନିର୍ଭରଶୀଳତା ବିଷୟରେ ସଚେତନତା ସୃଷ୍ଟି କରାଇବା ପ୍ରତ୍ୟେକ ନାଗରିକ କର୍ତ୍ତବ୍ୟ ବୋଲି ସେଠୀ ମତ ପ୍ରକାଶ କରିଥିଲେ। ଏଥିସହ ରାଉରକେଲା ବନଖଣ୍ଡର ୩ଟି ସ୍ଥାନରେ ଯଥା ପାନପୋଷ ବନାଞ୍ଚଳର ଏରଡେଗା, ମନକୋ ଓ ସରିଲାଟୋଲୀ ସହ ବିଶ୍ରା ବନାଞ୍ଚଳର ଟାଙ୍ଗରପାଲି ଗ୍ରାମର ଜନ ସୁରକ୍ଷା ଗଜ ରକ୍ଷା ଯୋଜନାରେ କାର୍ଯ୍ୟକ୍ଷମ ହେବାକୁ ଥିବା ସୌରଚାଳିତ ବାଡ ନିର୍ମାଣ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରାଗଲା । ଏହି ଯୋଜନାରେ ହେବାକୁ ଥିବା କାର୍ଯ୍ୟଦେୟ ଶତକଡ଼ା ୯୦ ପ୍ରତିଶତ ସରକାର ବହନ କରିବେ ଓ ୧୦ ପ୍ରତିଶତ ଗୋଷ୍ଠୀ ବହନ କରିବ। ଏହା କାର୍ଯ୍ୟକ୍ଷମ ହେବା ଦ୍ୱାରା ହାତୀ ଓ ମଣିଷର ଲଢ଼େଇ କିଛି ମାତ୍ରାରେ କମ ହେବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଏଥିସହ ବନାଗ୍ନି ପରିଚାଳନାରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୮ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଦିବସରେ ସହକାରୀ ବନରକ୍ଷକ ସଲବିନ୍ଦର ସିଂହ, ସହକାରୀ ବନ ସଂରକ୍ଷକ ସୌମ୍ୟରଞ୍ଜନ ଗୋଚ୍ଛାୟତଙ୍କ ସହ ୬ଟି ବନାଞ୍ଚଳ ଅଧିକାରୀ ଓ କର୍ମଚାରୀ, ସୁରକ୍ଷାକର୍ମୀ ସହ ସମିତି ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।



ବିଶ୍ୱ ବନଦିବସରେ ମଞ୍ଚାସୀନ ଅତିଥି।

## ପ୍ରଶାସନ ଜବାବ ନ ଦେଲେ ଆଗକୁ ଧାରଣା ଅନଶନର ରୂପ ନେବ: ମୁକ୍ତିକାନ୍ତ

ରାଉରକେଲା ଅଫିସ, ୨୨।୩

ଆରଜିଏଚ୍ ସର୍ଜିକାଲ ଏବଂ ଅର୍ଥୋପେଡିକ ଓଟି ଚାଲୁ ଦାବି ନେଇ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଅଫିସ ଆଗରେ ମୁକ୍ତିକାନ୍ତଙ୍କ ଧାରଣା ପ୍ରଦର୍ଶନ ବୁଧବାର ଦ୍ୱିତୀୟ ଦିବସକୁ ପଦାର୍ପଣ କରିଛି। ଏଯାବତ୍ ପ୍ରଶାସନ ମୁକ୍ତିକାନ୍ତଙ୍କ ଦାବି ସମ୍ପର୍କିତ ବିଷୟରେ କୌଣସି ଆଲୋଚନା ହୋଇ ନାହିଁ। ଜିଲା ପ୍ରଶାସନ ଆସନ୍ତାକାଲି ସୁଦ୍ଧା ଜବାବ ନ ଦେଲେ ଧାରଣା ଅନଶନ ରୂପ ନେବ ବୋଲି ବୁଧବାର ମୁକ୍ତିକାନ୍ତ ଦୃଢୋକ୍ତି ପ୍ରକାଶ କରିଛନ୍ତି। ତେବେ ମୁକ୍ତିକାନ୍ତଙ୍କ ଦାବି ସମର୍ଥନରେ କିଛି ଅନୁଷ୍ଠାନ ସହିତ ରାଉରକେଲା ସମାଜସେବୀ ଗୋପାଳ ଜେନା, ସୌମ୍ୟରଞ୍ଜନ ଲେଙ୍କା, ସୌମ୍ୟକାନ୍ତ ଧଳ, ସ୍ମୃତିରଞ୍ଜନ ଭୋଇ, ସୀମାଞ୍ଚଳ ଖଂଟୁଆଲ, ରତିକାନ୍ତ ସ୍ୱାଇଁ, ପ୍ରମୋଦ କୁମାର ନାୟକ, ଅଭିଷେକ ସିଂହ, ବୈଦ୍ୟନାଥ ବେହେରା ଓ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସମ୍ମିଳିତ ହୋଇଛନ୍ତି।




@ ଲକ୍ଷ୍ମଣ


@ ମହେଶ୍ୱର


@ ପ୍ରତାପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଜିଲାପାଳଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ

କୁତ୍ରା, ୨୨।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜିଲାପାଳ ଡ. ପରାଗ ହର୍ଷଦ ଗଭାଲି। ସେ ପ୍ରଥମେ ଗମାରଡିହିସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଏହାର ଉନ୍ନତିକରଣ କାର୍ଯ୍ୟ ବୁଲି ଦେଖିବା ସହ ଛାତ୍ରୀମାନଙ୍କ ସହ ପାଠପଢା ସହ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଏଠାରେ ଥିବା ଅସୁବିଧାକୁ ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ କଟଙ୍ଗସ୍ଥିତ ଶାନ୍ତା ଦେବୀ ଉଚ୍ଚ ବିଦ୍ୟାଳୟକୁ ଯାଇ ବୁଲି ଦେଖିଥିଲେ। ଏହା ସହ କୁତ୍ରା ବ୍ଲକ କାର୍ଯ୍ୟାଳୟ ନିକଟରେ ମିଶନ ଶକ୍ତି ଦ୍ୱାରା ପରିଚାଳିତ କାଫେ ସେଣ୍ଟର ମଧ୍ୟ ପରିଦର୍ଶନ କରିଥିଲେ। ଏହି ଗସ୍ତ ଅବସରରେ ଜିଲାପାଳଙ୍କ ସହ ପିଡି ମନୋଜ ସତ୍ୟବାନ ମହାଜନ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳିତ


ମକଡ୍ରିଲ ସମୟରେ ଅତିଥି, ପ୍ରକଳ୍ପର ଅଧିକାରୀ ଓ କର୍ମଚାରୀ।

ସୁନ୍ଦରଗଡ,୨୨।୩(ଡି.ଏନ.ଏ.)

ଏନଟିପିସି ଦର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେଶନ ତରଫରୁ ରାଷ୍ଟ୍ରୀୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ସୁରକ୍ଷା ଉପାୟଗୁଡିକ ପାଳନ କରିବାର ମହତ୍ତ୍ୱ ସମ୍ପର୍କରେ କର୍ମଚାରୀ ଏବଂ ବ୍ୟବସାୟିକ ଭାଗିଦାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ମଙ୍ଗଳବାର ଉଦଯାପନୀ ଦିବସରେ ରାଜ୍ୟ ସରକାରଙ୍କ ରାଉରକେଲା ଜୋନର-୩ ଫ୍ୟାକ୍ଟ୍ରି ବଏଲରର ଆସିଷ୍ଟାଣ୍ଟ ଡାଇରେକ୍ଟର ଉମାକାନ୍ତ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ସାମନ୍ତରାୟ କାର୍ଯ୍ୟସ୍ଥଳରେ ସକରାତ୍ମକ ବ୍ୟବହାରକୁ ସୁଦୃଢ଼ କରିବା ପାଇଁ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟସ୍ଥଳରେ ଦୁର୍ଘଟଣା ହ୍ରାସ ନିମନ୍ତେ ଗୁଣବତ୍ତା ପୂର୍ଣ୍ଣ ଏସଓପି ତିଆରି ଓ ଉତ୍ତମ କାର୍ଯ୍ୟସ୍ଥଳ ଉପରେ ସେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମହାପ୍ରବନ୍ଧକ(ଓଏଣ୍ଡଏମ)ଏଚ.ଏନ ଚକ୍ରବର୍ତ୍ତୀ କାର୍ଯ୍ୟ ସ୍ଥଳରେ ସମସ୍ତ କର୍ମଚାରୀ ସବୁବେଳେ ସତର୍କ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନଟିପିସି ଦର୍ଲିପାଲି କାର୍ଯ୍ୟସ୍ଥଳରେ ସୁରକ୍ଷା ବ୍ୟବସ୍ଥାର ସଠିକ କାର୍ଯକାରିତାକୁ ଆଖିଆଗରେ ରଖି ବରିଷ୍ଠ ଅଧିକାରୀ,ଫ୍ୟାକ୍ଟ୍ରି ବଏଲର ଏବଂ ମୁଖ୍ୟଅତିଥିଙ୍କ ଉପସ୍ଥିତିରେ ଏକ ସୁରକ୍ଷା ମକ୍‌ଡ୍ରିଲ ଆୟୋଜିତ ହୋଇଥିଲା। ସୁରକ୍ଷା ସପ୍ତାହ ପାଳନ ଅବସରରେ ଅଗ୍ନି ନିର୍ବାପନ ସମ୍ପର୍କିତ ପ୍ରଶିକ୍ଷଣ, ପ୍ରାଥମିକ ଚିକିତ୍ସା, ପ୍ରବନ୍ଧ ପ୍ରତିଯୋଗିତା,ସୁରକ୍ଷା ସମ୍ବନ୍ଧିତ ପ୍ରଶ୍ନୋତ୍ତର ପ୍ରତିଯୋଗିତା, ସ୍ଲୋଗାନ ପ୍ରତିଯୋଗିତା, ସ୍କୁଲ ପିଲାମାନଙ୍କ ମଧ୍ୟରେ ଚିତ୍ରକଳା ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟି.କେ. ବାଗେଶ୍ୱର(ଟିଏସ), ଅର୍ଣ୍ଣବ ମୈତ୍ର, ଜିଏମ(ଏଫଏମ ),ବିଶାଳ ମାଥୁର, ଜିଏମ(ପରିଯୋଜନା), ସମସ୍ତ ବିଭାଗର ମୁଖ୍ୟ, କାର୍ଯ୍ୟକାରୀ ସଂଘର ପ୍ରତିନିଧି, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ଅଗ୍ନିଶମ ଏବଂ ନିରାପତ୍ତା ବିଭାଗର ଅଧିକାରୀ, ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ଉପସ୍ଥିତ ଥିଲେ।

## ନକଲି ବିଦେଶୀ ମଦ ସହ ସ୍ପିରିଟ୍ ଜବତ: ଜଣେ ଗିରଫ


ନକଲି ବିଦେଶୀ ମଦ ସହ ଅଭିଯୁକ୍ତ ଓ ପୋଲିସ।

ରାଉରକେଲା ଅଫିସ,୨୨।୩

ରାଉରକେଲା ଅବକାରୀ ପୋଲିସ ଓ ଆର୍‌ପିଏଫ୍ ପୋଲିସ ମିଳିତ ଚଢ଼ାଉ ସମୟରେ ନକଲି ବିଦେଶୀ ମଦ ସହ ସ୍ପିରିଟ ଜବତ ହୋଇଛି। ଏଥିସହ ପୋଲିସ ବିହାର ଅଞ୍ଚଳର ଆଶିଷ କୁମ୍ଭାରଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ ବିହାର ଡିଇଓ ସଡକପାର ଅଞ୍ଚଳରେ ଆଶିଷ ବାସ କରନ୍ତି। ଏକ ଯାତ୍ରୀବାହୀ ଟ୍ରେନ ଯୋଗେ ଆଶିଷ ରାଉରକେଲା ରେଳ ଷ୍ଟେସନରେ ବୁଧବାର ସକାଳ ୭ଟାରେ ପହଞ୍ଚିଥିଲେ। ଆରପିଏଫ ପୋଲିସ ଏହି ସମୟରେ ଷ୍ଟେସନରେ ଚେକିଂ କରୁଥିବାବେଳେ ଯୁବକ ଜଣଙ୍କ ପୋଲିସ ହାବୁଡରେ ପଡି ଯାଇଥିଲେ। ପୋଲିସ ତାଙ୍କଠାରୁ ୧୮.୨୪୫ ଲିଟର ନକଲି ବିଦେଶୀ ମଦ ଓ ୨୦ ଲିଟର ସ୍ପିରିଟିକୁ ଜବତ କରିଥିଲା। ଜବତ ହୋଇଥିବା ସମସ୍ତ ଜିନିଷର ମୂଲ୍ୟ ୨୨ ହଜାର ୯୪୭ ଟଙ୍କା ହେବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଏନେଇ ଅବକାରୀ ପୋଲିସ ଯୁବକ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

## ବ୍ରଜରାଜନଗର ପ୍ରେସ୍‌କ୍ଲବ ପକ୍ଷରୁ ବସନ୍ତ ଉତ୍ସବ

ବ୍ରଜରାଜନଗର,୨୨।୩ (ଡି.ଏନ.ଏ.)

ବ୍ରଜରାଜନଗର ପୌର କଲ୍ୟାଣ ମଣ୍ଡପଠାରେ ପ୍ରେସ୍‌କ୍ଲବ ଆନୁକୂଲ୍ୟରେ ବସନ୍ତ ଉତ୍ସବ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରେସ୍‌କ୍ଲବ ସଭାପତି ପ୍ରତାପ କେଶରୀ ସିଂହ ସଭାପତିତ୍ୱ କରିଥିଲେ। ବ୍ରଜରାଜନଗର ପୌର ପରିଷଦର ପୂର୍ବତନ ପୌରାଧ୍ୟକ୍ଷ ନନ୍ଦ କିଶୋର ଅଗ୍ରୱାଲ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ଶିବପ୍ରିୟା ମିଶ୍ର ମୁଖ୍ୟବକ୍ତା ଓ ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ ସସଭାପତି ଦେବ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବସନ୍ତ ଉତ୍ସବ ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ କିରଣ କୁମାରୀ ଦାସ ଓ ଶିବପ୍ରିୟ ମିଶ୍ରଙ୍କୁ କ୍ଲବ ତରଫରୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। କ୍ଲବର ବରିଷ୍ଠ ସଦସ୍ୟ ବ୍ୟାସଦେବ ପଣ୍ଡା ମଞ୍ଚ ପରିଚାଳନା ଓ ସମ୍ପାଦକ ତ୍ରିଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ହତ୍ୟା: ଜଣେ ଗିରଫ

ରାଉରକେଲା ଅଫିସ,୨୨।୩

ଉଦିତନଗର ଥାନା ଅନ୍ତର୍ଗତ ଆମ୍ବେଦକର ବସ୍ତିରେ ବାସ କରୁଥିବା ସୋନୁ ବଡାଇକଙ୍କ ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ କରି ପୋଲିସ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ପଟ୍ଟନାୟକଙ୍କୁ ବୁଧବାର ଗିରଫ କରିଛି। ପୋଲିସ କହିବା ଅନୁଯାୟୀ, ସୋନୁ ଓ ଗୋବିନ୍ଦ ଉକ୍ତ ବସ୍ତିରେ ବାସ କରୁଥିବା ସହ ଦୁଇଜଣ ଠିକା ଶ୍ରମିକ ଭାବେ କାମ କରିନ୍ତି। ମାର୍ଚ୍ଚ ୬ରେ ସୋନୁ ଗୋବିନ୍ଦ ସହ ହୋଲି ଖେଳୁଥିବା ସମୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ସୋନୁ ଗୋବିନ୍ଦଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହି ରାଗ ରଖି ମଙ୍ଗଳବାର ସନ୍ଧ୍ୟାରେ ଗୋବିନ୍ଦ ସୋନୁଙ୍କ ତାଙ୍କ ଘରକୁ ଡାକିଥିଲେ। ହୋଲିର ମାଡପିଟ କଥାକୁ ନେଇ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଗୋବିନ୍ଦ ରାଗିଯାଇ ଏକ ଲୁହା ଶାବଳରେ ସୋନୁର ମୁଣ୍ଡକୁ ଖୁବ ଜୋରରେ ପିଟି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ସୋନୁଙ୍କ ମୃତ୍ୟୁ ହୋଇଯାଇଥିଲା। ଗୋବିନ୍ଦ ଘର ବାହାର ପଟୁ କବାଟ ବନ୍ଦ କରି ଫେରାର ହୋଇ ଯାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ବୁଧବାର ଆମ୍ବେଦକର ବସ୍ତିରୁ ଗୋବିନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା


ଛାତ୍ରୀ ଅରୁନ୍ଧତି ରାୟ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜଗାଙ୍ଗପୁର, ୨୩।୩ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରର ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ଅରୁନ୍ଧତି ରାୟ ଚୌଧୁରୀ +୩ କେମେଷ୍ଟ୍ରି ସମ୍ମାନରେ ପଢୁଛନ୍ତି। ଗତ ୧୬ ରୁ ୧୮ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ମହାବିଦ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଯୁଥ ରେଡ୍‌କ୍ରସ କ୍ୟାମ୍ପରେ ଯୋଗଦାନ କରିଥିଲେ। ସେଥିରେ ଅନୁଷ୍ଠିତ ଓଡିଶୀ ନୃତ୍ୟରେ ଦ୍ୱିତୀୟ ହୋଇ ପୁରସ୍କୃତ ହୋଇଛନ୍ତି। ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଥିବାରୁ ବୁଧବାର ମହାବିଦ୍ୟାଳୟରେ ଏକ ସଭାକାର୍ଯ୍ୟ ଅଧ୍ୟକ୍ଷ ବିପିନ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଅରୁନ୍ଧତିଙ୍କୁ ସମ୍ମାନିତ କରାଯିବା ସହ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରୀମାନେ ଉପସ୍ଥିତ ରହିଥିଲେ।

## ବିଧାୟକଙ୍କ ହସ୍ତକ୍ଷେପରେ ଗାଁକୁ ଆସିଲା ମୃତଦେହ

ଭବାନୀପାଟଣା,୨୨।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଣ୍ଡାକୁତ୍ରା ଗ୍ରାମର ଘେନୁ ଶବର ନାମକ ଜଣେ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର କୋରାପୁଟ ମେଡିକାଲ କଲେଜରେ ମୃତ୍ୟୁ ହୋଇଥିଲା। ଅର୍ଥାଭାବରୁ ପରିବାର ଲୋକେ ଗାଁକୁ ମୃତଦେହ ଆଣିବାରେ ସକ୍ଷମ ହେଉ ନ ଥିଲେ। ଏହି ଖବର ଜାଣିବା ପରେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଘଟଣାର ହସ୍ତକ୍ଷେପ କରି ଘେନୁଙ୍କ ମୃତଦେହ ଗାଁକୁ ଆଣିବା ପାଇଁ କୋରାପୁଟ ଜିଲା ପ୍ରଶାସନ ସହ କଥା ହୋଇଥିଲେ। ପରେ କୋରାପୁଟ ଓଡ଼ିଶା ମୋ ପରିବାର ସଂଯୋଜକ ବୈକୁଣ୍ଠ ମଣ୍ଡଳ ଓ କଳାହାଣ୍ଡି ସଂଯୋଜକ ହିମାଂଶୁ ନାଏକଙ୍କ ସମନ୍ୱୟରେ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ରାତି ୧୦ଟାରେ ଗାଁକୁ ଅଣାଯାଇଥିଲା।

## ସମ୍ବଲପୁର ପୋଲିସ ଦ୍ୱାରା ରକ୍ତଦାନ ଶିବିର

ସମ୍ବଲପୁର,୨୨।୩(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଥାନାରେ ମୋ ସରକାର ୫ଟି ସେଲ୍ ପକ୍ଷରୁ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଶିବିରକୁ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଆଇଆଇସି ଅନିତା ପାଟନିଆ ଉପସ୍ଥିତ ଥିଲେ। ଏଥିରେ ମୋଟ ୬୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଭିମ୍‌ସାର ବୁର୍ଲା ରକ୍ତଭଣ୍ଡାର ଡାକ୍ତର ବିଜୟରାଜ ଭୋଇ, ଟେକ୍ନିସିଆନ ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଏହାକୁ ପରିଚାଳନା କରିଥିଲେ। ହାବିଲଦାର ଓ କନଷ୍ଟେବଳ ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଶିବିର ଆୟୋଜନ କରାଯାଇଥିଲା। ଏସ୍‌ଡିପିଓ ରକ୍ତଦାତାଙ୍କୁ ମାନପତ୍ର ଦେଇ ଉତ୍ସାହିତ କରିଥିଲେ।



ରକ୍ତସଂଗ୍ରହ କରାଯାଉଛି।

## ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ: ସନରକ୍ସି ଚାମ୍ପିୟନ

ରାଉରକେଲା ଅଫିସ,୨୨।୩

ଜାମୁଡି ଖେଳ ପଡିଆରେ ନବମ ବାଟାଲିୟନ ସିଆପିଏଫ ପକ୍ଷରୁ ଆୟୋଜିତ ହୋଇଥିବା ହକି ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ସିଆରପିଏଫ ଦ୍ୱିତୀୟ କମାଣ୍ଡେଣ୍ଟ ମହେଶ ବିଶ୍ୱକର୍ମା ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସନ ରକ୍ସି ଦଳ ସହିତ ବଡ ରକ୍ସି ମଧ୍ୟରେ ଖେଳା ଯାଇଥିଲା। ଏଥିରେ ସନ ରକ୍ସି ଦଳ ୨-୧ ଗୋଲରେ ବିଜୟୀ ହୋଇଥିଲା। ସେହିଭିଳି ଦ୍ୱିତୀୟ ମ୍ୟାଚ ବଜନିଆ ଦଳ ସହିତ ଆମପଦା ମଧ୍ୟରେ ଖେଳା ଯାଇଥିଲା। ଏଥିରେ ବଜନିଆ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥି ଟ୍ରଫି ସହିତ ହକି ଖେଳ ଉପକରଣଗୁଡିକୁ ବିତରଣ କରିଥିଲେ। ଏହି ଟୁର୍ନାମେଣ୍ଟକୁ ନବମ ବାଟାଲିୟନର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ହକି ଟୁର୍ନାମେଣ୍ଟରେ ଖେଳାଳିଙ୍କ ସହ ଅତିଥି।

# ୩୭୦ ନ ଫେରିବାଯାଏ ନିର୍ବାଚନ ଲଢ଼ିବେନି ମେହବୁବା

**ଶ୍ରୀନଗର,୨୨।୩**


ମେହବୁବା ମୁଫ୍‌ତି

ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ଏକ ବଡ଼ ଘୋଷଣା କରିଛନ୍ତି। ଏକ ସାକ୍ଷାତକାରରେ ମେହବୁବା କହିଛନ୍ତି, ରାଜ୍ୟରେ ଧାରା ୩୭୦ ପୁଣି ଲାଗୁ ନ ହେବା ପର୍ଯ୍ୟନ୍ତ ମୁଁ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବି ନାହିଁ। କାରଣ ଏହା ମୋ ପାଇଁ ଏକ ଭାବପ୍ରବଣ ବିଷୟ। ଯେତେବେଳେ ବିଧାନସଭାରେ ବିଧାୟକ ଭାବରେ ଶପଥ ଗ୍ରହଣ କରିଥିଲି ସେତେବେଳେ ରାଜ୍ୟରେ ଦୁଇଟି ସମ୍ବିଧାନ ଥିଲା, ଗୋଟିଏ ଜମ୍ମୁ କଶ୍ମୀରର ଏବଂ ଅନ୍ୟଟି ଭାରତର। ଏହା ମୋ ପକ୍ଷରୁ ଏକ ନିର୍ବୋଧ ନିଷ୍ପତ୍ତି ହୋଇପାରେ, କିନ୍ତୁ ଏହା ମୋ ପାଇଁ ଅତ୍ୟନ୍ତ ଭାବପ୍ରବଣ ବିଷୟ।

ଅନ୍ୟପକ୍ଷରେ, ନିର୍ବାଚନକୁ ନେଇ ମେହବୁବା କହିଛନ୍ତି, ନିର୍ବାଚନ ନିଷ୍ପତ୍ତି ନିର୍ବାଚନ ଆୟୋଗଙ୍କ ଦ୍ୱାରା ନୁହେଁ ବରଂ ଭାଜପା ଦ୍ୱାରା ନିଆଯିବ। ଭାଜପା ପାଇଁ ପରିସ୍ଥିତି ଅନୁକୂଳ ହେଲେ ସେମାନେ ଏହି ନିର୍ବାଚନ କରିବେ।


ମଦ ନୀତି ଦୁର୍ନୀତି ମାମଲାରେ ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**୨୦୨୪ ପାଇଁ ସଜବାଜ**

# ବିରୋଧୀ ନେତାଙ୍କ ବୈଠକ ଡାକିଲେ ପାୱାର

**ନୂଆଦିଲ୍ଲୀ,୨୨।୩**


ଶରଦ ପାୱାର

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଏକତା ଉପରେ ଜୋର୍ ଦିଆଯାଉଥିବାବେଳେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି। ଦିଲ୍ଲୀରେ ଗୁରୁବାର ଅପରାହ୍ନ ୬ଟାରେ ବିରୋଧୀ ଦଳଗୁଡ଼ିକର ନେତାମାନେ ଏଥିରେ ଯୋଗଦେବେ। ଉକ୍ତ ବୈଠକରେ ଦଳଗୁଡ଼ିକର ସ୍ୱାର୍ଥ ଏବଂ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଉପରେ ଆଲୋଚନା ହେବ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ସହ ଇଭିଏମ୍‌କୁ ନେଇ ଥିବା ସନ୍ଦେହ ଦୂରକରିବା ଆବଶ୍ୟକ ବୋଲି ବିରୋଧୀ ଦଳଗୁଡ଼ିକୁ ଲେଖିଥିବା ପତ୍ରରେ ପାୱାର ଉଲ୍ଲେଖ କରିଛନ୍ତି। ଭାଜପାକୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ଆଣିବା ଲାଗି ଉଦ୍ୟମ ଚାଲିଥିବାବେଳେ ଏହି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ନିକଟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଏବଂ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏଦିଗରେ ଉଦ୍ୟମ କରିଛନ୍ତି। ତେବେ କଂଗ୍ରେସକୁ ବାଦ୍ ଦେଇ ବିରୋଧୀ ମେଣ୍ଟ ଅସମ୍ଭବ ବୋଲି ସର୍ବପୁରାତନ ଦଳ କହିଆସିଛି।

# ଜାଗା ମିଶନ ତାଲିକାରେ ଏକାଧିକ ଶାସକ ଦଳ କର୍ମୀ: ବିଜୟ

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ବିଜୟ ପଟ୍ଟନାୟକ (ଡାହାଣ) । ନିକଟରେ ଉପସ୍ଥିତ ପିସିସି ସଭାପତି ଶରତ ପଟ୍ଟନାୟକ ।

୨୦୨୩ ମସିହା ପାଇଁ ପ୍ରକାଶିତ ଜାଗା ମିଶନରେ ହୋଇଛି ବ୍ୟାପକ ଚଞ୍ଚକତା। ବସ୍ତିବାସିନ୍ଦାଙ୍କ ପରିବର୍ତ୍ତେ ଶାସକ ଦଳର କର୍ମୀଙ୍କୁ ଜାଗା ମିଳିଛି। ଯାହାର ୨ ମହଲା ଘର ଅଛି, ମାର୍କେଟରେ ଷ୍ଟଲ୍ ଅଛି ସେମାନଙ୍କ ନାଁ ମଧ୍ୟ ତାଲିକାରେ ସ୍ଥାନ ପାଇଛି। ତେଣୁ ରାଜ୍ୟ ସରକାର ଜାଗା ମିଶନରେ ବ୍ୟାପକ ଦୁର୍ନୀତି କରିଥିବା କଂଗ୍ରେସ ନେତା ବିଜୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜୟ କହିଛନ୍ତି, ସହରାଞ୍ଚଳରେ ବସ୍ତିର ବିକାଶ ଲାଗି ଉପା ସରକାର ସମୟରେ ଯୋଜନା କରାଯାଇଥିଲା। ରାଜୀବ ଆବାସ ଯୋଜନାରେ ଘର ଦେବାକୁ ସେତେବେଳର କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ହେଲେ ଉପା ସରକାର ଯିବା ପରେ ଏହାର ନାମ ପରିବର୍ତ୍ତନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହୋଇଛି। ଓଡ଼ିଶା ସରକାର ବସ୍ତି ଲୋକଙ୍କ ପାଇଁ ଦରଦ ଦେଖାଇବାକୁ ଯାଇ ଜାଗା ମିଶନ କରିଛନ୍ତି। ହେଲେ ଏଥିଲାଗି ପ୍ରକାଶିତ ତାଲିକାରେ ରାଜ୍ୟ ସରକାରଙ୍କ ଚଞ୍ଚକତା ଜଳ ଜଳ ଦିଶୁଛି। ନୂଆ ତାଲିକାରେ ଦୁଇ ମହଲା କୋଠା ଥିବା ଲୋକଙ୍କ ନାଁ ମଧ୍ୟ ସାମିଲ କରାଯାଇଛି। ଯାହାର ହଜାର ହଜାର ଟଙ୍କାର ବ୍ୟବସାୟ ଅଛି ସେ ମଧ୍ୟ ଏହି ଯୋଜନାର ହିତାଧିକାରୀ ଭାବେ ସ୍ଥାନ ପାଇଛନ୍ତି। ଗତ ୧୧ ତାରିଖରେ ତାଲିକା ପ୍ରକାଶ ପାଇଥିବା ବେଳେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ତାଲିକା ପ୍ରକାଶ ପାଇବାର ୨ ଦିନ ମଧ୍ୟରେ ଅର୍ଥାତ୍ କେବଳ ୧୩ ତାରିଖ ସୁଦ୍ଧା ଅଭିଯୋଗ ଜଣାଇବାକୁ କୁହାଯାଇଥିଲା। ୨ ଦିନ ମଧ୍ୟରୁ ଗୋଟିଏ ଦିନ ରବିବାର ଥିଲା। ତେଣୁ ଏଥିରେ ରାଜ୍ୟ ସରକାର ତଥା ବିଏମ୍‌ସିର ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ବିଜୟ ଅଭିଯୋଗ କରିଛନ୍ତି।

**ବିଧାନସଭା ଭିତର ରାଜନୀତି**

# ବିଜେଡି-ଭାଜପା ମୁହାଁମୁହିଁ

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

- ଭାଜପା ନିର୍ଲଜ୍ଜ ଭାବେ ବାରମ୍ବାର ମିଛ କହି ଚାଲିଛି: ବିଜେଡି
- ସତ ଶୁଣିଲେ ପ୍ରତିକ୍ରିୟାଶୀଳ ହେଉଛି ବିଜେଡି: ଭାଜପା

ବିଧାନସଭାରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବାରମ୍ବାର ଭୁଲ୍ ଏବଂ ମିଥ୍ୟା ତଥ୍ୟ ଦେଉଥିବା ବିଜେଡି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଅଭିଯୋଗ କରିଛି। ଭାଜପା ଏହାର ପାଲଟା ଜବାବ ରଖି କହିଛି, ଶାସକ ଦଳ ନେତାମାନେ ଜୟନାରାୟଣଙ୍କ ମୁହଁରୁ ସତ ଶୁଣିବା ପରେ ପ୍ରତିକ୍ରିୟାଶୀଳ ହୋଇପଡୁଛନ୍ତି।

ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଭାଜପା ନିର୍ଲଜ ଭାବେ ବାରମ୍ବାର ମିଛ କହି ଚାଲିଛି। ମିଛର ଆଶ୍ରୟ ନେଇ ବିରୋଧୀ ଦଳ ନେତା ରାଜ୍ୟବାସୀଙ୍କୁ ଅପମାନିତ କରୁଛନ୍ତି। କିନ୍ତୁ ମିଛକୁ ରଣନୀତି କରି ବିରୋଧୀ ଦଳ କେବେହେଲେ ଲୋକଙ୍କ ଭରସା ଜିତିପାରିବ ନାହିଁ। ଜୟନାରାୟଣ ମିଶ୍ର ବିରୋଧୀ ଦଳ ନେତା ନୁହନ୍ତି, ସେ ଜଣେ ଓଡ଼ିଶା ବିରୋଧୀ ନେତା। ସେ ଯେଉଁଭଳି ଟିପ୍ପଣୀ ଦେଉଛନ୍ତି, ଏଥିରୁ ସ୍ପଷ୍ଟ ଜଣେ ଓଡ଼ିଆ ହୋଇ ମଧ୍ୟ ସେ ଓଡ଼ିଶାର ଉନ୍ନତି ଚାହାନ୍ତି ନାହିଁ। ରାଜ୍ୟବାସୀଙ୍କ ପ୍ରତି ତାଙ୍କର କୌଣସି ଦରଦ ନାହିଁ। ବିଧାନସଭା ଭିତରେ ହେଉ କି ବାହାରେ ସବୁବେଳେ କେବଳ ହୀନ ରାଜନେତିକ ଉଦ୍ଦେଶ୍ୟ ରଖି ସେ ମନ୍ତବ୍ୟ ଦିଅନ୍ତି ଏବଂ ଓଡ଼ିଶାକୁ ନିନ୍ଦିତ କରିବାର କୌଣସି ସୁଯୋଗ ହାତଛଡ଼ା କରନ୍ତି ନାହିଁ। ରାଜ୍ୟ ଭାଜପା ନେତାମାନେ ନିର୍ଲଜ୍ଜ ଭାବେ ମିଛ କହୁଛନ୍ତି। ମାତ୍ର ଯେତେ କହିଲେ ମିଛ କେବେ ସତ ପାଲଟିଯିବ ନାହିଁ। ଆଇନର ଫାଶରୁ ମୁକୁଳିବା ପାଇଁ ସେ କେବଳ କାର୍ଯ୍ୟାନୁଷ୍ଠାନକୁ ବିଳମ୍ବ କରିବାର କୌଶଳ ଆପଣେଇଛନ୍ତି ବୋଲି ଲେନିନ୍ କହିଛନ୍ତି।

ଭାଜପା ନେତା ଠାକୁର ରଣଜିତ୍ ଦାସ କହିଛନ୍ତି, ରାଜ୍ୟବାସୀଙ୍କୁ କ୍ରମାଗତ ଭାବେ ମିଛ କହି ଭୁଆଁ ବୁଲାଉଥିବା ଶାସକ ବିଜେଡିର ନେତା ଓ ମନ୍ତ୍ରୀମାନେ ଆଜିକାଲି ସତ ଶୁଣିଲେ ଚମକି ପଡ଼ିବା ସହିତ ପ୍ରତିକ୍ରିୟାଶୀଳ ହୋଇପଡୁଛନ୍ତି । ଏପରିକି ବ୍ୟକ୍ତିଗତ ଆକ୍ଷେପ କରିବାକୁ ମଧ୍ୟ ପଛାଉନାହାନ୍ତି। ନିଜେ ରାଜ୍ୟ ସରକାର ଦେଇଥିବା ତଥ୍ୟକୁ ବିଜେଡି ନେତା ସ୍ୱୀକାର କରୁନାହାନ୍ତି। ବିରୋଧୀ ଦଳ ନେତା ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଙ୍କ ସାମ୍ନାରେ ଆଣି ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରାଉଛନ୍ତି। ସେଥିରେ ବିଜେଡି ବିଚଳିତ ହୋଇଯାଇ ତାଙ୍କ ପ୍ରଶ୍ନର ଜବାବ ନ ଦେଇପାରି ଏକ ସାମ୍ବିଧାନିକ ପଦରେ ଥିବା ନେତାଙ୍କୁ ବ୍ୟକ୍ତିଗତ ଆକ୍ଷେପ କରି ଅତି ଶସ୍ତା ରାଜନୀତି କରୁଛି। ଆଜି ପର୍ଯ୍ୟନ୍ତ ଜୟନାରାୟଣ ମିଶ୍ର ଉଠାଇଥିବା ସମସ୍ତ ପ୍ରଶ୍ନରୁ କୌଣସି ଗୋଟିଏ ବି ଉତ୍ତର ବିଜେଡି ଦେଇପାରି ନାହିଁ । ଅଣଓଡ଼ିଆଙ୍କ ହାତକୁ ଶାସନ କ୍ଷମତା ଟେକିଦେଇଥିବା ବିଜେଡି ନେତାମାନେ ଓଡ଼ିଶାର ଅସ୍ମିତା ପ୍ରସଙ୍ଗରେ କହିବାର ଅଧିକାର ହରାଇଛନ୍ତି। ଓଡ଼ିଆ ଓ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼େଇ କରୁଥିବା ଜୟନାରାୟଣ ମିଶ୍ରଙ୍କୁ ବିଜେଡିର ସାର୍ଟିଫିକେଟର ଆବଶ୍ୟକତା ନାହିଁ। ଆଜି ସମସ୍ତ ଓଡ଼ିଆଙ୍କ ପାଇଁ ଆଶାର ଆଲୋକ ସାଜିଥିବା ଜୟନାରାୟଣଙ୍କୁ ସାର୍ଟିଫିକେଟ ଦେବାର ଅଧିକାର କେବଳ ରାଜ୍ୟବାସୀଙ୍କର ରହିଛି ବୋଲି ରଣଜିତ କହିଛନ୍ତି।

# ବଢୁଛି ବିଜେଡି ଆଶାୟୀଙ୍କ ସଂଖ୍ୟା

**ନୀଳଗିରି, ୨୨।୩(ସ୍ୱ.ପ୍ର.)**

**ନୀଳଗିରି ନିର୍ବାଚନ ମଣ୍ଡଳୀ**

୨୦୨୪ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ଆସନ୍ତା ନିର୍ବାଚନ ବିଜେଡି ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଥିବା ବେଳେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ସ୍ଥାନୀୟ ନେତାଙ୍କର ମୁଣ୍ଡବ୍ୟଥା ଆରମ୍ଭ ହୋଇଛି।

ଏହି ନିର୍ବାଚନ ମଣ୍ଡଳୀରେ ଭାଜପାର ଇଂ. ସୁକାନ୍ତ ନାୟକ ଏବେ ବିଧାୟକ ରହିଥିବା ବେଳେ, ୨୦୧୯ ଭଳି ୨୦୨୪ରେ ସେ ପୁଣି ଥରେ ବିଜେଡ଼ିକୁ ଯାଇପାରନ୍ତି ବୋଲି ଆଲୋଚନା ଜୋରଧରିଛି। ଅନ୍ୟପଟେ ୨୦୧୯ରେ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇ ପ୍ରାର୍ଥୀ ହୋଇଥିବା ସନ୍ତୋଷ ଖଟୁଆ ଏଥର ନିର୍ବାଚନ ଲଢ଼ିବା ପାଇଁ ଦାବିଦାର ଥିବା କଥାକୁ ଏଡ଼ାଇ ଦିଆଯାଇ ନ ପାରେ। ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ ନୀଳଗିରି ନିର୍ବାଚନମଣ୍ଡଳୀରେ ବିଜେଡି ଟିକେଟରେ ଲଢ଼ିବା ପାଇଁ ଗତ ୬ ମାସ ହେବ ପୂରାଦମ୍‌ରେ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଜିଲାରେ କାର୍ଯ୍ୟ କରୁଥିବା ଜଣେ ପ୍ରଶାସନିକ ଅଧିକାରୀ, ଜିଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା ଓ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି ମଧ୍ୟ ପ୍ରାର୍ଥିତ୍ୱ ଦୌଡ଼ରେ ଅଛନ୍ତି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସର ସ୍ଥିତି ସେତେଟା ଭଲ ନ ଥିବା ବେଳେ ବିଜେଡି ଓ ଭାଜପା ମଧ୍ୟରେ ସିଧାସଳଖ ଲଢ଼େଇ ହେବାର ସମ୍ଭାବନା ରହିଛି। ନୀଳଗିରିର ରାଜନୀତି ପୃଷ୍ଠା ଓଲଟାଇଲେ ୨୦୦୯ରୁ ବିଧାନସଭା କ୍ଷେତ୍ରରେ ପରିବର୍ତ୍ତନ ଧାରା ଜାରି ରହିଛି। ଏହି କ୍ରମରେ ୨୦୨୪ ନିର୍ବାଚନରେ ନୀଳଗିରିରେ ବିଜେଡି ବାଜିମାତ୍ କରିବା କଥାକୁ ଅଣଦେଖା କରାଯାଇ ନ ପାରେ। ତେବେ ଯାହା ଚର୍ଚ୍ଚା ହେଉଛି ଏଥର ନୀଳଗିରିରେ ବିଜେଡି ଓ ଭାଜପାର ଟିକେଟରୁ ନିର୍ବାଚନ ଲଢ଼ିବା ପାଇଁ ଆଶାୟୀଙ୍କ ସଂଖ୍ୟା କିଛି କମ୍ ନାହାନ୍ତି। ତେବେ ଆସନ୍ତା ବିଧାନସଭା ନିର୍ବାଚନ ପାଇଁ ଆଶାୟୀ ପ୍ରାର୍ଥୀମାନେ ନିଜର ରଣନୀତି ପ୍ରସ୍ତୁତିରେ ଥିବା ବେଳେ ନିଜ ନିଜର ପତିଆରା ବୃଦ୍ଧି ପାଇଁ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ରକ୍ତଦାତା ଶିବିର, କ୍ରୀଡ଼ା, ମହୋତ୍ସବ, ଶୁଦ୍ଧିକ୍ରିୟାରେ ଉପସ୍ଥିତି ଦେଖିଲେ ବାରିହେଉଛି। ୨୦୨୪ରେ ବିଜେଡି ସୁପ୍ରିମୋ କାହା ମୁଣ୍ଡ ଉପରେ ସୁନା କଳସ ଢାଳିବେ ତାହା ଦେଖିବାକୁ ବାକି ରହିଲା।


**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR, BHUBANESWAR-22, Ph.0674-2541545, 2542921,Fax:0674-2541543
No.CAD-5231: Email:ophwc.od@nic.in, Website:www.ophwc.nic.in
**e-Procurement Notice No.- 56/OPHWC/ELECT/2022-23**

| | INVITATION FOR BIDS | | |
|---|---|---|---|
| 1. | The Chief Engineer (OSPH&WC), Odisha, Bhubaneswar invites percentage rate bids in single cover system in ONLINE MODE only for work as detailed below: | | |
| 2. | Name of Work | : | Supply, Erection, Testing & Commissioning of 01 No., 10 Passenger, (G+1) floor Elevator including all Civil, Electrical & Cladding works at new Ladies Hostel for PWDs, Rajendra University, Bolangir. Make: OTIS/Johnson/Mitsubishi/ Schindler. N.B.:The details of work, Brand and Specifications are indicated in the BOQ. |
| 3. | No. of Work | : | 01 No. |
| 4. | Value of Tender | : | Rs.12,12,000.00 |
| 5. | EMD & Bid Cost | : | (As per Column 4 & 5 of the IFB) |
| 6. | Class of Contractor | : | Manufacturing Companies OTIS/Johnson/Mitsubishi/ Schindler or their Authorised Dealers. |
| 7. | Availability of Bid documents in the website | : | Dt.23.03.2023 to Dt.31.03.2023 upto 5.00 P.M. |
| 8. | Last date/time of receipt of bids in the Portal | : | Dt.31.03.2023 upto 5.00 P.M. |
| 9. | Date of Opening of Bid | : | Dt.03.04.2023 at 11.30 A.M. |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website. | | |

OIPR-12025/11/0062/2223 **Sd./- Chief Engineer, OSPH&WC, Bhubaneswar**

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
No.O-1998
**e-Procurement Notice**

| | | | |
|---|---|---|---|
| 1. | Name of Work | : | Construction of H.L.bridge under Biju Setu Yojana in the District of Bolangir for the year 2022-23 |
| 2. | No. of Work | : | 7 (Seven) bridge works. |
| 3. | Time for completion varies from | : | 12 (Twelve) to 18 (Eighteen) Calendar Months |
| 4. | Approximate estimated cost varies from | : | Rs.171.97 lakhs to Rs.672.34 lakhs |
| 5. | Mode of Submission of tender | : | Tender should be submitted online in www.tendersodisha.gov.in. |
| 6. | Other details are as follow | : | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-28/2022-23 | 27.03.2023 at 11.00 A.M. | 11.04.2023 upto 5.00 P.M. | 10.04.2023 upto 5.00 P.M. | 12.04.2023 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website **www.tendersodisha.gov.in.**
- Any Corrigendum/Addendum will be displayed in the above e-tender website only.

OIPR-25111/11/0007/2223 **Sd./- Chief Construction Engineer, R.W.Circle, Bolangir**

**CUTTACK MUNICIPAL CORPORATION**
No.C-2703:- **"e" PROCUREMENT NOTICE**
**Tender ID : 2022_ORULB_84413**
**Civil Work - 4 Nos.**
Bid Value: **Rs.9.76 Lakhs to Rs.41.91 Lakhs**
&
**Tender ID : 2022_ORULB_84414 (Two Bid)**
**Civil Work - 2 Nos.**
Bid Value: **Rs.61.69 Lakhs to Rs.67.87 Lakhs**
Date and Time schedule:

| Start | End | Opening |
|---|---|---|
| 11.00 AM on dt. 23.03.2023 | 5.00 PM on dt. 03.04.2023 | 11.00 A.M. on dt. 06.04.2023 |

Tender Details: can be seen from the procurement portal: **www.tendersorissa.gov.in**
**Executive Engineer**
OIPR-13031/11/0140/2223 **City Division-II, CMC**

**ZILLA PARISHAD, KALAHANDI, BHAWANIPATNA**
**Notice No. 1769/DMF** **Dated: 20.03.2023**
No. CAD-5233: The Chairperson, District Mineral Foundation (DMF), Kalahandi invites bid in Double Cover System (Technical Bid & Financial Bid separately) from reputed consulting Firms, Service provider etc. for "Placement of Resource Persons of various Expertise for Project Management Unit of implementation of District Mineral Foundation Scheme" in Kalahandi district in conformity with Detailed Tender Call Notice (DTCN).
Last date for purchase/download of Bid documents is 05.04.2023 at 4.00 P.M., Last date for submission of quotation is 05.04.2023 upto 5.00 P.M. and Technical Bid will be opened 06.04.2023 at 11.00 A.M. & the Financial Bid will be opened on 06.04.2023 at 12.30 P.M.
Detailed Bid/Quotation documents either can be purchased from the office of CDO-cum-EO, Zilla Parishad, Kalahandi between 10.00 A.M. to 5.00 P.M. on any working days during the notice period or can be downloaded from district website: **www.kalahandi.nic.in**.
**Sd./- Collector & Chairperson-cum-Managing Trustee, DMF Board Trust, Kalahandi**
OIPR-19287/11/0011/2223

**PANCHAYAT SAMITI OFFICE, BONAIGARH**
**DIST.SUNDARGARH, ODISHA**
**Panchayat Samiti Office, Bonaigarh-770038**
**e-mail- ori-bonaigarh@nic.in**
**No. 607/Dt.15.03.2023**
**BID Identification No.-B.D.O P.S BONAI -01/2022-23**
**No.i-519:**The BDO, Bonaigarh on behalf of Governor of Odisha Percentage Rate bids for Construction of the work detailed below:-

| | | | |
|---|---|---|---|
| 1. | Number of Works | : | 01 |
| 2. | Nature of Work | : | Civil Construction Work |
| 3. | Class of Contractor | : | C & D |
| 4. | Period of Completion | : | 03 Calendar Months |
| 5. | Estimated Cost | : | 18,06,658/- |
| 6. | Date and time of availability of details of this notice and the Tender Documents | : | 22.03.2023 to 05.04.2023 |
| 7. | Last date and time & place of receipt of Tender through Speed Post/ Registered Post. | : | 05.04.2023, 2.00 P.M. O/o. Panchayat Samiti, Bonaigarh |
| 8. | Bid received shall be opened (date) | : | 05.04.2023, 3.00 P.M. |
| 9. | Designation and address of the authority inviting Bids. | : | Block Development Officer, Bonaigarh. |

**Sd./- Block Development Officer, Bonaigarh**
OIPR-19333/11/0001/2223

**Odisha Tourism**
Paryatan Bhawan,Lewis Road
Bhubaneswar-751014
Fax No.+91 674 2430887
E-mail:info@odishatourism.gov.in
ODISHA INDIA'S BEST KEPT SECRET.
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ,ଲୁଇସ ରୋଡ
ଭୁବନେଶ୍ୱର-୭୫୧୦୧୪
ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
Tourism Department
**No.3682/TSM, Bhubaneswar, Dated 21.03.23**
**TCT-COOD-MISC-0034-2022**
**REQUEST FOR PROPOSAL FOR LEASING-CUM-DEVELOPMENT/UPGRADATION. OPERATION & MANAGEMENT OF TOURISM PROPERTIES OF DEPARTMENT OF TOURISM. GOVERNMENT OF ODISHA**
**No.R-21:**Department of Tourism (DoT) invites proposals from prospective applicant(s) for leasing-cum-development / upgradation, operation & management of tourism properties of Department of Tourism, Odisha in accordance with the conditions and manner prescribed in the Request for Proposal (RFP) document.
The Proposals should be submitted by interested parties to the Director Tourism, Paryatan Bhawan, Lewis Road, Bhubaneswar-751014 on or before 20.04.2023 upto 15:00 Hrs. The detail terms of RFP may be downloaded from our website: https://odishatourism.gov.in/content/tourism/en/dot/quickLinks/tender.html
**Sd./- Director, Tourism**
OIPR-37001/11/0075/2223

XXXXX-V-D-127/2019
**BHUBANESWAR MUNICIPAL CORPORATION**
No. 12957/BMC Dt 20.03.2023
**COMPETITIVE BIDDING THROUGH e-PROCUREMENT**
**NOTICE INVITING TENDER**
**Bid Reference No. BMC-EE-DD-11/2022-23 dtd. 20.03.2023**
No.C-2700:- On behalf of the Commissioner, Bhubaneswar Municipal Corporation (BMC), on-line e-tender Percentage Rate Bids are invited by the Superintending Engineer, Drainage Division and BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.
It is urged that, all the intending bidders should go through the tender call notice and DTCN thoroughly and submit their bids accordingly. In case of any miss-match or inconsistency or contradict among different clauses/ conditions/instructions/ information furnished in this tender call notice or in the DTCN, then necessary clarification shall be issued by Superintending Engineer, BMC Drainage Division on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer of BMC Drainage Division (during office hours only) till the stipulated last date and time of submission of on-line tender.
1. Total No. of works for which Tenders invited- **25 Nos.**
2. Place of Execution: Different locations in Bhubaneswar Municipal Corporation area.
3. **Estimated Cost of Individual Work: Rs.4,40,683/- to Rs.49,49,999/- Contractors of Class-'D' to Class-'B'** as indicated against each work mentioned in the tender call. The contractors having appropriate class or one higher up class can participate.
4. Intending bidders have to participate through "On-Line" bidding only. The website for online bidding is https://www.tendersodisha.gov.in.
5. The bid documents will be available in the above website from **10.30 AM on Dt 23.03.2023 to 5.00 P.M on Dt 10.04.2023** for online bidding.
6. Bids received online will be opened at **11.00 A.M. on Dt.11.04.2023**
7. The bidder must possess valid and compatible **Digital Signature Certificate (DSC).**
8. The successful bidder has to furnish A.P.S. (Additional Performance Security) as per DTCN 5(F) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding.

**On behalf of Commissioner, BMC, Bhubaneswar**
Sd./- **Superintending Engineer Drainage Division, BMC**
OIPR-13002/11/0249/2223

**ଓଡ଼ିଶାରେ ଶତପ୍ରତିଶତ ବିଦ୍ୟୁତୀକରଣ**

**ଭୁବନେଶ୍ୱର :** ଭାରତୀୟ ରେଲୱେର ପ୍ରମୁଖ କ୍ଷେତ୍ର ଓଡ଼ିଶାରେ ଶତପ୍ରତିଶତ ବିଦ୍ୟୁତୀକରଣ ହୋଇଥିବା ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପରିକି ରେଲୱେର ଓଡ଼ିଶା କ୍ଷେତ୍ରରେ ବର୍ତ୍ତମାନ ୨,୮୨୨ ରୁଟ୍ କିଲୋମିଟର ବ୍ରଡ୍ ଗେଜ୍ ନେଟ୍‌ୱର୍କ ରହିଛି, ଯାହାର ୧୦୦% ବିଦ୍ୟୁତୀକରଣ ସମ୍ପୂର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଶେଷକରି ୧୦୦% ବିଦ୍ୟୁତୀକରଣ ଦ୍ୱାରା ରେଲୱେର ଲାଇନ ହଲ୍ ଖର୍ଚ୍ଚ ପ୍ରାୟ ଅଢ଼େଇ ଗୁଣ ହ୍ରାସ ପାଇବ। ସେହିଭଳି ଓଡ଼ିଶାର ପ୍ରଥମ ରେଲଲାଇନ କଟକ-ଖୋର୍ଦ୍ଧା ରୋଡ୍-ପୁରୀ ମଧ୍ୟରେ ୧୮୯୭ରେ ନିର୍ମାଣ କରାଯାଇଥିଲା।

# ଭାରତ ୬ଜି ମିଶନ ଉନ୍ମୋଚିତ

- ୬ଜି ପ୍ରକଳ୍ପର ଶୁଭାରମ୍ଭ କଲେ ମୋଦି
- ନୂତନ ଆଇଟିୟୁ କାର୍ଯ୍ୟାଳୟ ଉଦ୍‌ଘାଟିତ



ଫଟୋ: ଚମନ

**ନୂଆଦିଲ୍ଲୀ,୨୨।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆନୁଷ୍ଠାନିକ ଭାବେ ଭାରତ ୬ଜି ମିଶନକୁ ଉନ୍ମୋଚନ କରିଛନ୍ତି। ବିଶେଷକରି ଭାରତର ପରବର୍ତ୍ତୀ ପିଢ଼ିର ବୈଷୟିକ ଜ୍ଞାନକୌଶଳ ପାଇଁ ଏହା ଏକ ଫୋକସ୍ ପଦକ୍ଷେପ ଭାବେ ଲକ୍ଷ୍ୟ ରଖାଯାଇଛି। ଏପରିକି ସରକାରୀ ଭାବେ ୬ଜି ଟେଷ୍ଟ ବେଡ୍ ପ୍ରୋଜେକ୍ଟ ଯାହା ନୂତନ ନେଟ୍‌ୱର୍କ କୌଶଳ ଉପରେ ଆବଶ୍ୟକ ଗବେଷଣା କରିବାକୁ ଅନୁମତି ଦେବ। ସେହିଭଳି ସରକାର ମଧ୍ୟ ଏକ ଭାରତ ୬ଜି ପ୍ରକଳ୍ପ ଗଠନ ସହ ଏହାର ତଦାରଖ ପାଇଁ ଏକ ସର୍ବୋଚ୍ଚ ପରିଷଦ ନିଯୁକ୍ତ କରିଛନ୍ତି। ବିଶେଷକରି ଦେଶରେ ୧.୨ବିଲିୟନ ଡିଜିଟାଲ ଗ୍ରାହକ ଥିବାବେଳେ ଭାରତ ସର୍ବଭାରତୀୟ ସ୍ତରରେ ୨ୟ ବୃହତ୍ତମ ଟେଲିକମ୍ ବଜାର । ଏହି ପରିପ୍ରେକ୍ଷୀରେ ମୋଦି କହିଛନ୍ତି, ଭାରତ ହେଉଛି ବିଶ୍ୱର ସବୁଠାରୁ ସଂଯୁକ୍ତ ଗଣତନ୍ତ୍ର, ଯେଉଁଠାରେ ପ୍ରତିଦିନ ୭୦ ନିୟୁତ ଇ-ପ୍ରାମାଣୀକରଣ ଏବଂ ୮ ବିଲିୟନ ୟୁପିଆଇ କାରବାର ହୋଇଥାଏ। ସେହିପରି ୨୦୨୧ ନଭେମ୍ବରରେ ସରକାର ୬ଜି ରୋଡ୍‌ମ୍ୟାପ୍ ପାଇଁ ଏକ ଦୂରଦୃଷ୍ଟି ସୃଷ୍ଟି କରିବାକୁ ଟେଲିକମ୍ ସଚିବ କେ.ରାଜାରମଣଙ୍କ ନେତୃତ୍ୱରେ ଏକ ୨୨ଜଣିଆ ଅଭିନବ ଗୋଷ୍ଠୀ ଗଠନ କରିଥିଲେ। ବିଶେଷକରି ୬ଜି ଏୟାରୱେଭ୍ ଖୋଲିବା ସହ ଉପଗ୍ରହ ଓ ଭୂତଳ ଯୋଗାଯୋଗକୁ ସୁଦୃଢ଼ କରିବ। ଏପରିକି ଉକ୍ତ ସେବାକୁ ଗିଅର୍ ଏବଂ ଉପାଦାନ ପରି ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଇଁ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଏକ ପ୍ରମୁଖ ସ୍ଥାନ ହାସଲ କରିବା ପାଇଁ ଭାରତର ପ୍ରୟାସର ଏକ ଅଂଶ। ୬ଜି ଟେଷ୍ଟବେଡ୍ ଗୁଆହାଟୀ ଏବଂ ମାଡ୍ରାସ୍ ସମେତ ବିଭିନ୍ନ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ଏକ କନ୍‌ସୋର୍ଟିୟମ୍ ଦ୍ୱାରା ମିଳିତ ଭାବେ ବିକଶିତ ହେଉଛି। ଏପରିକି ଭାରତରେ ଇ-ଗଭର୍ନାନ୍ସ, ସ୍ମାର୍ଟସିଟି, ଗ୍ରାମୀଣ ବ୍ରଡ୍‌ବ୍ୟାଣ୍ଡ କିମ୍ବା ଆତ୍ମନିର୍ଭର ଭାରତ ଅଧୀନରେ ଥିବା ଅନ୍ୟ ଡିଜିଟାଲ ଇଣ୍ଡିଆ ପଦକ୍ଷେପ ପାଇଁ ଷ୍ଟାର୍ଟଅପ୍, ଅନୁସନ୍ଧାନକାରୀ, ଶିଳ୍ପ ଏବଂ ଅନ୍ୟାନ୍ୟ ବ୍ରଡ୍‌ବ୍ୟାଣ୍ଡ ବେତାର ପ୍ରୟୋଗ ପାଇଁ ଏକ ଆର୍ ଆଣ୍ଡ ଡି ପ୍ଲାଟ୍‌ଫର୍ମ ପ୍ରଦାନ କରିବ।

ଏ ସମ୍ପର୍କରେ ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଗତ କିଛି ମାସ ମଧ୍ୟରେ ଭାରତର ୫ଜି ନିୟୋଜନ ହୋଇଥିଲା। ଏପରିକି ଅଳ୍ପ ଦିନ ମଧ୍ୟରେ କେତେ ହଜାର ସାଇଟ୍ ଅତିକ୍ରମ କରିସାରିଛି ବୋଲି ବୈଷ୍ଣବ ମତପ୍ରକାଶ କରିଛନ୍ତି। ବିଶେଷକରି ଟେଲିକମ୍ ଟାୱାର ସ୍ଥାପନ ପାଇଁ ପୂର୍ବରୁ ଅନୁମତି ପାଇବାକୁ ବହୁ ସମୟ ଅପେକ୍ଷା କରିବାକୁ ପଡୁଥିଲା। ଏପରିକି ହାରାହାରି ସମୟ ୨୨୨ଦିନରୁ ବର୍ତ୍ତମାନ ୭ଦିନକୁ ହ୍ରାସ ପାଇଛି। ୬ଜି କିପରି ସାଟ୍‌କମ୍ (ସାଟେଲାଇଟ୍ ଯୋଗାଯୋଗ) ଏବଂ ଭୂତଳ ନେଟ୍‌ୱର୍କ ପାଇଁ ଏକ ସମ୍ମିଶ୍ରଣ ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ଟେଲିକମ୍ ବିଭାଗ କହିଛି, ଭାରତ ବିଶ୍ୱସ୍ତରୀୟ ଆଲୋଚନାରେ ଭାଗ ନେବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ୬ଜି ମାନକ ସ୍ଥିର କରିବା ଏବଂ ବୈଷୟିକ ଉଦ୍ଭାବନ ପାଇଁ କାର୍ଯ୍ୟ କରୁଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଭାରତରେ ଅନ୍ତର୍ଜାତୀୟ ଟେଲିକମ୍ ୟୁନିୟନ୍(ଆଇଟିୟୁ)ର ପ୍ରଥମ ଏରିଆ ଅଫିସ୍ ଏବଂ ଇନୋଭେଶନ ସେଣ୍ଟରକୁ ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ନୂତନ କାର୍ଯ୍ୟାଳୟ ଆଇଟିୟୁକୁ ଭାରତ ଏବଂ ଏହି ଅଞ୍ଚଳର ଅନ୍ୟ ଦେଶଗୁଡ଼ିକ ସହ ଅଧିକ ସମନ୍ୱୟ ରକ୍ଷା କରିବାରେ ସାହାଯ୍ୟ କରିବ ବୋଲି ବର୍ତ୍ତମାନ ଭାରତରେ ଥିବା ଆଇଟିୟୁ ସେକ୍ରେଟେରି ଜେନେରାଲ ଡୋରିନ୍ ବଗଡାନ୍-ମାର୍ଟିନ୍ କହିଛନ୍ତି। ସେ କହିଛନ୍ତି,ଡିଜିଟାଲ ବିପ୍ଳବରେ ଭାରତ ଏକ ଆଦର୍ଶ । ଆଇଟିୟୁ ଉପରେ ରେଡିଓ ରେଗୁଲେଶନ ବୋର୍ଡ (ଆର୍‌ଆର୍‌ବି)ରେ ନିର୍ବାଚନର ଏକ ପ୍ରମୁଖ ବିଭାଗ ଜିତି ଦେଶକୁ ଫ୍ରିକ୍ୱେନ୍ସି ବଣ୍ଟନ ଏବଂ ବିବାଦର ସମାଧାନ ପାଇଁ ଭାରତ ଦୃଷ୍ଟି ରଖିଛି।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ୫୨ତମ ଜାତୀୟ ସୁରକ୍ଷା ସପ୍ତାହ



**ଭୁବନେଶ୍ୱର,୨୨।୩**

ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍ ଇଣ୍ଡିଆ) ର ଓଡ଼ିଶା ୟୁନିଟ୍ ପକ୍ଷରୁ ୫୨ତମ ଜାତୀୟ ସୁରକ୍ଷା ସପ୍ତାହ (ଏନ୍‌ଏସ୍‌ଡବ୍ଲ୍ୟୁ) ପାଳିତ ହୋଇଯାଇଛି। ଏପରିକି କମ୍ପାନୀର ସମସ୍ତ କାର୍ଯ୍ୟ କ୍ଷେତ୍ର (ଓଡ଼ିଶା) ଠାରେ ମଧ୍ୟ ଏହା ପାଳନ କରାଯାଇଥିଲା। ବିଶେଷକରି ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ନେତୃତ୍ୱବୃନ୍ଦ, ବ୍ୟବସାୟ ସହଯୋଗୀ, କର୍ମଚାରୀ ଏବଂ କାରଖାନା ପରିଚାଳନାଠାରେ ନିୟୋଜିତ ଶ୍ରମିକ ପ୍ରତ୍ୟକ୍ଷ ଭାବେ ଯୋଗଦାନ କରିଥିଲେ।

ଏ ସମ୍ପର୍କରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ (ଓଡ଼ିଶା ଅପରେଶନ)ର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶା.ଜି କହିଛନ୍ତି, ନିରପତ୍ତା ଏକ ବ୍ୟକ୍ତିଗତ ତଥା ସାମୂହିକ ଦାୟିତ୍ୱବୋଧତା। ଏପରିକି କମ୍ପାନୀ ପରିସରରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ଏବଂ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଏକ ଦୃଷ୍ଟାନ୍ତମୂଳକ ସ୍ତର ସ୍ଥିର କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ବିଶେଷକରି ଆମେ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ଏକ ସାମାଜିକୀକରଣ କରିବାକୁ ଲକ୍ଷ୍ୟ ରଖିବା ସହ ବିଭିନ୍ନ ଆଚରଣ ଭିତ୍ତିକ ଅଧିବେଶନ, କ୍ରସ୍ ଫଙ୍କସନାଲ ଶପ୍ ଫ୍ଲୋର ଅଡିଟ୍, ବିଭିନ୍ନ ପୁରସ୍କାର ଏବଂ ସ୍ୱୀକୃତି ଇତ୍ୟାଦିର କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଏପରିକି ଯେକୌଣସି କାରଖାନା ପାଇଁ ବ୍ୟବସାୟିକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଉପରେ ସର୍ବଦା ପ୍ରାଥମିକତା ଦେବା ନିତାନ୍ତ ଜରୁରୀ। ଅପରପକ୍ଷରେ ଜାତୀୟ ନିରାପତ୍ତା ସପ୍ତାହ-୨୦୨୩ର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ୧୭୦ରୁ ଅଧିକ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀ ଅଂଶଗ୍ରହଣ କରିଥିଲେ।

## 'ଜଳ ପୁନଃ ଚକ୍ରଣକୁ ବେଦାନ୍ତର ଗୁରୁତ୍ୱାରୋପ'

**ଭୁବନେଶ୍ୱର,୨୨।୩**

ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ବିଶେଷକରି କମ୍ପାନୀ ଜଳ ପୁନଃ ଚକ୍ରଣକୁ ଗୁରୁତ୍ୱାରୋପ କରୁଥିବା ଜଣାପଡ଼ିଛି। କମ୍ପାନୀ ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ସୁଦ୍ଧା ପ୍ରାୟ ୧୨.୫ ବିଲିୟନ ଲିଟର ଜଳ ପୁନଃ ଚକ୍ରଣ କରିଥିବା ଜଣାପଡ଼ିଛି। କମ୍ପାନୀର ଝାରସୁଗୁଡ଼ା ମେଗା ଆଲୁମିନିୟମ ସ୍ମେଲ୍‌ଟର ପରିସରରେ ଦୈନିକ ୪୪୦ କିଲୋଲିଟର ଜଳ ପ୍ରକ୍ରିୟାକରଣ କ୍ଷମତା ସହ ଏକ ନ୍ୟୁ ସେୱେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ବିଶେଷକରି ଏହା ଥରେ କାର୍ଯ୍ୟକ୍ଷମ ହେବା ପରେ ଉକ୍ତ ଜଳକୁ ପୁନଃ ବ୍ୟବହାର କରାଯିବ। ଏହାଦ୍ୱାରା ମଧୁର ଜଳ ବ୍ୟବହାର ବର୍ଷକୁ ୧୫ କୋଟି ଲିଟର ହ୍ରାସ ପାଇବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ ବ୍ୟବସାୟ) ରାହୁଲ ଶର୍ମା କହିଛନ୍ତି, ଆମେ ନେଟ୍ ୱାଟର ପଜିଟିଭ ହେବା। ଏପରିକି ଯେଉଁଠାରେ ଆମେ କାର୍ଯ୍ୟ କରୁଛୁ, ସେହି ଅଞ୍ଚଳରେ ଏକ ସ୍ଥାୟୀ ଜଳ ପଦଚିହ୍ନ ସୁନିଶ୍ଚିତ କରିବା ଲାଗି ଆମର ଅଭିଯାନକୁ ସୁପାରିସ କରୁଛୁ। ତେଣୁ ଜଳର ବିବିଧତା ପାଇଁ ଏହାର ଉପଲବ୍ଧତା ବୃଦ୍ଧିକୁ ସୁନିଶ୍ଚିତ କରିବା ଆବଶ୍ୟକ ରହିଛି। ବେଦାନ୍ତ ପାୱାର(ଝାରସୁଗୁଡ଼ା)ର ସିଓଓ ଅଜୟ ପାଣ୍ଡେ କହିଛନ୍ତି, ମୂଲ୍ୟବାନ୍ ଜଳର ସଦୁପଯୋଗ ପାଇଁ ଆମର କାର୍ଯ୍ୟକୁ ଏକ ଲେଜର ଧ୍ୟାନ ରଖିଛି। ଉତ୍ସ ସଂରକ୍ଷଣ ଓ ଉତ୍ସ ନବୀକରଣ କାର୍ଯ୍ୟକ୍ରମର ଏକ ରଣନୀତିକ ମିଶ୍ରଣ ନିୟୋଜନ କରି ଆମେ ଜଳ ପରିଚାଳନା ପ୍ରୟାସରେ ଉନ୍ନତି ଆଣିବାକୁ ସଫଳ ହୋଇଛୁ।

## ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଆମ୍ବୁଲାନ୍ସ ପ୍ରଦାନ



**ଭୁବନେଶ୍ୱର,୨୨।୩**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ବୁଧବାର କୋଣାର୍କ କ୍ୟାନ୍‌ସର ଫାଉଣ୍ଡେଶନ(କେସିଏଫ୍)କୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ୟୁନିଟ୍-୧ ସ୍ଥିତ ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ଜୋନ୍ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ଆନୁଷ୍ଠାନିକ ଭାବେ ଆମ୍ବୁଲାନ୍ସର ଚାବି କେସିଏଫ୍‌ର କାର୍ଯ୍ୟବାହୀ ଟ୍ରଷ୍ଟି ଅରୂପ ମୋହନ ପଟ୍ଟନାୟକଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଏସ୍‌ବିଆଇ ମହାପ୍ରବନ୍ଧକ (ନେଟ୍‌ୱର୍କ-୧) ପି.ମୁରୁଗାନ, ଏସ୍‌ବିଆଇ ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ, ଭୁବନେଶ୍ୱର ଜୋନ୍ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା, ବିପଣନ ଓ ପ୍ରସାରଣ ବିଭାଗ ଉପମହାପ୍ରବନ୍ଧକ ଅମରେଶ ଦାସଙ୍କ ସମେତ ଷ୍ଟେଟ ବ୍ୟାଙ୍କ ପ୍ରଶାସନିକ କାର୍ଯ୍ୟାଳୟ ଓ କେସିଏଫ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟର କ୍ୟାନ୍‌ସର ରୋଗୀମାନଙ୍କୁ କେସିଏଫ୍ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି।

## ଆର୍‌ବିଆଇର ନ୍ୟୁ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର

**ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବର ସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟର ଶିଳାନ୍ୟାସ**

**ଭୁବନେଶ୍ୱର,୨୨।୩**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଗଭର୍ନର ଶକ୍ତିକାନ୍ତ ଦାସ ବୁଧବାର ଭୁବନେଶ୍ୱରଠାରେ ନ୍ୟୁ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟର ଏବଂ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବର ସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସମେତ ଓଡ଼ିଶା ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ, ବରିଷ୍ଠ ବ୍ୟାଙ୍କ ଅଧିକାରୀ ଓ ଆର୍‌ବିଆଇର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଦାସ କହିଛନ୍ତି, କୋଭିଡ୍ ମହାମାରୀରୁ ଦେଶ ମୁକୁଳିଯାଇଛି। ଏପରିକି ମହାମାରୀରୁ ସଫଳ ପୁନରୁଦ୍ଧାର ପାଇଁ ବର୍ଷ ବର୍ଷ ଧରି ଆର୍ଥିକ କ୍ଷେତ୍ର ଏବଂ ଆର୍‌ବିଆଇର କାର୍ଯ୍ୟକଳାପକୁ ସୁଦୃଢ଼ କରିବାରେ ବୈଷୟିକ ଜ୍ଞାନକୌଶଳର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସେ ପ୍ରଶଂସା କରିଥିଲେ। ସେହିଭଳି ଏକ ଭବିଷ୍ୟତ ପ୍ରସ୍ତୁତ ରିଜର୍ଭ ବ୍ୟାଙ୍କ ପାଇଁ ଅତ୍ୟାଧୁନିକ ଗବେଷଣା ପ୍ରକ୍ରିୟା ଏବଂ ଦକ୍ଷତା ବିକାଶ ସହ ମୁଖ୍ୟତଃ ସେଣ୍ଟ୍ରାଲ ବ୍ୟାଙ୍କିଙ୍ଗ୍, ଟେକ୍ନୋଲୋଜି ଏବଂ ସାଇବର ସିକ୍ୟୁରିଟି କ୍ଷେତ୍ରରେ କମ୍ପ୍ୟୁଟିଂ ଭିତ୍ତିଭୂମିର ଅଭିବୃଦ୍ଧି ଉପରେ ଦାସ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ ଆର୍‌ବିଆଇର ନ୍ୟୁ ଡାଟା ସେଣ୍ଟର ଏବଂ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଆଣ୍ଡ ସାଇବର ସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ୧୮.୫୫ ଏକର ପରିମିତ ଅଞ୍ଚଳରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି।

**ଫୁର୍‌ସତ**


ଶାହରୁଖ୍ ଖାଁ

## ସଲ୍‌ମାନଙ୍କ ସହ ଏକାଠି ନଜର ଆସିବେ

**ମୁମ୍ବାଇ:** ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାଁ ଏବଂ ଭାଇଜାନ୍ ସଲମାନ ଖାଁଙ୍କ ଫିଲ୍ମରେ ସିନେମା ହଲ୍ ସବୁବେଳେ ଫୁଲ୍ ରହିଥାଏ। ଅନେକ ଥର ଟିକେଟ ମଧ୍ୟ ମିଳି ନ ଥାଏ। ତେବେ ଦୁହେଁ ଯଦି ଏକାଠି ପରଦାକୁ ଆସନ୍ତି ସେଥିରେ ଦର୍ଶକଙ୍କ ଲଟେରି ଲାଗିଯାଏ। ବର୍ତ୍ତମାନ ଚଳଚ୍ଚିତ୍ର 'ଟାଇଗର- ୩'ର ଶୁଟିଂ ଚାଲିଛି। ଏହି ଫିଲ୍ମ ପାଇଁ ଦର୍ଶକ ବହୁ ସମୟରୁ ଅପେକ୍ଷାରେ ରହିଛନ୍ତି। ସଲ୍‌ମାନଙ୍କ ସହ ଏହି ଫିଲ୍ମରେ ଶାହରୁଖ୍‌ଙ୍କୁ ଦେଖିବାକୁ ମିଳିବ। ଫିଲ୍ମ ନିର୍ଦ୍ଦେଶକ ମନୀଷ ଶର୍ମା ଏହି ଦୁଇ ବଡ଼ ଅଭିନେତାଙ୍କୁ ଏକାଠି ଆଣିବାକୁ ଚେଷ୍ଟା ଚଳାଇଛନ୍ତି। ଉଭୟଙ୍କ ଆକ୍ସନ ପାଇଁ ଏକ ବିରାଟ ସେଟ୍ ନିର୍ମାଣ କରାଯିବ। ଏଥିପାଇଁ ୪୫ ଦିନ ସମୟ ଲାଗିବ। ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ 'ପଠାନ'ରେ ଶାହରୁଖଙ୍କ କଥା ରଖି ସଲ୍‌ମାନ ଅଭିନୟ କରିଥିଲେ। ସିନେମାରେ ଦୁହିଁଙ୍କ ଆକ୍ସନକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଏବେ ସଲ୍‌ମାନଙ୍କ ପାଇଁ ଶାହରୁଖ ମଧ୍ୟ 'ଟାଇଗର- ୩'ରେ ଆକ୍ସନ କରିବାକୁ ରାଜି ହୋଇଛନ୍ତି। 'ଟାଇଗର- ୩'ରେ ସଲ୍‌ମାନ, ଶାହରୁଖ୍‌ଙ୍କ ବ୍ୟତୀତ କ୍ୟାଟ୍ରିନା କୈଫ, ଇମ୍ରାନ ହାସମୀ, ହ୍ରିତିକ୍ ରୋଶନଙ୍କୁ ମଧ୍ୟ ଦେଖିବାକୁ ମିଳିବ।

## ଭିଡିଓ ପୋଷ୍ଟ କରି ୟୁଟ୍ୟୁବର ଟ୍ରୋଲ୍



**ମୁମ୍ବାଇ:** ସୋସିଆଲ ମିଡିଆ ଯୁଗରେ ବହୁ ଲୋକ ବିଭିନ୍ନତା ସହ ଯୋଡି ହୋଇ ରହୁଛନ୍ତି। କିଛି କାର୍ଯ୍ୟ ହେଉ ପଛେ ଲୋକେ ସେଥିରେ ଫଟୋ ଉଠାଇବା ସହ ବ୍ଲଗ୍ ତିଆରି କରିବାକୁ ପଛାଉନାହାନ୍ତି। ତାକୁ ସୋସିଆଲ ମିଡିଆରେ ପୋଷ୍ଟ କରି ବହୁ ଟଙ୍କା ମଧ୍ୟ ରୋଜଗାର କରୁଛନ୍ତି। ଲକ୍ଷ୍ୟ ଚୌଧୁରୀ ନାମକ ଜଣେ ପପୁଲାର ୟୁଟ୍ୟୁବର ଏକ ଭିଡିଓ ପୋଷ୍ଟ କରି ନିକଟରେ ଟ୍ରୋଲ୍ ହୋଇଛନ୍ତି। କିଛିଦିନ ତଳେ ତାଙ୍କ ଜେଜେଙ୍କ ମୃତ୍ୟୁ ହୋଇଛି। ଶ୍ରଦ୍ଧାଞ୍ଜଳି ସଭା ପାଇଁ ଲୋକେ ଏକାଠି ବସି ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛନ୍ତି। ସେ ଏହି ସଭାର ଏକ ବ୍ଲଗ୍ କରି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସେଥିରେ ଲେଖିଥିଲେ, ଜେଜେଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି। ଏପରି ଦୁଃଖ ସମୟରେ ମଧ୍ୟ ୟୁଟ୍ୟୁବର ଭିଡିଓ କରିବା ଭୁଲିନାହାନ୍ତି, ଏହା ଦେଖି ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଛନ୍ତି। ଅନେକେ ଭିନ୍ନ ଭିନ୍ନ କମେଣ୍ଟ ମଧ୍ୟ କରିଛନ୍ତି। ୟୁଜର୍ସଙ୍କ ଏପରି କମେଣ୍ଟ ପରେ ସେ ତାଙ୍କ କ୍ୟାପ୍ସନ ବଦଳାଇ 'ଗାଁର ପୁରୁଣା ଦିନ' ବୋଲି ଲେଖିଛନ୍ତି।

## ୯୦ ବର୍ଷରେ ପ୍ରଥମ ଥର ପାଇଁ ୩ ଛୁଆ



ୱାଶିଂଟନ: ଦୁନିଆରେ ବିଭିନ୍ନ ପ୍ରକାର ପ୍ରାଣୀ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକଙ୍କ ଜୀବନକାଳ କମ୍ ହୋଇଥାଏ ତ କେତେକ ଅଧିକ ସମୟ ଯାଏ ବଞ୍ଚିଥାନ୍ତି। ସାଧାରଣତଃ କଇଁଛ ୮୦ରୁ ୧୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। କଇଁଛର କିଛି ପ୍ରଜାତି ରହିଛି, ଯେଉଁମାନେ ୨୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରନ୍ତି। ମୁଖ୍ୟତଃ ୭ରୁ ୧୦ ବର୍ଷ ମଧ୍ୟରେ ସେମାନଙ୍କ ଜନ୍ମ କରିବାର କ୍ଷମତା ହୋଇଥାଏ। ପାଖାପାଖି ୧୦୦ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ପ୍ରଜନନ କ୍ଷମତା ରହିଥାଏ। ତେବେ ଆମେରିକାର ହ୍ୟୁଷ୍ଟନ ପ୍ରାଣୀ ଉଦ୍ୟାନରେ ୯୦ ବର୍ଷୀୟ ମିଷ୍ଟର ପିକଲ୍ ନାମକ ଦୁର୍ଲଭ ପ୍ରଜାତିର କଇଁଛ ପ୍ରଥମ ଥର ପାଇଁ ବାପା ହୋଇଛି। ୫୩ ବର୍ଷୀୟା କଇଁଛ ସହ ମିଳନ ପରେ ୩ଟି ଛୁଆ ଜନ୍ମ ହୋଇଛି। ଏହା ଜାଣି ପ୍ରାଣୀଉଦ୍ୟାନ କର୍ମଚାରୀ ଆଶ୍ଚର୍ଯ୍ୟ ହୋଇଛନ୍ତି। ସେଠାକାର ମାଟି ସେମାନଙ୍କ ପାଇଁ ଅନୁକୂଳ ହୋଇ ନ ଥିବାରୁ ଛୁଆ ଆପେ ଅଣ୍ଡାରୁ ବାହାରିବା ସମ୍ଭାବନା କମ୍ ରହିଥାଏ। କାପ୍ଟିଭ୍ ବ୍ରିଡିଂ ପ୍ରୋଗ୍ରାମ ଜରିଆରେ ଏହି ୩ଟି ଛୁଆ ଜନ୍ମ ହୋଇଛନ୍ତି। ଦୁର୍ଲଭ ପ୍ରଜାତିର ଏହି କଇଁଛ ଅତି ମୂଲ୍ୟବାନ ହୋଇଥାନ୍ତି।

# ଫେରିଲା 'ରାମପୁରୀ' ଚମକ

**ବଲିଉଡ୍ ବ୍ଲକ୍‌ବଷ୍ଟର ସିନେମା 'ତେଜାବ୍'ର ଶେଷ ଦୃଶ୍ୟରେ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିଥିଲା ପାର୍ଶ୍ୱ ଅଭିନେତା ବବନ୍ ଓରଫ ଟଙ୍କି ପାଣ୍ଡେଙ୍କ ହାତରେ ଥିବା ଚାକୁ। ସୁଇଚ୍ ଟିପିଲେ ବଟ୍‌ରୁ ଚାକୁର ବ୍ଲେଡ୍ ବାହାରୁଥିଲା, ଯାହାକୁ ପୁନର୍ବାର ମୋଡ଼ି ତା' ଭିତରେ ରଖାଯାଇପାରୁଥିଲା। ଆକର୍ଷଣୀୟ ଶୈଳୀରେ ନିର୍ମିତ ଏହି ତୀକ୍ଷ୍ଣ ଧାରଯୁକ୍ତ ଛୁରି ଚଳାଇବା କୌଶଳ ଦେଖିବା ପରେ ଏହା ବିଷୟରେ କିଛି ସମୟ ଭାବିବାକୁ ବାଧ ହୋଇଥିଲେ ଦର୍ଶକ। କେବଳ 'ତେଜାବ' ନୁହେଁ, ଅଶୀ ଦଶକର ବହୁ ସିନେମାରେ ରାଜ୍ କରିଥିଲା ଉତ୍ତରପ୍ରଦେଶ ରାଜ୍ୟ ରାମପୁରର ଏହି ଆଇକନିକ୍ ଚାକୁ 'ରାମପୁରୀ'। ତେବେ ଆପରାଧିକ ଦୁନିଆରେ ଏହାର ବ୍ୟବହାର ପରେ ଏଥିରେ ଲାଗିଥିଲା ଦୁର୍ନାମର କଳଙ୍କ ଏବଂ ଧୀରେ ଧୀରେ ଜନମାନସରୁ ହଜିଗଲା ଏହାର କ୍ରେଜ୍...**

'ରାମପୁରୀ' ବିନା ଖାପଛଡ଼ା ଲାଗୁଥିଲା ଉନବିଂଶ ଶତାବ୍ଦୀ ଅଶୀ ଦଶକର ବଲିଉଡ୍ ସିନେମା। କେବଳ ଭିଲେନ୍ ନୁହନ୍ତି, ହିରୋ ଭୂମିକାରେ ଅଭିନୟ କରୁଥିବା ଅଭିନେତାଙ୍କ ହାତରେ ମଧ୍ୟ ସିନେମାର ନିର୍ଦ୍ଦେଶକ ଧରାଇବାକୁ ଭୁଲୁ ନ ଥିଲେ ଏହି ତୀକ୍ଷ୍ଣ ଧାରଯୁକ୍ତ ଚାକୁ। ସ୍ୱତନ୍ତ୍ର ନିର୍ମାଣ ଶୈଳୀ, ଖୋଲିବା ପାଇଁ ରହିଥିବା ଲକ୍ ଏବଂ ବ୍ୟବହାର କୌଶଳ ହିଁ ଏହାକୁ ଯୁବପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ କରାଇଥିଲା। ହେଲେ ଏକଦା ସ୍ୱତନ୍ତ୍ରତା ପାଇଁ ଲୋକପ୍ରିୟତା ଅର୍ଜନ କରିଥିବା ଏହି ଚାକୁ ଅପରାଧୀଙ୍କ ହାତକୁ ଆସିବା ପରେ ମୁଣ୍ଡାଇଲା ଦୁର୍ନାମ। ସ୍ଥିତି ଏମିତି ହେଲା ଯେ, ନବେ ଦଶକ ଶେଷ ଆଡ଼କୁ 'ରାମପୁରୀ' ହଜିଗଲା ଜନମାନସରୁ। ହେଲେ କଥା ଏତିକିରେ ଶେଷ ହେଲାନାହିଁ। ଏହା ସହିତ ଜଡ଼ିତ ଶିଳ୍ପଜଗତ ମଧ୍ୟ ଦୋହଲିଗଲା। ଏହାକୁ ବୃତ୍ତି ଭାବେ ଗ୍ରହଣ କରିଥିବା ଲକ୍ଷାଧିକ କାରିଗର ଜୀବିକା ହରାଇଲେ। ଦୀର୍ଘବର୍ଷ ପରେ 'ରାମପୁରୀ' ନିର୍ମାଣର ପେଣ୍ଠସ୍ଥଳ ରାମପୁରରେ ଏହାର ଚମକ ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଉଦ୍ୟମ। ଏହିକ୍ରମରେ ରାମପୁର ନୈନିତାଲ ରୋଡ୍‌ର ଜୌହର ଛକରେ ନିର୍ମାଣ କରାଯାଇଛି ପୃଥିବୀର ସବୁଠାରୁ ବଡ଼ ରାମପୁରୀ ଚାକୁର ପ୍ରତିକୃତି। ପିତ୍ତଳ ଏବଂ ଷ୍ଟିଲ୍‌ରେ ନିର୍ମିତ ଏହି ଚାକୁର ଦୈର୍ଘ୍ୟ ୬.୧୦ ମିଟର ବା ପ୍ରାୟ ୨୦ ଫୁଟ। ଏଥିରେ ଖର୍ଚ୍ଚ ହୋଇଛି ପ୍ରାୟ ସାଢ଼େ ୫୨ ଲକ୍ଷ ଟଙ୍କା। ପୃଥିବୀର ସବୁଠାରୁ ବଡ଼ ଚାକୁ ହିସାବରେ ଖୁବ୍‌ଶୀଘ୍ର ଏହା ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହେବ ବୋଲି ପ୍ରଶାସନ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି।




ଏମିତି ଏକ ସମୟ ଥିଲା ରାମପୁର ବଜାରରେ ଅତି ଶସ୍ତାରେ ମିଳୁଥିଲା ରାମପୁରୀ ଚାକୁ। ଏହାକୁ ନିର୍ମାଣ କରିବାକୁ ୪୦୦ ଜଣଙ୍କୁ ସ୍ୱତନ୍ତ୍ର ଭାବେ ଲାଇସେନ୍ସ ଦିଆଯାଇଥିଲା। ଲକ୍ଷାଧିକ ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଇଥିଲା ଏହି ଶିଳ୍ପ। ଏହି ଚାକୁକୁ ସିନେମା, ଡ୍ରାମା, ଥିଏଟରରେ ମୁଖ୍ୟତଃ ବ୍ୟବହାର କରାଯାଉଥିଲା। ଘରେ ସୌଖୀନ ଭାବେ ଏହାକୁ ରଖିବାକୁ ଅନେକେ ପସନ୍ଦ କରୁଥିଲେ। ତେବେ 'ରାମପୁରୀ'କୁ ଆପରାଧିକ କାର୍ଯ୍ୟକଳାପରେ ବ୍ୟବହାର କରାଯିବା ପରେ ଏହା ମୁଣ୍ଡାଇଲା ଦୁର୍ନାମ। ଏହାପରେ ଚାକୁ ନିର୍ମାଣ ଶୈଳୀରେ ପରିବର୍ତ୍ତନ କରାଗଲା। ଅନେକ ଗାଇଡ୍‌ଲାଇନ ମଧ୍ୟ ଆସିଲା। ହେଲେ ନବେ ଦଶକ ଶେଷ ହେଉ ହେଉ ହଜିଗଲା ଏହାର ଚମକ।

'ରାମପୁରୀ' ତିଆରି କରି ପରିବାର ଚଳାଉଥିବା ଅନେକ କାରିଗର ଜୀବିକା ହରାଇ ଏବେ ଗଳିକନ୍ଦିରେ ରିକ୍ସା ଟାଣୁଛନ୍ତି। ଅନ୍ୟ କେତେଜଣ ନିଜ ନିଜ ସୁବିଧା ଦୃଷ୍ଟିରୁ ବିଭିନ୍ନ ବୃତ୍ତି ଆପଣାଇ ନେଲେଣି। ରାମପୁର ଛକରେ ଦୀର୍ଘବର୍ଷ ଧରି ଏହାର ବ୍ୟବସାୟ କରି ଆସୁଥିବା ଶେହେଜାଦା ନାମକ ଜଣେ ବ୍ୟବସାୟୀ କୁହନ୍ତି, ଏବେ ବି ଏହି ବୃତ୍ତି ବଞ୍ଚିଛି। ହେଲେ ଚାଇନା ନିର୍ମିତ ଶସ୍ତା ଚାକୁ 'ରାମପୁରୀ' ବ୍ୟବସାୟକୁ ପଛକୁ ଠେଲି ଦେଇଛି। ଅନ୍ୟଜଣେ କାରିଗର ୟାମିନ ଅନ୍‌ସାରୀ ନିଜ ଜରାଜୀର୍ଣ୍ଣ ଘରେ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ସେ କୁହନ୍ତି, ବର୍ଷ ବର୍ଷ ଧରି ରାମପୁରୀ ଚାକୁ ତିଆରି କରି ଆସୁଛନ୍ତି। ହେଲେ ଏକ ବର୍ଷ ହେଲା ସେ ଏହି କାମରୁ ଦୂରେଇ ଯାଇଥିଲେ। କାରଣ ଏବେ 'ରାମପୁରୀ' କିଣିବାକୁ କେହି ଆଗ୍ରହୀ ହେଉନାହାନ୍ତି। ଗ୍ରାହକ ମିଳିବା କଷ୍ଟକର ହୋଇଗଲାଣି।

ଅନ୍ୟପଟେ ଆଇକନିକ୍ 'ରାମପୁରୀ' ଚାକୁର ହୃତଗୌରବ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଏହି ଶିଳ୍ପକୁ ପୁଣି ଫେରିଛି ଚମକ। ଏହି ଚାକୁ ନିର୍ମାଣରେ ନିପୁଣ କାରିଗରଙ୍କୁ 'ହୁନର ହାଟ'ରେ ପ୍ରତିଭା ପ୍ରଦର୍ଶନ କରିବାକୁ ପ୍ରୋତ୍ସାହିତ କରାଯାଉଛି। ଏଥିସହ ଏହାକୁ ଉପଯୋଗ କରି କର୍ମନିଯୋଜନ ସୃଷ୍ଟି କରିବାକୁ ଯୋଜନା କରାଯାଉଛି।

## ଡେଲିଭରି ବୟରୁ କଣ୍ଟେଣ୍ଟ କ୍ରିଏଟର



ଥିରୁଭାନ୍ତପୁରମ୍: ବର୍ତ୍ତମାନ ସୋସିଆଲ ମିଡିଆରେ କେରଳର ଜଣେ ଯୁବକଙ୍କ ଜଲ୍‌ୱା ଦେଖିବାକୁ ମିଳୁଛି। ଅଷ୍ଟିନ୍ ଷ୍ଟାନ୍‌ଲେ ନାମକ ଏହି ଯୁବକ ନିକଟରେ ତାଙ୍କ ଜୀବନ ବିଷୟରେ କହିଛନ୍ତି। ସେ ମୁମ୍ବାଇରେ ଡେଲିଭରି ବୟ ଭାବେ କାମ କରୁଥିଲେ। ସପ୍ତାହରୁ ୬ ଦିନ କାମ କରିବା ପରେ ସେ ଛୁଟିଦିନରେ ୫/୬ଟି ଭିଡିଓ ରିଲ୍ ତିଆରି କରନ୍ତି। ପରେ ତାକୁ କିଛିଦିନ ଅନ୍ତରାଳରେ ପୋଷ୍ଟ କରନ୍ତି। ଦିନେ ତାଙ୍କ ରିଲ୍ ସୋସିଆଲ ମିଡିଆରେ ଲୋକଙ୍କ ପସନ୍ଦ ହୋଇଗଲା। ଏବେ ତାଙ୍କର ଅଧିକ ଫଲୋୟର୍ସ ଅଛନ୍ତି। ତେବେ ସେ ବିଭିନ୍ନ ଝିଅଙ୍କ ସହ ଭିଡିଓ କରିଥିବା ଦେଖିବାକୁ ମିଳେ। ଏଥିରେ ସେ କହିଛନ୍ତି, ତାଙ୍କର କେହି ଗର୍ଲଫ୍ରେଣ୍ଡ ନାହାନ୍ତି। ସେମାନେ ତାଙ୍କର ସାଙ୍ଗ ବୋଲି କହିଛନ୍ତି। ସେ ସାଙ୍ଗଙ୍କ ବ୍ରେକ୍‌ଅପ୍ କାହାଣୀକୁ ନେଇ ଭିଡିଓ ତିଆରି କରନ୍ତି। ପ୍ରଥମରୁ ତାଙ୍କ ପାଖରେ ଭଲ କ୍ୟାମେରାର ମୋବାଇଲ ନ ଥିଲା। ସେତେବେଳେ ସେ ସାଙ୍ଗମାନଙ୍କ ମୋବାଇଲ ବ୍ୟବହାର କରି ଭିଡିଓ କରୁଥିବା କହିଛନ୍ତି।







# ୧୧ ହଜାର ସ୍କୁଲରେ ବିଦ୍ୟୁତ୍ ସଂଯୋଗ ନାହିଁ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରାଜ୍ୟର ୧୧,୭୧୦ ସ୍କୁଲ ଅନ୍ଧାରରେ ରହିଛି। ସେହି ସ୍କୁଲଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଭାଜପା ସଭ୍ୟ ମୋହନ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ବିଧାନସଭାରେ ଏହା କହିଛନ୍ତି।

ରାଜ୍ୟର କେତେ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ, କେତେ ସ୍ମାର୍ଟ ଶ୍ରେଣୀଗୃହ, କେତେ ବ୍ୟବହାରଯୋଗ୍ୟ ଶୌଚାଳୟ, ପାନୀୟ ଜଳ ସୁବିଧା, ବିଦ୍ୟୁତ୍ ସଂଯୋଗ, ଖେଳ ପଡ଼ିଆ, ଛାତ୍ରୀଛାତ୍ରଙ୍କ ଅନୁପାତରେ କେତେ ଶିକ୍ଷକ ନିଯୁକ୍ତ ହୋଇଛନ୍ତି ବୋଲି ମୋହନ ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି, ଗତ ୮ ବର୍ଷରେ ସମୁଦାୟ ୧୯,୪୯୦ ଜଣ ଶିକ୍ଷା ସହାୟକ ନିୟୋଜିତ ହୋଇଛନ୍ତି। ସେହିଭଳି ୧୧,୭୧୦ ସ୍କୁଲରେ ବିଦ୍ୟୁତ୍ ସଂଯୋଗ ନ ଥିବା ବେଳେ ୨୧,୦୬୫ ସ୍କୁଲରେ ଖେଳପଡ଼ିଆ ଓ ୪୧,୯୯୬ ସ୍କୁଲରେ କମ୍ପ୍ୟୁଟର ନାହିଁ। ସେହିପରି ୬୭୮୧ ସ୍କୁଲରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବା ବେଳେ ୬୦୧୧ ସ୍କୁଲରେ ଆବଶ୍ୟକ ଶିକ୍ଷକ ନାହାନ୍ତି। ଚଳିତ ଶିକ୍ଷାବର୍ଷରେ ଡ୍ରପ୍‌ଆଉଟ ହାର ପ୍ରାଥମିକ ଶିକ୍ଷା ସ୍ତରରେ ଶୂନ ଥିବାବେଳେ ଉଚ୍ଚପ୍ରାଥମିକ ସ୍ତରରେ ୭.୩୪ ଏବଂ ମାଧ୍ୟମିକ ସ୍ତରରେ ୨୭.୨୬ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

# ୫୩ ହଜାର ଶିକ୍ଷକ, ୨୦୬୪ କିରାଣି ପଦବୀ ପୂରଣ ହେବ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରାଜ୍ୟରେ ସମୁଦାୟ ୫୩ ହଜାର ଶିକ୍ଷକ ନିଯୁକ୍ତି ହେବେ। ୧୧ ହଜାର ଶିକ୍ଷକ ନିଯୁକ୍ତି ସରିଥିବା ବେଳେ ୭ ହଜାର ଶିକ୍ଷକ ନିଯୁକ୍ତି ପାଇଁ ମାର୍ଚ୍ଚ ୧୦ରେ ପରୀକ୍ଷା ସରିଛି। ୬ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୬ ଜଣଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ୨୦୬୪ କିରାଣି ନିଯୁକ୍ତି ପାଇଁ ବି ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଶୂନ୍ୟକାଳରେ ବିଜେଡି ସଭ୍ୟ ଅମର ଶତପଥୀଙ୍କ ମୂଳ ପ୍ରଶ୍ନର ଉତ୍ତରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି।

ମୂଳ ପ୍ରଶ୍ନରେ ଅମର ପଚାରିଥିଲେ, ରାଜ୍ୟର କେତେ ହାଇସ୍କୁଲକୁ ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବଢୁଥିବାରୁ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁଦାନ ବ୍ୟବସ୍ଥା କରାଯାଇଛି କି ? ମନ୍ତ୍ରୀ ଉତ୍ତରରେ କହିଥିଲେ, ହାଇସ୍କୁଲରେ ଅତିରିକ୍ତ ଶ୍ରେଣୀ ଗୃହ କରିବାକୁ ପଞ୍ଚାୟତିରାଜ ବିଭାଗ ବଜେଟରେ ୨୮୦ କୋଟି ଟଙ୍କା ବ୍ୟବସ୍ଥା କରିଛି। ମୋ ସ୍କୁଲ ଜରିଆରେ ୮୦୫.୧୪ କୋଟି ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବଜେଟରେ ୫୭୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଅତିରିକ୍ତ ଶ୍ରେଣୀଗୃହ ପାଇଁ ପଞ୍ଚାୟତିରାଜ ବିଭାଗର ୨୮୦ କୋଟି ବ୍ୟୟବରାଦ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୦୭୫, ଦ୍ୱିତୀୟ ପର୍ଯ୍ୟାୟରେ ୩୪୬୧ ଓ ତୃତୀୟ ପର୍ଯ୍ୟାୟରେ ୨୩୩୬ ହାଇସ୍କୁଲ ରୂପାନ୍ତର ହୋଇଛି। ଛାତ୍ରୀଛାତ୍ର ବଢୁଥିବାରୁ ଶ୍ରେଣୀ ଗୃହ ବୃଦ୍ଧି କରାଯାଉଛି। ମୋ ସ୍କୁଲ ଜରିଆରେ ୯୬୩, ସ୍କୁଲ ରୂପାନ୍ତର ଜରିଆରେ ୨୮୧୦ ଓ ସମଗ୍ର ଶିକ୍ଷା ଅଭିଯାନରେ ୨୦୦ ଶ୍ରେଣୀ ଗୃହ ବଢ଼ାଯାଇଛି। ରାଜ୍ୟରେ ୫୦,୨୬୩ ସ୍କୁଲ ଅଛି। ଏଥିରୁ ୮ ହଜାର ୨୪ ହାଇସ୍କୁଲ ଓ ୪୨,୨୩୯ ପ୍ରାଥମିକ ସ୍କୁଲ ଅଛି। ୧୩୫୧ ରୂପାନ୍ତର ସ୍କୁଲର ୧୧୦୧ଟିରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ସରିଛି। ୨୫୦ ସ୍କୁଲରେ କାମ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

# ୨୧ ବ୍ଲକରେ ଡିଗ୍ରୀ କଲେଜ ନାହିଁ

ରାଜ୍ୟରେ ୧୦୨୪ ଯୁକ୍ତ୩ ବା ଡିଗ୍ରୀ କଲେଜ ଅଛି। ୨୯୩ ବ୍ଲକରେ ଯୁକ୍ତ୩ କଲେଜ ଥିବାବେଳେ ଅବଶିଷ୍ଟ ୨୧ ବ୍ଲକରେ ଡିଗ୍ରୀ କଲେଜ ନାହିଁ। ଯେଉଁ ବ୍ଲକରେ ଡିଗ୍ରୀ କଲେଜ ନାହିଁ ସେଠାରେ ଖୋଲିବାକୁ ବିଚାର ଚାଲିଛି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ମୂଳ ପ୍ରଶ୍ନର ଉତ୍ତରରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ବୁଧବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ମୂଳ ପ୍ରଶ୍ନରେ ସାଲୁଜା ପଚାରିଥିଲେ, କେଉଁ ବ୍ଲକରେ ଡିଗ୍ରୀ କଲେଜ ନାହିଁ। ଯେଉଁଠି ନାହିଁ କେତେଦିନ ଭିତରେ ସେଠାରେ ଡିଗ୍ରୀ କଲେଜ ଖୋଲାଯିବ। ବିଜେଡି ସଭ୍ୟ ପଦ୍ମନାଭ ବେହେରା, ଭାଜପା ସଭ୍ୟ ନାଉରୀ ନାୟକ, ଭାସ୍କର ମଢ଼େଇ, ମୁକେଶ ମହାଲିଙ୍ଗ, କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ନିଜ ନିର୍ବାଚନମଣ୍ଡଳୀରେ ଡିଗ୍ରୀ କଲେଜ ଖୋଲିବା ନେଇ ଦାବି କରିଥିଲେ। ମନ୍ତ୍ରୀ କହିଥିଲେ, ଯେତିକି ସାଙ୍କ୍ଶନ ସିଟ୍ ଅଛି ସେଥିରୁ ଅନେକ ସିଟ୍ ଖାଲି ପଡୁଛି। ଯେଉଁଠି ଆବଶ୍ୟକ ହେବ ଡିଗ୍ରୀ କଲେଜ ଖୋଲାଯିବ।

# ଲେଖା ଡକ୍ୟୁମେଣ୍ଟ ପଢ଼ିବା ନିୟମ ଲୋକ ସଭାରେ ବି ଅଛି: ନିରଞ୍ଜନ

## ଲେଖା ଉତ୍ତର ପଢ଼ା ପ୍ରସଙ୍ଗ
### ବିରୋଧୀ-ଶାସକ ମୁହାଁମୁହିଁ

ଭୁବନେଶ୍ୱର,୨୨।୩(ବ୍ୟୁରୋ)


ମନ୍ତ୍ରୀ ନିରଞ୍ଜନ ପୂଜାରୀ

ଲେଖା ଉତ୍ତର ପଢ଼ା ପ୍ରସଙ୍ଗକୁ ନେଇ ବିଧାନସଭାରେ ଶାସକ-ବିରୋଧୀ ସଦସ୍ୟମାନେ ମୁହାଁମୁହିଁ ହୋଇଛନ୍ତି। ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବିର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଏକ ଲିଖିତ ବିବୃତି ପଢ଼ିବାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ମାତ୍ର ବାଚସ୍ପତି ବିକ୍ରମ କେଶରୀ ଆରୁଖ ତାଙ୍କ ନୋଟିସକୁ ଆଗତ କରିବାକୁ ଅନୁମତି ଦେଇ ନ ଥିଲେ। ଏହାକୁ ଉଭୟ ବିରୋଧୀ ଓ ଶାସକ ଦଳ ସଭ୍ୟମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବୁଧବାର ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସ୍ୱାଧିକାର ଭଙ୍ଗ ନୋଟିସ ବିଷୟରେ କହିବାକୁ ଚାହିଁଥିଲେ। କିନ୍ତୁ ତାହା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଥିଲା ବୋଲି ଗ୍ରହଣ ହେଲାନି କି ବୋଲି ପ୍ରଶ୍ନ କରିବା ସହ ତାଙ୍କୁ ଏ ପ୍ରସଙ୍ଗରେ କହିବାକୁ ସୁଯୋଗ ଦିଆଯାଉ ବୋଲି କହିଥିଲେ। ପୂର୍ବରୁ ଯେବେ ସେ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେଇଛନ୍ତି, ତାହା ସେହିଦିନ ଗ୍ରହଣ ହୋଇଛି। ସ୍ୱାଧିକାର ଭଙ୍ଗ ନୋଟିସ୍ ଆଗତ ହେବାକୁ ଦିଆ ନ ଯିବା ତାଙ୍କ ପ୍ରତି ଅନ୍ୟାୟ ବୋଲି ନରସିଂହ କହିଥିଲେ। ବାଚସ୍ପତି କହିଥିଲେ, ନୋଟିସ୍ ଦିଆଯିବାର ଦିନକ ପରେ ଏହାକୁ ଉପସ୍ଥାପନ କରାଯାଏ। ଅନୁଧ୍ୟାନ କରିବା ପରେ ଉପସ୍ଥାପନ ପାଇଁ ଅନୁମତି ଦେବେ ବୋଲି କହିଥିଲେ। ନରସିଂହଙ୍କୁ ସମର୍ଥନ କରି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମଧ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ସ୍ୱାଧିକାର ଭଙ୍ଗ ନୋଟିସ ଆଗତ କରିବାରେ ଅସୁବିଧା କ'ଣ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଲେଖା ଉତ୍ତର ପଢ଼ିବା ପୂର୍ବରୁ ବାଚସ୍ପତିଙ୍କଠାରୁ ଅନୁମତି ନେବା ଦରକାର। ଗୃହର ନେତା ତାହା କରିନାହାନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଲେ, ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଲେଖା ଉତ୍ତର ପଢ଼ିପାରିବେ। ଲିଖିତ ବିବୃତି ବିରୋଧୀ ଦଳ ସଦସ୍ୟମାନେ କାହିଁକି ସବୁବେଳେ ଜପୁଛନ୍ତି। ଏହି ଗୋଟିଏ କଥା କହୁଛନ୍ତି। ମନ୍ତ୍ରୀ ଗୋଟିଏ ଡକ୍ୟୁମେଣ୍ଟ ପଢ଼ିବାର ନିୟମ ରହିଛି। ଲୋକ ସଭାରେ ବି ଏଭଳି ବ୍ୟବସ୍ଥା ଅଛି। ସଂସଦୀୟ ବ୍ୟାପାର ବିଭାଗ ସହ ଅର୍ଥ ବିଭାଗର ମନ୍ତ୍ରୀ ବି ଅଛି। ଗୃହରେ କ'ଣ ବଜେଟ ପୁସ୍ତିକା ପଢୁନାହିଁ କି ବୋଲି ସେ ପ୍ରଶ୍ନ କରିବା ସହ ଗୃହରେ ଜଣେ ମନ୍ତ୍ରୀ ଲିଖିତ ବିବୃତି ପଢ଼ିବାରେ କିଛି ଅସୁବିଧା ନାହିଁ ବୋଲି କହିଥିଲେ। ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଡକ୍ୟୁମେଣ୍ଟ ଦେଖି ପଢୁଛନ୍ତି। ବିନା ଡକ୍ୟୁମେଣ୍ଟରେ କୌଣସି ଅର୍ଥମନ୍ତ୍ରୀ ବଜେଟ ଉପସ୍ଥାପନ କରିପାରିବେ ନାହିଁ। ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖିବାବେଳେ ମୁଖ୍ୟମନ୍ତ୍ରୀ ଲିଖିତ ବିବୃତିକୁ ପଢ଼ିବାକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ବିଜେଡି ସଦସ୍ୟମାନଙ୍କ ମଧ୍ୟରେ ଗୃହରେ ବୟାନବାଜି ହୋଇଥିଲା।

ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଏଭଳି ଯୁକ୍ତିକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଖଣ୍ଡନ କରି କହିଥିଲେ, ଜଣେ ଅର୍ଥମନ୍ତ୍ରୀ ଗୃହରେ ବଜେଟ ବିବୃତି ପଢ଼ିପାରିବେ, ଯାହାକି ଗୃହରେ ଉପସ୍ଥାପିତ ହୋଇଥାଏ। ଜଣେ ସଦସ୍ୟ ଅବା ମନ୍ତ୍ରୀ ଗୃହରେ କୌଣସି ପୁସ୍ତକ, ଖବରକାଗଜରେ ପ୍ରକାଶିତ ଅବା ଅନ୍ୟ ଲିଖିତ କଥାକୁ ଉଲ୍ଲେଖ କରିପାରିବେ।

# ଗୃହ ପାଇଁ ଓଡ଼ିଶାରେ ଗୃହଯୁଦ୍ଧ ଲଗାଇଛ: ଅରୁଣ

## ଆଇନଶୃଙ୍ଖଳାକୁ ନେଇ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ
### ଶ୍ୱେତପତ୍ର କ'ଣ ଭୁଲ୍: ଜୟନାରାୟଣ


ବିଧାୟକ ଅରୁଣ ସାହୁ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଆଇନଶୃଙ୍ଖଳାକୁ ନେଇ ବିରୋଧୀ-ଶାସକ ମୁହାଁମୁହିଁ ହୋଇଛନ୍ତି। ଶୂନ୍ୟକାଳରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଥିଲେ, ଗତକାଲି ମୁଖ୍ୟମନ୍ତ୍ରୀ କ'ଣ ଉତ୍ତର ଦେଲେ ତାହା ଆମେ ଜାଣିପାରିଲୁ ନାହିଁ। ଗଣମାଧ୍ୟମରେ କହିଲେ, ଓଡ଼ିଶାରେ ଶାନ୍ତି ରହିଛି। ପୁଞ୍ଜିନିବେଶ ହେଉଛି। ସରକାର ଗତକାଲି ଯେଉଁ ଶ୍ୱେତପତ୍ର କରିଛନ୍ତି ତାହା କ'ଣ ଭୁଲ। ରାଜ୍ୟରେ ୧୩୭୯ ହତ୍ୟା, ୩୧୮୪ ବଳାତ୍କାର, ୧୪୮୯୩ ଚୋରି ଭଳି ଘଟଣା ଘଟିଛି। ପ୍ରତି ୪ ଘଣ୍ଟାରେ ଜଣେ ବଳାତ୍କାରର ଶିକାର ହେଉଛନ୍ତି। ଏହା କ'ଣ ଶାନ୍ତିପୂର୍ଣ୍ଣ ରାଜ୍ୟ। ରାଜ୍ୟକୁ ଅଶାନ୍ତ କରୁଛି କିଏ ବୋଲି ସେ କହିଥିଲେ। ଶାସକ ଦଳର ସଦସ୍ୟମାନେ ଏହି ମନ୍ତବ୍ୟକୁ କଡ଼ା ବିରୋଧ କରିଥିଲେ। ଭାଜପା ହାଏ ହାଏ। ଓଡ଼ିଶାକୁ ଅଶାନ୍ତି କରୁଛି କିଏ, ଭାଜପା ଆଉ କିଏ ବୋଲି ସ୍ଲୋଗାନ ଦେଇଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ଏହାକୁ ବିରୋଧ କରିଥିଲେ। ଏତିକିବେଳେ କଂଗ୍ରେସ ଦଳ ଅନ୍ୟ ନରସିଂହ ମିଶ୍ର କହିବାକୁ ଚାହିଁଲେ। ମାତ୍ର ବାଚସ୍ପତି ବିଜେଡି ସଭ୍ୟ ଦେବୀ ପ୍ରସାଦ ମିଶ୍ରଙ୍କୁ କହିବାକୁ ଅନୁମତି ଦେବାରୁ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ବାଚସ୍ପତି ବାଧ ହୋଇ ନରସିଂହଙ୍କୁ କହିବାକୁ ଅନୁମତି ଦେଇଥିଲେ। ସେ କହିଲେ, ଗତକାଲି ମୁଖ୍ୟମନ୍ତ୍ରୀ କହିଥିଲେ ଗୋପାଳକୁ କିଏ ପାଗଳ କହିଲେ। ୨୦୨୩ ଫେବୃୟାରୀରେ କ୍ରାଇମବ୍ରାଞ୍ଚ୍ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଥିଲା। ଏଥିରେ କୁହାଗଲା ଗୋପାଳ ଦୀର୍ଘଦିନ ଧରି ମାନସିକ ରୋଗରେ ପୀଡ଼ିତ ଥିଲେ। ଗୋପାଳଙ୍କ ସ୍ତ୍ରୀ କହିଲେ, ସେ ପାଗଳ। ଜଣେ ଡକ୍ଟର ତାଙ୍କୁ ଚିକିତ୍ସା କରୁଥିବା କଥା ସେତେବେଳେ କହିଥିଲେ। ଏଭଳି ଟିପ୍ପଣୀ ଗୃହର ନେତାଙ୍କଠାରୁ ଆଶା କରାଯାଏ ନାହିଁ। ଗୃହ କାର୍ଯ୍ୟର ସମସ୍ତ ପ୍ରୋସିଡିଂକୁ ଟେଲିକାଷ୍ଟ କରାଯାଉ। କିଏ ସତ୍ୟ କହୁଛନ୍ତି ଜନସାଧାରଣ ବିଚାର କରିବେ। ବିଜେଡି ସଭ୍ୟ ଅରୁଣ ସାହୁ ବିରୋଧୀ ଦଳକୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ୩୦ ମିନିଟରୁ ୨୭ ମିନିଟ୍ ବିରୋଧୀ ଦଳକୁ କହିବାକୁ ଦିଆଯାଉଛି। ଆମକୁ ୩ ମିନିଟ ଦିଆଯାଉ। ବିଧାନସଭାରେ ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ କଥା ଆଲୋଚନା ହେଉ। ଲୋକମାନଙ୍କ ସମସ୍ୟା କଥା ଆଲୋଚନା ହେଉ। ଚାଉଳ କଟିଲା, ଓଡ଼ିଶା ଚାଷ ବୁଡ଼ିଲା। ଗତ ୩ ବର୍ଷ ହେଲା ପିଏମ୍‌ଏୱାଇରେ ଘର ଦେଲେ ନାହିଁ। ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଦିଆଯିବ ବୋଲି କହିଥିଲ। ଗୃହ ପାଇଁ କାହିଁକି ଓଡ଼ିଶାରେ ଗୃହଯୁଦ୍ଧ ଲଗାଇଲ ସେ କଥା ଆଲୋଚନା ହେଉ ବୋଲି ଅରୁଣ କହିଥିଲେ।

# କେନ୍ଦ୍ର କୃଷି ବଜେଟରେ ବଡ଼ଧରଣର ଖର୍ଚ୍ଚ କାଟ୍: ମନ୍ତ୍ରୀ

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

## କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଖର୍ଚ୍ଚଦାବି ଗୃହୀତ

କୋଭିଡ୍ ପରବର୍ତ୍ତୀ ଅବସ୍ଥାରେ ଦେଖାଦେଇଥିବା ମାନ୍ଦାବସ୍ଥା ସମ୍ପୂର୍ଣ୍ଣ ରୂପ ଅପସରି ନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ଆଗତ କୃଷି ବଜେଟରେ ବଡ଼ଧରଣର ଖର୍ଚ୍ଚକାଟ କରାଯାଇଛି। ଏହା ରାଜ୍ୟର ଚାଷୀକୁଳକୁ ପ୍ରଭାବିତ କରିବ ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଖର୍ଚ୍ଚଦାବି ଆଲୋଚନାର ଉତ୍ତର ରଖି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ବଜେଟର ୩.୩୬% ତୁଳନାରେ ୨୦୨୩-୨୪ ପାଇଁ ବଜେଟରେ ୨.୭% ପ୍ରାବଧାନ କରାଯାଇଛି। ସାର ଯୋଗାଣ, ପ୍ରଧାନମନ୍ତ୍ରୀ ଫସଲବୀମା, ଧାନକିଣା, ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, କୃଷି ଭିତ୍ତିଭୂମି ପାଣ୍ଠି ଆଦିରେ କେନ୍ଦ୍ର ସରକାର ଖର୍ଚ୍ଚକାଟ୍ କରିଛନ୍ତି। ସାର ରିହାତିରେ ୪୦ ହଜାର କୋଟି ଟଙ୍କା କାଟ କରାଯାଇଛି, ଯାହା ଦେଶରେ ସାର ଯୋଗାଣରେ ବ୍ୟାଘାତ ସୃଷ୍ଟି କରିପାରେ। ଖାଲି ଚାଷ ନୁହେଁ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମଧ୍ୟ ୨୯ ହଜାର ୪୦୦ କୋଟି ଟଙ୍କା ଖର୍ଚ୍ଚ କାଟ ହୋଇଛି। ଏହା ଉପରେ ପ୍ରଶ୍ନକଲେ 'କୃଷି ଏକ ରାଜ୍ୟ ବ୍ୟାପାର, ତେଣୁ ରାଜ୍ୟ ସରକାର ଅଧିକ ଖର୍ଚ୍ଚ କରିବା ଆବଶ୍ୟକ' ବୋଲି ଉତ୍ତର ମିଳୁଛି। ରାଜ୍ୟର କୃଷକଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ। ଏହି କ୍ରମରେ ରାଜ୍ୟ ବଜେଟର ୧୦.୪୭% କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ପ୍ରାବଧାନ କରାଯାଇଛି। ଓଡ଼ିଶା ଏକ ଶସ୍ୟ ନିଅଣ୍ଟିଆ ରାଜ୍ୟରୁ ଏକ ଶସ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ଏହା ଗତ ୨୦ ବର୍ଷରେ କୃଷି କ୍ଷେତ୍ରରେ ନିଆଯାଇଥିବା ବିଭିନ୍ନ ଯୋଜନାର ଫଳ। ଅନାହାର ଏବଂ କ୍ଷୁଧା ବ୍ୟାଧିକୁ ପଛରେ ପକାଇ ଓଡ଼ିଶା କୃଷିକ୍ଷେତ୍ରରେ ଆତ୍ମନିର୍ଭର ହୋଇପାରିଛି। ଏ ବର୍ଷ ରେକର୍ଡ ପରିମାଣର ଧାନ ଉତ୍ପାଦନ ହେବାର ଆକଳନ କରାଯାଇଛି। 'କାଳିଆ' ଦେଶର ସର୍ବପ୍ରଥମ ସାମଗ୍ରିକ ମୌଳିକ ଆୟ ଯୋଜନା। ବର୍ତ୍ତମାନ ସମୁଦାୟ ୪୧ ଲକ୍ଷ ୮ ହଜାର ୯୫୨ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୮ ଲକ୍ଷ ୬୯ ହଜାର ୫୨୯ ଭୂମିହୀନ କୃଷି ଶ୍ରମିକ ପରିବାରଙ୍କୁ 'କାଳିଆ' ସହାୟତା ରାଶି ପ୍ରଦାନ କରାଯାଉଛି। ମିଲେଟ୍ ମିଶନକୁ ୩୦ ଜିଲାର ୧୭୭ ବ୍ଲକକୁ ସମ୍ପ୍ରସାରିତ କରିବା ପାଇଁ ଯୋଜନା କରାଯାଇଥିବା ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଭାଜପା ଏବଂ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଛନ୍ତି।

## ରାଜ୍ୟ ଖବର

# ଅଟୋରୁ ୫.୮୪ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ଜଟଣୀ,୨୨।୩(ଡି.ଏନ୍.ଏ.): ଜଟଣୀ ଥାନା ପୋଲିସ ବୁଧବାର ହରିଭାଇନା ଛକ ନିକଟ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଚଢ଼ାଉ କରି ୩ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ନୂଆଗାଁ ନଟିମଙ୍ଗଳା ଅଞ୍ଚଳର ମିଟୁ ଓରଫ ତ୍ରିନାଥ ଶାସମଲ (୪୦), ନୂଆଗାଁ ଗାନ୍ଧୀନଗର ଅଞ୍ଚଳର ପାଣ୍ଡା ଓରଫ ସୁନିଲ ବେହେରା (୨୩) ଏବଂ ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ ଘୋରଡ଼ିଆ ଅଞ୍ଚଳର କୁନି ଓରଫ କାର୍ତ୍ତିକ ପୃଷ୍ଟି। ଏମାନଙ୍କ ନିକଟରୁ ୫ ଲକ୍ଷ ୮୪ ହଜାର ୬ଶହ ଟଙ୍କା, ୨୨ କେଜି ଗଞ୍ଜେଇ, ଗୋଟିଏ ଅଟୋ, ୩ଟି ମୋବାଇଲ ଫୋନ ଜବତ ହୋଇଛି। କନ୍ଧମାଳ ଅଞ୍ଚଳରୁ ବେଆଇନଭାବେ ଗଞ୍ଜେଇ ଆଣି ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଅଭିଯୁକ୍ତମାନେ ପଚରାଉଚରା ବେଳେ ସ୍ୱୀକାର କରିଥିବା ପୋଲିସ କହିଛି।

# ଗନ୍ଧମାର୍ଦ୍ଦନ ଜୈବ ବିବିଧତା ଐତିହ୍ୟସ୍ଥଳୀ ଘୋଷିତ

ବଲାଙ୍ଗୀର ଅଫିସ, ୨୨।୩


ଗନ୍ଧମାର୍ଦ୍ଦନ ପାହାଡ ପାଦଦେଶରେ ଥିବା ହରିଶଙ୍କର ପୀଠ।

ଭବ୍ୟ ପ୍ରାକୃତିକ ସମ୍ପଦ, ଜୈବ ବିବିଧତା, ସହସ୍ରାଧିକ ଔଷଧୀୟ ଗୁଳ୍ମ, ଜଙ୍ଗଲ ଓ ବନ୍ୟ ସମ୍ପଦ ତଥା ୨୦ରୁ ଊର୍ଦ୍ଧ୍ୱ ଚିରସ୍ରୋତା ଝରଣା ପାଇଁ ସୁପ୍ରସିଦ୍ଧ ବଲାଙ୍ଗୀର ଓ ବରଗଡ଼ ଜିଲା ସୀମାରେଖାରେ ଥିବା ଗନ୍ଧମାର୍ଦ୍ଦନ ପାହାଡ଼କୁ ରାଜ୍ୟ ସରକାର ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଏନେଇ ରାଜ୍ୟ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରାୟ ୧୯ହଜାର ହେକ୍ଟର ଜମି ପରିବ୍ୟାପ୍ତ ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ରେ ହଜାରରୁ ଊର୍ଦ୍ଧ୍ୱ ପ୍ରକାରର ବିରଳ ଔଷଧୀୟ ଗୁଳ୍ମ, ଅନେକ ପ୍ରଜାତିର ଔଷଧୀୟ ଗଛ, ଫଳ, ଫୁଲ ଏବଂ ବହୁ ମୂଲ୍ୟବାନ୍ ଲଘୁ ବନଜାତ ବନ୍ୟ ସମ୍ପଦ ଭରି ରହିଛି। ବଲାଙ୍ଗୀର ଜିଲା ପାର୍ଶ୍ୱରେ ହରିଶଙ୍କର ଏବଂ ବରଗଡ଼ ଜିଲା ପଟେ ନୃସିଂହନାଥ ଭଳି ପ୍ରସିଦ୍ଧ ତୀର୍ଥକ୍ଷେତ୍ର ରହିଛି। ସୁପ୍ରସିଦ୍ଧ କପିଳଧାରା ଜଳପ୍ରପାତ, ସେଲାପଥର, ଜଳମହାଦେବ ଭଳି ଦର୍ଶନୀୟ ସ୍ଥାନ ରହିଛି। ଏଠାରେ ଦୀର୍ଘ ୧୮ କିମିର ଟ୍ରେକିଂ ସାଇଟ୍ ମଧ୍ୟ ରହିଛି। ଆଜିବି ଏଠାରେ ବହୁ ପାରମ୍ପରିକ ବୈଦ୍ୟ ଜଡ଼ିବୁଟିର ସନ୍ଧାନ ଚାଲିଛି। ୧୯୮୦ ଦଶକରେ ଏଠାରେ ବକ୍ସାଇଟ୍ ଖଣି ଖନନ ପାଇଁ ସରକାର ଅନୁମତି ଦେବା ପରେ ଏହି ପୁରାଣ ପ୍ରସିଦ୍ଧ ଏବଂ ପ୍ରାକୃତିକ ଶୋଭାରେ ଭରପୂର ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଐତିହାସିକ ବାଲ୍‌କୋ ହଟାଅ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନ ଫଳରେ ଖଣି ଖନନ ବନ୍ଦ କରି ବାଲ୍‌କୋ କମ୍ପାନୀକୁ ହଟାଇବାକୁ ସରକାର ଏକ ପ୍ରକାର ବାଧ ହୋଇଥିଲେ। ଏଭଳି ଏକ ଦୁର୍ଲ୍ଲଭ ପର୍ବତଶ୍ରେଣୀକୁ ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିବାକୁ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ବିଭିନ୍ନ ବ୍ଲକ ଏବଂ ଜିଲାସ୍ତରୀୟ ଜୈବବିବିଧତା ବୋର୍ଡ ପକ୍ଷରୁ ସୁପାରିସ କରାଯାଇ ଆସୁଥିଲା। ଶେଷରେ ଏହି ସୁପାରିଶକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଥିବା ଜଣାପଡ଼ିଛି। ଗନ୍ଧମାର୍ଦ୍ଦନ ଜୈବ ବିବିଧତା ଐତିହ୍ୟସ୍ଥଳୀ ଘୋଷଣା ହେବା ପରେ ଏଠାକାର ଜୈବ ବିବିଧତା ସୁରକ୍ଷିତ ହୋଇପାରିବ। ଗନ୍ଧମାର୍ଦ୍ଦନକୁ ରାଜ୍ୟ ସରକାର ଜୈବ ବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଥିବାନେଇ ବଲାଙ୍ଗୀର ଡିଏଫ୍‌ଓ ନୀତିଶ କୁମାର ବୁଧବାର ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜିତ ଜୈବ ବିବିଧତା ବୋର୍ଡର ଏକ ସଭାରେ ସୂଚନା ଦେଇଛନ୍ତି। ଏହି ଘୋଷଣା ପରେ ଗନ୍ଧମାର୍ଦ୍ଦନରୁ ଖଣି ଖନନ ଆଶଙ୍କା ଏକପ୍ରକାର ଦୂର ହୋଇଥିବା ପରିବେଶବିତ୍ ମତ ପ୍ରକାଶ କରିଛନ୍ତି।

# ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

## ଘଣ୍ଟାଏ ପରେ ଉଦ୍ଧାର କଲା ଅଗ୍ନିଶମ ବିଭାଗ



କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟରେ ଥିବା ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ି ଜଣେ ଯୁବକ ବୁଧବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ଟୁଲୁ ପାତ୍ର (୪୩)। ପୋଲିସ ଉପସ୍ଥିତିରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟର ଛକାପଞ୍ଝା ପରେ ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରିଥିଲା। ତେବେ ସେ କ'ଣ ପାଇଁ ଏଭଳି ନିଷ୍ପତ୍ତି ନେଇଥିଲେ ତାହା ସ୍ପଷ୍ଟ ହୋଇନାହିଁ। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଯୁବକ ଜଣକ ଜଣେ ଡ୍ରାଇଭର ହୋଇଥିବାବେଳେ ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିବା ଜଣାପଡ଼ିଛି। ପରିବାର ଲୋକ ଓ ସହଯୋଗୀମାନେ ତାଙ୍କୁ ମାନୁ ନ ଥିବାରୁ ସେ ଆତ୍ମହତ୍ୟା କରିବାକୁ ପ୍ରୟାସ କରୁଥିଲେ ବୋଲି ଟୁଲୁ କହିଛନ୍ତି। ତାଙ୍କୁ ଥାନାରେ ରଖାଯାଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ଯଦି ପରିବାର ଲୋକ ନ ଆସନ୍ତି, ତେବେ ଟୁଲୁଙ୍କୁ ଏକ ଡିଷ୍ଟ୍ରେସ୍ ସେଣ୍ଟରରେ ଛାଡ଼ିଦେବୁ ବୋଲି ଥାନାଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬ଟାରେ ଟୁଲୁ ବିଜ୍ଞାପନ ହୋର୍ଡିଂ ଉପରେ ଚଢ଼ିଯାଇଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ଓ ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଏକ ଦୌଡ଼ିରେ ବାନ୍ଧି ତଳକୁ ଓହ୍ଲାଇଥିଲେ।

ଉଲ୍ଲେଖଯୋଗ୍ୟ, ୩ ମାସ ତଳେ ଉକ୍ତ ହୋର୍ଡିଂ ଉପରେ ମଧ୍ୟ ସମାନ ଘଟଣା ଘଟିଥିଲା। ନବୀନ ପଟ୍ଟନାୟକଙ୍କୁ ୯ବର୍ଷ ତଳର ପ୍ରତିଶ୍ରୁତିକୁ ମନେପକାଇ ଦେବାକୁ ରାଉରକେଲାରୁ ଚାଲି ଚାଲି ଆସି ଭୁବନେଶ୍ୱରରେ ପହଞ୍ଚିଥିବା ମୁକ୍ତିକାନ୍ତ ମଣ୍ଡଳଙ୍କୁ ନବୀନ ନିବାସ ଛଡ଼ା ନ ଯିବାରୁ ସେ ଡିସେମ୍ବର ୨୧ରେ ଉକ୍ତ ହୋର୍ଡିଂ ଉପରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅଗ୍ନିଶମ ଟିମ୍ ତାଙ୍କୁ ବହୁତ କଷ୍ଟରେ ଉଦ୍ଧାର କରିଥିଲା।

# ଓଡ଼ିଶାକୁ ମିଳିଲା ୨୮୩.୭୮ କୋଟି ଟଙ୍କା

## ପିଏମ୍ ପୋଷଣ ଦ୍ୱିତୀୟ କିସ୍ତି

ଭୁବନେଶ୍ୱର,୨୨।୩(ବ୍ୟୁରୋ)

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପିଏମ୍ ପୋଷଣ ଯୋଜନାର ଦ୍ୱିତୀୟ କିସ୍ତି ବାବଦକୁ ଓଡ଼ିଶାକୁ ୨୮୩.୭୮ କୋଟି ଟଙ୍କା ଦିଆଯାଇଛି। ଏହି ଅର୍ଥ ଦେବାକୁ ନିକଟରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ପତ୍ର ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଧ୍ୟାନ କରି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ମାଧ୍ୟମରେ ପିଏମ୍ ପୋଷଣର ଦ୍ୱିତୀୟ କିସ୍ତିର ବିଳମ୍ବର କାରଣ ଜଣାଇଥିଲେ।

ପିଏମ୍ ପୋଷଣ ଯୋଜନା ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ବାର୍ଷିକ କାର୍ଯ୍ୟକ୍ରମ ଓ ବଜେଟ ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ଅଂଶ ବାବଦରେ ୫୭୫.୯୮ କୋଟି ଟଙ୍କା ଏବଂ ରାଜ୍ୟ ଅଂଶ ବାବଦରେ ୩୩୦.୯୭ କୋଟି ସମୁଦାୟ ୯୦୬.୯୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା। କେନ୍ଦ୍ର ସରକାର ପ୍ରଥମ କିସ୍ତିରେ ୨୭୯.୯୫ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିବାବେଳେ ରାଜ୍ୟ ପାଖରେ ୮ କୋଟି ଟଙ୍କା ବଳକା ରହିଥିଲା। ଭାରତ ସରକାର ଗତବର୍ଷ ଅକ୍ଟୋବର ୧ରେ ସାମଗ୍ରିକ ଖର୍ଚ୍ଚକୁ ୯.୬ ପ୍ରତିଶତ ବୃଦ୍ଧି କରିଥିଲେ। ଅନୁରୂପ ଭାବେ କେନ୍ଦ୍ରୀୟ ଅଂଶ ୫୯୬.୭୫ କୋଟି ଟଙ୍କା ହୋଇଥିବାବେଳେ ରାଜ୍ୟର ଅଂଶ ୩୪୪.୨୪ କୋଟି ଟଙ୍କା ହୋଇଥିଲା। ରାଜ୍ୟ ସରକାରଙ୍କୁ ଏହି ଅନୁପାତରେ ନିଜର ଅତିରିକ୍ତ ବଜେଟରେ ଅର୍ଥ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ବଜେଟରେ ଓ ପରେ ନିଜର ଅତିରିକ୍ତ ବଜେଟରେ ବର୍ଦ୍ଧିତ ଆବଣ୍ଟନ ନ ଥିବା କାରଣରୁ କେନ୍ଦ୍ରୀୟ ଅଂଶ ଭାବରେ ୩୩.୩୧ କୋଟି ଏବଂ ରାଜ୍ୟ ଅଂଶ ଭାବରେ ୧୭.୬୮ କୋଟି ନିଅଣ୍ଟ ପଡ଼ିଥିଲା। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକ ପତ୍ର ମାଧ୍ୟମରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ଏବଂ ରାଜ୍ୟ ଅଂଶ ପାଇଁ ଅତିରିକ୍ତ ଅର୍ଥ ବ୍ୟବସ୍ଥା କରିବାକୁ ଅସମର୍ଥ ଥିବା ଦର୍ଶାଇଛନ୍ତି। ରାଜ୍ୟ ସରକାରଙ୍କ ପୂର୍ବ ପ୍ରସ୍ତାବକୁ ତର୍ଜମା କରିବା ପରେ ପିଏମ୍ ପୋଷଣ ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି। ପ୍ରୋଗ୍ରାମ ଆପ୍ରୁଭାଲ ବୋର୍ଡ(ପିଏବି)ର ଅନୁମୋଦନ ଅନୁସାରେ ଦ୍ୱିତୀୟ କିସ୍ତିରେ ରାଜ୍ୟ ସରକାର ୩୦୮.୭୯ କୋଟି ଟଙ୍କା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ବଜେଟରେ କୌଣସି ପ୍ରାବଧାନ କରାଯାଇ ନ ଥିବାରୁ ଭାରତ ସରକାର ଦ୍ୱିତୀୟ କିସ୍ତିରେ ଓଡ଼ିଶାକୁ ପିଏମ୍ ପୋଷଣ ଯୋଜନା ପାଇଁ ୨୮୩.୭୮ କୋଟି ଟଙ୍କା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ତୃତୀୟକୁ ଖସିଲେ ସିରାଜ

### ଆଇସିସି ଦିନିକିଆ ର‌୍ୟାଙ୍କିଙ୍ଗ୍

ଦୁବାଇ,୨୨।୩(ପି.ଟି)

ଆଇସିସି ଦିନିକିଆ ବୋଲର ର‌୍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନରେ ରହିଥିବା ମହମ୍ମଦ ସିରାଜ ତୃତୀୟ ସ୍ଥାନକୁ ଖସିଛନ୍ତି। ଅଷ୍ଟ୍ରେଲିଆର ଜୋଶ ହେଜେଲଉଡ୍ ଆଇସିସି ର‌୍ୟାଙ୍କିଙ୍ଗ୍‌ରେ ପ୍ରଥମ ସ୍ଥାନକୁ ଉଠିଛନ୍ତି। ଅନ୍ୟତମ ଅଷ୍ଟ୍ରେଲୀୟ ବୋଲର ମିଚେଲ୍ ଷ୍ଟାର୍କ ପ୍ରଥମ ଦୁଇ ଦିନିକିଆରେ ୮ ଉଇକେଟ ଅକ୍ତିଆର କରିବା ସହିତ ଯୁଗ୍ମ ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଥମ ଦିନିକିଆରେ ସିରାଜ ୩/୨୯ର ଫିଗର ହାସଲ କରିଥିବା ବେଳେ ଦ୍ୱିତୀୟ ଦିନିକିଆରେ ୩ ଓଭରରେ ୩୭ ରନ୍ ବ୍ୟୟ କରିବା ସହ ପ୍ରଥମ ସ୍ଥାନ ହରାଇଥିଲେ। ଜାନୁଆରୀ ମାସରେ ପ୍ରଥମ ଥର ପାଇଁ ସିରାଜ ଏକ ନମ୍ବର ବୋଲରର ମାନ୍ୟତା ହାସଲ କରିଥିଲେ। ଭାରତ ବିପକ୍ଷ ଦିନିକିଆ ସିରିଜରୁ ବାଦ୍ ପଡିଥିବା ହେଜେଲଉଡଙ୍କର ଏହା କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ। ଜୁନ୍ ୨୦୧୭ରେ ପ୍ରଥମ ଥର ପାଇଁ ଆଇସିସି ର‌୍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ୨୦୨୨ ଯାଏ ସେ ଏହି ର‌୍ୟାଙ୍କିଙ୍ଗ ବଜାୟ ରଖିଥିବା ବେଳେ କ୍ୟାରିୟରରେ ପ୍ରଥମ ଥର ପାଇଁ ଏକ ନମ୍ବରରେ ପହଞ୍ଚିଛନ୍ତି। ଭାରତୀୟ ବୋଲର ମହମ୍ମଦ ଶାମି ୫ସ୍ଥାନ ଉପରକୁ ଉଠି ୨୮ତମ ସ୍ଥାନରେ ପହଞ୍ଚିଛନ୍ତି। ପ୍ରଥମ ଦିନିକିଆରେ ଅପରାଜିତ ୭୫ ରନ୍‌ର ଇନିଂସ ଖେଳିଥିବା ଲୋକେଶ ରାହୁଲ ୩୯ ତମ ସ୍ଥାନରେ ପହଞ୍ଚିଛନ୍ତି।

### ଜୁନିୟର ମହିଳା ଜୋନାଲ ହକି

# ବିହାରକୁ ୪-୦ରେ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି)

ରାଞ୍ଚିର ଖୁଣ୍ଟିଠାରେ ଚାଲିଥିବା ଜୁନିୟର ମହିଳା ଇଷ୍ଟଜୋନ୍ ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ୪-୦ ଗୋଲରେ ବିହାରକୁ ପରାସ୍ତ କରିଛି। ପ୍ରତିଭା କିଣ୍ଡୋ ୪୬ ଓ ୫୫ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ରମ୍ଭା କୁଜୁର ୩୪ ଓ ସୁପ୍ରିୟା କୁଜୁର ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ଇଷ୍ଟଜୋନ୍ ମ୍ୟାଚ ମଧ୍ୟରେ ଝାଡ଼ଖଣ୍ଡ ୧୨-୦ରେ ବେଙ୍ଗଲକୁ ଏବଂ ମିଜୋରାମ ୧୧-୧ ଗୋଲରେ ଆସାମକୁ ପରାସ୍ତ କରିଛି। ସାଉଥ୍ ଜୋନ୍ ମ୍ୟାଚରେ କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ ଓ ତାମିଲନାଡୁ ବୃହତ୍ ବିଜୟ ହାସଲ କରଛନ୍ତି। ସେହିପରି ନର୍ଥ ଜୋନ୍‌ରେ ହରିୟାଣା, ଉତ୍ତର ପ୍ରଦେଶ ଓ ଦିଲ୍ଲୀ ବିଜୟ ହାସଲ କରିଛି।

# ଆଇଟିଏଫ୍ ଟାଇଟଲ ଲକ୍ଷ୍ୟରେ କବିର

ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ସର୍ବୋଚ୍ଚ ର‌୍ୟାଙ୍କପ୍ରାପ୍ତ ଟେନିସ ଖେଳାଳି କବିର ହଂସଙ୍କୁ ବୁଧବାର ସମ୍ବର୍ଦ୍ଧିତ କରାଯାଇଛି। ତୃପ୍ତି ଏଣ୍ଟରପ୍ରାଇଜେସର ନିର୍ଦ୍ଦେଶକ ଶୁଭେନ୍ଦୁ ମହାନ୍ତି ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡ଼ିଶା ଟେନିସ ଆସୋସିଏଶନ ପକ୍ଷରୁ ସମ୍ବିତ ପଟ୍ଟନାୟକ, କବିରଙ୍କ ପୂର୍ବତନ କୋଚ୍ ଅଜୟ ନିଶଙ୍କ, ଶୁଭ୍ରାଂଶୁ ଷଡ଼ଙ୍ଗୀ, ଲଳିତ ଦାଶ, ବର୍ତ୍ତମାନର କୋଚ୍ ଜଇମିନ ମେହେଟା, ଅନିଲ ଧୀର, ସତ୍ୟବ୍ରତ ସାନୁ ରଥୋ ପ୍ରମୁଖ ଉପସ୍ଥିତ ଥିଲେ। କୌଶିକ ମହାପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଯାତ୍ରା ପଥରେ ସମର୍ଥନ କରି ଆସିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଆଇଟିଏଫ୍ ଟାଇଟଲ ବିଜୟ ଏବଂ ୧୦୦ ଏଟିପି ପଏଣ୍ଟ ତାଙ୍କର ଲକ୍ଷ୍ୟ ଥିବା କବିର ପ୍ରକାଶ କରିଥିଲେ।



ସମ୍ବର୍ଦ୍ଧିତ ହେବା ଅବସରରେ କବିର ହଂସ (ଡାହାଣ)।

ପ୍ରକାଶଯୋଗ୍ୟ ଯେ, ରାଜ୍ୟର ପ୍ରଥମ ଖେଳାଳିଭାବେ କବିର ନିକଟରେ ନୂଆଦିଲ୍ଲୀରେ ଫିନେଷ୍ଟା ଓପନ ଜାତୀୟ ହାର୍ଡକୋର୍ଟ ଟେନିସ ଚାମ୍ପିୟନଶିପ୍ ଟାଇଟଲ (ଡବଲ୍ସ) ଜିତିଥିଲେ। ସର୍ବଭାରତୀୟ ର‌୍ୟାଙ୍କିଙ୍ଗର ପୁରୁଷ ବିଭାଗରେ ସେ ୧୮ତମ ସ୍ଥାନରେ ରହି ବର୍ଷ ଶେଷ କରିଥିଲେ। ୨୦୦୧

### ତୃପ୍ତି ଏଣ୍ଟରପ୍ରାଇଜେସ ପକ୍ଷରୁ ସମ୍ବର୍ଦ୍ଧନା

ଅଗଷ୍ଟ ୨୧ରେ ଭୁବନେଶ୍ୱରରେ ଜନ୍ମିତ କବିର ୨୦୨୩ରେ ପ୍ରଭାବୀ ପ୍ରଦର୍ଶନ ସହ ବର୍ଷ ଆରମ୍ଭ କରିଛନ୍ତି। ଓଡ଼ିଶାର ପ୍ରଥମ ଖେଳାଳି ଭାବେ ସେ ଏଟିପି (ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ୍ସ) ପଏଣ୍ଟ ହାସଲ କରିଛନ୍ତି। ୨୦୨୩ ମାର୍ଚ୍ଚ ୮ରେ କିଶ୍ ଆଇଲାଣ୍ଡରେ ଅନୁଷ୍ଠିତ ଆଇଟିଏଫ୍ ପୁରୁଷ ୧୫କେ ଟୁର୍ନାମେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ଗତ ୧୦ (୨୦୧୩ରୁ ୨୦୨୩) ବର୍ଷ ମଧ୍ୟରେ ସେ ୧୦୦ରୁ ଊର୍ଦ୍ଧ୍ୱ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଏହା ମଧ୍ୟରେ ଏଆଇଟିଏ ପୁରୁଷ ସର୍କିଟରେ ୨୦ ଟାଇଟଲ ସାମିଲ। ଉପଯୁକ୍ତ ସହାୟତା ମିଳିଲେ ସେ ଆଗକୁ ବହୁ ବଡ଼ ଟୁର୍ନାମେଣ୍ଟ ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି କବିର କହିଛନ୍ତି।


ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ ପଦକ ସହ ସରବଜୋତ ସିଂ ଓ ବରୁଣ ତୋମାର।

### ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍

# ସରବଜୋତଙ୍କୁ ସ୍ୱର୍ଣ୍ଣ, ବରୁଣଙ୍କୁ ବ୍ରୋଞ୍ଜ

ଭୋପାଳ,୨୨।୩(ପି.ଟି.)

ଭୋପାଳରେ ବୁଧବାରଠାରୁ ଆରମ୍ଭ ହୋଇଛି ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍। ପ୍ରତିଯୋଗିତାର ପ୍ରଥମ ଦିନରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ପ୍ରତିଯୋଗୀ ସରବଜୋତ ସିଂ ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସମାନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବରୁଣ ତୋମାର। ବିଶ୍ୱ ଚାମ୍ପିୟନ ଶୁଟରଙ୍କୁ ପଛରେ ପକାଇ ୨୧ ବର୍ଷୀୟ ସରବଜୋତ ଓ ୧୯ ବର୍ଷୀୟ ବରୁଣ ଚମତ୍କାର ପ୍ରଦର୍ଶନ କରିବା ସହିତ ଭାରତ ପାଇଁ ଦୁଇଟି ପଦକ ହାସଲ କରିଛନ୍ତି। ୨୦୨୧ରେ ଜୁନିୟର ବିଶ୍ୱ ଚାମ୍ପିୟନ ସରବଜୋତ ଫାଇନାଲରେ ଆଜାରବୈଜାନର ରୁସଲାନ ଲୁନେଭଙ୍କୁ ୧୬-୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସରବଜୋତ କ୍ୱାଲିଫିକେଶନ ସିରଜର ୬ ରାଉଣ୍ଡରେ ଯଥାକ୍ରମେ ୯୮, ୯୭, ୯୯, ୯୭, ୯୭ ଓ ୯୭ ପଏଣ୍ଟ ସ୍କୋର କରିଥିଲେ। ପ୍ରତି ରାଉଣ୍ଡରେ ବୁଲ୍‌ସ ଆଇ ସ୍କୋର କରିବା ସହିତ ଯୋଗ୍ୟତା ପର୍ଯ୍ୟାୟରେ ୫୮୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ଚାଇନାର ଲିଉ ଜିନାଓ ୫୮୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ୫୭୯ ପଏଣ୍ଟ ଅର୍ଜନ କରିଥିବା ବରୁଣ ତୋମାର ଅଷ୍ଟମ ଖେଳାଳି ଭାବରେ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ର‌୍ୟାଙ୍କିଙ୍ଗ ରାଉଣ୍ଡରେ ସରବଜୋତ ୨୫୩.୨ ପଏଣ୍ଟ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଥିବା ବେଳେ ରୁସଲାନ ୨୫୧.୯ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସ୍ୱର୍ଣ୍ଣ ପଦକ ପାଇଁ ଖେଳା ଯାଇଥିବା ମୁକାବିଲାରେ ସରବଜୋତ ୧୦.୪, ୧୦.୪, ୧୦.୩, ୧୦.୨, ୧୦.୨ ଓ ୧୦.୯ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରୁସଲାନ ୧୦.୧, ୧୦.୧, ୯.୬, ୯.୫,୮.୯ ଓ ୧୦.୪ ପଏଣ୍ଟ ସ୍କୋର କରି ପରାଜିତ ହୋଇଥିଲେ। ଅନ୍ୟତମ ଭାରତୀୟ ପ୍ରତିଯୋଗୀ ବରୁଣଙ୍କର ଏହା ଦ୍ୱିତୀୟ ବିଶ୍ୱକପ୍ ପଦକ। ପୂର୍ବରୁ କାଇରୋରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସେ ସରବଜୋତଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏୟାର ପିସ୍ତଲ ବର୍ଗରେ ଭାରତୀୟ ପୁରୁଷ ଦୁଇଟି ପଦକ ହାସଲ କରିଥିଲେ ହେଁ ମହିଳାମାନେ ନିରାଶ କରିଛନ୍ତି। ମାନୁ ଭାକେର, ଦିବ୍ୟା ସୁବ୍ବାରାଜୁ ଓ ରିଦିମ ସାଙ୍ଗୱାନଙ୍କ ଦଳ ଫାଇନାଲ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିଲେ। ଅଲିମ୍ପିଆନ ମାନୁ ଭାକେର ଓ ରିଦିମ ସାଙ୍ଗୱାନଙ୍କ ତୁଳନାରେ ଭଲ ପ୍ରଦର୍ଶନ କରି ଦିବ୍ୟା ୫୭୯ ପଏଣ୍ଟ ସ୍କୋର କରି ର‌୍ୟାଙ୍କିଙ୍ଗ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ। ମାନୁ ୫୬୮ ଓ ରିଦିମ ୫୭୨ ପଏଣ୍ଟ ହାସଲ କରି ଯଥାକ୍ରମେ ୧୬ ଓ ୧୩ତମ ସ୍ଥାନ ହାସଲ କରିଥିଲେ।

## ଫୁଟ୍‌ବଲ ଛାଡ଼ି ଶୁଟିଂକୁ କ୍ୟାରିୟର କରିଥିଲେ

ଭୋପାଳ,୨୨।୩

ଅମ୍ବାଲାର ଭଗୀରଥ ପବ୍ଲିକ୍ ସ୍କୁଲରେ ପାଠ ପଢୁଥିବା ସମୟରେ ସରବଜୋତ ସିଂ ଫୁଟବଲ ଖେଳ ପ୍ରତି ଆଗ୍ରହୀ ଥିଲେ। ୨୦୧୩-୧୪ ସମର କ୍ୟାମ୍ପରେ ଶୁଟିଂ ରେଞ୍ଜରେ ଅଭ୍ୟାସ ଦେଖିବା ପରେ ଏହା ତାଙ୍କୁ ଆକୃଷ୍ଟ କରିଥିଲା। ପେପର ଟାର୍ଗେଟ ଉପରେ ପିସ୍ତଲରେ ଶୁଟିଂ ମନରୁ ଯାଉ ନ ଥିବା ବେଳେ ୨୦୧୪ରେ ଶୁଟିଂକୁ କ୍ୟାରିୟର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ପିତା ଜଣେ ଚାଷୀ ଥିବା ବେଳେ ଶୁଟିଂ ପରି ମହଙ୍ଗା ଖେଳ ପାଇଁ ସହମତି ପ୍ରଦାନ କରିବା କଷ୍ଟସାଧ୍ୟ ଥିଲା। ତେବେ କିଛି ମାସ ଧରି ସରବଜୋତ ନିୟମିତ ଭାବରେ ପିତାଙ୍କୁ ଅନୁରୋଧ କରିବା ସହିତ ପିତା ମାନି ଯାଇଥିଲେ। ଏହାପରେ ସେ ନିଜ ଦକ୍ଷତା ବଳରେ ସଫଳତାର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ କରିବାରେ ଲାଗିଥିଲେ। ୨୦୨୧ରେ ସରବଜୋତ ଜୁନିୟର ଶୁଟିଂ ବିଶ୍ୱକପ୍‌ର ଏୟାର ପିସ୍ତଲ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୨୨ କାଇରୋ ବିଶ୍ୱକପ୍‌ରେ ଅଳ୍ପକେ ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଥିବା ବେଳେ ବୁଧବାର ସେ ଇତିହାସ ରଚିଛନ୍ତି। କାଇରୋର ବିଫଳତା ତାଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ପ୍ରେରଣା ଯୋଗାଇଥିଲା ବୋଲି ସରବଜୋତ କହିଛନ୍ତି।


# Classified Everyday
## 0674-2580101, 2549949


REAL ESTATE

**SALE**

ଭୁବନେଶ୍ୱର-ପୁରୀ **Bypass** ସାଇ ମନ୍ଦିର **NH side,** ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ **30ft.** ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। **9937450545.** D-74830

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ଭୁବନେଶ୍ୱର ଏୟାରଫିଲ୍ଡ ଥାନାରୁ ୧୨ କି.ମି. ଦୂରରେ 1200sqft. ପ୍ଲଟ୍‌କୁ 6,84,000/-, 8,40,000/-ରେ କିଣି ଆଜି ଘର କରନ୍ତୁ। 9938016295. D-74833

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ମଧ୍ୟରେ **Sudhananda School front** ଭିଙ୍ଗାରପୁର ଠାରେ **boundary, road,** ଇଲେକ୍ଟ୍ରିସିଟି ଥାଇ **sqft.-550/-**ରେ ତୁରନ୍ତ **registration** କରନ୍ତୁ। **9114121344.** D-74831

ଭୁବନେଶ୍ୱର, ଜଟଣୀଗେଟ୍ 1200 sqft.-3,60,000/-, ଛତାବର 1200 sqft.- 5,40,000/-, ନଖରା- 300/-. 6371569855. D-74832

**Immediate ଘରକରି ରହିବା ପାଇଁ ବାଲକାଟୀରେ sqft. 1100/- ରେ ଘରବାରି plot ମିଳୁଛି। 8114929186.** D-74660

Urgent sale, new 2 BHK flat (910sqft.), Nandan Vihar, 150Mtrs. from Nandankanan Road, no Broker.Contact-7016920388. D-3046

2 BHK, 3 BHK flats sale, Sai Suman Apartment, Bhubaneswar. Contact: 8249157161. D-73754

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800. D-74528




"Only Professional body massage, Steam- Bath & Body Scrubbing. 9861550765". D-2985

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74664

All types of Professional body massage by professional therapy. Contact: 9556924059 / 7077933109. D-2996

Newly open full body massage ladies and gents. 8327740003, 9861883292. D-74659

Newly open health benefits Spa special offer @999, Nayapalli, 7846814019. D-73694

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063


BUSINESS

ଅଗରବତୀ, ପେପର ପ୍ଲେଟ୍, ସ୍କବର ମେସିନ୍ ବସାଇ ଦିନକୁ ୧୦୦୦ରୁ ୧୮୦୦ ରୋଜଗାର କରନ୍ତୁ। ଫୋନ୍ ନଂ. 9040039118. D-73374

**LOST**

I, Babulal Behera, R/o - At- Sihini, P.O.- Bahabal, Dist.- Bolangir declare that the RoR of holding No.150/105 of Mouza-Sihini recorded in my name on dt.01.02.2023. The said RoR has been lost somewehere, while I was comming from Sihini to Belpada. Inspite of my best effort, I could not trace it out. D-3059

**AFFIDAVIT**

I Service No. 4284115Y, Rank NK, Name Manoj Kumar Malik Jamu & Kashmir, Unit 7, BIHAR C/o, 56 APO, Declare that in Army Service record my wife's name & D.O.B. wrongly mentioned as Dali Malik & D.O.B 06.05.1986 please correct it to Dali Pradhan & D.O.B. 03.05.1979 as per her Aadhaar Card & other documents vide Affidavit No. N864105, Date 21 March 2023. Before Executive Magistrate, Bhubaneswar. D-3065

मैं सेवा संख्या 4284115Y, रैंक NK, नाम मनोज कुमार मलिक जम्मू एंड कश्मीर यूनिट 7 बिहार C/o, 56 APO, ने घोषणा की कि सेना सेवा रिकॉर्ड में मेरी पत्नी का नाम और D.O.B गलत तरीके से डाली मलिक और D.O.B 06/05/1986 के रूप में उल्लिखित है। कृपया इसे डाली प्रधान और D.O.B 03/05/1979 को उसके आधार कार्ड और अन्य दस्तावेजों के अनुसार हलफनामे संख्या के अनुसार सही करें। N864105 दिनांक 21 मार्च 2023।
कार्यपालक मजिस्ट्रेट,
भुवनेश्वर के समक्ष
D-3066

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି
(ଦଶାହ ଉପଲକ୍ଷେ)



**୰ଭାରତ ବିହାରୀ ମିଶ୍ର (ସାନୁ)**
ପୁରୁଣା ସଦରଥାନା ଲେନ୍, ପୁରୀ-୧
ଆବିର୍ଭାବ: ୨୩ ସେପ୍ଟେମ୍ବର ୧୯୭୩
ତିରୋଧାନ: ୧୪ ମାର୍ଚ୍ଚ ୨୦୨୩

ତୋର ବିୟୋଗ ଆମ ପରିବାରରେ ସୃଷ୍ଟି କରିଛି ଅପୂରଣୀୟ ଶୂନ୍ୟସ୍ଥାନ । ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ପରୋପକାରିତା ଆମ ପାଇଁ ଚିର ପାଥେୟ ହେଉ । ତୋ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛି ।
ତୋର ହତଭାଗିନୀ ବୋଉ ଶ୍ରୀମତୀ ପ୍ରତିମା ମିଶ୍ର, ବିଶ୍ୱବିହାରୀ ମିଶ୍ର, ସଂଜୀବ ମିଶ୍ର (ଭାଇ) ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୭୩୫୩୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


# ଅର୍ଶଦ, ସୁମିତଙ୍କ ଶତକ, ଦେବାଶିଷ, ଗୌତମଙ୍କୁ ୫ ଉଇକେଟ


ଅର୍ଶଦ କିଶୋର


ଦେବାଶିଷ ବାଘ

### କଳାହାଣ୍ଡି କପ୍

ଭୁବନେଶ୍ୱର,୨୨।୩ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟସ୍ତରୀୟ କଳାହାଣ୍ଡି କପ୍ କ୍ରିକେଟରେ ବୁଧବାର ସମ୍ବଲପୁର, କିଟ୍, ବୌଦ୍ଧ, କୋରାପୁଟ ଓ ବଲାଙ୍ଗୀର ବିଜୟ ହାସଲ କରିଛନ୍ତି। ବରଗଡର ସୁମିତ କେ. ରାୟ ଓ କୋରାପୁଟର ଅର୍ଶଦ କିଶୋର ଶତକ ମାରିଥିବା ବେଳେ ବୌଦ୍ଧର ଦେବାଶଷ ବାଘ ଓ ସୋନପୁରର ଗୌତମ ଦାସ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ ଟୁକୁନା ସାହୁଙ୍କ ଅଲରାଉଣ୍ଡ ପ୍ରଦର୍ଶନ ସତ୍ତ୍ୱେ ସମ୍ବଲପୁର ୬୬ ରନ୍‌ରେ ଅନୁଗୁଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ୩୮ ଓଭରରେ ୯ ଉଇକେଟରେ ୨୦୧ ରନ୍ କରିଥିଲା। ସୟଦ ଜାକି ୫୮ ରନ୍ କରିଥିବା ବେଳେ ମିଳନ ସାମଲ ୩ ଓ ଟୁକୁନା ସାହୁ ୨ ଉଇକେଟ ନେଇଥିଲେ। ଜବାବରେ ଟୁକୁନାଙ୍କ ୭୧ ରନ୍ ସତ୍ତ୍ୱେ ଅନୁଗୁଳ ୩୧.୪ ଓଭରରେ ୧୩୫ ରନରେ ଅଲଆଉଟ ହୋଇଥିଲା। ସମ୍ବଲପୁର ପକ୍ଷରୁ ରାହୁଲ ବିଶ୍ୱକର୍ମା ୪ ଉଇକେଟ ନେଇଥିଲେ। ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳା ଯାଇଥିବା ଅନ୍ୟ ଏକ ମ୍ୟାଚରେ କିଟ୍ ୮୪ ରନ୍‌ରେ ବରଗଡକୁ ପରାସ୍ତ କରିଛି। ସୁଦର୍ଶନ ରାଉତଙ୍କ ୮୯ ଓ ଅନୀଶ ରାଉତଙ୍କ ୫୪ ରନ୍ ବଳରେ କିଟ୍ ୫୦ ଓଭରରେ ୮ ଉଇକେଟରେ ୩୩୦ ରନ୍ କରିଥିଲା। ଜବାବରେ ସୁମିତ୍ କେ. ରାୟଙ୍କ ୧୦୦ ରନ୍ ସତ୍ତ୍ୱେ ବରଗଡ ୯ ଉଇକେଟରେ ୨୪୬ ରନ୍ କରିଥିଲା। ଆଦର୍ଶପୁର ଗ୍ରାଉଣ୍ଡରେ ବୌଦ୍ଧ ୭ ଉଇକେଟରେ ନବରଙ୍ଗପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନବରଙ୍ଗପୁର ୧୧୪ ରନରେ ଅଲଆଉଟ ହୋଇଥିଲେ। ବୌଦ୍ଧର ଦେବାଶିଷ ୩୦ ରନ୍‌ରେ ୬ ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ୨୧.୫ ଓଭରରେ ୩ ଉଇକେଟ ହରାଇ ୧୧୬ ରନ୍ କରିଥିଲା। ଏମ୍‌ଜିଏମ୍ ଗ୍ରାଉଣ୍ଡରେ କୋରାପୁଟ ୧୦୩ ରନ୍‌ରେ ସୋନପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି କୋରାପୁଟ ଅର୍ଶଦଙ୍କ ୧୧୨ ରନ୍ ବଳରେ ୫୦ ଓଭରରେ ୮ ଉଇକେଟରେ ୨୭୬ ରନ୍ କରିଥିଲା। ସୋନପୁରର ଗୌତମ ଦାସ ୫୭ ରନ୍‌ରେ ୫ ଉଇକେଟ ନେଇଥିଲେ। ଜବାବରେ ଚିନ୍ମୟ ପଣ୍ଡାଙ୍କ ୪ ଉଇକେଟ ସଫଳତା ବଳରେ ସୋନପୁର ୧୭୩ ରନ୍‌ରେ ଅଲଆଉଟ ହୋଇଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚରେ ବଲାଙ୍ଗୀର ୯୮ ରନ୍‌ରେ ଦେବଗଡକୁ ପରାସ୍ତ କରିଛି। ଡି ଗୌରବଙ୍କ ୫୮ ରନ୍ ବଳରେ ବଲାଙ୍ଗୀର ୯ ଉଇକେଟରେ ୨୩୪ ରନ୍ କରିଥିଲା। ଦେବଗଡ ୩୪.୫ ଓଭରରେ ୧୩୬ ରନ୍‌ରେ ସୀମିତ ରହିଥିଲା।

# ଓସ୍କାରରେ ଭାରତୀୟ ସିନେମାର ଭୂମିକା

**ଭା**ରତୀୟ ସିନେମାର ଐତିହାସିକ ବର୍ଷ ଥିଲା ୨୦୨୩ ମସିହା। ଲସ୍ ଏଞ୍ଜେଲ୍ସର ଡଲ୍‌ବି ଥିଏଟରରେ ଆୟୋଜିତ ୯୫ତମ ଓସ୍କାର ଆୱାର୍ଡ ପ୍ରଦାନ ଉତ୍ସବରେ ଶ୍ରେଷ୍ଠ ମୌଳିକ ସଙ୍ଗୀତ ବର୍ଗରେ ତେଲୁଗୁ ସିନେମା 'ଆର୍‌ଆର୍‌ଆର୍'ର 'ନାଟୁ ନାଟୁ' ଗୀତ ଏବଂ ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର ଭାବରେ 'ଦି ଏଲିଫ୍ୟାଣ୍ଟ ହ୍ୱିସ୍‌ପର୍ସ' ଓସ୍କାର ଆୱାର୍ଡ ଜିତି ଭାରତୀୟ ସିନେମାକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ,



ପ୍ରତିଯୋଗିତାରେ ସାମିଲ ହୋଇଥିବା ଚଳଚ୍ଚିତ୍ର ସମୂହ କୌଣସି ଭାଷାଭାଷୀରୁ କପି ସିନେମା ହୋଇ ନ ଥିବ ଏବଂ ସଙ୍ଗୀତରେ ମଧ୍ୟ ବାସ୍ତବତା ଥିବ। ଏହି ପୁରସ୍କାର ବିଶ୍ୱ ସିନେମାର ସର୍ବୋଚ୍ଚ ସମ୍ମାନ।

'ଆର୍‌ଆର୍‌ଆର୍' ଚଳଚ୍ଚିତ୍ରଟି ଦୁଇ ସ୍ୱାଧୀନତା ସଂଗ୍ରାମୀଙ୍କ କାହାଣୀ ଉପରେ ପର୍ଯ୍ୟବସିତ। ଦୁଇ ସାଙ୍ଗ (ଭୀମ ଏବଂ ରାମ)ଙ୍କର ବନ୍ଧୁତ୍ୱ ଓ ସଂଘର୍ଷକୁ ନେଇ କାହାଣୀ ଗତିଶୀଳ ହୋଇଛି। ଉଭୟେ ଏକମନ ହୋଇ ବ୍ରିଟିଶ ଅତ୍ୟାଚାରୀଙ୍କୁ ମୁକାବିଲା କରିଛନ୍ତି। ଏହା ହିଁ ସିନେମାରେ ଚମତ୍କାର ଭାବେ ପ୍ରଦର୍ଶିତ ହୋଇଛି। ଏସ୍.ଏସ୍. ରାଜମୌଳିଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ସଙ୍ଗୀତ ସଂଯୋଜନା କରିଛନ୍ତି ଏମ୍.ଏମ୍. କିରାଭାନି। 'ନାଟୁ ନାଟୁ' ଗୀତ ରଚନା କରିଛନ୍ତି ଚନ୍ଦ୍ରା ବୋଷ ଏବଂ ଗାଇଛନ୍ତି ଗାୟକ ରାହୁଲ ସିପ୍‌ଲିଗୁଞ୍ଜ ଓ କାଳଭୈରବ। ଏହି ଗୀତରେ ଜୁନିୟର ଏନ୍.ଟି.ଆର ଓ ରାମ ଚରଣଙ୍କ ନୃତ୍ୟ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛି ତାହା କହିବା ବାହୁଲ୍ୟ। ଏହି ନୃତ୍ୟର ଶୁଟିଂ ପ୍ରାୟ ୨୦ ଦିନ ଧରି ୟୁକ୍ରେନ୍ ରାଜଧାନୀ କିଭ୍‌ରେ କରାଯାଇଥିଲା। ଏହାର କୋରିଓଗ୍ରାଫି କରିଥିଲେ ପ୍ରେମ୍ ରକ୍ଷିତ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଭାରତୀୟ ନିର୍ଦ୍ଦେଶକଙ୍କ ଅନୁରୋଧକ୍ରମେ ଉକ୍ତ ଗୀତ ଶୁଟିଂ ପାଇଁ ଅନୁମତି ଦେଇଥିଲେ। ଗୀତିକାର ପ୍ରଥମେ ଏହି ଗୀତର ୯୦ ପ୍ରତିଶତ ଅଧା ଦିନରେ ରଚନା କରିଥିଲେ। କିନ୍ତୁ ଅବଶିଷ୍ଟ ୧୦ ପ୍ରତିଶତ ଲେଖିବାକୁ ତାଙ୍କୁ ୧୯ ମାସ ଲାଗିଥିଲା। ସେହିଭଳି ପ୍ରାମାଣିକ ଚଳଚ୍ଚିତ୍ର 'ଦି ଏଲିଫ୍ୟାଣ୍ଟ ହ୍ୱିସ୍‌ପର୍ସ' ହେଉଛି ଦୁଇ ଭାରତୀୟ ମହିଳାଙ୍କ ସଫଳତାର ଅନନ୍ୟ କାହାଣୀ। ସେମାନେ ହେଲେ ପ୍ରଯୋଜିକା ଗୁନୀତ ମୋଙ୍ଗା ଓ ନିର୍ଦ୍ଦେଶିକା କାର୍ତ୍ତିକୀ ଗୋନ୍‌ସାଲଭେସ୍। ଉକ୍ତ ଚଳଚ୍ଚିତ୍ରଟି ମଣିଷ ଓ ପଶୁ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ନେଇ ପ୍ରସ୍ତୁତ ହୋଇଛି। ରଘୁ ନାମକ ଏକ ଅନାଥ ହାତୀଛୁଆର ଜୀବନଶୈଳୀ ତଥା ଆଦିବାସୀ ଦମ୍ପତି ବୋମନ ଓ ବୋଲିଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପରିବେଷିତ ହୋଇଛି। ହାତୀଛୁଆ 'ରଘୁ'ର ଛୋଟରୁ ବଡ଼ ହେବା ପର୍ଯ୍ୟନ୍ତ ଦୀର୍ଘ ୫ ବର୍ଷ ଧରି ପର୍ଯ୍ୟାୟକ୍ରମେ ଏହାର ଶୁଟିଂ କରାଯାଇଥିଲା। ପ୍ରାଣୀଜଗତ ଓ ମନୁଷ୍ୟ ମଧ୍ୟରେ ସମନ୍ୱୟ ଭାବ ସୃଷ୍ଟି ହେଲେ ତାହା ପରିବେଶ ଉପରେ ଅନୁକୂଳ ପ୍ରଭାବ ପକାଏ। ପ୍ରତିଟି ଜୀବ ମୂଲ୍ୟବାନ। ସେ ହିଂସ୍ର ହେଲେ ମଧ୍ୟ ସ୍ନେହ ଆଦର ଆଗରେ ସେମାନଙ୍କର ହିଂସ୍ରତ୍ୱ କମିଯାଇଥାଏ। ଆମେ ସେମାନଙ୍କ ପ୍ରତି କଠୋରତା ପ୍ରଦର୍ଶନ ନ କରି ଦୟାଶୀଳ ହେଲେ ତାହା ସମାଜ ପ୍ରତି ମଙ୍ଗଳପ୍ରଦ ହେବ। ଏହା ହିଁ ଏହି ଚଳଚ୍ଚିତ୍ରର ମୂଳମନ୍ତ୍ର।

ଭାରତୀୟ ସିନେମା ଜଗତ ପାଇଁ ଏହି ଦୁଇ ଆଞ୍ଚଳିକ ପୁରସ୍କାର ଆଗାମୀ ଦିନରେ ନୂତନ ପ୍ରଯୋଜକ ଓ ନିର୍ଦ୍ଦେଶକ, କଳାକାର ଓ ସଙ୍ଗୀତକାରମାନଙ୍କ ପାଇଁ ଉତ୍ସାହ ଆଣିବା ସହ ଦିଗ୍‌ଦର୍ଶନ ଦେଖାଇବାରେ ବେଶ୍ ସହାୟକ ହେବ। ବାସ୍ତବ ସିନେମାର ପ୍ରଭାବ ରହିଛି ଓ ରହିବ। ମୌଳିକତାକୁ ବାଦ୍‌ଦେଲେ ସିନେମା ନିର୍ମାଣର ସ୍ଥିତି କେବେ ବି ପ୍ରଭାବଶାଳୀ ହେବ ନାହିଁ। ଆମେ ଭଲ ସିନେମା ନିର୍ମାଣ କଲେ ଦର୍ଶକ ସବୁବେଳେ ସବୁ ସମୟରେ ଆପଣେଇ ନେବେ।

–ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର–୧୮
ମୋ : ୯୮୬୧୦୦୯୨୫୨

# ହଁ-ନା ଖେଳ

**ଚ**ଙ୍କି ତନୟା ଅନନ୍ୟା ପାଣ୍ଡେଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ହେଲେ କ'ଣ ପାଇଁ ଜାଣନ୍ତି ? ସେ କୁଆଡ଼େ ଜଣେ ବିଜ୍‌ନେସମ୍ୟାନଙ୍କ ପ୍ରେମରେ ପଡିଯାଇଛନ୍ତି। ହେଲେ ଯେତେବେଳେ ଏକଥା ଅନନ୍ୟାଙ୍କ କାନରେ ବାଜିଲା ସେ ଆଉ ଚୁପ୍ ହୋଇ ବସି ରହିପାରିଲେ ନାହିଁ। ଶେଷରେ ଏ ନେଇ ମୁହଁ ଖୋଲିଛନ୍ତି ଏହି ଅଭିନେତ୍ରୀ। ଏଭଳି ଆଲୋଚନାକୁ ନେଇ ସେ କହନ୍ତି, 'ମୋତେ ନେଇ ଯେଉଁ ଆଲୋଚନା ହେଉଛି ତା' ପଛରେ କିଛି ସତ୍ୟତା ନାହିଁ। କେହି ମୋତେ ବଦନାମ କରିବାକୁ ଏପରି ଅପପ୍ରଚାର ଚଳାଇଛି। ଯେଉଁ ବିଜ୍‌ନେସମ୍ୟାନଙ୍କ ସହ ମୋ ନାମକୁ ଯୋଡାଯାଉଛି ସେ ମୋର ବନ୍ଧୁ। ନିକଟରେ ମୁଁ ସାଇନ୍ କରିଥିବା ନୂଆ ସିନେମାର ସେ ଶେୟାର ପାର୍ଟନର। ତାଙ୍କ ସହିତ ମୋର କେବଳ ବନ୍ଧୁତା ରହିଛି। ଏପରି ବନ୍ଧୁତାକୁ ଯଦି କେହି ଭିନ୍ନ ଦୃଷ୍ଟିରେ ଦେଖନ୍ତି ତେବେ ମୋର କିଛି କହିବାର ନାହିଁ। ଅସଲ କଥା ହେଲା, ବର୍ତ୍ତମାନ ମୁଁ ମୋ କ୍ୟାରିୟର ପ୍ରତି ବେଶ୍ ସିରିୟସ। ତେଣୁ ପ୍ରେମ କରିବାକୁ ସମୟ ନାହିଁ।' ତେବେ ଅନନ୍ୟାଙ୍କର ଏହି ପ୍ରେମ କାହାଣୀ ପଛରେ ଥିବା ହଁ-ନା ଖେଳରେ କି ସତ୍ୟତା ଅଛି ତାହା କେବଳ ତାଙ୍କୁ ହିଁ ଜଣା।


ଅନନ୍ୟା

# କଥା ଆଇନାର


ମୁସ୍‌କାନ-ଦୀପକ

**ଆ**ଇନାରେ ଆମେ ନିଜ ରୂପକୁ ଠିକ୍ ଭାବରେ ଦେଖିପାରୁ। ସେ କେବେ ମିଛ କହେନା। ହେଲେ ଆଇନା ମଧ୍ୟ ପ୍ରେମର ସାକ୍ଷୀ ପାଲଟି ଯାଇଛି। ତେବେ ସେଭଳି ପ୍ରେମକୁ ନେଇ ଆଶା ବାନ୍ଧିଥିବା ପ୍ରେମୀଯୁଗଳ କ'ଣ ନିଜ ଲକ୍ଷ୍ୟ ହାସଲ କରିପାରୁଛନ୍ତି। ହଁ, ଏଭଳି ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିର ଝଲକ ଦେଖିବାକୁ ମିଳିବ ରିଲିଜ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା 'ଆଇନା କେବେ ମିଛ କହେନା'ରେ। ଏହି ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି ଏବଂ ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଦୁଇ ଭାଇଙ୍କ ଭିତରେ ଥିବା ସ୍ନେହ କେତେ ନିବିଡ଼ ହୋଇପାରେ ତାହା ଏଥିରେ ଦେଖିବାକୁ ମିଳିବ। ଏଥିରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଦୀପକ। ଏ ସମ୍ପର୍କରେ ଦୀପକ କୁହନ୍ତି, 'ଏହି ଫିଲ୍ମର କାହାଣୀରେ ଅନେକ ନୂଆ କଥା ରହିଛି। ଲଭ୍, ଇମୋଶନ, କମେଡିର ମଜା ଦର୍ଶକ ଏଥିରୁ ପାଇପାରିବେ। ଏଥିରେ ମୁଁ ସାନଭାଇ ଭୂମିକାରେ ଅଭିନୟ କରିଛି। ଫିଲ୍ମଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ମଧ୍ୟ ଆଶା ରହିଛି।' ଆଶିଷ ସିହ୍ନାଙ୍କ ପ୍ରଯୋଜିତ ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ଶ୍ରୀତମ ଦାସ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଏହି ସିନେମାରେ ଦୀପକଙ୍କ ନାୟିକା ସାଜିଛନ୍ତି ନବାଗତା ମୁସ୍‌କାନ। ଏମାନଙ୍କ ବ୍ୟତୀତ ଶ୍ରୀତମ ଦାସ, ହରିହର ମହାପାତ୍ର ଏବଂ ସୁକାନ୍ତ ରଥଙ୍କୁ ମଧ୍ୟ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।

ଛୋଟ ପରଦା

# ସାଥୀରେ

**ଅ**ନ୍ୟତମ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ–ସାର୍ଥକରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ସାଥୀରେ' ସାଉଁଟି ଚାଲିଛି ସଫଳତା ପରେ ସଫଳତା। ବର୍ତ୍ତମାନ କାହାଣୀ ଉତ୍କଣ୍ଠାପୂର୍ଣ୍ଣ ମୋଡରେ ପହଞ୍ଚିଛି ଏବଂ ଛୋଟ ପରଦାର ଦର୍ଶକ ଏଥିରୁ ଭରପୂର ମନୋରଞ୍ଜନ ପାଇପାରୁଛନ୍ତି। ଏହାର ମୁଖ୍ୟ ଚରିତ୍ରରେ ଅଭିନୟ କରୁଛନ୍ତି 'ଦିବ୍ୟଦୃଷ୍ଟି' ଫେମ୍ ଅନନ୍ୟା (ଧାରା) ଏବଂ ମ୍ୟୁଜିକ ଭିଡିଓରୁ କ୍ୟାରିୟର ଆରମ୍ଭ କରିଥିବା ଅଭିଜିତ (ଅମ୍ବର)। ଦୁହିଁଙ୍କ ସହ ଏଥିରେ ଅଭିନୟ କରୁଥିବା ସମସ୍ତ କଳାକାରଙ୍କର ଭାଗ୍ୟଶାଳୀ ଝିଅଟି, ଯିଏ କାନ୍ଦିବା ଶିଖିନି ବରଂ ହସି ହସି ସବୁ ସମସ୍ୟାର ସମାଧାନ କରିଥାଏ। 'ଧାରା ଫ୍ୟାଶନ ହାଉସ'ଟିଏ ଖୋଲିବା ତାହାର ସ୍ୱପ୍ନ ଥିଲା। ଅନ୍ୟପକ୍ଷରେ ଅମ୍ବର ଜଣେ ସଫଳ ବ୍ୟବସାୟୀ ଏବଂ ନିଜ ଲକ୍ଷ୍ୟପଥରେ ପହଞ୍ଚିବାରେ ସବୁବେଳେ ବ୍ୟସ୍ତ। ଏହି ସଫଳ ବ୍ୟବସାୟୀଙ୍କ ମତରେ ମହିଳାମାନେ ସଫଳତାର ରାସ୍ତାରେ ବାଧକ। ତେବେ ଧାରା ପ୍ରେମରେ ପଡିବା ପରେ ଦୁହିଁଙ୍କର ପ୍ରେମ କି ରୂପ ନେଉଛି ତାହାକୁ ନେଇ କାହାଣୀ ଆଗେଇଛି। ଏହି ଧାରାବାହିକର ଅନ୍ୟାନ୍ୟ ଭୂମିକାରେ ଶେଲି ମିଶ୍ର ଓ ସ୍ନିଗ୍ଧା ମହାନ୍ତି ଅଭିନୟ


ଅଭିଜିତ–ଅନନ୍ୟା

ନିଖୁଣ ଅଭିନୟ ଧାରାବାହିକଟିକୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ସକ୍ଷମ ହୋଇଛି। ବିଜୟ କାଣ୍ଡୋଇ ଏହାର ପ୍ରଯୋଜନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ସରୋଜ ଦାଶ। କାହାଣୀ ଅନୁସାରେ ଧାରା ହେଉଛି ଏକ ଚୁଲ୍‌ବୁଲି ଚରିତ୍ରଟିଏ, ଯିଏ ପ୍ରତ୍ୟେକ ପରିସ୍ଥିତିକୁ ସାହସର ସହ ମୁକାବିଲା କରେ। ସେ ଖୁସି ଓ କରୁଛନ୍ତି। ପୂର୍ବରୁ ଜୀ–ସାର୍ଥକର ପ୍ରତିଟି ମେଗା ଧାରାବାହିକକୁ ମିଳିଛି ଦର୍ଶକୀୟ ଆଦୃତି। ଏଥର ବି 'ସାଥୀରେ'କୁ ଓଡ଼ିଆ ଦର୍ଶକ ଭଲପାଇବା ଦେଇଛନ୍ତି ଓ ଆଗକୁ ଏହିପରି ଭଲପାଇବା ଦେବେ ବୋଲି ଜୀ–ସାର୍ଥକ ଚ୍ୟାନେଲର ବିଜ୍‌ନେସ୍ ହେଡ୍ ପ୍ରତୀକ ସିଲ କହିଛନ୍ତି। ଏହି ଧାରାବାହିକ ସୋମବାରରୁ ଶନିବାର ରାତି ୮ଟାରେ ପ୍ରସାରିତ ହେଉଛି।

# ଅନୁତାପ କରୁଛନ୍ତି ପରିଣୀତି

**ବୋ**ହିଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରିଆସେନା ବୋଲି କଥିତ ଅଛି। କଥା କ'ଣ କି ପରିଣୀତି ଚୋପ୍ରାଙ୍କୁ ନିକଟରେ ଏକ ନୂଆ ଅଫର ମିଳିଥିଲା। କିନ୍ତୁ ତରବର ହୋଇ ସେ ଯେଉଁ ନିଷ୍ପତ୍ତି ନେଲେ ତାହାକୁ ନେଇ ସେ ଅନୁତାପ କରୁଛନ୍ତି। କାହାଣୀ ଏବଂ ନିଜ ଭୂମିକା ବିଷୟରେ ଅବଗତ ହେବା ପରେ ସେ ଏହି ପ୍ରୋଜେକ୍ଟରେ ଅଭିନୟ କରିବେ ନାହିଁ ବୋଲି ଜଣାଇ ଦେଇଥିଲେ। କିନ୍ତୁ ଏଭଳି ନିଷ୍ପତ୍ତି ନେବାର କିଛିଦିନ ପରେ ସେ ପୁଣି ଥରେ ତାଙ୍କର ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲେ। ଏ ନେଇ ପରିଣୀତି କହନ୍ତି, 'କାହାଣୀ ଶୁଣିବା ପରେ ତାହା ମୋତେ ପ୍ରଭାବିତ କରିପାରି ନ ଥିଲା। କିନ୍ତୁ ପରେ ଭଲ ଭାବରେ ଚିନ୍ତା କଲି ଏବଂ ସେହି ଫିଲ୍ମଟିରେ ଅଭିନୟ କରିବା ଠିକ୍ ହେବ ବୋଲି ଭାବିଥିଲି। ଯେତେବେଳେ ମୋର ପରିବର୍ତ୍ତିତ ନିଷ୍ପତ୍ତି ବିଷୟରେ ପ୍ରଯୋଜନା ସଂସ୍ଥାକୁ ଜଣାଇଲି ସେତେବେଳେ ସେପଟୁ ମୋତେ ଅପେକ୍ଷା କରିବାକୁ କୁହାଯାଇଥିଲା। ୟା ଭିତରେ କିଛି ସପ୍ତାହ ଗଡିଗଲାଣି। ମୋତେ ଲାଗୁଛି ବୋଧହୁଏ ସେମାନେ ଆଉ ମୋତେ ଯୋଗାଯୋଗ କରିବେ ନାହିଁ। ତେଣୁ ସେହି ଆଶାରେ ପୂର୍ଣ୍ଣଚ୍ଛେଦ ଟାଣିଦେବା ହିଁ ଠିକ୍ ହେବ।' ପରିଣୀତିଙ୍କ ଅଭିନୀତ 'ଚମ୍‌କିଲା'ର ଶୁଟିଂ ଶେଷ ହୋଇଥିବା ବେଳେ 'କ୍ୟାପ୍‌ସୁଲ ଗିଲ୍'ର ନିର୍ମାଣ ଚାଲୁ ରହିଛି।


ପରିଣୀତି

# କିଆରା ଯାହା ଖୋଜୁଥିଲେ...

**କି**ଆରା ଆଡଭାନୀ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଆଗକୁ ପଛକୁ ବିଚାର ନ କରି ସିନା ସେ ଫିଲ୍ମଟି ସାଇନ୍ କରିଦେଲେ, ହେଲେ ଏଥିରେ ତାଙ୍କୁ ମିଳିଥିବା ଭୂମିକାରେ କମେଡି ତଡକା ରହିଛି। ତେଣୁ ଏବେ କମେଡି ଶିଖିବାକୁ ଅଣ୍ଟା ଭିଡିଛନ୍ତି ସେ। ତେବେ ଏ ନେଇ କିଆରା ଗୁରୁ ମଧ୍ୟ ଯୋଗାଡ କରିସାରିଲେଣି। ସେ କିଏ ଜାଣନ୍ତି ? ପରେଶ ରାଓ୍ୱଲ। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କ ପରି ଜଣେ ଅଲ୍‌ରାଉଣ୍ଡରଙ୍କ ସହ ତାଙ୍କର ଦେଖା ହୋଇଥିଲା। ବାସ୍, ସେହି ସମୟର ସଦୁପଯୋଗ କରିବାକୁ ପଛାଇ ନ ଥିଲେ କିଆରା। ପରେଶଙ୍କ ସହ କଥାବାର୍ତ୍ତା ସମୟରେ ସେ ନିଜ ମନ କଥା ତାଙ୍କୁ କହିଥିଲେ। ବାସ୍ ତା'ପରେ ପରେଶ କମେଡି କରିବାକୁ ହେଲେ କେଉଁ କେଉଁ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡିବ ସେ ନେଇ ଟିପ୍ସ ଦେଇଥିଲେ। କିଆରା ଯାହା ଖୋଜୁଥିଲେ ତାହା ସିନା ତାଙ୍କୁ ମିଳିଗଲା, ହେଲେ ସେହି ଟିପ୍ସଗୁଡିକୁ ସେ କେତେ କାମରେ ଲଗାଉଛନ୍ତି ତାହା ଦେଖିବାକୁ ବାକି ରହିଲା। ସେ ସାଇନ୍ କରିଥିବା ନୂଆ ସିନେମାର ପ୍ରାରମ୍ଭିକ କାମ ଚାଲୁ ରହିଛି।


କିଆରା

## ଅତୀତରୁ

❖ବୃନ୍ଦାବନ ଜେନାଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା 'ବାଟ ଅବାଟ'। ଏହାର ନାୟକ ଭୂମିକାରେ ଅଜିତ ଦାସ ଅଭିନୟ କରିଥିବା ବେଳେ ନାୟିକା ସାଜିଥିଲେ ମହାଶ୍ୱେତା ରାୟ।

❖ଓଡ଼ିଆ ସିନେମା 'ଅକ୍ଷୟ ତୃତୀୟା'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଶରତ ପୂଜାରୀ, ଅନିତା ଦାସ, ଦୀପା ସାହୁ, ପ୍ରସନ୍ନ ମିଶ୍ର ପ୍ରମୁଖ କଳାକାର। ଏହାର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ।

❖ଓଡ଼ିଆ ଚଳଚ୍ଚିତ୍ର 'ବତାସୀ ଝଡ଼'ର ନାୟକ ଭୂମିକାରେ ଦେଖାଦେଇଥିଲେ ଅକ୍ଷୟ ମହାନ୍ତି (କାଶ୍ୟପ)। ଆରତି ଦାସ ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶକ ଥିଲେ ରମେଶ ମହାନ୍ତି।

❖ଓଡ଼ିଆ ସିନେମା 'କାଚଘର'ର ପ୍ରଯୋଜନା କରିଥିଲେ କାମିନୀ ତ୍ରିପାଠୀ। ଚିତ୍ରଟିର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ସୁରେଶ, ଜ୍ୟୋତ୍ସ୍ନା, ବିନୋଦ, ବିନି ଆଦି କଳାକାର। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ବ୍ୟୋମକେଶ ତ୍ରିପାଠୀ।

❖ଓଡ଼ିଆ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ। ଏଥିରେ ଶ୍ରୀରାମ ପଣ୍ଡା–ବନଜା ମହାନ୍ତି ଯୋଡିଙ୍କୁ ଦେଖିବାକୁ ମିଳିଥିଲା। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଥିଲେ ଧନଞ୍ଜୟ ଶତପଥୀ।

ରିଲିଜ ଅପେକ୍ଷାରେ

# ଜୟୀ ରାଜଗୁରୁ

**ଇଂ**ରେଜମାନଙ୍କ କବଳରୁ ମାତୃଭୂମିକୁ ସ୍ୱାଧୀନ କରିବା ପାଇଁ ଦେଶପ୍ରେମୀମାନଙ୍କୁ ବର୍ଷ ବର୍ଷ ଧରି ସଂଗ୍ରାମ କରିବାକୁ ପଡ଼ିଥିଲା। ଏହି ସମୟରେ ଇଂରେଜମାନଙ୍କ ବିରୋଧରେ ଓଡ଼ିଆ ବୀର ପାଇକମାନଙ୍କ ସଂଗ୍ରାମ ଥିଲା ସ୍ୱତନ୍ତ୍ର। ତେବେ ଉକ୍ତ ସଂଗ୍ରାମରେ ମହାନ୍ ପାଇକ ଯୋଦ୍ଧା ଜୟୀ ରାଜଗୁରୁ ଜାଳିଥିଲେ ପାଇକ ସଂଗ୍ରାମର ଆଦ୍ୟ ଅଗ୍ନିସ୍ଫୁଲିଙ୍ଗ। ଏହି ବୀର ସନ୍ତାନଙ୍କ ସଂଘର୍ଷମୟ ପାଇକ ସଂଗ୍ରାମକୁ ଆଧାର କରି ଜୟଭାରତ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ଐତିହାସିକ ଓଡ଼ିଆ ଚଳଚ୍ଚିତ୍ର 'ଜୟୀ ରାଜଗୁରୁ'। ଏହି ଫିଲ୍ମକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେବାକୁ ଏହାର ପ୍ରଯୋଜକ ତଥା ନିର୍ଦ୍ଦେଶକ ଜୟ ସେନ୍‌ଙ୍କୁ ଲାଗିଥିଲା ଦୀର୍ଘ ପାଞ୍ଚ ବର୍ଷ। ଫିଲ୍ମର ଶୁଟିଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କରାଯାଇଛି। ସହଯୋଗୀ ନିର୍ଦ୍ଦେଶକ ଭାବେ ଲିଟନ ପଟ୍ଟନାୟକ ଦାୟିତ୍ୱ ତୁଲାଇଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ରିଷ୍ଣା ସରୋଜ। କାହାଣୀ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ନିର୍ଦ୍ଦେଶକ ଜୟ। ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଅନ୍ୟପକ୍ଷରେ ଅଶ୍ରୁମୋଚନ, ମିତା ଚକ୍ରବର୍ତ୍ତୀ, ଦେବିକା କଲ୍ୟା, ନାରାୟଣ ମାର୍ଥା, ଡ. ଭଗବାନ ତ୍ରିପାଠୀ ଆଦି କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ।


ବିଶ୍ୱରୂପ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୩/୨୦୨୩ Bhubaneswar, Thursday, March 23/ 2023

# ଅଷ୍ଟ୍ରେଲିଆ ସିରିଜ ବିଜୟୀ

**ଚେନ୍ନାଇ, ୨୨।୩**

ସ୍ଥାନୀୟ ଚେପକ୍ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆ ୨୧ ରନରେ ଭାରତକୁ ପରାସ୍ତ କରିଛି। ଏଥିସହ ଭ୍ରମଣକାରୀ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତିବା ସହ ଟେଷ୍ଟ ସିରିଜ ପରାଜୟର ମଧୁର ପ୍ରତିଶୋଧ ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୯ ଓଭରରେ ୨୬୯ ରନକରି ଅଲ୍‌ଆଉଟ ହୋଇଥିବାବେଳେ ଭାରତ ୪୯.୧ ଓଭରରେ ୨୪୮ ରନକରି ସମସ୍ତ ଉଇକେଟ ହରାଇଥିଲା।


ଉଇକେଟ ନେବା ପରେ ଆଡାମ ଜାମ୍ପାଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

୨୭୦ ରନ ବିଜୟ ଲକ୍ଷ୍ୟରେ ଭାରତ ଭଲ ଆରମ୍ଭ କରିଥିଲା। ଅଧିନାୟକ ରୋହିତ ଶର୍ମା ଓ ଶୁବମନ ଗିଲ୍ ଓପନିଂ ଯୋଡ଼ିରେ ୫୫ ବଲ୍‌ରୁ ୬୫ ରନ ସଂଗ୍ରହ କରିଥିଲେ। ରୋହିତଙ୍କୁ ମିଚେଲ ଷ୍ଟାର୍କଙ୍କ ହାତରେ କ୍ୟାଚ କରାଇ ଭାରତକୁ ପ୍ରଥମ ଝଟ୍‌କା ଦେଇଥିଲେ ସିଅନ ଅବଟ। ରୋହିତ ୨ଟି ଲେଖାଏ ଚୌକା ଓ ଛକା ସହାୟତାରେ ୧୭ ବଲ୍‌ରୁ ୩୦ ରନ କରିଥିଲେ। ପରେ ଶୁବମନ ମଧ ବ୍ୟକ୍ତିଗତ ୩୭ ରନକରି ପ୍ୟାଭିଲିୟନ ଫେରିଥିଲେ। ବିରାଟ କୋହଲି ଓ ଲୋକେଶ ରାହୁଲ ତୃତୀୟ ଉଇକେଟରେ ୬୯ ରନ ଯୋଗକରି ଦଳକୁ ଲକ୍ଷ୍ୟ ପଥରେ ଅଗ୍ରସର କରାଇଥିଲେ। ଧିମା ଆରମ୍ଭ କରିଥିବା ରାହୁଲ ପରେ ଭରଣା କରିବାକୁ ଯାଇ ୫୦ ବଲ୍‌ରୁ ୩୨ ରନକରିଥିବାବେଳେ ଆଉଟ ହୋଇଥିଲେ। ବ୍ୟାଟିଂ କ୍ରମରେ ପଦୋନ୍ନତି ପାଇ ୫ମ ସ୍ଥାନରେ ଆସିଥିବା ଅକ୍ଷର ପଟେଲ ମାତ୍ର ୨ ରନକରି ରନଆଉଟ ହେବାରୁ ଅଷ୍ଟ୍ରେଲିଆ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଇନିଂସ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବିରାଟ କୋହଲି ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ସେ ୭୨ ବଲ୍‌ରୁ ୫୪ ରନ କରିଥିବାବେଳେ ସ୍ପିନର ଅଷ୍ଟନ ଅଗରଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ଖରାପ ଫର୍ମ ଏଠାରେ ମଧ ଜାରି ରହିଥିଲା। ସେ ଏଠାରେ ଖାତା ଖୋଲିବା ପୂର୍ବରୁ ଅଗରଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ଫଳରେ ଅଗର ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ରବୀନ୍ଦ୍ର ଜାଡେଜା କ୍ରିଜରେ ଯୋଗ ଦେବାପରେ ହାର୍ଦ୍ଦିକଙ୍କ ସହ ଇନିଂସକୁ ଆଗେଇ ନେଇଥିଲେ। ୭ମ ଉଇକେଟରେ ୩୩ ରନ ଯୋଗପରେ ହାର୍ଦ୍ଦିକଙ୍କ ଆଉଟ ସହ ମ୍ୟାଚ ଭାରତ ହାତରୁ ଖସି ଯାଇଥିଲା। ହାର୍ଦ୍ଦିକ ୪୦ ଓ ଜାଡେଜା ୧୮ ରନ କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧରେ ଆଡାମ ଜାମ୍ପା ୪ଟି ଉଇକେଟ ନେଇ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅଷ୍ଟନ ଅଗରଙ୍କୁ ୨ଟି ଉଇକେଟ ମିଳିଥିଲା।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଆଷ୍ଟ୍ରେଲିଆ। ଟ୍ରାଭିସ ହେଡ୍ ଓ ମିଚେଲ ମାର୍ଶ ଓପନିଂ ଯୋଡ଼ିରେ ୬୮ ରନ ଯୋଗକରି ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୩୧ ବଲ୍‌ରୁ ୩୩ (୪ ଚୌକା, ୨ ଛକା) ରନ କରିଥିବାବେଳେ ଟ୍ରାଭିସ ହେଡ୍‌ଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ଅଧିକାଂଶ ଅଷ୍ଟ୍ରେଲିଆ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ତେବେ ଛୋଟ ଛୋଟ ପାର୍ଟନରଶିପ୍ ସହାୟତାରେ ଦଳ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଥିଲା। ତେବେ ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ ଭ୍ରମଣକାରୀ ଦଳ ୪୯ ଓଭରରେ ୨୬୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ମିଚେଲ ମାର୍ଶ ଦଳ ପକ୍ଷରୁ ସର୍ବାଧିକ ୪୭, ଆଲେକ୍ସ କାରେ ୩୮, ମାର୍ନସ ଲାବୁସେନ ୨୮, ସିଅନ ଆବଟ ୨୬, ମାର୍କୁସ ଷ୍ଟୋଇନିସ ୨୫ ଓ ଡେଭିଡ ୱାର୍ନର ୨୩ ରନର ଉପଯୋଗୀ ଅବଦାନ ରଖିଥିଲେ। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଓ କୁଲଦୀପ ଯାଦବ ୩ଟି ଲେଖାଏ ଉଇକେଟ ନେଇଥିଲେ। ଆଲେକ୍ସ କାରେଙ୍କୁ କୁଲଦୀପ ଚକ୍‌ମା ଦେଇ ବୋଲ୍ଡ କରି ଦେଇଥିଲେ। ଏହାକୁ ସିରିଜର ଶ୍ରେଷ୍ଠ ବଲ୍ ବୋଲି କୁହା ଯାଉଛି। ମହମ୍ମଦ ସିରାଜ ଓ ଅକ୍ଷର ପଟେଲଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ରବୀନ୍ଦ୍ର ଜାଡେଜା ଉଇକେଟ ପାଇ ନ ଥିଲେ ମଧ ସବୁଠାରୁ ଭଲ ବୋଲିଂ କରି ନିଜ ୧୦ ଓଭର ସ୍ପେଲ୍‌ରେ ମାତ୍ର ୩୪ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୪୯ ଓଭରରେ ୨୬୯/ଅଲ୍‌ଆଉଟ (ମିଚେଲ ମାର୍ଶ-୪୭, ଆଲେକ୍ସ କାରେ ୩୮, ଟ୍ରାଭିସ ହେଡ୍-୩୩, ମାର୍ନସ ଲାବୁସେନ-୨୮, ସିଅନ ଆବଟ-୨୬, ମାର୍କୁସ ଷ୍ଟୋଇନିସ-୨୫, ଡେଭିଡ ୱାର୍ନର-୨୩, ହାର୍ଦ୍ଦିକ ପାଣ୍ଡ୍ୟା-୩/୪୪, କୁଲଦୀପ ଯାଦବ-୩/୫୬, ମହମ୍ମଦ ସିରାଜ-୨/୩୭, ଅକ୍ଷର ପଟେଲ-୨/୫୭)। ଭାରତ ୪୯.୧ ଓଭରରେ ୨୪୮/ଅଲ୍‌ଆଉଟ (ବିରାଟ କୋହଲି-୫୪, ଶୁବମନ ଗିଲ-୩୭, ଲୋକେଶ ରାହୁଲ ୩୨, ରୋହିତ ଶର୍ମା-୩୦, ଆଡାମ ଜାମ୍ପା-୪/୪୫, ଅଷ୍ଟନ ଅଗର-୨/୪୧, ସିଅନ ଆବଟ-୧/୫୦, ମାର୍କୁସ ଷ୍ଟୋଇନିସ-୧/୪୩)।


ଫାଇଟ୍ ଜିତିବା ପରେ ନୀତୁ ଘଂଘାସ।

**ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍**

# ପଦକ ପକ୍କା କଲେ ନୀତୁ

**ନୂଆଦିଲ୍ଲୀ,୨୨।୩(ପି.ଟି)**

ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତ ପାଇଁ ପ୍ରଥମ ପଦକ ପକ୍କା କରିଛନ୍ତି ନୀତୁ ଘଂଘାସ। ୪୮ କିଗ୍ରା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନୀତୁ ପ୍ରଥମ ଖେଳାଳି ଭାବରେ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଅନ୍ୟୁନ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛନ୍ତି। ୨୨ ବର୍ଷୀୟା ହରିୟାଣାର ଏହି ବକ୍ସର ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ମ୍ୟାଚ୍ ଜିତି ନେଇଥିଲେ। ନୀତୁଙ୍କ ପ୍ରଦର୍ଶନ ଏତେ ଭୟଙ୍କର ରହିଥିଲା ଯେ ଦ୍ୱିତୀୟ ରାଉଣ୍ଡରେ ହିଁ ଆରଏସ୍‌ସି(ରେଫରି ଷ୍ଟପ୍‌ସ କଣ୍ଟେଷ୍ଟ) ବଳରେ ସେ ବିଜୟୀ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ନୀତୁ ଜାପାନର ମାଡୋକା ୱାଡାଙ୍କୁ ପରାସ୍ତ କରି ପଦକ ପକ୍କା କରିଛନ୍ତି । ବୁଧବାର ମ୍ୟାଚ୍ ଆରମ୍ଭରୁ ପଞ୍ଚ ପରେ ପଞ୍ଚ ମାରି ସେ ବିପକ୍ଷ ଖେଳାଳିଙ୍କୁ ଚାପରେ ରଖିଥିଲେ। ଏହାପରେ ଦ୍ୱିତୀୟ ରାଉଣ୍ଡରେ ରେଫରୀ ହିଁ ତାଙ୍କୁ ବିଜୟୀ ଘୋଷିତ କରିଥିଲେ। ଚଳିତ ଟୁର୍ନାମେଣ୍ଟରେ ନୀତୁ ନିଜର ସମସ୍ତ ମ୍ୟାଚ୍ ଆରଏସ୍‌ସି ବଳରେ ବିଜୟୀ ହୋଇଛନ୍ତି। ନୀତୁଙ୍କ ବ୍ୟତିତ ନିଖତ ଜରିନ୍(୫୦), ସାକ୍ଷୀ ଚୌଧାରୀ(୫୨), ମନୀଷା ମାଉଁ(୫୭), ଜସ୍ମିନ୍ ଲମ୍ବୋରିଆ(୬୦), ଲଭଲିନା ବୋର୍ଗୋହେନ୍(୭୫), ସାୱିତି ବୁରା(୮୧ କିଗ୍ରା) ଓ ନୂପୁର ସିଓରାନ(୮୧+ କିଗ୍ରା) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

# ଥାପାଙ୍କ ଗୋଲ୍‌ରେ ଜିତିଲା ଭାରତ

**ଇମ୍ଫାଲ,୨୨।୩:** ଇମ୍ଫାଲରେ ଅନୁଷ୍ଠିତ ଅନ୍ତର୍ଜାତୀୟ ତ୍ରିରାଷ୍ଟ୍ରୀୟ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଭାରତ ୧-୦ରେ ମ୍ୟାନମାରକୁ ପରାସ୍ତ କରିଛି। ମଣିପୁରର ଖୁମାନ ଲମ୍ପକ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଭାରତ ପକ୍ଷରୁ ଅନିରୁଦ୍ଧ ଥାପା ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଭାରତର ର୍‍ୟାଙ୍କିଙ୍ଗ ୧୦୪ ରହିଥିବା ବେଳେ ମ୍ୟାନ୍‌ମାରର ର୍‍ୟାଙ୍କିଙ୍ଗ ୧୫୯ ରହିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଦଳ ପକ୍ଷରୁ ଗୋଲ ସ୍କୋରର ପ୍ରୟାସ କରାଯାଇଥିବା ବେଳେ ପ୍ରଥମାର୍ଦ୍ଧର ୪୫+୧ ମିନିଟରେ ଭାରତ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ ଅନିରୁଦ୍ଧ।






# ଟସ୍ ପରେ ଟିମ୍ ଘୋଷଣା କରିବେ ଅଧିନାୟକ

**ନୂଆଦିଲ୍ଲୀ,୨୨।୩(ପି.ଟି)**

**ବଦଳିଲା ଆଇପିଏଲ୍ ନିୟମ**

ଟି୨୦ କ୍ରିକେଟର ମହାକୁମ୍ଭ ଆଇପିଏଲ୍‌କୁ ଆଉ ୧୫ ଦିନରୁ କମ୍ ସମୟ ରହିଥିବା ବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ କିଛି ନିୟମରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଟସ୍ ପଡିବା ପୂର୍ବରୁ ଉଭୟ ଦଳର ଅଧିନାୟକଙ୍କୁ ଦଳ ଘୋଷଣା କରିବାକୁ ପଡୁଥିଲା। ବିସିସିଆଇ ପକ୍ଷରୁ ଧାରା ୧.୨.୧ରେ ପରିବର୍ତ୍ତନ କରାଯିବା ଫଳରେ ଏଣିକି ଟସ୍ ପଡିବା ପରେ ମଧ ଟିମ୍ ଘୋଷଣା କରଯାଇପାରିବ। ଏହା ସହିତ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଦଳ ଚାହିଁଲେ ଏହାର ଚୂଡାନ୍ତ ଏକାଦଶ ପରିବର୍ତ୍ତନ କରି ପାରିବ। ଏ ନେଇ ପ୍ରତିପକ୍ଷ ଦଳର ଅଧିନାୟକଙ୍କ ଅନୁମତି ଆବଶ୍ୟକ ପଡିବ ନାହିଁ ବୋଲି କୁହାଯାଇଛି। ଧାରା ୧.୨.୯ ଅନୁସାରେ ଏହା ସମ୍ଭବ ନଥିବା ବେଳେ ଏଥିରେ ସଂଶୋଧନ କରାଯାଇଛି। ତେବେ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଅଧିନାୟକ ୧୧ ଜଣିଆ ଚୂଡାନ୍ତ ଦଳ ଓ ୫ ଜଣ ସବଷ୍ଟିଚ୍ୟୁଟ ଫିଲ୍ଡରଙ୍କ ତାଲିକା ପ୍ରକାଶ କରିବାକୁ ବାଧ ରହିବେ। ଏହା ସହିତ ଉଇକେଟ କିପିଂ ପାଇଁ ରହିଥିବା ନିୟମରେ ମଧ ବଡ ପରିବର୍ତ୍ତନ କରାଯାଇଛି। ଆଗୁଆ ବଲ୍ ସଂଗ୍ରହ ବା ବ୍ୟାଟର ବଲ୍‌କୁ ଛୁଇଁ ନଥିବା ବେଳେ ସ୍ଥାନ ପରିବର୍ତ୍ତନ କଲେ ପେନାଲ୍ଟିର ବ୍ୟବସ୍ଥା କରାଯାଇଛି। ଉଇକେଟ କିପର ସ୍ଥାନ ପରିବର୍ତ୍ତନ କଲେ ବଲ୍‌କୁ ଡେଡ୍ ବଲ୍ ଘୋଷଣା କରାଯିବ। ଯଦି ୱାଇଡ୍ କିମ୍ବା ନୋ ବଲ୍ ଥିବ ତେବେ ୧ ରନ୍ ସହିତ ୫ ରନ୍‌ର ପେନାଲ୍ଟି ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଫିଲ୍ଡରେ ରହିଥିବା ଦୁଇ ଅମ୍ପାୟାର ଏହି ନିଷ୍ପତ୍ତି ନେବେ ଓ ଅଧିନାୟକଙ୍କୁ ସୂଚିତ କରିବେ। ସେହିପରି ୫ ଜଣ ସବଷ୍ଟିଚ୍ୟୁଟ ଫିଲ୍ଡରଙ୍କ ତାଲିକାରେ ଥିବା ଖେଳାଳିଙ୍କ ମଧ୍ୟରୁ ଜଣଙ୍କୁ ହିଁ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ଖେଳାଳି ଭାବରେ ସାମିଲ କରାଯାଇପାରିବ ବୋଲି କୁହାଯାଇଛି।

# ପୂର୍ବତନ କ୍ରିକେଟରଙ୍କ ପରଲୋକ

**ଭୁବନେଶ୍ୱର, ୨୨।୩ (ସ୍ପୋର୍ଟ୍ସ ବ୍ୟୁରୋ) :** ଓଡ଼ିଶାର ପୂର୍ବତନ ରଣଜୀ କ୍ରିକେଟର ଶାହିଦ୍ ଖାନଙ୍କ ପରଲୋକ। ଓଡ଼ିଶା କ୍ରିକେଟ ଦଳର ଏହି ପୂର୍ବତନ ବୋଲର ତଥା ଜୁନିୟର ଚୟନ କମିଟି ସଦସ୍ୟଙ୍କ ବୁଧବାର ୪୫ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ଶାହିଦ୍ ଓଡ଼ିଶା ପାଇଁ ୨୬ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ବେଳେ ୧୫ଟି ଲିଷ୍ଟ ଏ ମ୍ୟାଚ୍ ଖେଳିଛନ୍ତି। ୨୬ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରୁ ସେ ୫୮ ଉଇକେଟ ନେଇଥିବା ବେଳେ ଏହା ମଧରେ ଦୁଇଟି ୫ ଉଇକେଟ ସଫଳତା ସାମିଲ ରହିଛି। ସେହିପରି ଲିଷ୍ଟ ଏରେ ୧୫ ମ୍ୟାଚ୍ ଖେଳି ସେ ୧୯ଉଇକେଟ ନେଇଥିଲେ।

# ମେସୁଟ୍ ଓଜିଲଙ୍କ ଅବସର

**ଇସ୍ତାନବୁଲ,୨୨।୩(ପି.ଟି.)**

ଜର୍ମାନୀ ଫୁଟବଲ ଦଳର ପୂର୍ବତନ ମିଡଫିଲ୍ଡର ମେସୁଟ୍ ଓଜିଲ୍ ୩୪ ବର୍ଷ ବୟସରେ ଅବସର ଘୋଷଣା କରିଛନ୍ତି। ୨୦୧୪ ବିଶ୍ୱକପ ବିଜୟୀ ଜର୍ମାନୀ ଦଳର ସଦସ୍ୟ ରହିଥିବା ଓଜିଲ ବୁଧବାର ଅବସର ଗ୍ରହଣ କରିଛନ୍ତି। ନିୟମିତ ଆହତ ହେବା କାରଣରୁ ସେ ଏଭଳି ନିଷ୍ପତ୍ତି ନେବାକୁ ବାଧ ହେଲେ ବୋଲି ଓଜିଲ କହିଛନ୍ତି। ଦୀର୍ଘ ୧୭ ବର୍ଷ ଧରି ମୁଁ ପ୍ରଫେସନାଲ ଫୁଟବଲ ଖେଳି ଆସୁଛି। ମିଳିଥିବା ସୁଯୋଗ ପାଇଁ ମୁଁ ସମସ୍ତଙ୍କ ନିକଟରେ କୃତଜ୍ଞ ବୋଲି ସେ ନିଜ ସୋସିଆଲ ମିଡିଆ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ବିଗତ କିଛି ସପ୍ତାହ ତଥା ମାସ ମୋ ପାଇଁ ଅତ୍ୟନ୍ତ କଷ୍ଟସାଧ ରହିଥିଲା। ନିୟମିତ ଭାବରେ ଆହତ ହେବା ସହିତ ଅନ୍ତର୍ଜାତୀୟ ଫୁଟବଲ ସମ୍ଭାବନା କ୍ଷୀଣ ହେଉଥିବା ସ୍ପଷ୍ଟ ହୋଇ ଯାଇଥିଲା। ଅବସର ଘୋଷଣା ସହିତ ତୁର୍କୀର କ୍ଲବ ଇସ୍ତାନବୁଲ ବାସାକସେହିର ସହ ତାଙ୍କ ଚୁକ୍ତି ଆଗୁଆ ଶେଷ ହୋଇଛି। ଚଳିତ ସିଜନରେ ସେ ଦଳ ପକ୍ଷରୁ ମାତ୍ର ୭ ମ୍ୟାଚ୍ ଖେଳିଥିଲେ। ପୂର୍ବରୁ



ରିଅଲ ମାଡ୍ରିଡ୍ ଓ ଆର୍ସେନଲ ପରି କ୍ଲବ୍ ପାଇଁ ସେ ଖେଳିଛନ୍ତି। ୨୦୧୨ରେ ରିୟଲ ମାଡ୍ରିଡ୍ ସହିତ ସ୍ପାନିଶ ଲିଗ୍ ଟାଇଟଲ୍ ଜିତିଥିବା ବେଳେ ଆର୍ସେନଲ ସହିତ ୪ ଥର ଏଫ୍ଏ କପ୍ ଜିତିଛନ୍ତି। ୨୦୧୮ରେ ଜର୍ମାନୀ ଦଳରେ ତାଙ୍କୁ ଜାତିଆଣ ମନ୍ତବ୍ୟ ଓ ଅସମ୍ମାନର ସମ୍ମୁଖୀନ ହେବାକୁ ପଡିଥିବା ନେଇ ଅଭିଯୋଗ କରିବା ପରଠାରୁ ଆଉ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ସୁଯୋଗ ପାଇନଥିଲେ ଓଜିଲ୍। ୨୦୧୮ ବିଶ୍ୱକପ ପୂର୍ବରୁ ତୁର୍କୀ ରାଷ୍ଟ୍ରପତି ରିସେପ୍ ଟାଇପ୍ ଏର୍ଡୋଗାନଙ୍କ ସହିତ ଫଟୋ ପୋଷ୍ଟ କରି ସମାଲୋଚିତ ହୋଇଥିଲେ। ଜର୍ମାନୀ କ୍ଲବ୍ ସାଲ୍‌କେ ଓ ୱେର୍ଡର ବ୍ରେମେନ୍ ପାଇଁ ଉଲ୍ଲେଖନୀୟ ପ୍ରଦର୍ଶନ କରି ଜାତୀୟ ଦଳରେ ସ୍ଥାନ ପାଇଥିବା ବେଳେ ୨୦୧୦ରୁ ଆର୍ସେନଲ ପାଇଁ ୮ ବର୍ଷ ଖେଳିଥିଲେ। ତେବେ ଚୀନ୍‌ରେ ଅତ୍ୟାଚାରିତ ମୁସଲିମ୍‌ଙ୍କ ସପକ୍ଷରେ ପୋଷ୍ଟ କରିବା କାରଣରୁ ଚାଇନା ଟିଭି ଚ୍ୟାନେଲରୁ ଆର୍ସେନଲ ମ୍ୟାଚ୍ ପ୍ରତ୍ୟାହାର ହେବା କାରଣରୁ ୨୦୧୮ରେ ଆର୍ସେନଲ ତାଙ୍କୁ ବିଦା କରିଥିଲା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ